

বাପା ହେଲେ ସୂର୍ଯ୍ୟ କୁମାର

▶ପୃଷ୍ଠା ୧୨ ଦେଖନ୍ତୁ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-309 ◆FRIDAY ◆08 MAY 2026 ◆PAGE-12 ◆₹ 7.00 | PANIKOILI | ◆ବର୍ଷ-୪୩ ◆ସଂଖ୍ୟା-୩୦୯ ◆ଶୁକ୍ରବାର ◆୦୮ ମେ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦




## ଆଇନକୁ ଡର ନାହିଁ

# କନଷ୍ଟେବଲଙ୍କୁ ପିଟିପିଟି ହତ୍ୟା

## ଗୋଡ଼-ହାତ ବାନ୍ଧି ପୁଲିସ ସାମ୍ନାରେ ମାରିଲେ ବିଧା-ଗୋଇଠା

■ ଭୁବନେଶ୍ୱର, ୭।୫ (ସମିସ): ରାଜ୍ୟ ରାଜଧାନୀରେ ଘଟିଛି ଏକ ସାଂଘାତିକ ଘଟଣା। ଦିନ ଦି' ପହରରେ ଜଣେ ଯୁବତୀଙ୍କୁ ଦୁଷ୍କର୍ମ ଉଦ୍ୟମ ଅଭିଯୋଗକୁ ନେଇ ଉତ୍ୟକ୍ତ ଲୋକେ ପିଟିପିଟି ଜଣେ ଯୁବକଙ୍କୁ ହତ୍ୟା କରିଛନ୍ତି। ମୃତ ଯୁବକ ଜଣକ ଜଣେ ଆରପିଏଫ୍ କନଷ୍ଟେବଲ ବୋଲି ସୂଚନା ମିଳିଛି। ସେହିପରି ଲୋକଙ୍କ ମାଡ଼ରେ ଅନ୍ୟ ଜଣେ ଯୁବକ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି। ରାଜଧାନୀ ଉପାନ୍ତ ବାଲିଅନ୍ତା ଥାନା ଭିଙ୍ଗାରପୁର ରାମଚନ୍ଦ୍ରପୁର ବ୍ରିଜ୍ ନିକଟରେ ପୁଲିସ ଉପସ୍ଥିତିରେ ଘଟିଥିବା ଏହି ଘଟଣା ସାରା ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଛି।

ଅଭିଯୋଗ ଅନୁସାରେ ଗୁରୁବାର ଭିଙ୍ଗାରପୁର



ରାମଚନ୍ଦ୍ରପୁର ପୋଲ ବାଟ ଦେଇ ଦୁଇ ଯୁବତୀ ସ୍କୁଟିରେ ଯାଉଥିଲେ। ଏହି ସମୟରେ ସୌମ୍ୟ ଓ ତାଙ୍କ ସାଙ୍ଗ ଓମ୍ ବାଇକରେ ସଂପୃକ୍ତ ଦୁଇ ଯୁବତୀଙ୍କୁ ଓଭରଟେକ୍ କରିବା

### ରାଜରାସ୍ତାରେ ଯୁବତୀଙ୍କୁ ବିବସ୍ତ୍ର ଉଦ୍ୟମ ଅଭିଯୋଗ

### ୪ ଜଣଙ୍କୁ ଅଟକ ରଖିଛି ପୁଲିସ

ସମୟରେ ଧକ୍କା ଦେଇଥିଲେ। ଫଳରେ ଦୁଇ ଯୁବତୀ ତଳେ ପଡ଼ି ଯାଇଥିଲେ। ଏହି ଘଟଣାକୁ ନେଇ ଯୁବତୀ ଦ୍ୱୟ ପ୍ରତିବାଦ କରିବାରୁ ସୌମ୍ୟ ଓ ତାଙ୍କ ବନ୍ଧୁ ଦୁଇ ଯୁବତୀଙ୍କୁ ▶ପୃଷ୍ଠା-୭

# ସରକାର ଅସହାୟ କାହିଁକି: ନବୀନ



■ ଭୁବନେଶ୍ୱର, ୭।୫ (ସମିସ): ଭୁବନେଶ୍ୱର ଉପକଣ୍ଠ ବାଲିଅନ୍ତାରେ ଜଣେ ଯୁବକକୁ ପିଟିପିଟି ସର୍ବସମ୍ମୁଖରେ ହତ୍ୟା କରାଯିବା ପରି ଘଟଣା ଅତ୍ୟନ୍ତ ବର୍ବର। ରାଜ୍ୟ ରାଜଧାନୀ ନିକଟରେ ଏପରି ଜଘନ୍ୟ ଘଟଣା ଘଟୁଥିଲେ ବି ସରକାରଙ୍କ ଅସମ୍ଭବ ନୀରବତା ରାଜ୍ୟବାସୀଙ୍କୁ ଆଶ୍ଚର୍ଯ୍ୟ କରିଛି ବୋଲି କହିଛନ୍ତି ବିରୋଧୀଦଳ ନେତା ନବୀନ ପଟ୍ଟନାୟକ।

ସାମାଜିକ ଗଣମାଧ୍ୟମ ଏକ୍ସରେ କ୍ଷୋଭ ପ୍ରକାଶ କରି ନବୀନ କହିଛନ୍ତି ଯେ ପୁଲିସ ଉପସ୍ଥିତିରେ ଯଦି ଏପରି ଘଟଣା ଘଟୁଛି, ତେବେ ଲୋକେ କାହାକୁ ସୁରକ୍ଷା ମାଗିବେ? ଅପରାଧୀଙ୍କ ଆଗରେ ପୁଲିସ ▶ପୃଷ୍ଠା-୭

# ୧୧ ସୁଦ୍ଧା ଲଘୁଚାପ

## ଗୋଟିଏ ମଡେଲରେ ବାତ୍ୟା ପୂର୍ବାନୁମାନ

■ ଭୁବନେଶ୍ୱର, ୭।୫ (ସମିସ): ଦକ୍ଷିଣ-କେନ୍ଦ୍ରୀୟ ବଙ୍ଗୋପସାଗରରେ ଆସନ୍ତା ୧୧ ତାରିଖ ବେଳକୁ ଏକ ଲଘୁଚାପ ସୃଷ୍ଟି ହେବ। ମାତ୍ର ଲଘୁଚାପ ଓ ବାତ୍ୟାକୁ ନେଇ ବିଭିନ୍ନ ପାଣିପାଗ ସଂସ୍ଥା ଓ ପାଣିପାଗ ବିଜ୍ଞାନୀମାନେ ଭିନ୍ନଭିନ୍ନ ଆକଳନ କରିଛନ୍ତି। ଇସିଏମଡବ୍ଲ୍ୟୁଏଫ୍ ମଡେଲ ଅନୁସାରେ ଆସନ୍ତା ୧୦ କିମ୍ବା ୧୧ ତାରିଖ ବେଳକୁ ଦକ୍ଷିଣ-ପଶ୍ଚିମରୁ ଦକ୍ଷିଣ-କେନ୍ଦ୍ରୀୟ ବଙ୍ଗୋପସାଗର ଅଞ୍ଚଳରେ ଏକ ଦୁର୍ବଳରୁ ମଧ୍ୟମ ଧରଣର ଲଘୁଚାପ ସୃଷ୍ଟି ହେବାର ସଙ୍କେତ ମିଳୁଛି। ସେହିପରି ଅନ୍ୟ ପାଣିପାଗ ବିଜ୍ଞାନୀମାନେ ଲଘୁଚାପ ଜନିତ ବାତ୍ୟା ଆସିପାରେ ବୋଲି ଆକଳନ କରିଛନ୍ତି। ମାତ୍ର ଏଯାଏ ଏହି ପ୍ରସଙ୍ଗରେ ଆଇଏମ୍‌ଡ଼ି ବା ଭାରତୀୟ ପାଣିପାଗ ବିଭାଗ କୌଣସି ସ୍ପଷ୍ଟ ସୂଚନା ଜାରି କରିନାହିଁ।

**ଏବେ ସୁଦ୍ଧା ସୂଚନା ଜାରି କରିନାହିଁ ଆଇଏମ୍‌ଡି**

ବିଶିଷ୍ଟ ପାଣିପାଗ ଗବେଷକ ତଥା ବୈଜ୍ଞାନିକ ଡ଼. ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି ଯେ ଦକ୍ଷିଣ ପଶ୍ଚିମରୁ ଦକ୍ଷିଣ କେନ୍ଦ୍ରୀୟ ବଙ୍ଗୋପସାଗରରେ ସମ୍ଭାବ୍ୟ ଲଘୁଚାପ ଏଯାଏ ସ୍ପଷ୍ଟ ଦୃଶ୍ୟମାନ ହୋଇନାହିଁ। ଏହି ସିଷ୍ଟମ୍ ବର୍ତ୍ତମାନ ଏକ ବିସ୍ତୃତ ଏବଂ ଜଳୀୟବାଷ୍ପପୂର୍ଣ୍ଣ କ୍ଷେତ୍ର ଭାବେ ଦୃଶ୍ୟମାନ ହେଉଛି। ଯଦି ଆକଳନ ସଠିକ୍ ରହେ, ତେବେ ଓଡ଼ିଶାରେ କୌଣସି ବଡ଼ ବାତ୍ୟା ଅପେକ୍ଷା କାଳବୈଶାଖୀ ବର୍ଷା, ବିଜୁଳି ଘଡ଼ଘଡ଼ି ସହ ବର୍ଷା ହୋଇପାରେ। ସେହିପରି ସମୁଦ୍ର ଅଶାନ୍ତ ରହିବା ସହ ଗୁଳୁଗୁଳି ବୃଦ୍ଧି ▶ପୃଷ୍ଠା-୭

# ପ.ବଙ୍ଗ ବିଧାନସଭା ଭଙ୍ଗ

## ମମତା ମନ୍ତ୍ରିମଣ୍ଡଳ ବରଖାସ୍ତ

■ କୋଲକାତା, ୭।୫ (ଏଜେନ୍ସି): ପଶ୍ଚିମ ବଙ୍ଗ ନିର୍ବାଚନରେ ପରାଜୟ ସତ୍ତ୍ୱେ ଇସ୍ତଫା ଦେବାକୁ ମନାକରିଥିବା ମମତା ବାନାର୍ଜୀଙ୍କ ମନ୍ତ୍ରିମଣ୍ଡଳକୁ ଆଜି ବରଖାସ୍ତ କରିଛନ୍ତି ରାଜ୍ୟପାଳ ଆରଏନ୍ ରବି। ଏହାସହିତ ରାଜ୍ୟ ବିଧାନସଭାକୁ ମଧ୍ୟ ଭଙ୍ଗ କରିଛନ୍ତି। ରାଜ୍ୟ ବିଧାନସଭାର କାର୍ଯ୍ୟକାଳ ଗତକାଲି ୬ ତାରିଖରେ ଶେଷ ହୋଇଯାଇଥିବାରୁ ସମ୍ବିଧାନର ଧାରା ୧୭୪(୨)(ବି) ଅନୁଯାୟୀ ରାଜ୍ୟପାଳ ଏହି ପଦକ୍ଷେପ ନେଇଥିବା ଜଣାଇଛନ୍ତି। ଆସନ୍ତା ୯ ତାରିଖରେ ବିଜେପି ସରକାର ଶପଥ ଗ୍ରହଣ କରିବା ପର୍ଯ୍ୟନ୍ତ କାମଚଳା ସରକାରର ଦାୟିତ୍ୱ ତୁଲାଇବେ ରାଜ୍ୟପାଳ। ପରମ୍ପରା ଅନୁଯାୟୀ ନିର୍ବାଚନ ପରେ ମୁଖ୍ୟମନ୍ତ୍ରୀ ରାଜ୍ୟପାଳଙ୍କୁ ଭେଟି ଇସ୍ତଫା ପ୍ରଦାନ କରିବା ସହିତ ବିଧାନସଭା ଭଙ୍ଗ ପାଇଁ ସୁପାରିସ କରନ୍ତି। ▶ପୃଷ୍ଠା-୭

# ତାମିଲନାଡୁରେ ଛିଣ୍ଡୁନି ସଂଖ୍ୟାଗରିଷ୍ଠତା ଅଙ୍କ

## ଟିଭିକେ ମୁଖ୍ୟ ବିଜୟଙ୍କୁ ପୁଣି ଫେରାଇଦେଲେ ରାଜ୍ୟପାଳ

■ ଚେନ୍ନାଇ, ୭।୫ (ଏଜେନ୍ସି): ତାମିଲନାଡୁ ବିଧାନସଭା ନିର୍ବାଚନରେ ସର୍ବାଧିକ ଆସନ ପାଇଥିବା ଟିଭିକେକୁ ସରକାର ଗଠନ ପାଇଁ ରାଜ୍ୟପାଳ ସୁଯୋଗ ଦେଉ ନାହାନ୍ତି। ଏହାକୁ ନେଇ ରାଜ୍ୟ ରାଜନୀତି ସରଗରମ ହୋଇ ଉଠିଛି। ଟିଭିକେ ମୁଖ୍ୟ ବିଜୟ ଆଜି ଦ୍ୱିତୀୟ ଥର ଲାଗି ରାଜ୍ୟପାଳଙ୍କୁ ଭେଟି ସରକାର ଗଠନ ପାଇଁ ଦାବି ଜଣାଇଥିଲେ। ତେବେ ରାଜ୍ୟପାଳ ପୁଣି ଥରେ ତାଙ୍କୁ ଫେରାଇଦେଇଛନ୍ତି। ଆବଶ୍ୟକ ସଂଖ୍ୟକ ବିଧାୟକଙ୍କ

**ସିପିଆଇ, ସିପିଏମ୍, ଭିସିକେ ଉପରେ ନଜର**

**ବିଜୟଙ୍କ ପାଇଁ ଆନ୍ନାଡିଏମକେରେ ବିଦ୍ରୋହ !**

ସମର୍ଥନ ତାଲିକା ନମିଳିଲେ ସେ ସରକାର ଗଠନ ପାଇଁ ସୁଯୋଗ ଦେବେନାହିଁ ବୋଲି କହିଛନ୍ତି। ସର୍ବାଧିକ ଆସନ ପାଇଥିବାରୁ ତାଙ୍କୁ ସରକାର ଗଠନ ପାଇଁ ସୁଯୋଗ ମିଳୁ ଏବଂ ସେ ବିଧାନସଭାରେ ଆବଶ୍ୟକ ସଂଖ୍ୟକ ବିଧାୟକଙ୍କ ସମର୍ଥନର ପ୍ରମାଣ ଦେବେ ବୋଲି ବିଜୟଙ୍କ ଯୁକ୍ତିକୁ ରାଜ୍ୟପାଳ ଶୁଣିବାକୁ ପ୍ରସ୍ତୁତ ନୁହନ୍ତି। ରାଜ୍ୟପାଳ ରାଜେନ୍ଦ୍ର ଆର୍ଲେକର କହିଛନ୍ତି ଯେ ସମ୍ବିଧାନର ପବିତ୍ରତା ରକ୍ଷା ପାଇଁ ଅନ୍ତତଃ ୧୧୮ ଜଣ ବିଧାୟକଙ୍କ ▶ପୃଷ୍ଠା-୭


vedanta aluminium

ଗୋଟିଏ ସଂକଳ୍ପ
ଅସୀମ ସମ୍ଭାବନା

ଆମର ଗୋଷ୍ଠୀ ବିକାଶ କାର୍ଯ୍ୟକ୍ରମ ମାଧ୍ୟମରେ ଓଡ଼ିଶାର ୧୦ ଲକ୍ଷରୁ ଅଧିକ ଜୀବନରେ ଆସିଛି ସକାରାତ୍ମକ ପରିବର୍ତ୍ତନ

ଶିକ୍ଷା | ସ୍ୱାସ୍ଥ୍ୟସେବା | ଜୀବିକା | ଭିତ୍ତିଭୂମି | ମହିଳା ସଶକ୍ତିକରଣ

୭ ଲକ୍ଷ+ ରୁ ଅଧିକ ଜନସାଧାରଣଙ୍କୁ ସ୍ୱାସ୍ଥ୍ୟସେବା ପ୍ରଦାନ

୨୪୦୦୦+ ରୁ ଅଧିକ ଛାତ୍ରଛାତ୍ରୀଙ୍କୁ ଶିକ୍ଷାଗତ ସହାୟତା

ଦକ୍ଷତା ବିକାଶ ପଦକ୍ଷେପ ଦ୍ୱାରା ୧୨୦୦୦+ ମହିଳା ଉଦ୍ୟୋଗୀଙ୍କ ସଶକ୍ତିକରଣ

୧୩୦୦୦+ ଏକର ଜମିକୁ ନିର୍ଭରଯୋଗ୍ୟ ଜଳସେଚନ ଉତ୍ସ ସହିତ ସଂଯୋଗୀକରଣ

କଳାହାଣ୍ଡି | ରାୟଗଡ଼ା | କୋରାପୁଟ | ସୁନ୍ଦରଗଡ଼ | ଝାରସୁଗୁଡ଼ା



ଓଡ଼ିଶାରେ ୧ଲକ୍ଷ କୋଟିରୁ ଅଧିକ ପୁଞ୍ଜି ନିବେଶ | ୫ ଲକ୍ଷରୁ ଅଧିକ ନିଯୁକ୍ତି ସୁଯୋଗ | ୨୦,୦୦୦ ରୁ ଅଧିକ MSME ଉପକୃତ

ଦେଶର ଆବଶ୍ୟକତା ପାଇଁ

# ସଡ଼କ ଦୁର୍ଘଟଣା ନେଉଛି ଦିନକୁ ୫୪୬ ଜୀବନ

ନୂଆଦିଲ୍ଲୀ, ୭।୫(ଏଜେନ୍ସି): ଭାରତର ପ୍ରଗତି ପଥରେ ଏବେ ସଡ଼କ ଦୁର୍ଘଟଣା ଏକ କରାଳ ଛାୟା ସଦୃଶ ଉଭା ହୋଇଛି। ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ (ଏନ୍‌ସିଆରବି)ର ସଦ୍ୟତମ ତଥ୍ୟ ଅନୁଯାୟୀ, ୨୦୨୪ ମସିହାରେ ଦେଶରେ ଟ୍ରାଫିକ ସମ୍ବନ୍ଧୀୟ ଦୁର୍ଘଟଣାରେ ମୋଟ ୧.୯୯ ଲକ୍ଷ ଲୋକ ପ୍ରାଣ ହରାଇଛନ୍ତି। ଏହାର ଅର୍ଥ ହେଉଛି, ଭାରତରେ ପ୍ରତିଦିନ ହାରାହାରି ୫୪୬ ଜଣ ବ୍ୟକ୍ତି ସଡ଼କ କିମ୍ବା ରେଳ ଦୁର୍ଘଟଣାରେ ମୃତ୍ୟୁବରଣ କରୁଛନ୍ତି। ଏହି ପରିସଂଖ୍ୟାନ କେବଳ ପରିବାରଗୁଡ଼ିକୁ ଉଜାଡ଼ି ଦେଉନାହିଁ, ବରଂ ଦେଶର ଅର୍ଥନୀତି (ଜିଡିପି) ଉପରେ ମଧ୍ୟ ପ୍ରାୟ ୩.୧୪ ପ୍ରତିଶତର ଆର୍ଥିକ ବୋଝ ପକାଉଛି। ଦୁର୍ଘଟଣାଜନିତ ମୃତ୍ୟୁ ସଂଖ୍ୟାରେ ଉତ୍ତର ପ୍ରଦେଶ ଦେଶରେ ପ୍ରଥମ ସ୍ଥାନରେ ରହିଛି ଓ ଏହି ରାଜ୍ୟରେ ୨୭, ୦୭୧ ଲୋକ ସଡ଼କ ଦୁର୍ଘଟଣାରେ ମୃତ୍ୟୁ (ମୋଟ ମୃତ୍ୟୁର ୧୩.୬%) ବରଣ କରିଛନ୍ତି। ତାମିଲନାଡୁ ୨୦, ୩୯୦ ମୃତ୍ୟୁ (୧୦.୨%) ସହ ଦ୍ୱିତୀୟ ସ୍ଥାନରେ ରହିଛି। ମହାରାଷ୍ଟ୍ର ୧୯, ୪୭୫ ମୃତ୍ୟୁ (୯.୮%) ସହ ତୃତୀୟ ସ୍ଥାନରେ ରହିଛି। ଏହି ତିନୋଟି ରାଜ୍ୟରେ ହିଁ ଦେଶର ମୋଟ ଦୁର୍ଘଟଣାଜନିତ ମୃତ୍ୟୁର ଏକ-ତୃତୀୟାଂଶ ସଂଗଠିତ ହୋଇଛି। ଅସାବଧାନତା ଓ ଅତ୍ୟଧିକ ବେଗ କାରଣରୁ ସଡ଼କ ଦୁର୍ଘଟଣା ଘଟୁଛି ବୋଲି କୁହାଯାଇଛି। ଅତ୍ୟଧିକ ବେଗ ୫୮% ମୃତ୍ୟୁ ପାଇଁ ଦାୟୀ। ବେପରୁଆ ଗାଡ଼ି ଚାଳନା ୨୬.୩% ଦୁର୍ଘଟଣାର କାରଣ। ସନ୍ଧ୍ୟା ୬ଟାରୁ ରାତି ୯ଟା ମଧ୍ୟରେ



■ ମୃତ୍ୟୁର କାରଣ ସାଜିଛି 'ଅତ୍ୟଧିକ ବେଗ'
■ ପ୍ରଥମ ସ୍ଥାନରେ ଉତ୍ତର ପ୍ରଦେଶ

ସବୁଠାରୁ ଅଧିକ (୨୦.୮%) ଦୁର୍ଘଟଣା ଘଟୁଥିବା ରେକର୍ଡ କରାଯାଇଛି। ଦୁଇଚକିଆ ଯାନ ଓ ପଥଚାରୀ ସବୁଠାରୁ ଅସୁରକ୍ଷିତ। ସଡ଼କରେ ଯାଉଥିବା ଯାନବାହନ ମଧ୍ୟରେ ଦୁଇଚକିଆ ଗାଡ଼ି ଚାଳକମାନେ ସବୁଠାରୁ ଅଧିକ ବିପଦରେ ଅଛନ୍ତି। ଦୁଇଚକିଆ ଯାନରେ ୮୪, ୫୯୯ ମୃତ୍ୟୁ ବରଣ କରୁଥିବା ବେଳେ ୨୫, ୭୬୯ ପଥଚାରୀଙ୍କ ମୃତ୍ୟୁ ହୋଇଛି। ସେହିପରି କାର୍ ଓ ଅନ୍ୟାନ୍ୟ ଯାନ ପାଇଁ ୨୩, ୭୩୯ ମୃତ୍ୟୁ ଘଟୁଛି। ରେଳ ଦୁର୍ଘଟଣା କ୍ଷେତ୍ରରେ ମହାରାଷ୍ଟ୍ରରେ ସବୁଠାରୁ ଅଧିକ ପ୍ରାଣହାନୀ ଘଟିଛି (ପ୍ରାୟ ୨୮.୯%)। ମୁଖ୍ୟତଃ ଉପକଣ୍ଠ ରେଳ ସେବାରେ ଚଳନ୍ତା ଟ୍ରେନରୁ ଖସିପଡ଼ିବା କିମ୍ବା ଲାଇନ୍ ପାର ହେବା ସମୟରେ ଏହି ଦୁର୍ଘଟଣା ଘଟୁଛି। ସେହିପରି ଲେଭଲ୍ କ୍ରସିଂ ଦୁର୍ଘଟଣାରେ ଉତ୍ତର ପ୍ରଦେଶ, ପଶ୍ଚିମବଙ୍ଗ ଏବଂ କେରଳ ସବୁଠାରୁ ଆଗରେ ରହିଛନ୍ତି। ଜାତୀୟ ରାଜପଥସମୁଦାୟସଡ଼କରମାତ୍ର୨.୧%ହୋଇଥିଲେ ହେଁ, ଏଠାରେ ପ୍ରାୟ ୩୦% ଦୁର୍ଘଟଣା ଘଟିବା ଏକ ଗମ୍ଭୀର ବିଷୟ। ପ୍ରାକୃତିକ ବିପର୍ଯ୍ୟୟକୁ ଛାଡ଼ିଦେଲେ, ପ୍ରାୟ ଅଧିକାଂଶ ଦୁର୍ଘଟଣା କେବଳ ସଚେତନତା ଏବଂ ନିୟମ ପାଳନ ଦ୍ୱାରା ରୋକାଯାଇପାରିବ। ସରକାରୀ ସ୍ତରରେ ଭିତ୍ତିଭୂମିର ଉନ୍ନତି ସହିତ ବ୍ୟକ୍ତିଗତ ସ୍ତରରେ ଗାଡ଼ି ଚାଳନା ଶୈଳୀରେ ପରିବର୍ତ୍ତନ ହିଁ ଏହି ରକ୍ତାକ୍ତ ପରିସଂଖ୍ୟାନକୁ କମାଇପାରିବ।

# ଅପରାଧ ଶୀର୍ଷରେ ଦିଲ୍ଲୀ

## ସାଇବର ଅପରାଧରେ ବେଙ୍ଗାଲୁରୁ ନମ୍ବର ୧

ନୂଆଦିଲ୍ଲୀ, ୭।୫(ଏଜେନ୍ସି): ନ୍ୟାସନାଲ କ୍ରାଇମ ରେକର୍ଡ ବ୍ୟୁରୋ (ଏନ୍‌ସିଆରବି) ପକ୍ଷରୁ ୨୦୨୪ ବର୍ଷ ପାଇଁ ଦେଶର ଅପରାଧ ସମ୍ପର୍କିତ ରିପୋର୍ଟ ପ୍ରକାଶ ପାଇଛି। ଏହି ରିପୋର୍ଟ ଅନୁଯାୟୀ, ଦେଶର ରାଜଧାନୀ ଦିଲ୍ଲୀରେ ମହିଳା ଏବଂ ବୟସ୍କଙ୍କ ବିରୋଧରେ ଅପରାଧ ସବୁଠାରୁ ଅଧିକ ରହିଛି। ଦିଲ୍ଲୀରେ ୨୦୨୪ରେ ୧୩, ୩୯୬ଟି ମହିଳା ବିରୋଧୀ ଅପରାଧ ମାମଲା ରୁଜୁ ହୋଇଛି, ଯାହା ଦେଶର ସମସ୍ତ ମେଟ୍ରୋ ସହର ମଧ୍ୟରେ ସର୍ବାଧିକ। ବରିଷ୍ଠ ନାଗରିକଙ୍କ ବିରୋଧରେ ଅପରାଧ କ୍ଷେତ୍ରରେ ମଧ୍ୟ ଦିଲ୍ଲୀ ଆଗରେ ରହିଛି (୧, ୨୬୭ ମାମଲା)। ତେବେ ରାଜ୍ୟ ତାଲିକାରେ ମଧ୍ୟପ୍ରଦେଶ ୫, ୮୭୫ଟି ମାମଲା ସହ ଶୀର୍ଷରେ ରହିଛି। ସାରା ଦେଶରେ ବୟସ୍କଙ୍କ ବିରୋଧରେ ଅପରାଧ ୧୬.୯% ବୃଦ୍ଧି ପାଇବା ଏକ ଚିନ୍ତାର ବିଷୟ। କିନ୍ତୁ ଦେଶରେ ସାମଗ୍ରିକ ଅପରାଧ ହାର ୬% ହ୍ରାସ ପାଇଛି। ଅନୁସୂଚିତ ଜାତି (ଏସ୍‌ସି) ବିରୋଧୀ ଅପରାଧରେ ୩.୬% ଏବଂ ଅନୁସୂଚିତ ଜନଜାତି (ଏସ୍‌ଟି) ବିରୋଧୀ ଅପରାଧରେ ୨୩.୧% ହ୍ରାସ ଘଟିଛି। ଦେଶରେ ସାମଗ୍ରିକ ଅପରାଧ କମୁଥିଲେ ମଧ୍ୟ ସାଇବର ଠକେଇ ଏବଂ ବୟସ୍କଙ୍କ ସୁରକ୍ଷା ଏବେ ମଧ୍ୟ ଏକ ବଡ଼ ଆହ୍ୱାନ ହୋଇ ରହିଛି। ଡିଜିଟାଲ ଯୁଗରେ ଅପରାଧର ରୂପ ମଧ୍ୟ ବଦଳିବାରେ ଲାଗିଛି। ୨୦୨୪ରେ ସାଇବର ଅପରାଧ ମାମଲା ୧୭.୯ ପ୍ରତିଶତ ବୃଦ୍ଧି ଘଟିଛି। ଦେଶର ଆଇଟି ହବ୍ କୁହାଯାଉଥିବା ବେଙ୍ଗାଲୁରୁ ସାଇବର ଅପରାଧରେ ସବୁଠାରୁ ଆଗରେ ରହିଛି (୧୭, ୫୬୧ ମାମଲା)। ମୁମ୍ବାଇ ଏବଂ ହାଇଦ୍ରାବାଦ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ଅଛନ୍ତି।

# ଚୀନ୍‌ରେ ଦୁଇ ପୂର୍ବତନ ପ୍ରତିରକ୍ଷା ମନ୍ତ୍ରୀଙ୍କୁ ମୃତ୍ୟୁଦଣ୍ଡାଦେଶ

ବେଜିଂ, ୭।୫(ଏଜେନ୍ସି): ଚୀନ୍ ସରକାର ଦୁର୍ନୀତି ବିରୋଧରେ ଏକ ବଡ଼ ପଦକ୍ଷେପ ଗ୍ରହଣ କରି ଦୁଇ ପୂର୍ବତନ ପ୍ରତିରକ୍ଷା ମନ୍ତ୍ରୀଙ୍କୁ ମୃତ୍ୟୁଦଣ୍ଡାଦେଶ ଶୁଣାଇଛନ୍ତି। ରାଷ୍ଟ୍ରପତି ସି ଜିନପିଙ୍ଗଙ୍କ ସାମରିକ ସଂସ୍କାର ଏବଂ ଦୁର୍ନୀତି ମୁକ୍ତ ଅଭିଯାନ ଅଧୀନରେ ଏହି କଠୋର ଦଣ୍ଡ ଦିଆଯାଇଛି। ଚୀନ୍‌ର ପୂର୍ବତନ ପ୍ରତିରକ୍ଷା ମନ୍ତ୍ରୀ ୱେଇ ଫେଙ୍ଗେ ଏବଂ ଲି ଶାଙ୍ଗଫୁଙ୍କୁ ଦୁର୍ନୀତି ଅଭିଯୋଗରେ ଦୋଷୀ ସାବ୍ୟସ୍ତ କରାଯାଇ ଦୁଇ ବର୍ଷର ସ୍ଥଗିତାଦେଶ ସହ ମୃତ୍ୟୁଦଣ୍ଡ ଦିଆଯାଇଛି। ସରକାରୀ ସମ୍ବାଦ ସଂସ୍ଥା ଅନୁଯାୟୀ, ଏହି ଦୁଇ ନେତା ନିଜ ପଦବୀର ଅପବ୍ୟବହାର କରି ବିପୁଳ ପରିମାଣର ଅର୍ଥ ଏବଂ ଉପହାର ଗ୍ରହଣ କରିବା ସହ ସେନାରେ ନିଯୁକ୍ତି ପ୍ରକ୍ରିୟାରେ ଅନିୟମିତତା କରିଥିଲେ। ପୂର୍ବରୁ ସେମାନଙ୍କୁ କମ୍ୟୁନିଷ୍ଟ ପାର୍ଟିରୁ ମଧ୍ୟ ବହିଷ୍କାର କରାଯାଇଥିଲା। ଏହି ଘଟଣା ସମଗ୍ର ବିଶ୍ୱରେ ଚହଳ ସୃଷ୍ଟି କରିଛି। ରାଷ୍ଟ୍ରପତି ସି ଜିନପିଙ୍ଗ ଏହି କାର୍ଯ୍ୟାନୁଷ୍ଠାନ ମାଧ୍ୟମରେ ସ୍ପଷ୍ଟ କରିଛନ୍ତି ଯେ, ସେନାରେ ଦୁର୍ନୀତିକୁ କଦାପି ବରଦାସ୍ତ କରାଯିବ ନାହିଁ। ଏହି ପଦକ୍ଷେପ ଚୀନ୍ ସେନା ଉପରେ ଜିନପିଙ୍ଗଙ୍କ ନିୟନ୍ତ୍ରଣକୁ ଆହୁରି ମଜବୁତ କରିବା ସହ ଦେଶର ଉଚ୍ଚପଦସ୍ଥ ଅଧିକାରୀଙ୍କ ମଧ୍ୟରେ ଏକ ଶକ୍ତ ବାର୍ତ୍ତା ପହଞ୍ଚାଇଛି। ଏହା ଚୀନ୍ ଇତିହାସରେ ସବୁଠାରୁ ବଡ଼ ସାମରିକ ସଂସ୍କାର ଭାବେ ବିବେଚନା କରାଯାଉଛି।

# ଦିଲ୍ଲୀରେ ୧୦ କୋଟିର ନକଲି ଔଷଧ କାରବାର ପର୍ଦ୍ଦାଫାସ୍

ନୂଆଦିଲ୍ଲୀ, ୭।୫(ଏଜେନ୍ସି): ରାଜଧାନୀ ଦିଲ୍ଲୀରେ ଏକ ବଡ଼ ଧରଣର ନକଲି ଜୀବନରକ୍ଷକ ଔଷଧ କାରବାରର ପର୍ଦ୍ଦାଫାଶ କରିଛି ପୁଲିସ। କ୍ୟାନ୍ସର ଏବଂ ଲିଭର ଭଳି ଗୁରୁତର ରୋଗ ପାଇଁ ବ୍ୟବହୃତ ହେଉଥିବା ଦାମୀ ଔଷଧକୁ ନକଲି ଭାବେ ପ୍ରସ୍ତୁତ କରି ବିକ୍ରି କରୁଥିବା ଏକ ଗ୍ୟାଙ୍ଗର ୪ ଜଣ ସଦସ୍ୟଙ୍କୁ ଗିରଫ କରାଯାଇଛି।ଏହି ଗ୍ୟାଙ୍ଗର ମୁଖ୍ୟ ମନୋଜ କୁମାର ମିଶ୍ର ବୋଲି ଜଣାପଡ଼ିଛି। ମନୋଜ ମୂଳତଃ ମଣିପୁରର ବାସିନ୍ଦା ଏବଂ ସେ 'ୟୁନିଟେଲ୍ ଫାର୍ମା' ନାମକ ଏକ ସଂସ୍ଥା ଜରିଆରେ ଦେଶର ପୂର୍ବ ଓ ଉତ୍ତର-ପୂର୍ବ ଅଞ୍ଚଳକୁ ଏହି ନକଲି ଔଷଧ ପଠାଉଥିଲେ। ପୁଲିସ ଚଢ଼ାଉ ବେଳେ ପ୍ରାୟ ୧୦ କୋଟି ଟଙ୍କାର ନକଲି ଔଷଧ, ୯୦, ୦୦୦ କ୍ୟାପସୁଲ୍ ଏବଂ ବଡ଼ ବଡ଼ ପ୍ୟାକେଜିଂ ମେସିନ୍ ଜବତ କରାଯାଇଛି। ତଦନ୍ତରୁ ଜଣାପଡ଼ିଛି ଯେ, କେନ୍ଦ୍ର ସରକାରଙ୍କ ସ୍ୱାସ୍ଥ୍ୟ ଯୋଜନା (ସିଜିଏଚ୍‌ଏସ୍)ରୁ ମଧ୍ୟ କିଛି ଅସଲି ଔଷଧ ଚୋରି କରି ଏହି ଗ୍ୟାଙ୍ଗକୁ ଯୋଗାଇ ଦିଆଯାଉଥିଲା। ଲୋକଙ୍କ ଜୀବନ ସହ ଖେଳୁଥିବା ଏହି ଅପରାଧୀମାନେ ଅତି ଦାମୀ ଔଷଧର ନକଲ ପ୍ରସ୍ତୁତ କରୁଥିଲେ, ଯାହାକୁ ଚିହ୍ନିବା ସାଧାରଣ ଲୋକଙ୍କ ପକ୍ଷେ ଅସମ୍ଭବ ଥିଲା। ଏହି ଘଟଣାରେ ସରକାରୀ ଯୋଗାଣ ଶୃଙ୍ଖଳାର କିଛି କର୍ମଚାରୀ ସାମିଲ ଥିବା ସନ୍ଦେହ କରାଯାଉଥିବାରୁ ପୁଲିସ ତଦନ୍ତକୁ ଆହୁରି ଜୋରଦାର କରିଛି। ଏହା ସ୍ୱାସ୍ଥ୍ୟ କ୍ଷେତ୍ରରେ ଏକ ବଡ଼ ସୁରକ୍ଷା ତ୍ରୁଟିକୁ ଦର୍ଶାଉଛି।

# ନୀତୀଶଙ୍କ ପୁଅ ସମେତ ୩୨ ନୂଆ ମନ୍ତ୍ରୀଙ୍କ ଶପଥ ଗ୍ରହଣ

ପାଟନା, ୭।୫(ଏଜେନ୍ସି): ବିହାର ରାଜନୀତିରେ ଆଜି ଏକ ବଡ଼ ପରିବର୍ତ୍ତନ ଦେଖିବାକୁ ମିଳିଛି। ରାଜ୍ୟ କ୍ୟାବିନେଟ୍‌ର ସମ୍ପ୍ରସାରଣ କରାଯାଇ ମୋଟ ୩୨ ଜଣ ନୂଆ ମନ୍ତ୍ରୀଙ୍କୁ ସାମିଲ କରାଯାଇଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ପୂର୍ବତନ ମୁଖ୍ୟମନ୍ତ୍ରୀ ନୀତିଶ କୁମାରଙ୍କ ପୁଅ ନିଶାନ୍ତ କୁମାର ପ୍ରଥମ ଥର ପାଇଁ ମନ୍ତ୍ରୀ ଭାବେ ଶପଥ ନେଇଛନ୍ତି। ଏହି ନୂଆ ମନ୍ତ୍ରିମଣ୍ଡଳରେ ଭାରତୀୟ ଜନତା ପାର୍ଟିରୁ ୧୫ ଜଣ, ଜେଡିୟୁରୁ ୧୩ ଜଣ, ଏଲଜେପି (ଆରଭି) ରୁ ୨ ଜଣ ଏବଂ ହାମ୍ ଓ ଆରଏଲଏମରୁ ଜଣେ ଲେଖାଏଁ ନେତା ମନ୍ତ୍ରୀ ଭାବେ ଶପଥ ନେଇଛନ୍ତି। ବୃତ୍ତିରେ ଜଣେ ଯନ୍ତ୍ରୀ ଥିବା ୫୦ ବର୍ଷୀୟ ନିଶାନ୍ତ କୁମାର ଚଳିତ ବର୍ଷ ମାର୍ଚ୍ଚ ମାସରେ ସକ୍ରିୟ ରାଜନୀତିରେ ଯୋଗ ଦେଇଥିଲେ। ସେ ଉପ-ମୁଖ୍ୟମନ୍ତ୍ରୀ ପଦ ପାଇଁ ମନା କରିଦେଇଥିଲେ ମଧ୍ୟ ଶେଷରେ ମନ୍ତ୍ରୀ ହେବାକୁ ସମ୍ମତି ପ୍ରଦାନ କରିଥିଲେ। ସୂଚନାଯୋଗ୍ୟ ଯେ, ନୀତିଶ କୁମାର ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବା ପରେ ଏବେ ବିଜେପିର ସମ୍ରାଟ ଚୌଧୁରୀ ବିହାରର ମୁଖ୍ୟମନ୍ତ୍ରୀ ଅଛନ୍ତି। ଦୀର୍ଘ ଦଶନ୍ଧି ଧରି ପରିବାରବାଦ ରାଜନୀତିର ବିରୋଧ କରିଆସୁଥିବା ନୀତିଶ କୁମାରଙ୍କ ପୁଅଙ୍କୁ ମନ୍ତ୍ରିମଣ୍ଡଳରେ ସାମିଲ କରାଯିବା ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ଦଳୀୟ ନେତାଙ୍କ ଅନୁଯାୟୀ, ନିଶାନ୍ତଙ୍କ ଯୋଗଦାନ ଦ୍ୱାରା ସରକାର ଏବଂ ସଂଗଠନ ମଧ୍ୟରେ ଉତ୍ତମ ସମନ୍ୱୟ ରହିବ। ବିହାର ବିକାଶ ପାଇଁ ନିଶାନ୍ତ ଏବେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବାକୁ ଯାଉଛନ୍ତି।

# ୯ ବର୍ଷର ଝିଅକୁ କରତରେ କାଟି ହତ୍ୟା କଲା ବାପା

ପୁଣେ, ୭।୫(ଏଜେନ୍ସି): ମହାରାଷ୍ଟ୍ରର ପୁଣେ ଜିଲ୍ଲାରେ ଏକ ହୃଦୟ ବିଦାରକ ଘଟଣା ସାମ୍ନାକୁ ଆସିଛି। ପରୀକ୍ଷା ଖାତାରେ ମାର୍କକୁ ନେଇ ହୋଇଥିବା ବିବାଦରୁ ଜଣେ ବାପା ନିଜର ୯ ବର୍ଷର ଝିଅକୁ ଅତ୍ୟନ୍ତ ନିର୍ମମ ଭାବେ ହତ୍ୟା କରିଛି। ଘଟଣାଟି ଦୌଣ୍ଡ ତାଲୁକାର ଦେଉଳଗାଓଁ ରାଜେ ଗ୍ରାମରେ ଘଟିଛି। ପୁଲିସ ସୂଚନା ଅନୁଯାୟୀ, ମୃତ ଶିଶୁଟି ପରୀକ୍ଷାରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ବେଳେ ତା'ର ସାବତ ଭାଇ ପ୍ରଥମ ହୋଇଥିଲା। ଏଥିରେ ଉତକ୍ଷିପ୍ତ ହୋଇ ଶିଶୁଟି ନିଜ ଭାଇର ମାର୍କସିଟ୍‌ରେ କିଛି ପରିବର୍ତ୍ତନ କରିଦେଇଥିଲା। ଏହା ଜାଣିବା ପରେ ବାପା ଶାନ୍ତାରାମ ଚୌହାନ ରାଗିଯାଇ ଏକ କାଠ କଟା ମେସିନ୍ (କରତ) ସାହାଯ୍ୟରେ ଝିଅକୁ ଆକ୍ରମଣ କରିଥିଲେ, ଯାହାଫଳରେ ତା'ର ମୃତ୍ୟୁ ଘଟିଥିଲା। ପ୍ରମାଣ ନଷ୍ଟ କରିବା ପାଇଁ ଅଭିଯୁକ୍ତ ବାପା ଓ ତାଙ୍କ ସହଯୋଗୀ ଚିଙ୍କି ଭୋସଲେ ଶବକୁ କପଡ଼ାରେ ଗୁଡ଼ାଇ ନିଆଁ ଲଗାଇ ଦେଇଥିଲେ। ପୁଲିସ ଅର୍ଦ୍ଧଦଗ୍ଧ ଶବକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଉଭୟ ଅଭିଯୁକ୍ତଙ୍କୁ ଗିରଫ କରିଛି। ମାତ୍ର କେଇଟା ମାର୍କ ପାଇଁ ଜଣେ ବାପା ନିଜ ସନ୍ତାନର ଜୀବନ ନେବା ଭଳି ଘଟଣା ସମାଜରେ ଶିକ୍ଷା ଓ ମାନସିକତା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି।

# ଶୁଭେନ୍ଦୁଙ୍କ ପିଏ ହତ୍ୟାକାରୀକୁ ଖୋଜୁଛି ପୁଲିସ

କୋଲକାତା, ୭।୫(ଏଜେନ୍ସି): ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ପରବର୍ତ୍ତୀ ହିଂସା ଏବେ ଚରମ ସୀମାରେ ପହଞ୍ଚିଛି। ବିଜେପି ନେତା ଶୁଭେନ୍ଦୁ ଅଧିକାରୀଙ୍କ ବ୍ୟକ୍ତିଗତ ସହାୟକ ତଥା ଅତି ବିଶ୍ୱସ୍ତ ସହଯୋଗୀ ଚନ୍ଦ୍ରନାଥ ରଥଙ୍କୁ ଉତ୍ତର ୨୪ ପ୍ରଗଣା ଜିଲ୍ଲାର ମଧ୍ୟମଗ୍ରାମଠାରେ ଅତି ନିର୍ମମ ଭାବେ ଗୁଳି କରି ହତ୍ୟା କରାଯାଇଛି। ଏହି ସୁଚିନ୍ତିତ ହତ୍ୟାକାଣ୍ଡ ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତି ଉପରେ ପୁଣି ଥରେ ପ୍ରଶ୍ନବାଚୀ ସୃଷ୍ଟି କରିବା ସହ ରାଜନୈତିକ ବାତାବରଣକୁ ବେଶ୍ ସରଗରମ କରିଦେଇଛି।

ପୁଲିସର ପ୍ରାଥମିକ ତଦନ୍ତ ଅନୁଯାୟୀ, ଏହା କୌଣସି ଆକସ୍ମିକ ଘଟଣା ନୁହେଁ, ବରଂ ଏକ ସୁଚିନ୍ତିତ ଷଡ଼ଯନ୍ତ୍ର ଥିଲା। ବୁଧବାର ରାତିରେ ଚନ୍ଦ୍ରନାଥ ନିଜ ସ୍କର୍ପିଓ ଗାଡ଼ିରେ ଯାଉଥିବା ସମୟରେ ଏକ ରୂପେଲି ରଙ୍ଗର କାର୍ ଓ ଏକ ମୋଟରସାଇକେଲ୍ ତାଙ୍କୁ ପିଛା କରିଥିଲେ। ଦୁର୍ବୃତ୍ତମାନେ ପ୍ରଥମେ ତାଙ୍କ ଗାଡ଼ିକୁ ଓଭରଟେକ୍ କରି ଅଟକାଇଥିଲେ ଏବଂ ପରେ ଅତି ନିକଟରୁ ଅନ୍ଧାଧୁନ୍ଧ ଗୁଳିଚାଳନା କରିଥିଲେ। ପ୍ରାୟ ୧୦ ରାଉଣ୍ଡ ଗୁଳି ଚନ୍ଦ୍ରନାଥଙ୍କ ଛାତି, ପେଟ ଓ ମୁଣ୍ଡରେ ବାଜିଥିଲା, ଯାହାଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ଗାଡ଼ି



■ ଯୋଜନାବଦ୍ଧ ହତ୍ୟା : ପୁଲିସର ସୂଚନା
■ ହତ୍ୟା ପଛରେ ଟିଏମ୍‌ସି: ବିଜେପି

ଚାଳକଙ୍କ ଅବସ୍ଥା ମଧ୍ୟ ସଙ୍କଟାପନ୍ନ ରହିଛି। ପଶ୍ଚିମବଙ୍ଗ ପୁଲିସ ମହାନିର୍ଦ୍ଦେଶକ ସିଦ୍ଧନାଥ ଗୁପ୍ତାଙ୍କ ସୂଚନା ଅନୁସାରେ, ହତ୍ୟାକାଣ୍ଡରେ ବ୍ୟବହୃତ ଗୋଟିଏ ଗାଡ଼ିକୁ ଜବତ କରାଯାଇଛି, ଯାହାର ନମ୍ବର ପ୍ଲେଟ୍‌କୁ ପରିବର୍ତ୍ତନ କରାଯାଇଛି। ଘଟଣାସ୍ଥଳରୁ ଅଷ୍ଟ୍ରିଆ ନିର୍ମିତ 'ଗ୍ଲକ୍ ପିସ୍ତଲ'ର ଗୁଳି ଖୋକା ମିଳିଥିବା ସନ୍ଦେହ କରାଯାଉଛି। ବର୍ତ୍ତମାନ ପୁଲିସ ଜେସୋର ରୋଡ୍ ସମେତ ଆଖପାଖ ଅଞ୍ଚଳର ସିସିଟିଭି ଫୁଟେଜ୍ ଯାଞ୍ଚ କରୁଛି। ଶୁଭେନ୍ଦୁ ଅଧିକାରୀ ଏହାକୁ ଏକ 'ବ୍ୟକ୍ତିଗତ କ୍ଷତି' ବୋଲି ଦର୍ଶାଇବା ସହ କର୍ମକର୍ତ୍ତାଙ୍କୁ ଶାନ୍ତି ରକ୍ଷା କରିବାକୁ ନିବେଦନ କରିଛନ୍ତି। ବିଜେପି ନେତା ଅର୍ଜୁନ ସିଂହ ସିଧାସଳଖ ତୃଣମୂଳ କଂଗ୍ରେସର ସାଧାରଣ ସମ୍ପାଦକ ଅଭିଷେକ ବାନାର୍ଜୀଙ୍କୁ ଏହି ହତ୍ୟାକାଣ୍ଡର ମୁଖ୍ୟ ସୂତ୍ରଧାର ଭାବେ ଦାୟୀ କରିଛନ୍ତି। ଅପରପକ୍ଷରେ, ଟିଏମସି ଏହି ଅଭିଯୋଗକୁ ଖଣ୍ଡନ କରିବା ସହ ଘଟଣାର ନ୍ୟାୟାଳୟଙ୍କ ଅନୁଧ୍ୟାନରେ ତଦନ୍ତ ଦାବି କରିଛି। ବଙ୍ଗଳାରେ ବିଜେପିର ବଡ଼ ବିଜୟ ପରେ ଏଭଳି ହାଇ-ପ୍ରୋଫାଇଲ୍ ହତ୍ୟାକାଣ୍ଡ ରାଜ୍ୟର ଶାସକ ଓ ବିରୋଧୀ ଦଳ ମଧ୍ୟରେ ତିକ୍ତତାକୁ ଦ୍ୱିଗୁଣିତ କରିଛି। ଚନ୍ଦ୍ରନାଥ ରଥଙ୍କ ବିୟୋଗ କେବଳ ଶୁଭେନ୍ଦୁ ଅଧିକାରୀଙ୍କ ପାଇଁ ଏକ ବଡ଼ ଧକ୍କା ନୁହେଁ, ବରଂ ଏହା ଆଗାମୀ ଦିନରେ ବଙ୍ଗ ରାଜନୀତିରେ ଏକ ବଡ଼ ସଂଘର୍ଷର ସଙ୍କେତ ଦେଉଛି। ନିର୍ବାଚନଜନିତ ହିଂସାକୁ ନେଇ ପଶ୍ଚିମବଙ୍ଗ ଯେପରି ପୂର୍ବରୁ ବଦନାମ ଥିଲା ଏବେ ସେହି ପରମ୍ପରା ଆଗକୁ ବଜାୟ ରହିବ ବୋଲି ଆଶଙ୍କା କରାଯାଉଛି।

# ହାୱଡ଼ାରେ ବିଜେପି-ଟିଏମ୍‌ସି ସଂଘର୍ଷ

କୋଲକାତା, ୭।୫(ଏଜେନ୍ସି): ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ବିଜେପିର ବିଜୟ ପରେ ରାଜ୍ୟର ବିଭିନ୍ନ ସ୍ଥାନରେ ରାଜନୈତିକ ହିଂସା ଦେଖାଦେଇଛି। ହାୱଡ଼ାର ଶିବପୁର ଅଞ୍ଚଳରେ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଏବଂ ବିଜେପି କର୍ମୀଙ୍କ ମଧ୍ୟରେ ଭୟଙ୍କର ସଂଘର୍ଷ ଘଟିଛି। ସୂଚନା ଅନୁଯାୟୀ, ବିଜେପିର ବିଜୟ ଉତ୍ସବ ପାଳନ ସମୟରେ ଶିବପୁରର ଚୌରାବସ୍ତି ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଅଭିଯୋଗ ହୋଇଛି ଯେ, ଦୁର୍ବୃତ୍ତମାନେ ପ୍ରାୟ ୧୨-୧୫ଟି ବୋମା ମାଡ଼ କରିବା ସହ ୭-୮ ରାଉଣ୍ଡ ଗୁଳି ଚଳାଇଛନ୍ତି। ଏହି ଆକ୍ରମଣରେ ବିଜେପି ସଂଖ୍ୟାଲଘୁ ସେଲ୍‌ର ସଭାପତିଙ୍କ ସମେତ ଅନେକ ଲୋକ ଆହତ ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି।

# କଂଗ୍ରେସ ଚଳାଇଛି କେରଳ କସରତ

## ୧୦ ସୁଦ୍ଧା ମୁଖ୍ୟମନ୍ତ୍ରୀଙ୍କ ନାମ ଘୋଷଣା

ତିରୁଅନନ୍ତପୁରମ, ୭।୫(ଏଜେନ୍ସି): କେରଳ ରାଜନୀତି ଏବେ ନୂଆ ଦିଗକୁ ଗତି କରୁଛି। ୨୦୨୬ ବିଧାନସଭା ନିର୍ବାଚନରେ କଂଗ୍ରେସର ଐତିହାସିକ ବିଜୟ ପରେ, କିଏ ହେବେ ଏହି ରାଜ୍ୟର ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ, ତାହାକୁ ନେଇ ଆରମ୍ଭ ହୋଇଛି ଜୋର୍‌ଦାର୍ ମାନସମନ୍ଥନ। ଗୁରୁବାର ଅନୁଷ୍ଠିତ କଂଗ୍ରେସ ବିଧାୟକ ଦଳ ବୈଠକ ପରେ, ମେ' ୧୦ ତାରିଖ ରବିବାର ସୁଦ୍ଧା ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ ବୋଲି ସୂଚନା ମିଳିଛି। ତିରୁଅନନ୍ତପୁରମର ଇନ୍ଦିରା ଭବନରେ ଏକାଠି ହୋଇଥିବା ୬୩ ଜଣ ନବ ନିର୍ବାଚିତ ବିଧାୟକ ମୁଖ୍ୟମନ୍ତ୍ରୀ ଚୟନର ପୂର୍ଣ୍ଣ କ୍ଷମତା ଦଳର ହାଇକମାଣ୍ଡଙ୍କୁ ପ୍ରଦାନ କରିଛନ୍ତି। ରାଜ୍ୟର ସର୍ବୋଚ୍ଚ ପଦବୀ ପାଇଁ ଏବେ ତିନିଜଣ ପ୍ରଭାବଶାଳୀ ନେତାଙ୍କ ନାମକୁ ନେଇ ଚର୍ଚ୍ଚା ସବୁଠାରୁ ଅଧିକ ଥିବା ଦେଖିବାକୁ ମିଳୁଛି। ଏହି ୩ ଜଣଙ୍କ ମଧ୍ୟରୁ ଭିଡି ସତୀଶନ୍ ଅନ୍ୟତମ। ବିରୋଧୀ ଦଳ ନେତା ଭାବେ ନିଜର ଦକ୍ଷତା ପ୍ରମାଣ କରିଥିବା ସତୀଶନ୍‌ଙ୍କ ସପକ୍ଷରେ ଏକ ବଡ଼ ଗୋଷ୍ଠୀ ରହିଛନ୍ତି। ସେହିପରି କେସି ଭେଣୁଗୋପାଳ ମଧ୍ୟ ଦୌଡ଼ରେ ଅଛନ୍ତି। ସାଂସଦ ତଥା ଜାତୀୟ ରାଜନୀତିର ଚେହେରା ଭେଣୁଗୋପାଳଙ୍କୁ ମଧ୍ୟ ଅନେକ ବିଧାୟକ ସମର୍ଥନ କରୁଥିବା ସୂଚନା ମିଳିଛି। ରମେଶ ଚେନ୍ନିଥାଲା ମଧ୍ୟ ମୁଖ୍ୟମନ୍ତ୍ରୀ ପଦ ପାଇଁ ଦାବିଦାର ଅଛନ୍ତି। କଂଗ୍ରେସର ଜଣେ ଅଭିଜ୍ଞ ନେତା ଭାବେ ଚେନ୍ନିଥାଲାଙ୍କ ନାମ ମଧ୍ୟ ଦୌଡ଼ରେ ରହିଛି। ଏଆଇସିସି ପକ୍ଷରୁ ନିଯୁକ୍ତ ବରିଷ୍ଠ ନେତା ମୁକୁଲ୍ ବାସନିକ୍ ଏବଂ ଅଜୟ ମାକେନ୍ ଆଜି ଦିନସାରା ପ୍ରତ୍ୟେକ ବିଧାୟକଙ୍କ ସହ ବ୍ୟକ୍ତିଗତ ଭାବେ ଆଲୋଚନା କରି ସେମାନଙ୍କ ମତାମତ ସଂଗ୍ରହ କରିଛନ୍ତି। ଏହି ବୈଠକରେ ଏକ ସର୍ବସମ୍ମତ ପ୍ରସ୍ତାବ ଗୃହୀତ ହୋଇଛି,

**ତିନି ହେଭିୱେଟ୍‌ଙ୍କ ମଧ୍ୟରେ କଡ଼ା ଟକ୍କର**

ଯେଉଁଥିରେ କୁହାଯାଇଛି ଯେ କଂଗ୍ରେସ ଅଧକ୍ଷ ହିଁ ଚୂଡ଼ାନ୍ତ ନେତା ବାଛିବେ। ବିଧାୟକଙ୍କ ସମର୍ଥନ ସହିତ ସାଧାରଣ କର୍ମକର୍ତ୍ତାଙ୍କ ଭାବନାକୁ ମଧ୍ୟ ଗୁରୁତ୍ୱ ଦିଆଯିବ ବୋଲି ପ୍ରଦେଶ କଂଗ୍ରେସ ସଭାପତି କେ ସୁଧାକରନ୍ ପ୍ରକାଶ କରିଛନ୍ତି। ୨୦୨୬ ନିର୍ବାଚନରେ କଂଗ୍ରେସର ଏହି ଐତିହାସିକ ସଫଳତା ଦଳ ମଧ୍ୟରେ ଏକ ନୂଆ ଉତ୍ସାହ ଭରିଦେଇଛି। ୟୁଡିଏଫ୍ ମେଣ୍ଟର ଅନ୍ୟ ସହଯୋଗୀ ଦଳଙ୍କ ସହ ଆଲୋଚନା ପରେ ଦୁଇ ନୀରିକ୍ଷକ ନିଜର ରିପୋର୍ଟ ହାଇକମାଣ୍ଡଙ୍କୁ ପ୍ରଦାନ କରିବେ। କେ ମୁରଲୀଧରନ୍‌ଙ୍କ କହିବା ଅନୁଯାୟୀ, ରବିବାର ସନ୍ଧ୍ୟା ସୁଦ୍ଧା କେରଳର ନୂଆ ମୁଖ୍ୟମନ୍ତ୍ରୀଙ୍କ ନାମ ସାରା ବିଶ୍ୱ ଜାଣିବାକୁ ପାଇବ। କେରଳର ଜନସାଧାରଣ ଏକ ସ୍ଥାୟୀ ଏବଂ ବିକାଶମୁଖୀ ଶାସନ ଆଶାରେ କଂଗ୍ରେସ ଉପରେ ଭରସା ପ୍ରକଟ କରିଛନ୍ତି। ଏବେ ଦଳର ଶୀର୍ଷ ନେତୃତ୍ୱ କାହା ମୁଣ୍ଡରେ ସୁନା କଳସ ଢାଳୁଛନ୍ତି, ତାହା ଦେଖିବା ବାକି ରହିଲା। ମେ' ୧୦ରେ କେରଳ ରାଜନୀତିରେ ଏକ ନୂଆ ଅଧ୍ୟାୟର ଆରମ୍ଭ ହେବ ବୋଲି ଆଶା କରାଯାଉଛି।

# ଜଳ ଜୀବନ ମିଶନ ଦୁର୍ନୀତି: ପୂର୍ବତନ ମନ୍ତ୍ରୀ ଗିରଫ

ଜୟପୁର, ୭।୫(ଏଜେନ୍ସି): ରାଜସ୍ଥାନର ପୂର୍ବତନ ମନ୍ତ୍ରୀ ମହେଶ ଯୋଶୀଙ୍କୁ ୯୦୦ କୋଟି ଟଙ୍କାର 'ଜଳ ଜୀବନ ମିଶନ' ଦୁର୍ନୀତି ମାମଲାରେ ଦୁର୍ନୀତି ନିବାରଣ ବ୍ୟୁରୋ (ଏସିବି) ଗିରଫ କରିଛି। ଗିରଫ ହେବା ପରେ ଯୋଶୀ କହିଛନ୍ତି ଯେ, ସତ୍ୟର କେବେ ପରାଜୟ ହୁଏ ନାହିଁ। ଅଭିଯୋଗ ଅନୁଯାୟୀ, ମହେଶ ଯୋଶୀ ଜନସ୍ୱାସ୍ଥ୍ୟ ବୈଷୟିକ ବିଭାଗ ମନ୍ତ୍ରୀ ଥିବା ସମୟରେ ନିଜ ପଦବୀର ଅପବ୍ୟବହାର କରିଥିଲେ। ସେ ମୋଟା ଅଙ୍କର ଲାଞ୍ଚ ନେଇ ନକଲି ପ୍ରମାଣପତ୍ର ଆଧାରରେ ବିଭିନ୍ନ ସଂସ୍ଥାକୁ ଟେଣ୍ଡର ପ୍ରଦାନ କରିଥିବା ଜଣାପଡ଼ିଛି। ପୂର୍ବରୁ ୨୦୨୫ ଏପ୍ରିଲରେ ଇଡ଼ି ମଧ୍ୟ ତାଙ୍କୁ ଗିରଫ କରିଥିଲା। ଏସିବି ଏହି ମାମଲାରେ ଯୋଶୀଙ୍କ ସମେତ ୨୨ ଜଣ ଅଧିକାରୀଙ୍କ ବିରୋଧରେ ଏଫ୍‌ଆଇଆର୍ ରୁଜୁ କରିଛି। ଏକ ଗୁପ୍ତ ଇମେଲ୍ ଆଇଡି ମାଧ୍ୟମରେ ଏହି ବଡ଼ ଧରଣର କାରବାରର ପର୍ଦ୍ଦାଫାଶ ହୋଇଛି। ଜଳ ଜୀବନ ମିଶନ ଭଳି ଏକ ଜନହିତକର ଯୋଜନାରେ ଏତେ ବଡ଼ ଦୁର୍ନୀତି ସାଧାରଣରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଛି। କିଭଳି ସରକାରୀ ପାଣ୍ଠିର ହରିଲୁଟ୍ ହେଉଥିଲା, ତାହା ଏବେ ସାମ୍ନାକୁ ଆସିଛି। ଏହି ଗିରଫଦାରୀ ରାଜସ୍ଥାନ ରାଜନୀତିରେ ହଇଚଇ ସୃଷ୍ଟି କରିଛି।

# ପାକିସ୍ତାନ ଆକାଶରେ ମଣିପୁରୀ ପୁଅର ଉଡ଼ାଣ ଗର୍ଜନ

ନୂଆଦିଲ୍ଲୀ, ୭।୫(ଏଜେନ୍ସି): ଠିକ୍ ବର୍ଷକ ତଳେ ଆଜିର ଦିନରେ ଭାରତୀୟ ବାୟୁସେନାର ଶକ୍ତିଶାଳୀ ଗର୍ଜନରେ କମ୍ପି ଉଠିଥିଲା ପଡୋଶୀ ଦେଶର କୁଖ୍ୟାତ ଆତଙ୍କବାଦୀ ଶିବିର। 'ଅପରେସନ୍ ସିନ୍ଦୂର'ର ପ୍ରଥମ ବାର୍ଷିକୀ ଅବସରରେ ଆଜି ସେହି ସାହସୀ ବୀରଙ୍କ ଗାଥାକୁ ସାରା ଦେଶ ମନେ ପକାଉଛି, ଯିଏ ମୃତ୍ୟୁର ଜାଲକୁ ପଛରେ ପକାଇ ଶତ୍ରୁ ସୀମାରେ ପ୍ରବେଶ କରିଥିଲେ। ସେ ହେଉଛନ୍ତି ମଣିପୁରର ଗୌରବ, ସ୍କ୍ୱାଡ୍ରନ୍ ଲିଡର୍ ରିଜୱାନ୍ ମଲିକ୍। ନିଜର ପ୍ରାଣକୁ ପାଣି ଛଡ଼ାଇ ସେ ଅମାବାସ୍ୟାର କଳା ଅନ୍ଧକାର ମଧ୍ୟରେ ଶତ୍ରୁର ଆକାଶ ପ୍ରତିରକ୍ଷାକୁ ଧୂଳିସାତ କରି ଭାରତୀୟ ବୀରତ୍ୱର ଏକ ନୂତନ ଅଧ୍ୟାୟ ଲେଖିଥିଲେ। ଜମ୍ମୁ-କାଶ୍ମୀରର ପହଲଗାମଠାରେ ହୋଇଥିବା ବର୍ବର ଆତଙ୍କବାଦୀ ଆକ୍ରମଣର ଜବାବ ଦେବା ପାଇଁ ଭାରତୀୟ ସେନା ପକ୍ଷରୁ ଆରମ୍ଭ ହୋଇଥିଲା 'ଅପରେସନ୍ ସିନ୍ଦୂର'। ଏହାର ମୁଖ୍ୟ ଲକ୍ଷ୍ୟ ଥିଲା ପାକିସ୍ତାନ ସୀମା ମଧ୍ୟରେ ଲୁଚି ରହିଥିବା ଆତଙ୍କବାଦୀ ସଙ୍ଗଠନ ଜୈଶ୍-ଏ-ମହମ୍ମଦ ଏବଂ ଲସ୍କର-ଏ-ତୋଇବାର ଘାଟିଗୁଡ଼ିକୁ ସମୂଳେ ବିନାଶ କରିବା। ଏହି ଅଭିଯାନର ଜଣେ ପ୍ରମୁଖ ସାରଥି ଥିଲେ ସ୍କ୍ୱାଡ୍ରନ୍ ଲିଡର୍ ରିଜୱାନ୍ ମଲିକ୍। ସେ ନିଜର ସୁଖୋଇ ଯୁଦ୍ଧବିମାନ ସହିତ ବିନା କୌଣସି ସୁରକ୍ଷା ବଳୟରେ ଶତ୍ରୁର ଦୁର୍ଭେଦ୍ୟ ଦୁର୍ଗ ମଧ୍ୟକୁ ପ୍ରବେଶ କରିଥିଲେ। ସେହି ସଂଘର୍ଷପୂର୍ଣ୍ଣ ନିଶାର୍ଦ୍ଧରେ ଚତୁର୍ଦ୍ଦିଗରୁ ଶତ୍ରୁର ରାଡାର୍ ଓ କ୍ଷେପଣାସ୍ତ୍ର ରିଜୱାନଙ୍କୁ ଘେରି ରହିଥିଲେ। ମାତ୍ର ମଣିପୁରର ଏହି ସନ୍ତାନଙ୍କ ମନରେ ଭୟ ନଥିଲା, ଥିଲା କେବଳ ଦେଶପ୍ରେମର ଅଦମ୍ୟ ଜ୍ୱାଳା। ଅତି ନିମ୍ନ ସ୍ତରରେ ବିମାନ ଚଳାଇ ସେ ଶତ୍ରୁର ଆଖିରେ ଧୂଳି ଦେଇଥିଲେ। ଗୋଟିଏ ପରେ ଗୋଟିଏ ସଠିକ୍ ଲକ୍ଷ୍ୟଭେଦ କରି ସେ ଆତଙ୍କବାଦୀଙ୍କ ଆଶ୍ରୟସ୍ଥଳୀକୁ ଛାରଖାର କରିଦେଇଥିଲେ। ଶତ୍ରୁ ପକ୍ଷରୁ ପ୍ରବଳ ଗୁଳିବର୍ଷା ସତ୍ତ୍ୱେ ସେ ନିଜର ଦ୍ୱିତୀୟ ଆକ୍ରମଣ ଜାରି ରଖିଥିଲେ ଏବଂ ସମଗ୍ର ସୀମାନ୍ତ ଅଞ୍ଚଳରେ ଏକ ପ୍ରକାର ରଣକ୍ଷେତ୍ରର ଭ୍ରମ ସୃଷ୍ଟି କରିଥିଲେ। ଇମ୍ଫାଲ୍‌ରେ ଏକ ସାଧାରଣ ପରିବାରରେ ଜନ୍ମିତ ରିଜୱାନ୍ ପିଲାଦିନରୁ ଥିଲେ ଅତ୍ୟନ୍ତ ଅଭିଳାଷୀ। ୨୦୧୫ରେ ବାୟୁସେନାରେ ଯୋଗ ଦେଇ ସେ ସୁଖୋଇ ଭଳି ଅତ୍ୟାଧୁନିକ ଯୁଦ୍ଧବିମାନ ଚଳାଇବାର ଦକ୍ଷତା ହାସଲ କରିଥିଲେ। ତାଙ୍କର ଏହି ଅସାଧାରଣ ସାହସିକତା ପାଇଁ ୨୦୨୫ ମସିହା ସ୍ୱାଧୀନତା ଦିବସ ଅବସରରେ ଭାରତ ସରକାର ତାଙ୍କୁ ସମ୍ମାନଜନକ 'ବୀର ଚକ୍ର' ଉପାଧିରେ ଭୂଷିତ କରିଛନ୍ତି।




ଅପରେସନ ସିନ୍ଦୂରର ସୁପର ହିରୋ



# ଭାରତ ପ୍ରସ୍ତୁତ କରିବ 'ଡ୍ରୋନ୍ ଫୋର୍ସ'

ନୂଆଦିଲ୍ଲୀ, ୭।୫(ଏଜେନ୍ସି): ଆଧୁନିକ ଯୁଦ୍ଧ କୌଶଳରେ ନିଜକୁ ଶକ୍ତିଶାଳୀ କରିବା ପାଇଁ ଭାରତ ସରକାର ଏକ ସମର୍ପିତ 'ଡ୍ରୋନ୍ ଫୋର୍ସ' ଗଠନ କରିବାକୁ ଯୋଜନା କରିଛନ୍ତି। 'ଅପରେସନ ସିନ୍ଦୂର' ଏବଂ ବିଶ୍ୱର ବିଭିନ୍ନ ଯୁଦ୍ଧରୁ ଶିକ୍ଷାଲାଭ କରି ପ୍ରତିରକ୍ଷା ବିଭାଗ ଏହି ନିଷ୍ପତ୍ତି ନେଇଛି। ଏହି ସ୍ୱତନ୍ତ୍ର ବାହିନୀ ପାଇଁ ପ୍ରାୟ ୫୦, ୦୦୦ ସୈନ୍ୟଙ୍କୁ କୃତ୍ରିମ ବୁଦ୍ଧିମତା (ଏଆଇ) ଏବଂ ସିମୁଲେଟର ସାହାଯ୍ୟରେ ପ୍ରଶିକ୍ଷଣ ଦିଆଯାଉଛି। ଆଗାମୀ ୩ ବର୍ଷ ମଧ୍ୟରେ ୧୫ଟି ନୂତନ 'ସେଣ୍ଟର ଅଫ୍ ଏକ୍ସଲେନ୍ସ' ପ୍ରତିଷ୍ଠା କରାଯାଇ ବାସ୍ତବ ଯୁଦ୍ଧର ଅନୁଭୂତି ପ୍ରଦାନ କରାଯିବ। ପରବର୍ତ୍ତୀ ସମୟରେ ବିଏସ୍‌ଏଫ୍ ଏବଂ ଆଇଟିବିପି'କୁ ମଧ୍ୟ ଏହି ନେଟୱାର୍କ ସହ ଯୋଡ଼ାଯିବ। ପ୍ରତ୍ୟେକ ସୈନ୍ୟଙ୍କ ପାଖରେ ବ୍ୟକ୍ତିଗତ ଡ୍ରୋନ୍ ରହିବ ଏବଂ ଭାରତୀୟ ସେନା ପାଖରେ ପ୍ରାୟ ୧ ଲକ୍ଷ ଡ୍ରୋନ୍ ମହଜୁଦ ରଖିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଭାରତ ଏବେ ନିଜର ପ୍ରତିରକ୍ଷା ବଜେଟର ୭୫% ଘରୋଇ ଉତ୍ପାଦନରେ ଖର୍ଚ୍ଚ କରୁଛି। ଗୁରୁତ୍ୱପୂର୍ଣ୍ଣ କ୍ଷେପଣାସ୍ତ୍ରର ରକ୍ଷଣାବେକ୍ଷଣ ଏବେ ଭାରତରେ କରାଯିବ। ଏଥିସହ ଶତ୍ରୁପକ୍ଷର ଶସ୍ତା ଡ୍ରୋନକୁ ମାତ୍ ଦେବା ପାଇଁ 'ଲେଜର ଗନ୍' ଭଳି ଅତ୍ୟାଧୁନିକ ବ୍ୟବସ୍ଥା ମଧ୍ୟ ବ୍ୟବହାର କରାଯାଉଛି। ଭବିଷ୍ୟତର ଯୁଦ୍ଧ କେବଳ ସୀମାରେ ନୁହେଁ, ବରଂ ପ୍ରଯୁକ୍ତିବିଦ୍ୟା ମାଧ୍ୟମରେ ଲଢ଼ାଯିବ। ଏହି 'ଡ୍ରୋନ୍ ଫୋର୍ସ' ଭାରତୀୟ ସେନାର ଶକ୍ତିକୁ ବହୁଗୁଣିତ କରିବ ଏବଂ ଶତ୍ରୁପକ୍ଷର ଯେକୌଣସି ଚାଲ୍‌କୁ ପରାହତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିବ। ଏହା ଦେଶର ସାମରିକ ସୁରକ୍ଷା କ୍ଷେତ୍ରରେ ଏକ ନୂତନ ଯୁଗର ଆରମ୍ଭ।

**୫୦ ହଜାର ସୈନ୍ୟଙ୍କୁ ଆଧୁନିକ ପ୍ରଶିକ୍ଷଣ**

# ନିଟ୍ ପରୀକ୍ଷା ଖରାପ ଆଶଙ୍କାରେ ଜୀବନ ହାରିଲେ ପରୀକ୍ଷାର୍ଥୀ

ଭଦ୍ରକ, ୭।୫ (ସମିସ): ନିଟ୍ ପରୀକ୍ଷାଫଳ ଖରାପ ଆସିବା ଆଶଙ୍କାରେ ଜୀବନ ହାରିଲେ ପରୀକ୍ଷାର୍ଥୀ। ଭଦ୍ରକ ଟାଉନ୍ ଥାନା ଅଧୀନ ଟ୍ରେଜେରୀ ଅଫିସ୍ ନିକଟସ୍ଥ କଲୋନୀରେ ଏପରି ଏକ ଅଘଟଣ ଘଟିଛି। ମୃତ ଛାତ୍ରଜଣଙ୍କ ହେଲେ, ତିହିଡ଼ି ଥାନା ନୁନ୍ଦର ଗାଁର ଜ୍ୟୋତିପ୍ରକାଶ ବାରିକ। ପୁଲିସ ଜ୍ୟୋତିଙ୍କ ଶବକୁ ବ୍ୟବଚ୍ଛେଦ କରାଇ ପରିବାରଲୋକଙ୍କୁ ହସ୍ତାନ୍ତର କରିବା ସହ ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।



ସୂଚନାନୁଯାୟୀ, ଜ୍ୟୋତି ଭୁବନେଶ୍ୱରରେ ରହି ନିଟ୍ ପାଇଁ ପ୍ରସ୍ତୁତ ହେଉଥିଲେ। ପ୍ରଥମ ନିଟ୍ ପରୀକ୍ଷାରେ ସେ ବିଫଳ ହେବା ପରେ ସେ ବାପା-ମା'ଙ୍କ ସହ ଭଦ୍ରକ ସହରରେ ରହି ପାଠ ପଢୁଥିଲେ। ବାପା ଗିରିଧାରୀ ବାରିକଙ୍କ ଭଦ୍ରକ ସହରରେ ଏକ ଚା' ଦୋକାନ ରହିଥିବା ବେଳେ ଟ୍ରେଜେରୀ ଅଫିସ୍ ନିକଟସ୍ଥ କଲୋନୀରେ ସେମାନେ ଏକ ଭଡ଼ାଘରେ ରହୁଥିଲେ। ତେବେ ଜ୍ୟୋତି ଦ୍ୱିତୀୟଥର ନିଟ୍ ପରୀକ୍ଷା ଦେଇଥିବା ବେଳେ ସେ ପରୀକ୍ଷାରେ ଦେଇଥିବା ଉତ୍ତରକୁ ସମୀକ୍ଷା କରିଥିଲେ। ପରୀକ୍ଷା ଫଳ ଏଥର ମଧ୍ୟ ଖରାପ ହେବ ବୋଲି ତାଙ୍କର ଆଶଙ୍କା ହୋଇଥିଲା। ଏହି ଚିନ୍ତା ତାଙ୍କୁ ଭିତରୁ ଭିତରୁ ଖାଇ ଯାଉଥିଲା। ଅନେକ ସମୟରେ ସେ ବିଷାଦଗ୍ରସ୍ତ ରହୁଥିଲେ। ଏପରିକି, ଭବିଷ୍ୟତରେ ସେ କିଛି କରିପାରିବେ ନାହିଁ ବୋଲି ପରିବାରଲୋକଙ୍କୁ ବାରମ୍ବାର କହୁଥିଲେ। ଆଜି ତାଙ୍କ ବାପା ଦୋକାନକୁ ଏବଂ ମା' କାମକୁ ଯାଇଥିବା ବେଳେ ଏକୁଟିଆର ସୁଯୋଗ ନେଇ ସେ ବେକରେ ରଶି ଦେଇ ସିଲିଂ ଫ୍ୟାନ୍‌ରେ ଝୁଲି ପଡ଼ିଥିଲେ ବୋଲି ତାଙ୍କ ପରିବାର ପକ୍ଷରୁ ସୂଚନା ଦିଆଯାଇଛି। ଗିରିଧାରୀ ତାଙ୍କୁ ଉଦ୍ଧାର କରି ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ ହେଁ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଏହି ଘଟଣାକୁ ନେଇ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

# କୋର୍ଟ ପରିସରରୁ ଚମ୍ପଟ ମାରିଲା ଅଭିଯୁକ୍ତ



ଭଦ୍ରକ, ୭।୫(ସମିସ): କୋର୍ଟ ପରିସରରୁ ପୁଲିସ ହାତରୁ ଖସି ଚମ୍ପଟ ମାରିଲା ଅଭିଯୁକ୍ତ। ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ ବାଁଶଡା ଥାନାରୁ ଜଣେ ଅଭିଯୁକ୍ତକୁ କୋର୍ଟରେ ହାଜର ପାଇଁ ଚାନ୍ଦବାଲି କୋର୍ଟକୁ ନିଆଯାଇଥିଲା। ମାତ୍ର କୋର୍ଟରେ ହାଜର ପୂର୍ବରୁ ସେ ପୁଲିସ ହେପାଜତରୁ ଚମ୍ପଟ ମାରିଥିଲା। ଅଭିଯୁକ୍ତଜଣଙ୍କ ହେଉଛି, ବାଁଶଡ଼ା ଥାନା ଅଧୀନ କୁଆମରା ଗାଁର ଦେବବ୍ରତ ଦାସ। ସେ ଆଇପିସି ୩୭୬ରେ ଗିରଫ ହୋଇଥିଲା। ପୁଲିସର ଖାମଖିଆଲି ଯୋଗୁଁ ସେ କୋର୍ଟ ପରିସରରେ ପୁଲିସ ହାତରୁ ଉକ୍ତ ଅଭିଯୁକ୍ତ ଖସି ଫେରାର୍ ହୋଇଯାଇଥିବା କୁହାଯାଉଛି। ପୁଲିସ ଖୋଜାଖୋଜି ଜାରି ରଖିଥିବା ବେଳେ ଖବର ଲେଖା ହେବା ପର୍ଯ୍ୟନ୍ତ କୌଣସି ସନ୍ଧାନ ପାଇନଥିବା ସୂଚନା ମିଳିଛି।

# ଜଳସେଚନ କାର୍ଯ୍ୟାଳୟରେ କ୍ୟାସିୟରଙ୍କ ମୃତ୍ୟୁ



ଭଦ୍ରକ, ୭।୫ (ସମିସ): ଭଦ୍ରକ ଜିଲ୍ଲା ଚାନ୍ଦବାଲି ଜଳସେଚନ ବିଭାଗ ଅଫିସ୍‌ରେ କାର୍ଯ୍ୟରତ କ୍ୟାସିୟରଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ମୃତକ ହେଲେ, ଜଗତସିଂହପୁର ଜିଲ୍ଲା ମାଛଗାଁର କମଳାକାନ୍ତ ସ୍ୱାଇଁ। ସେ ପାଖାପାଖି ବର୍ଷେ ହେବ ଚାନ୍ଦବାଲି ଜଳସେଚନ ବିଭାଗ ଅଫିସରେ କାର୍ଯ୍ୟ କରୁଥିଲେ। ତାଙ୍କ ସମ୍ପର୍କୀୟ ଭାଇ ଦେବାଶିଷ ମହାନ୍ତିଙ୍କ କହିବାନୁଯାୟୀ, ଗତରାତିରେ କମଳାକାନ୍ତ ଅଫିସ୍‌ରେ ଥିଲେ। ଭଡ଼ାଘରକୁ ନ ଫେରିବାରୁ ସେ ତାଙ୍କ ପାଇଁ ଖାଇବା ନେଇ ଅଫିସକୁ ଯାଇଥିଲେ। କମଳାକାନ୍ତ ଖାଇସାରିବା ପରେ ଅଫିସ୍ ରୁମ୍‌ରେ ଶୋଇଥିଲେ। କିନ୍ତୁ ଆଜି ସକାଳୁ ଆଉ ଉଠି ନଥିଲେ। ଖବର ପାଇ ଜଳସେଚନ ବିଭାଗର ଏସ୍‌ଡି ସୂରଜ ମଲ୍ଲିକ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଚାନ୍ଦବାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ସ୍ଥାନୀୟ ଲୋକ ତାଙ୍କ ମୃତ୍ୟୁକୁ ନେଇ ସନ୍ଦେହ ପ୍ରକାଶ କରିଛନ୍ତି। କେଉଁ କାରଣରୁ କମଳାକାନ୍ତ ଗତରାତିରେ ଅଫିସରେ ରହିଥିଲେ? କାମଚାପ ନା ଆଉ କିଛି କାରଣରୁ ତାଙ୍କର ମୃତ୍ୟୁ ହୋଇଛି, ତାହାକୁ ନେଇ ସନ୍ଦେହ ପ୍ରକାଶ ପାଇଛି। ପୁଲିସ ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା କରିଛି। ସେଥିରୁ ମୃତ୍ୟୁ ରହସ୍ୟ ଉପରୁ ପରଦା ହଟିବ ବୋଲି ପୁଲିସ ଆଶାବାଦୀ ରହିଛି।

**ଗୁଜରାଟ ନିବେଶକ ସମ୍ମିଳନୀ**

# ୪୮,୩୩୦ କୋଟି ଟଙ୍କାର ପୁଞ୍ଜିନିବେଶ ପ୍ରତିଶ୍ରୁତି

ଭୁବନେଶ୍ୱର, ୭।୫(ସମିସ): ଶିଳ୍ପାୟନ ଓ ନିଯୁକ୍ତି କ୍ଷେତ୍ରରେ ଆଗାମୀ ଦଶ ବର୍ଷ ଓଡ଼ିଶା ପାଇଁ 'ସୁବର୍ଣ୍ଣ ଦଶକ' ହେବ। ଓଡ଼ିଶାରେ ପୁଞ୍ଜି ନିବେଶ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତିନିଦିନିଆ ଗୁଜରାଟ ଗସ୍ତ ସାରି ଗୁରୁବାର ସନ୍ଧ୍ୟାରେ ଭୁବନେଶ୍ୱର ଫେରିବା ଅବସରରେ ଗଣମାଧ୍ୟମକୁ ଉପରୋକ୍ତ ପ୍ରତିକ୍ରିୟା ରଖିଛନ୍ତି। ଏହି ଗସ୍ତ ଅବସରରେ ସେ ଅହମଦାବାଦ, ମୁନ୍ଦ୍ରା, ଏକତା ନଗର ଓ ଭଦୋଦରା ଗସ୍ତ କରି ବିଭିନ୍ନ ଶିଳ୍ପପତି ଓ ଶିଳ୍ପପ୍ରତିନିଧିମାନଙ୍କ ସହିତ ଆଲୋଚନା କରିଛନ୍ତି। ଗୁଜରାଟ ରୋଡ୍-ଶୋ'ରେ ମୋଟ ୭୧ଟି ନିବେଶ ପ୍ରସ୍ତାବ (୮ଟି ଏମଓୟୁ ଏବଂ ୬୩ଟି ନିବେଶ ଆଗ୍ରହ ପତ୍ର) ମିଳିଛି। ଯଦ୍ୱାରା ଓଡ଼ିଶା ପାଇଁ ସମୁଦାୟ ୪୮,୩୦୦ କୋଟି ଟଙ୍କାର ପୁଞ୍ଜି ନିବେଶ ପ୍ରତିଶ୍ରୁତି ଓ ପ୍ରସ୍ତାବ ମିଳିଛି। ଏହାଦ୍ୱାରା ୬୭,୮୩୮ରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ମୁଖ୍ୟମନ୍ତ୍ରୀ ସୂଚନା ପ୍ରଦାନ କରିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ପାରାଦୀପ, ଧାମରା ଓ ଗୋପାଳପୁର ପରି ବନ୍ଦର ଯୋଗୁ ଓଡ଼ିଶା ପୂର୍ବ-ଏସିଆ, ଦକ୍ଷିଣ ପୂର୍ବ-ଏସିଆ ଏବଂ ସମଗ୍ର ଇଣ୍ଡୋ-ପାସିଫିକ୍ ଅଞ୍ଚଳର ଦେଶମାନଙ୍କ ପାଇଁ ଏକ ପ୍ରବେଶ ଦ୍ୱାର ବା ଗେଟ୍-ୱେ ଭାବରେ ସୁଯୋଗ ସୃଷ୍ଟି କରୁଛି । ତେଣୁ ଓଡ଼ିଶାର ବନ୍ଦରଭିତ୍ତିକ ବିକାଶର ଉଦ୍ୟମ ଅତ୍ୟନ୍ତ ବାସ୍ତବବାଦୀ। ଅଭିବୃଦ୍ଧି ପାଇଁ ଏହି ରଣନୈତିକ ପ୍ରସ୍ତାବ ଉପରେ ଶିଳ୍ପପତିମାନେ ସମ୍ପୂର୍ଣ୍ଣ ଭାବେ ସହମତ ହୋଇଛନ୍ତି ଓ ଓଡ଼ିଶାରେ ବନ୍ଦରଭିତ୍ତିକ ବିକାଶ ପାଇଁ ସହଯୋଗ କରିବାକୁ ଆଗ୍ରହ ପ୍ରକାଶ କରିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଇନ୍‌ଭେଷ୍ଟର୍ସ ମିଟ୍‌ରେ ଗ୍ରୀନ୍ ଏନର୍ଜି, ସେମି-କଣ୍ଡକ୍ଟର, ରେଆର୍ ଆର୍ଥ, କେମିକାଲ୍ସ, ଫାର୍ମାସ୍ୟୁଟିକାଲ୍‌ସ, ମେଟାଲ୍ ଡାଉନ୍‌ଷ୍ଟ୍ରିମ୍, ଏରୋ-ସ୍ପେସ୍ ଓ ଡିଫେନ୍ସ, ଫୁଡ୍-ପ୍ରୋସେସିଂ, ଆପାରେଲ୍ ଓ ଟେକ୍ସଟାଇଲ୍, ଟୁରିଜିମ୍, ଆଇ.ଟି ଓ ଆଇଟିଇଏସ୍, ଲଜିଷ୍ଟିକ୍ସ, ଇନ୍‌ଫ୍ରାଷ୍ଟ୍ରକ୍ଚର୍, କ୍ୟାପିଟାଲ୍ ଗୁଡ୍‌ସ ଏବଂ ଶକ୍ତି କ୍ଷେତ୍ରରେ ନିବେଶ ସୁଯୋଗ ସୃଷ୍ଟି ହୋଇଛି।





ଏହି ତିନିଦିନରେ ବିଭିନ୍ନ କାର୍ଯ୍ୟକ୍ରମରେ ୭୦୦ରୁ ଅଧିକ ଶିଳ୍ପ ପ୍ରତିନିଧି ଯୋଗ ଦେଇଥିଲେ । ମୁଖ୍ୟମନ୍ତ୍ରୀ ନିଜେ ୧୩୨ ଜଣ ବିଶିଷ୍ଟ ଶିଳ୍ପପତି ଏବଂ ଶିଳ୍ପ ପ୍ରତିନିଧିମାନଙ୍କ ସହିତ ବ୍ୟକ୍ତିଗତ ଭାବେ ଆଲୋଚନା (ୱାନ୍-ଟୁ-ୱାନ୍) କରିଥିଲେ। ଗୁରୁବାର ଭଦୋଦରା'ରେ (ବରୋଦା) ଅନୁଷ୍ଠିତ ନିବେଶକ ସମ୍ମିଳନୀ ରୋଡ୍-ଶୋ'କୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ପଶ୍ଚିମ ଭାରତ ପୂର୍ବରୁ ହିଁ ଭାରତର ଶିଳ୍ପ ଅଭିବୃଦ୍ଧିର ନେତୃତ୍ୱ ନେଇସାରିଛି। ବର୍ତ୍ତମାନ 'ବିକଶିତ ଭାରତ' ପାଇଁ ପୂର୍ବ ଭାରତର ବିକାଶ ଜରୁରୀ ଏବଂ ଓଡ଼ିଶା ଏହି ପରିବର୍ତ୍ତନର ନେତୃତ୍ୱ ନେବାକୁ ପ୍ରସ୍ତୁତ। ମୁଖ୍ୟମନ୍ତ୍ରୀ ଶିଳ୍ପଗୁଡ଼ିକୁ ପ୍ରତିଶ୍ରୁତି ଦେଇଛନ୍ତି ଯେ, ଓଡ଼ିଶାର 'ଗୋ-ସ୍ୱିଫ୍ଟ' ସିଙ୍ଗଲ୍ ୱିଣ୍ଡୋ କ୍ଲିୟରାନ୍ସ ବ୍ୟବସ୍ଥା ମାଧ୍ୟମରେ ନିବେଶକମାନଙ୍କୁ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦିଆଯିବ।

**ଜଗା ଦର୍ଶନ ହେଲା ଶେଷ ଦର୍ଶନ**

# ରଥଖଳା ନିକଟରେ ଟଳିପଡ଼ିଲେ ଶ୍ରଦ୍ଧାଳୁ

ପୁରୀ, ୭।୫(ସମିସ): ଜଗା ଦର୍ଶନ ହେଲା ଶେଷ ଦର୍ଶନ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ସାରି ଫେରୁଥିବା ବେଳେ ଜଣେ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ, କଟକ ସିଡିଏ ଅଞ୍ଚଳର ବିଚିତ୍ରାନନ୍ଦ ବେହେରା(୭୦)। ପରିବାର ସହ ସେ ଆଜି ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସିଥିଲେ। ଅପରାହ୍ଣରେ ସେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କରି ଫେରିଥିଲେ। ରଥଖଳା ନିକଟରେ ପହଞ୍ଚିବା ପରେ ସେ ହଠାତ୍ ଅସୁସ୍ଥ ଅନୁଭବ କରିଥିଲେ। କେହି କିଛି ବୁଝିବା ପୂର୍ବରୁ ସେ ହଠାତ୍ ଟଳିପଡ଼ିଥିଲେ। ପରିବାରଲୋକ ତାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସରେ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। ମାତ୍ର, ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଜଗା ଦର୍ଶନ ପରେ ହିଁ ତାଙ୍କର ଶେଷ ଦର୍ଶନ ହୋଇଯିବ ଏହା ସମ୍ପର୍କୀୟମାନେ କେବେ ଭାବି ନ ଥିଲେ। କିନ୍ତୁ ଶ୍ରୀକ୍ଷେତ୍ରରେ ହିଁ ତାଙ୍କର ଜୀବନ ଦୀପ ଲିଭିଗଲା। ଅନ୍ୟପକ୍ଷରେ ବିଚିତ୍ରାନନ୍ଦଙ୍କ ମୃତ୍ୟୁକୁ ନେଇ ଲୋକେ କହୁଛନ୍ତି 'ମହାପ୍ରଭୁ ତାଙ୍କୁ ନିଜ ପାଖକୁ ଡାକି ନେଇଗଲେ। ଶ୍ରୀକ୍ଷେତ୍ରରେ ଦେହତ୍ୟାଗ ପୁଣ୍ୟ ଅର୍ଜନ କରାଏ। ସିଂହଦ୍ୱାର ଥାନା ପୁଲିସ ମେଡିକାଲରେ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। କିନ୍ତୁ ପରିବାରଲୋକେ ବ୍ୟବଚ୍ଛେଦ କରିବାକୁ ରାଜି ହୋଇନଥିଲେ। ସେମାନେ ପୁଲିସକୁ ଲିଖିତ ଭାବେ ଜଣାଇବା ପରେ ପରିବାରଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଥିଲା। ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା କହିଛନ୍ତି ସିଂହଦ୍ୱାର ଥାନାଧିକାରୀ ଶ୍ୱେତପଦ୍ମା ଦାଶ।

# ଓଡ଼ିଶାରେ ସଡ଼କ ଭିତ୍ତିଭୂମି ଉନ୍ନୟନ ପାଇଁ ୭୬୯ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ମଞ୍ଜୁର କଲେ କେନ୍ଦ୍ର ସରକାର

- ସିଆର୍‌ଆଇଏଫ୍ ଅଧୀନରେ ୧୦ଟି ଗୁରୁତ୍ୱପୂର୍ଣ୍ଣ ସଡ଼କ ପ୍ରକଳ୍ପ ହେବ କାର୍ଯ୍ୟକାରୀ
- ପ୍ରଧାନମନ୍ତ୍ରୀ ଓ କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀଙ୍କୁ ଧନ୍ୟବାଦ ଦେଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୭।୫(ସମିସ): ଓଡ଼ିଶାର ସଡ଼କ ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ଆଜି କେନ୍ଦ୍ର ସରକାର ୧୦ଟି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ପାଇଁ ୭୬୯ କୋଟି ଟଙ୍କାରୁ ଅଧିକ ଅର୍ଥ ମଞ୍ଜୁର କରିଛନ୍ତି। ୨୦୨୬-୨୭ ବର୍ଷ ପାଇଁ କେନ୍ଦ୍ରୀୟ ସଡ଼କ ଓ ଭିତ୍ତିଭୂମି ପାଣ୍ଠି (ସିଆରଆଇଏଫ୍) ଦ୍ୱାରା ଅନୁମୋଦନ ହୋଇଥିବା ଏହି ସବୁ ପ୍ରକଳ୍ପଗୁଡିକ ମଧ୍ୟରେ ୫୨.୬୯ କୋଟିରୁ ଅଧିକ ଟଙ୍କାରେ ଝାରସୁଗୁଡ଼ା ଜିଲ୍ଲାର ଦଳଗାଁ-ତିଲିଆ ଏବଂ ଚାରପାଲି ଡଙ୍ଗାଘାଟ ରାସ୍ତା ସହ ରାମପେଲା ଆପ୍ରୋଚ୍ ବ୍ରିଜ୍ ନିର୍ମାଣ, ୧୪୬ କୋଟିରୁ ଅଧିକ ଟଙ୍କାରେ ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ଟାଟା ବେଞ୍ଜ୍ ଛକରୁ ଏମ୍‌କେସିଜି ପର୍ଯ୍ୟନ୍ତ ଫ୍ଲାଇଓଭର, ୧୬୮.୨୬ କୋଟିରୁ ଅଧିକ ଟଙ୍କାରେ ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ଗିରିରୋଡ୍ ଛକରୁ ପୁରୁଣା ବସ୍‌ଷ୍ଟାଣ୍ଡ ପର୍ଯ୍ୟନ୍ତ ଫ୍ଲାଇଓଭର, ୩୮.୪୬ କୋଟିରୁ ଅଧିକ ଟଙ୍କାରେ କୋରାପୁଟ ଜିଲ୍ଲା ସେମିଲିଗୁଡ଼ା-ହାଣ୍ଡିପୁଟ ରାସ୍ତା ଉନ୍ନତୀକରଣ, ୧୫.୨୦ କୋଟିରୁ ଅଧିକ ଟଙ୍କା ବିନିଯୋଗରେ କୋରାପୁଟ ଜିଲ୍ଲା ଲମତାପୁଟ୍-ମାଛକୁଣ୍ଡ ରାସ୍ତା ଉନ୍ନତୀକରଣ ଅନ୍ତର୍ଭୁକ୍ତ ରହିଛି। ସେହିପରି ୩୨.୬୨ କୋଟିରୁ ଅଧିକ ଟଙ୍କା ବିନିଯୋଗରେ ନବରଙ୍ଗପୁର ଜିଲ୍ଲା ଉମରକୋଟ୍-ଚନ୍ଦାହାଣ୍ଡି-ମାଲଗାଁ ରାସ୍ତା ପ୍ରଶସ୍ତିକରଣ, ୪୫.୫୨ କୋଟିରୁ ଅଧିକ ଟଙ୍କା ବିନିଯୋଗରେ ଗଜପତି ଜିଲ୍ଲା ଅଡ଼ବା-ପାଣିଗଣ୍ଡା ରାସ୍ତା ପ୍ରଶସ୍ତୀକରଣ, ୨୪.୮୦ କୋଟିରୁ ଅଧିକ ଟଙ୍କା ବିନିଯୋଗରେ ଗଜପତି ଜିଲ୍ଲା ରାମଗିରି-ଜିରାଙ୍ଗ-ନାରାୟଣପୁର ରାସ୍ତା ସୁଦୃଢ଼ୀକରଣ, ୬୧.୧୧ କୋଟିରୁ ଅଧିକ ଟଙ୍କା ବିନିଯୋଗରେ ନୂଆପଡା ଜିଲ୍ଲା ଖରିଆର୍ ରୋଡ୍-ଆମୋଦୀ-ବେଲଟୁକୁରି ରାସ୍ତା ପ୍ରଶସ୍ତୀକରଣ ଏବଂ ୧୮୪.୯୭ କୋଟିରୁ ଅଧିକ ଟଙ୍କା ବିନିଯୋଗରେ ବାଲେଶ୍ୱର ଜିଲ୍ଲା ଜଳେଶ୍ୱର-ବାଟଗ୍ରାମ-ଚନ୍ଦନେଶ୍ୱର ରାସ୍ତା ଉନ୍ନତୀକରଣ କାର୍ଯ୍ୟ ମଧ୍ୟ କରାଯିବ।

ଏଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନିତିନ ଗଡ଼କରୀଙ୍କୁ ସାମାଜିକ ଗଣମାଧ୍ୟମ 'ଏକ୍ସ' ଜରିଆରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କୃତଜ୍ଞତା ଓ ଧନ୍ୟବାଦ ପ୍ରକାଶ କରିଛନ୍ତି। ଏହି ପ୍ରକଳ୍ପଗୁଡିକ ବିଶେଷକରି ରାଜ୍ୟର ଉପାନ୍ତ ଓ ଦୁର୍ଗମ ଅଞ୍ଚଳରେ ଯୋଗାଯୋଗ ବ୍ୟବସ୍ଥାରେ ବୈପ୍ଳବିକ ପରିବର୍ତ୍ତନ ଆଣିବ ବୋଲି ପ୍ରକାଶ କରି ଓଡ଼ିଶାରେ ଭିତ୍ତିଭୂମି ଉନ୍ନୟନ ପାଇଁ କେନ୍ଦ୍ର ସରକାରଙ୍କ ନିରନ୍ତର ସହଯୋଗ ଜାରି ରହିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଉପାନ୍ତ ଜିଲ୍ଲାରୁ ନେଇ ଉପକୂଳ ଜିଲ୍ଲା ପର୍ଯ୍ୟନ୍ତ ଏହି ଗୁରୁତ୍ୱପୂର୍ଣ୍ଣ ସଡ଼କ ପ୍ରକଳ୍ପଗୁଡିକ ସ୍ଥାନୀୟ ଜନସାଧାରଣଙ୍କ ପାଇଁ ଗମନାଗମନ, ଶିକ୍ଷା, ସ୍ୱାସ୍ଥ୍ୟ ଓ ବାଣିଜ୍ୟ ବ୍ୟବସାୟ କ୍ଷେତ୍ରରେ ନୂତନ ସୁଯୋଗ ସୃଷ୍ଟି କରିବା ସହିତ ସ୍ଥାନୀୟ ଅର୍ଥନୀତିକୁ ସମୃଦ୍ଧ କରିବାରେ ବେଶ୍ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି।

**ଇକୋ-ସେନ୍‌ସିଟିଭ୍ ଜୋନ୍‌ରେ ବେଆଇନ ନିର୍ମାଣ**

# ସରକାରଙ୍କୁ ଆଉ ଦୁଇ ମାସର ମହଲତ

ବାରିପଦା, ୭।୫(ସମିସ): ଜାତୀୟ ଉଦ୍ୟାନ ଶିମିଳିପାଳ ପାଦଦେଶର ସମ୍ବେଦନଶୀଳ ଅଞ୍ଚଳରେ ବେଆଇନ ଗୃହ ନିର୍ମାଣ ଓ ଗଛକଟା ଘଟଣାରେ ଜାତୀୟ ସବୁଜ ପ୍ରାଧିକରଣ (ଏନ୍‌ଜିଟି) ଉତ୍ତର ଦାଖଲ ପାଇଁ ଓଡ଼ିଶା ସରକାରଙ୍କୁ ଆଉ ଦୁଇ ମାସର ମହଲତ ଦେଇଛନ୍ତି। ଯୁବକ ପରିବେଶ ସୁରକ୍ଷା ଟ୍ରଷ୍ଟ ଦ୍ୱାରା ଦାଖଲ ଏକ ପରିବେଶ ମାମଲାରେ କୋଲକାତାସ୍ଥିତ ଏନ୍‌ଜିଟି ପୂର୍ବାଞ୍ଚଳ ବେଞ୍ଚ ଓଡ଼ିଶା ସରକାରଙ୍କ ସମେତ ଅନ୍ୟ ପ୍ରତିପକ୍ଷମାନଙ୍କୁ ଉତ୍ତର ଦାଖଲ କରିବା ପାଇଁ ଆଉ ଦୁଇ ମାସ ସମୟ ଦେଇଛନ୍ତି। ମାମଲାର ବିଚାର କରି ଜଷ୍ଟିସ୍ ଅରୁଣ କୁମାର ତ୍ୟାଗୀ (ଜୁଡିସିଆଲ୍ ମେମ୍ବର) ଏବଂ ଡ ଏ ସେନ୍ଥିଲ୍ ଭେଲ୍ (ଏକ୍ସପର୍ଟ ମେମ୍ବର)ଙ୍କ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି। ପୂର୍ବରୁ, ଗତ ଫେବ୍ରୁଆରି ୨୪ରେ ସମସ୍ତ ପ୍ରତିପକ୍ଷଙ୍କୁ ଏକ ମାସ ମଧ୍ୟରେ ଉତ୍ତର ଦାଖଲ କରିବାକୁ ସୁଯୋଗ ଦିଆଯାଇଥିଲା। କିନ୍ତୁ ରାଜ୍ୟ ସରକାର ଅଧିକ ସମୟ ଲୋଡ଼ିଥିଲେ। ଏହାକୁ ବିଚାରକୁ ନେଇ ଖଣ୍ଡପୀଠ ଅତିରିକ୍ତ ଦୁଇ ମାସର ମହଲତ ଦେଇଛନ୍ତି। ତେବେ, ଅନ୍ୟ ୩ ପ୍ରତିପକ୍ଷଙ୍କ ପକ୍ଷରୁ କେହି ହାଜର ହୋଇନଥିଲେ। ତେଣୁ, ସେମାନଙ୍କୁ ପୁନଃ ନୋଟିସ୍ ଜାରି କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ପରବର୍ତ୍ତୀ ଶୁଣାଣି ଅଗଷ୍ଟ ୪ତାରିଖକୁ ଧାର୍ଯ୍ୟ କରାଯାଇଛି। ଆବେଦନକାରୀ ପକ୍ଷରୁ ଓକିଲ ଶଙ୍କର ପ୍ରସାଦ ପାଣି ଓ ଆଶୁତୋଷ ପାଢ଼ୀ ଉପସ୍ଥିତ ଥିଲେ। ଓଡ଼ିଶା ସରକାର ପକ୍ଷରୁ ସଞ୍ଜୟ କୁମାର ସିଂହ ଓ ଉତ୍କର୍ଷ ଚନ୍ଦ୍ର ଉପସ୍ଥିତ ଥିଲେ।

# ବଜ୍ରପାତ ନେଲା ଶାଶୂ-ବୋହୂଙ୍କ ଜୀବନ

ଭଞ୍ଜନଗର, ୭।୫(ସମିସ): ବଜ୍ରପାତ ନେଲା ଶାଶୂ-ବୋହୂଙ୍କ ଜୀବନ। ଭଞ୍ଜନଗର ତହସିଲ ଅନ୍ତର୍ଗତ ମୁଦୁଲିପଲ୍ଲୀ ଗାଁରେ ଗୁରୁବାର ଏପରି ଏକ ଅଘଟଣ ଘଟିଛି। ମୃତକଦ୍ୱୟ ହେଲେ, ଗ୍ରାମର ଶୈଳ ବିଷୋୟୀ(୬୫) ଓ ତାଙ୍କ ବୋହୂ ସନ୍ତୋଷିନୀ ବିଷୋୟୀ (୩୫)। ଉଭୟ ଆଜି ଜମିକୁ ଚାଷ କାର୍ଯ୍ୟ ଦେଖିବାକୁ ଯାଇଥିଲେ। ଏହି ସମୟରେ ହଠାତ୍ ବର୍ଷା-ପବନ ମାଡ଼ି ଆସିବାରୁ ଦୁହେଁ ତରତର ହୋଇ ଘରକୁ ଫେରୁଥିଲେ। ଏହି ସମୟରେ ବର୍ଷା ହେବାରୁ ସେମାନେ ପାଖରେ ଥିବା ଏକ ବାଉଁଶବୁଦା ମୂଳେ ଆଶ୍ରୟ ନେଇଥିଲେ। କିନ୍ତୁ, ସେଠାରେ ଏକ ବଜ୍ରପାତ ହେବାରୁ ଦୁହେଁ ଗୁରୁତର ହୋଇପଡ଼ିଥିଲେ। ପବନରେ ବାଉଁବୁଦା ମଧ୍ୟ ସେମାନଙ୍କ ଉପରେ ପଡ଼ିଯିବାରୁ ଦୁହେଁ ଚାପି ହୋଇଯାଇଥିଲେ। ନିକଟସ୍ଥ ଚାଷ ଜମିରେ କାମ କରୁଥିବା ଅନ୍ୟମାନେ ଦେଖିବା ପରେ ତୁରନ୍ତ ଗାଁକୁ ଖବର ଦେଇଥିଲେ। ଆମ୍ବୁଲାନ୍ସ ଓ ଦମକଳବାହିନୀ ପହଞ୍ଚି ବାଉଁଶ ବୁଦାମୂଳରୁ ଉଭୟଙ୍କୁ ଉଦ୍ଧାର କରି ଭଞ୍ଜନଗର ମେଡିକାଲରେ ଭର୍ତ୍ତି କରାଇଥିଲେ। ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାରଲୋକଙ୍କୁ ହସ୍ତାନ୍ତର କରିଛି। ଏଥିସହ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

# ଅନୁଗୋଳ ସହରରେ ପୁଣି ସେକ୍ସ ରାକେଟ

**ଘର ମାଲିକ ଗିରଫ; ୨ ଦେହଜୀବୀ ଉଦ୍ଧାର**

**୨ ଗ୍ରାହକ ଫେରାର୍**

ଅନୁଗୋଳ, ୭।୫(ସମିସ): ଅନୁଗୋଳ ସହରରେ ପୁଣି ଏକ ସେକ୍ସ ରାକେଟ ଠାବ କରିଛି ପୁଲିସ। ସହରର ସୌଭାଗ୍ୟନଗରରେ ଥିବା ଏକ ଘରେ ପୁଲିସ ଚଢ଼ଉ କରି ଘର ମାଲିକ ପ୍ରଦୀପ କୁମାର ରାଉତରାୟଙ୍କୁ ଗିରଫ କରିବା ସହ ତାଙ୍କ ଘରୁ ୨ଜଣ ଦେହଜୀବୀଙ୍କୁ ଉଦ୍ଧାର କରିଛି। ତେବେ ୨ଜଣ ଗ୍ରାହକ ଫେରାର୍ ହୋଇଯାଇଛନ୍ତି।

ପ୍ରଦୀପ ଘରେ ଏକୁଟିଆ ରୁହନ୍ତି। ତାଙ୍କ ସ୍ତ୍ରୀ ଓ ପରିବାରଲୋକେ ବାହାରେ ରହୁଛନ୍ତି। ସେ ଦୀର୍ଘବର୍ଷ ହେଲା ନିଜ ଘରକୁ ରୂପଜୀବୀମାନଙ୍କୁ ଡକାଇ ସେକ୍ସ ରାକେଟ ଚଳାଇଥିଲେ। ବୁଧବାର ମଧ୍ୟ ଘରକୁ ୨ ରୂପଜୀବୀ ଓ ୨ ଗ୍ରାହକଙ୍କୁ ଡକାଇ ଏହି ଅନୈତିକ କାର୍ଯ୍ୟ ଚଳାଇଥିଲେ। କୌଣସି ସୂତ୍ରରୁ ଖବର ପାଇ ଅନୁଗୋଳ ଥାନା ଆଇଆଇସି ପ୍ରକାଶ ମାଝୀ ସଦଳବଳ ସେଠାରେ ଚଢ଼ଉ କରିଥିଲେ। ପୁଲିସ୍ ଚଢ଼ଉ ବେଳେ ଦୁଇ ଗ୍ରାହକ ଖସି ପଳାଇବାରେ ସକ୍ଷମ ହୋଇଥିଲେ। ପୁଲିସ ସେଠାରୁ ବହୁ ଆପତ୍ତିଜନକ ସାମଗ୍ରୀ ଜବତ କରିଛି। ତେବେ ଘର ମାଲିକ ରାଉତରାୟ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ରୂପଜୀବୀମାନଙ୍କୁ ନିଜ ଘରକୁ ଆଣି ଏହି ରାକେଟ ଚଳାଉଥିବା ଜଣାଯାଇଛି।

ସୂଚନାଯୋଗ୍ୟ, ଗତ ମାସକ ମଧ୍ୟରେ ଟାଉନ୍ ଥାନା ପୁଲିସ୍ ଦ୍ୱିତୀୟ ଥର ପାଇଁ ସେକ୍ସ ରାକେଟ୍ ଠାବ କରିଛି। ଗତ ମାସ ୯ ତାରିଖରେ ପୁଲିସ୍ ସହର ଉପକଣ୍ଠ ତୁରଙ୍ଗଠାରେ ଏକ ଲଜ୍‌ରେ ଚାଲିଥିବା ସେକ୍ସ ରାକେଟ୍‌ର ପର୍ଦ୍ଦାଫାସ କରିଥିଲା। ଏହି ଘଟଣାରେ ପୁଲିସ୍ ଲଜ୍ ମାଲିକ, ମ୍ୟାନେଜର୍ ସମେତ ୨ଗ୍ରାହକଙ୍କୁ ଗିରଫ କରିବା ସହିତ ୪ ଦେହଜୀବୀଙ୍କୁ ଉଦ୍ଧାର କରିଥିଲା।

# ଲାଞ୍ଜିଗଡ଼ରେ ବେଦାନ୍ତର ପ୍ରଥମ ୨୪ ଘଣ୍ଟିଆ ଟେଲିମେଡିସିନ୍ ବ୍ୟବସ୍ଥା

- ଉଦ୍‌ଘାଟନ କଲେ ସ୍ୱାସ୍ଥ୍ୟମନ୍ତ୍ରୀ
- କଳାହାଣ୍ଡିର ୭୦ ଗାଁର ୭୦ ହଜାରରୁ ଅଧିକ ଲୋକ ପାଇବେ ସୁବିଧା

ଭୁବନେଶ୍ୱର, ୭।୫(ସମିସ): କଳାହାଣ୍ଡିରେ ସ୍ୱାସ୍ଥ୍ୟସେବା ପହଞ୍ଚକୁ ସୁଦୃଢ଼ କରିବା ଲକ୍ଷ୍ୟ ନେଇ ବେଦାନ୍ତ ଆଲୁମିନିୟମ୍ ପକ୍ଷରୁ ଲାଞ୍ଜିଗଡ଼ରେ ପ୍ରଥମ ୨୪ଘଣ୍ଟିଆ ଟେଲିମେଡିସିନ୍ ବ୍ୟବସ୍ଥା ଆରମ୍ଭ ହୋଇଛି। ଏଥିପାଇଁ ବେଦାନ୍ତ ଲାଞ୍ଜିଗଡ଼ ହସ୍ପିଟାଲରେ ସହାୟତା ପରାମର୍ଶ ପାଇଁ ଏକ ଉତ୍ସର୍ଗୀକୃତ ଟେଲିମେଡିସିନ୍ ରୁମ୍ ମଧ୍ୟ ପ୍ରତିଷ୍ଠା କରାଯାଇଛି। ଟାଟା-ୱାନ୍ ଏମଜି ସହଭାଗିତାରେ ଆରମ୍ଭ ହୋଇଥିବା ଏହି ସେବାକୁ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ଆଜି ଆଭାସୀରେ ଉଦ୍‌ଘାଟନ କରିଛନ୍ତି। ଏହାସହ ଟାଟା-ୱାନ୍ ଆପ୍ ମାଧ୍ୟମରେ ହିତାଧିକାରୀମାନେ ପ୍ରାୟ ୩୦ଜଣ ବିଶେଷଜ୍ଞ ଏବଂ ସୁପର୍ ସ୍ପେସାଲିଷ୍ଟ ଡାକ୍ତରଙ୍କ ସହ ମାଗଣା ଅଡିଓ ଏବଂ ଭିଡିଓ ପରାମର୍ଶ ପାଇପାରିବେ, ଯାହା ଚିକିତ୍ସା ମାର୍ଗଦର୍ଶନ ପାଇଁ ଦୂରଦୂରାନ୍ତ ଯାତ୍ରାର ଆବଶ୍ୟକତାକୁ ହ୍ରାସ କରିବ। ଏହି ସେବା କଳାହାଣ୍ଡି ଏବଂ ଆଭ୍ୟନ୍ତରୀଣ ଅଞ୍ଚଳର ପ୍ରାୟ ୭୦ଟି ଦୂରଦୂରାନ୍ତ ଗ୍ରାମର ୭୦,୦୦୦ରୁ ଅଧିକ ଲୋକ ଉପକୃତ ହେବେ ବୋଲି ଆଶା କରାଯାଉଛି।




ଏହି ଅବସରରେ ଶ୍ରୀ ମହାଲିଙ୍ଗ କହିଛନ୍ତି, ବେଦାନ୍ତର ୨୪ଘଣ୍ଟିଆ ଟେଲିମେଡିସିନ୍ ସୁବିଧା କଳାହାଣ୍ଡିର ସମ୍ପ୍ରଦାୟ ପାଇଁ ସ୍ୱାସ୍ଥ୍ୟସେବା ଉପଲବ୍ଧତାକୁ ଉନ୍ନତ କରିବା ଦିଗରେ ଏକ ଅର୍ଥପୂର୍ଣ୍ଣ ପଦକ୍ଷେପ। ବିଶେଷକରି ଦୁର୍ଗମ ଆଦିବାସୀ ଏବଂ ଗ୍ରାମାଞ୍ଚଳରେ ଯେଉଁଠାରେ ସମୟୋଚିତ ଡାକ୍ତରୀ ପରାମର୍ଶ ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଆଣିପାରେ। ଏ ସମ୍ପର୍କରେ ବେଦାନ୍ତର ସିଇଓ(ଆଲୁମିନା ବ୍ୟବସାୟ) ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି ଯେ ଏହି ଟେଲିମେଡିସିନ୍ ସେବା ଆରମ୍ଭ ସହ ଆମେ ଶେଷ ମାଇଲ ଲୋକଙ୍କ ପାଇଁ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଉପଲବ୍ଧତାକୁ ବୃଦ୍ଧି କରୁଛୁ, ଯେଉଁମାନେ ଏହାର ସର୍ବାଧିକ ଆବଶ୍ୟକତା ରଖିଛନ୍ତି। ସମ୍ପ୍ରଦାୟସାରା, ବିଶେଷକରି କଳାହାଣ୍ଡି ଏବଂ ରାୟଗଡ଼ାରେ, ଅନେକ ଏହିପରି ଅର୍ଥପୂର୍ଣ୍ଣ ହସ୍ତକ୍ଷେପ ଦ୍ରୁତ ଗତିରେ ଏହି ଅଞ୍ଚଳଗୁଡ଼ିକୁ ରାଜ୍ୟର ସାମାଜିକ-ଅର୍ଥନୈତିକ ମୁଖ୍ୟଧାରାରେ ଆଣୁଛନ୍ତି।

**ଉଚ୍ଚ ଶିକ୍ଷାନୁଷ୍ଠାନରେ ଛାତ୍ରୀ ଅସୁରକ୍ଷିତ**

# ମନ୍ତ୍ରୀଙ୍କୁ ବିଦା କରନ୍ତୁ ମୁଖ୍ୟମନ୍ତ୍ରୀ: କଂଗ୍ରେସ

- ଅଭିଯୁକ୍ତଙ୍କୁ ଘଣ୍ଟ ଘୋଡ଼ାଉଛି ଉଚ୍ଚଶିକ୍ଷା ବିଭାଗ
- ପଦୋନ୍ନତି ପାଇ ଅଧ୍ୟାପକ ଉତ୍ସାହିତ

ଭୁବନେଶ୍ୱର, ୭।୫(ସମିସ): ଉଚ୍ଚ ଶିକ୍ଷାନୁଷ୍ଠାନରେ ଛାତ୍ରୀମାନେ ଅସୁରକ୍ଷିତ ହୋଇପଡ଼ିଛନ୍ତି। ଖୋଦ୍ ଅଧ୍ୟାପକମାନେ ଛାତ୍ରୀଙ୍କୁ ମାନସିକ ଓ ଶାରୀରିକ ନିର୍ଯାତନା ଦେଉଛନ୍ତି। ଅଭିଯୋଗ ସତ୍ତ୍ୱେ ଉଚ୍ଚଶିକ୍ଷା ବିଭାଗ କୌଣସି କାର୍ଯ୍ୟାନୁଷ୍ଠାନ ନେଉନାହିଁ; ବରଂ ଅଭିଯୁକ୍ତଙ୍କୁ ସୁରକ୍ଷା ଦେବାକୁ ତତ୍ପରତା ଦେଖାଉଥିବାରୁ ଉଚ୍ଚ ଶିକ୍ଷାନୁଷ୍ଠାନରେ ଛାତ୍ରୀଙ୍କ ସୁରକ୍ଷା ବିପନ୍ନ ହୋଇପଡ଼ିଛି। ବିଭାଗୀୟ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯଦି ଅଭିଯୁକ୍ତଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନେଇପାରୁ ନାହାନ୍ତି, ତେବେ ତାଙ୍କୁ ମୁଖ୍ୟମନ୍ତ୍ରୀ ମନ୍ତ୍ରିମଣ୍ଡଳରୁ ବିଦା କରନ୍ତୁ ବୋଲି କଂଗ୍ରେସ ମୁଖପାତ୍ର ତଥା ଛାତ୍ରନେତା ବିଭୂତି ଭୂଷଣ ମହାପାତ୍ର ଦାବି କହିଛନ୍ତି। ଗୁରୁବାର ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ମହାପାତ୍ର ଛାତ୍ରୀଙ୍କ ସୁରକ୍ଷାକୁ ନେଇ ଉଦ୍‌ବେଗ ପ୍ରକାଶ କରିବା ସହିତ ଅଭିଯୁକ୍ତଙ୍କ ବିରୋଧରେ ସରକାରଙ୍କ ନରମ ଆଭିମୁଖ୍ୟ ପୋଷଣ କରୁଥିବାରୁ କଡ଼ା ସମାଲୋଚନା କରିଛନ୍ତି।

ସେ ଅଭିଯୋଗ କରିଛନ୍ତି ଯେ ଉଚ୍ଚ ଶିକ୍ଷାନୁଷ୍ଠାନରେ ଛାତ୍ରୀଙ୍କ ସୁରକ୍ଷାକୁ ନେଇ ସରକାର ନିଦାବିଷ୍ଟ ସାଜିଛନ୍ତି। କୌଣସି ଉପାନ୍ତ ଅଞ୍ଚଳ ନୁହେଁ; ବରଂ ରାଜଧାନୀର ଛାତି ଉପରେ ଥିବା ପ୍ରତିଷ୍ଠିତ ବିଜେବି କଲେଜରେ ଛାତ୍ରୀଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଇଥିବା ଜଣେ ଓଡ଼ିଆ ଅଧ୍ୟାପକଙ୍କୁ ସରକାର ଘଣ୍ଟ ଘୋଡ଼ାଇବାକୁ କରୁଛନ୍ତି। ସଂପୃକ୍ତ ଅଧ୍ୟାପକଙ୍କ ବିରୋଧରେ ଗତ ସେପ୍ଟେମ୍ବର ମାସରେ ଛାତ୍ରୀଙ୍କୁ ଅସଦାଚରଣ ଅଭିଯୋଗ ଆସିବା ପରେ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ (ଆରଡିଇ) ତଦନ୍ତ କରିଥିଲେ। ଅଧ୍ୟାପକ ଜଣକ ଛାତ୍ରୀଙ୍କୁ 'ବ୍ୟାଡ୍ ଟଚ୍' କରିବା ସହ ଅଶ୍ଳୀଳ ଇଙ୍ଗିତ କରିବା, ଦ୍ୱିଅର୍ଥ ବୋଧକ ଶବ୍ଦ କହିବା, ଛାତ୍ରୀଙ୍କ ଅଙ୍ଗଭଙ୍ଗୀକୁ ଇଙ୍ଗିତ କରୁଥିବା ଅଭିଯୋଗର ସତ୍ୟତା ରହିଥିବା ତଦନ୍ତକାରୀ ଅଧିକାରୀ ରିପୋର୍ଟରେ ଉଲ୍ଲେଖ କରିଛନ୍ତି। କେବଳ ଏତିକି ନୁହେଁ; ଛାତି ଥରାଇ ଦେବା ଭଳି ଛାତ୍ରୀମାନଙ୍କ ଲିଖିତ ମନ୍ତବ୍ୟକୁ ସଂଲଗ୍ନ କରିଛନ୍ତି। ଛାତ୍ରୀଙ୍କ ପ୍ରତି ଅଧ୍ୟାପକଙ୍କ ବ୍ୟବହାର ସଠିକ୍ ନୁହେଁ ଏବଂ




ସେ ନିୟମିତ ଏପରି କାର୍ଯ୍ୟ କରନ୍ତି ବୋଲି ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ରିପୋର୍ଟରେ ଉଲ୍ଲେଖ କରିଛନ୍ତି। ଏହାସତ୍ତ୍ୱେ ବିଭାଗ ପକ୍ଷରୁ କୌଣସି ଦୃଢ଼ କାର୍ଯ୍ୟାନୁଷ୍ଠାନ ବଦଳରେ ଅଧ୍ୟାପକଙ୍କୁ ପ୍ରମୋସନ ସ୍ୱରୂପ ଉଚ୍ଚଶିକ୍ଷା ବିଭାଗରେ ଥଇଥାନ କରଯାଇଛି।

ଅପରପକ୍ଷରେ ସମ୍ପୃକ୍ତ ଅଧ୍ୟାପକଙ୍କୁ ଘଣ୍ଟ ଘୋଡାଇବା ପାଇଁ ବିଭାଗ ଅଣ୍ଟା ଭିଡ଼ିଛି। ଆରଡିଇଙ୍କ ତଦନ୍ତ ପରେ ପୁଣି ଥରେ କଲେଜର ଆଇସିସି କମିଟିକୁ ତଦନ୍ତ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଆର୍‌ଡିଇଙ୍କ ଚାଞ୍ଚଲ୍ୟକର ରିପୋର୍ଟ ସତ୍ତ୍ୱେ କାହିଁକି ପୁନଃ ଆଇସିସି କମିଟିକୁ ପଠାଯାଇଛି ବୋଲି ପ୍ରଶ୍ନ କରିଛନ୍ତି। ଆର୍‌ଡିଇ ବଡ଼ ନା ଆଇସିସି ବଡ଼ ବୋଲି ପ୍ରଶ୍ନ କରି ବା ସହ ଉଚ୍ଚଶିକ୍ଷା ମନ୍ତ୍ରୀ ସ୍ପଷ୍ଟ କରନ୍ତୁ ବୋଲି ଦାବି କରିଛନ୍ତି। ଅନୁରୂପ ଭାବେ ସେହି ବିଜେବି କଲେଜର ଜଣେ କମ୍ପ୍ୟୁଟର ସାଇନ୍ସ ଅଧ୍ୟାପକ, ରମାଦେବୀ +୨ ମହିଳା କଲେଜର ଜଣେ ପୂର୍ବତନ ଅର୍ଥନୀତି ଅଧ୍ୟାପକ, ଫକୀର ମୋହନ କଲେଜର ଜଣେ ଓଡ଼ିଆ ଅଧ୍ୟାପକଙ୍କ ବିରୋଧରେ ଛାତ୍ରୀଙ୍କୁ ନିର୍ଯାତନା ଅଭିଯୋଗ ରହିଥିଲେ ମଧ୍ୟ କୌଣସି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ। ସେହିପରି ସମାନ ମନ୍ତ୍ରୀଙ୍କ ସଂସ୍କୃତି ଓ ଭାଷା ସାହିତ୍ୟ ବିଭାଗ ଅଧୀନରେ ଥିବା ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ଛାତ୍ରୀମାନେ ଅଧ୍ୟାପକଙ୍କ ନିର୍ଯାତନାର ଅତିଷ୍ଠ ହୋଇ ରାଜରାସ୍ତାକୁ ଓହ୍ଲାଇଛନ୍ତି। ଅଭିଯୁକ୍ତ ଅଧ୍ୟାପକ ଓ ଅଧ୍ୟକ୍ଷଙ୍କ ବିରୋଧରେ ଉଚ୍ଚଶିକ୍ଷା ମନ୍ତ୍ରୀ ଯଦି କାର୍ଯ୍ୟାନୁଷ୍ଠାନ ନେଇପାରୁ ନାହାନ୍ତି, ତେବେ ସେହିପରି ଅପାରଗ ମନ୍ତ୍ରୀଙ୍କୁ ମୁଖ୍ୟମନ୍ତ୍ରୀ ମନ୍ତ୍ରିମଣ୍ଡଳରୁ ବାଦ୍ ଦିଅନ୍ତୁ ବୋଲି ଶ୍ରୀ ମହାପାତ୍ର ଦାବି କରିଛନ୍ତି। ସାମ୍ବାଦିକ ସମ୍ମିଳନୀରେ ମହିଳା କଂଗ୍ରେସ ମୁଖପାତ୍ର ଶ୍ରୀମତୀ ଜୟସ୍ମିତା ମହାନ୍ତି ଉପସ୍ଥିତ ରହି ଛାତ୍ରୀଙ୍କ ସୁରକ୍ଷାକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି।

## ନଗର ଉନ୍ନୟନ ମନ୍ତ୍ରୀଙ୍କ ସମୀକ୍ଷା ବୈଠକକୁ ପୂରିଲା ୬ ମାସ

# କେବେ ଆରମ୍ଭ ହେବ ବୁଢ଼ାବଳଙ୍ଗ ନଦୀ ସମ୍ମୁଖ ବିକାଶ ପ୍ରକଳ୍ପ

ବାରିପଦା, ୭।୫(ସମିସ): ନୂତନ ସରକାର ଗଠନକୁ ୨ ବର୍ଷ ପୂରିଲାଣି। ସରକାର ଗଠନ ପରେ ବିଭିନ୍ନ ଘୋଷଣା ବାସ୍ତବ ରୂପ ନେବା ଦୂରରେ ଥାଉ, କାର୍ଯ୍ୟ ଆରମ୍ଭ ହୋଇପାରୁନି। ଯାହାର ଉଦାହରଣ ମୟୂରଭଞ୍ଜ ଜିଲ୍ଲା ବାରିପଦା ସହରରେ ବୁଢାବଳଙ୍ଗ ନଦୀ ତଟରେ ଏକ ବିଶାଳ ଉନ୍ନୟନ ପ୍ରକଳ୍ପ। ଉକ୍ତ ପ୍ରକଳ୍ପ ପାଇଁ ନଗର ଉନ୍ନୟନ ମନ୍ତ୍ରୀ ସମୀକ୍ଷା ବୈଠକ କରିଥିଲେ। ତେବେ ବୈଠକକୁ ୬ ମାସ ପୂରିଲା, କାମ ଆରମ୍ଭ ହୋଇନାହିଁ। କେବେ ପ୍ରକଳ୍ପ ଆରମ୍ଭ ହେବ, ସେ ନେଇ ସନ୍ଦେହ ଜାତ ହୋଇଛି।

- ୨୩୦ କୋଟି ଟଙ୍କା ପ୍ରକଳ୍ପରେ ଅଛି ଜଳ ସଂରକ୍ଷଣ, ବର୍ଜ୍ୟ ଓ ବନ୍ୟା ପରିଚାଳନା
- ଦୁଇଟି ପର୍ଯ୍ୟାୟରେ ବିଭକ୍ତ ପ୍ରକଳ୍ପ ନୂଆଦିଲ୍ଲୀ ଓ ମୁମ୍ବାଇ ଭଳି କାର୍ଯ୍ୟ

୨୦୨୫ ଜୁଲାଇ ପ୍ରଥମ ସପ୍ତାହରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡା କୃଷ୍ଣାନନ୍ଦ ମହାପାତ୍ର ବୁଢାବଳଙ୍ଗ ନଦୀ ସମ୍ମୁଖ ବିକାଶ ପ୍ରକଳ୍ପ ପାଇଁ ବିଭାଗୀୟ ଅଧିକାରୀଙ୍କ ସହିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଏକ ସମୀକ୍ଷା ବୈଠକ କରିଥିଲେ। ଜିଲ୍ଲାପାଳ ହେମକାନ୍ତ ସଏଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଅନ୍ୟମାନଙ୍କ ସହିତ ଇଏମସିର ନିର୍ଦ୍ଦେଶକ ଗୋପେଶ ଶ୍ରୀବାସ୍ତବ, ସିଇଓ ଚିନ୍ମୟ ତ୍ରିପାଠୀ ଓ ଅର୍ବାନ ପ୍ଲାନର ରୁପିନ୍ଦର କୌରଙ୍କ ସହ ଜିଲ୍ଲାର ଲାଇନ ଡିପାର୍ଟମେଣ୍ଟର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ୨୩୦ କୋଟି ଟଙ୍କା ବଜେଟରେ ହେବାକୁ ଥିବା ପ୍ରକଳ୍ପ ସମ୍ବନ୍ଧରେ ମନ୍ତ୍ରୀ ଘୋଷଣା ମଧ୍ୟ କରିଥିଲେ। ଦୁଇଟି ପର୍ଯ୍ୟାୟରେ ବିଭକ୍ତ ପ୍ରକଳ୍ପର ପ୍ରଥମ ପର୍ଯ୍ୟାୟରେ ଅସ୍ତିଆ ପୋଲର ପୂର୍ବ ଦିଗରେ ୪ କିଲୋମିଟର (ଅପଷ୍ଟ୍ରିମ୍) ଓ ଦ୍ୱିତୀୟ ପର୍ଯ୍ୟାୟରେ ପଶ୍ଚିମ ଦିଗରେ ୪ କିଲୋମିଟର (ଡାଉନ ଷ୍ଟ୍ରିମ୍) ଅଞ୍ଚଳରେ ଉନ୍ନୟନମୂଳକ କାର୍ଯ୍ୟ ସ୍ଥିରୀକୃତ ହୋଇଥିଲା। ଏହି ପ୍ରକଳ୍ପ ମଧ୍ୟମରେ ସ୍ଥାନୀୟ ଅର୍ଥନୀତି, ପର୍ଯ୍ୟଟନ, ବନ୍ୟାଜଳ ପରିଚାଳନା, ପାନୀୟଜଳ ଯୋଗାଣ, ସାମାଜିକ, ସାଂସ୍କୃତିକ କାର୍ଯ୍ୟକଳାପ ଓ ପରିବେଶ ସୁରକ୍ଷାକୁ ପ୍ରୋତ୍ସାହନ ଦେବାକୁ ଲକ୍ଷ୍ୟ ଥିଲା। ଏହା ବାରିପଦାକୁ ଏକ ଆଧୁନିକ, ପର୍ଯ୍ୟଟନ ଅନୁକୂଳ ଓ ସ୍ଥାୟୀ ସହର ଭାବେ ଗଢ଼ି ତୋଳିବାକୁ ଆଗାମୀ ୭୦ ବର୍ଷକୁ ଦେଖି ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରାଯାଇଥିଲା। ଏହି ପ୍ରକଳ୍ପ ୧୭୦.୮ ଏକର ଜମିରେ ବିସ୍ତାରିତ ହେବାକୁ ଥିବାବେଳେ ଏଥିରେ ବିଭିନ୍ନ ବ୍ୟବହାର କ୍ଷେତ୍ର ଅନ୍ତର୍ଭୁକ୍ତ ରହିଥିଲା। ୨୩୦ କୋଟି ଟଙ୍କାର ଏହି ବଜେଟ ବାରିପଦାରେ ଏକ ବୃହତ ଅର୍ଥନୈତିକ ଓ ସାମାଜିକ ପରିବର୍ତ୍ତନ ଆଣିବ। ପର୍ଯ୍ୟଟନ କ୍ଷେତ୍ରରେ ବିନିଯୋଗ ମୟୂରଭଞ୍ଜ ଜିଲ୍ଲାକୁ ରାଜ୍ୟର ଏକ ପ୍ରମୁଖ ପର୍ଯ୍ୟଟନ କେନ୍ଦ୍ର ଭାବେ ପ୍ରତିଷ୍ଠା କରିବ। ଯେଉଁଥିରେ ହୋଟେଲ, ରିସର୍ଟ ଓ ସାଂସ୍କୃତିକ ହବ ନିର୍ମାଣ ସ୍ଥାନୀୟ ରୋଜଗାର ସୃଷ୍ଟି କରିବ। ଦକ୍ଷତା ବିକାଶ କେନ୍ଦ୍ର ଯୁବବର୍ଗଙ୍କୁ ନୂଆ ସୁଯୋଗ ପ୍ରଦାନ କରିବ, ଯାହା ଅଞ୍ଚଳର ଆର୍ଥିକ ବିକାଶକୁ ତ୍ୱରାନ୍ୱିତ କରିବ। ପରିବେଶ ସୁରକ୍ଷା ଓ ଜଳ ପରିଚାଳନା ଉପରେ ଗୁରୁତ୍ୱ ଏହି ପ୍ରକଳ୍ପକୁ ସ୍ଥାୟୀ ଓ ପରିବେଶ ଅନୁକୂଳ କରିବ।

ସ୍ଥାନୀୟ ଜନସାଧାରଣଙ୍କ ପାଇଁ ବିନୋଦନ କେନ୍ଦ୍ର, ଶିକ୍ଷା, କ୍ରୀଡ଼ା ଓ ବାଣିଜ୍ୟିକ ସୁବିଧା ଯୋଗାଇବ। ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ଜିଲ୍ଲା ପାର୍କ (ଥିମ୍ ପାର୍କ) ୮.୫ ଏକର ସ୍ଥାନରେ ପରିବାର ଓ ପର୍ଯ୍ୟଟକଙ୍କ ପାଇଁ ଆକର୍ଷଣୀୟ ବିନୋଦନ ସ୍ଥାନ ରହିବ। ୫.୫ ଏକର ଖୋଲା ସ୍ଥାନ ପାଇଁ ଅତିରିକ୍ତ ଜମି ଜମିରେ ଏକାଧିକ କ୍ଷୁଦ୍ର ପ୍ରକଳ୍ପ ରହିବ। ରିକ୍ରିଏସନାଲ କ୍ଲବ ଓ କ୍ରୀଡ଼ା କେନ୍ଦ୍ର ୧୧.୭ ଏକରରେ ଯୁବବର୍ଗଙ୍କ ପାଇଁ କ୍ରୀଡ଼ା ଓ ଶାରୀରିକ କାର୍ଯ୍ୟକଳାପ ଭାବେ ରହିବ। ଦକ୍ଷତା ବିକାଶ କେନ୍ଦ୍ର ୭.୪ ଏକର ରହିଥିବାବେଳେ ସ୍ଥାନୀୟ ଯୁବକଙ୍କ ଦକ୍ଷତା ବୃଦ୍ଧି ଓ ରୋଜଗାର ସୁଯୋଗ ପ୍ରଦାନ କରିବ। ୨୦.୪ ଏକର ଖୋଲା ସ୍ଥାନରେ ବୃହତ ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ରହିଥିବାବେଳେ ଜିଲ୍ଲା ପାର୍କ (ସ୍ପେସାଲାଇଜଡ୍ ପାର୍କ) ପାଇଁ ୬ ଏକର ଯାହା ବିଶେଷ ବିନୋଦନ ଅଭିଜ୍ଞତାକୁ ଦର୍ଶାଇବ। ପର୍ଯ୍ୟଟନ ଆତିଥ୍ୟ କ୍ଷେତ୍ର ପାଇଁ ୬୦ ଏକର ରହିଥିବାବେଳେ ଏଥିରେ ହୋଟେଲ, ରିସର୍ଟ ଓ ପର୍ଯ୍ୟଟନ ସୁବିଧା ରହିବ। ସାମାଜିକ ଓ ସାଂସ୍କୃତିକ ହବ, ସାମୁଦାୟିକ ପାର୍କ ପାଇଁ ୨୩ ଏକର ସାମାଜିକ ମିଳନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ରହିବ। ଜିଲ୍ଲା ପାର୍କ (ସେନ୍ସରୀ ପାର୍କ) ୭.୨ ଏକର ରହିଥିବାବେଳେ ସମସ୍ତ ବୟସର ଲୋକଙ୍କ ପାଇଁ ଅନୁଭୂତିମୂଳକ ବିନୋଦନ କେନ୍ଦ୍ର ପାଲଟିବ। ୧୫.୫ ଏକର ଖୋଲା ସ୍ଥାନରେ ଅନ୍ୟ ବ୍ୟବହାରିକ କ୍ଷେତ୍ରରେ ବ୍ୟବହାର ହେବ। ଏଥିସହ ହାଟ ଅଞ୍ଚଳ (ବାଣିଜ୍ୟିକ ହାଟ, ଦୋକାନ, ଟ୍ରକ ପାର୍କିଂ) ୫.୬ ଏକର ସ୍ଥାନୀୟ ବ୍ୟବସାୟ ଓ ବଜାର ପାଇଁ ଉଦ୍ଦିଷ୍ଟ ରହିଛି। ଏହି ବିବିଧ ଭୂମି ବ୍ୟବହାର ପ୍ରକଳ୍ପକୁ ଏକ ବହୁମୁଖୀ ଉନ୍ନୟନ ଯୋଜନା ଭାବେ ଗଢ଼ି ତୋଳିବ। ଯେଉଁଥିରେ ପର୍ଯ୍ୟଟନ, ଶିକ୍ଷା, କ୍ରୀଡ଼ା ଓ ବାଣିଜ୍ୟ ମିଶି ସ୍ଥାନୀୟ ଅର୍ଥନୀତିକୁ ଶକ୍ତିଶାଳୀ କରିବ।

ପ୍ରଥମ ପର୍ଯ୍ୟାୟ ପାଇଁ ୨୩୦ କୋଟି ଟଙ୍କା ବଜେଟ ବିଭିନ୍ନ କାର୍ଯ୍ୟ କ୍ଷେତ୍ରରେ ବିନିଯୋଗରେ ଉନ୍ନୟନ, ପ୍ରବେଶ ଦ୍ୱାର ଓ ଘାଟ, ଆମ୍ଫିଥିଏଟର, ଟ୍ରାକ୍, କ୍ରୀଡ଼ା ଜୋନ ଆଦି ସ୍ଥାନୀୟ ଜନସାଧାରଣଙ୍କ ପାଇଁ ମନୋରଞ୍ଜନ ଓ ସୁସ୍ଥତା ପ୍ରୋତ୍ସାହନ ଦେବାକୁ ରହିଥିଲା। ପ୍ରକଳ୍ପର ତଦାରଖ ପାଇଁ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଏକ ନିରୀକ୍ଷଣ କମିଟି ଗଠନ କରାଯାଇଥିଲା। ଏଥିରେ ଜିଲ୍ଲା ନଗର ଉନ୍ନୟନ ପ୍ରାଧିକାରୀ, ଜଳସମ୍ପଦ ବିଭାଗ, ୱାଟକୋ, ପିଡବ୍ଲୁଡି, ପର୍ଯ୍ୟଟନ ବିଭାଗ, କ୍ରୀଡ଼ା ଓ ଯୁବ ସଂସ୍କୃତି ବିଭାଗ, ବିଦ୍ୟୁତ ବିଭାଗ, ପୌରସଂସ୍ଥା (ସଦସ୍ୟ ସଂଯୋଜକ) ଅନ୍ତର୍ଭୁକ୍ତ ରହିଛି। କାର୍ଯ୍ୟ ଆରମ୍ଭ ପାଇଁ ୬ ମାସ ମଧ୍ୟରେ ଡିପିଆର ପ୍ରସ୍ତୁତ ଓ ଅନୁମୋଦନ କରାଯାଇ ଅଂଶୀଦାରଙ୍କ ସହ ପରାମର୍ଶ କରାଯିବାର ଥିଲା। ପ୍ରାଥମିକ ସର୍ଭେ ଓ ତଦନ୍ତ ପାଇଁ ୩ ମାସରେ ଫଟୋଗ୍ରାଫିକାଲ ସର୍ଭେ, ବାଲିମେଟ୍ରି ଅଧ୍ୟୟନ ଓ ଜିଓଟେକ୍ନିକାଲ ତଦନ୍ତ ହେବାର ଥିଲା। ୬ ମାସ ମଧ୍ୟରେ ଡିପିଆର ପ୍ରସ୍ତୁତି ଓ ଅଂଶୀଦାର ପରାମର୍ଶ ସହିତ ଯୋଜନା ଓ ଅନୁମୋଦନ ହେବା ପରେ ପରବର୍ତ୍ତୀ ୨ ମାସ ମଧ୍ୟରେ ନିର୍ମାଣ ପାଇଁ ଠିକାଦାର ନିଯୁକ୍ତି ହୋଇଥା'ନ୍ତେ। ପରନ୍ତୁ ୬ ମାସରେ କାର୍ଯ୍ୟର ଅଗ୍ରଗତି ଝୁଣ୍ଟି ପଡ଼ିଛି। ଏଣୁ ଉପରୋକ୍ତ ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ ପାଇଁ ମନ୍ତ୍ରୀଙ୍କ ହସ୍ତକ୍ଷେପ ପାଇଁ ବାରିପଦାବାସୀ ଦାବି କରୁଛନ୍ତି।

## ଦୃଷ୍ଟିବାଧିତ ବୃଦ୍ଧାଙ୍କୁ ମିଳୁନି ବାର୍ଦ୍ଧକ୍ୟ ଭତ୍ତା



ଶୁଳିଆପଦା, ୭।୫(ସମିସ): ଶୁଳିଆପଦା ବ୍ଲକ ଝାଲିଆମରା ପଞ୍ଚାୟତ ଅଧୀନ କମାରପାଳ ଗ୍ରାମର ଜଣେ ଆଦିବାସୀ ପରିବାର ଏବେ ଦୁର୍ଦ୍ଦଶାଘେରରେ। ପରିବାରର ବୃଦ୍ଧା ମାଆ ଦୃଷ୍ଟିହୀନ ହୋଇଥିଲେ ମଧ୍ୟ ତାଙ୍କ ଆଧାର କାର୍ଡରେ ଜନ୍ମ ତାରିଖ ଭୁଲ ଥିବା କାରଣରୁ ସେ ଦୀର୍ଘଦିନ ହେବ ବାର୍ଦ୍ଧକ୍ୟ ଭତ୍ତାରୁ ବଞ୍ଚିତ ହୋଇ ରହିଛନ୍ତି। କେବଳ ସେତିକି ନୁହେଁ, ମୁଣ୍ଡ ଗୁଞ୍ଜିବା ପାଇଁ ଖଣ୍ଡେ ସରକାରୀ ଘର ମଧ୍ୟ ଏହି ପରିବାରକୁ ଏଯାଏଁ ମିଳିପାରିନାହିଁ। ଏବେ ଏହି ପରିବାର ଏକ ଭଙ୍ଗା କୁଡ଼ିଆରେ ଅତି କଷ୍ଟରେ ଦିନ କାଟୁଛନ୍ତି। ଘରର ବୃଦ୍ଧ ପିତାଙ୍କୁ ମିଳୁଥିବା ସ୍ୱଳ୍ପ ଭତ୍ତା ଟଙ୍କାରେ ପୂରା ପରିବାର ଚଳିବା ଅସମ୍ଭବ ହୋଇପଡୁଛି। ଘରେ ରୋଜଗାର କହିଲେ ମାତ୍ର ଜଣେ ପୁଅ। ଯିଏ ଦିନ ମଜୁରିଆ ଭାବେ କାମ କରି ସମସ୍ତଙ୍କ ବୋଝ ମୁଣ୍ଡାଉଛନ୍ତି। ଏଥିସହ ଘରେ ଦୁଇଜଣ ଅବିବାହିତ ଝିଅ ମଧ୍ୟ ଅଛନ୍ତି। ଯାହାଙ୍କ ଦାୟିତ୍ୱ ଓ ଭବିଷ୍ୟତ ଏହି ଗରିବ ପରିବାର ପାଇଁ ଏବେ ବଡ଼ ଚିନ୍ତାର ବିଷୟ ପାଲଟିଛି। ଦୃଷ୍ଟିବାଧିତ ବୃଦ୍ଧାଙ୍କୁ ତୁରନ୍ତ ବାର୍ଦ୍ଧକ୍ୟ ଭତ୍ତା ଓ ପ୍ରଧାନମନ୍ତ୍ରୀ ଯୋଜନାରେ ପକ୍କା ଘର ଦିଆଗଲେ, ଏହି ଆଦିବାସୀ ପରିବାରର ଦୁଃଖ କିଛିକାଂଶରେ ଲାଘବ ହୋଇପାରନ୍ତା। କେବଳ କାଗଜପତ୍ରରେ ଭୁଲ ପାଇଁ ଜଣେ ଦୃଷ୍ଟିହୀନ ବୃଦ୍ଧାଙ୍କୁ ତାଙ୍କ ହକରୁ ବଞ୍ଚିତ କରିବା ପ୍ରଶାସନର ସ୍ୱଚ୍ଛତା ଉପରେ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ବ୍ଲକ ପ୍ରସାଶନ ତୁରନ୍ତ ପଦକ୍ଷେପ ନେବାକୁ ପରିବାର ପକ୍ଷରୁ ନିବେଦନ କରାଯାଇଛି।

## ରରୁଆଁ ପ୍ରିମିୟର ଲିଗ୍ ଉଦ୍‌ଯାପିତ



ଶୁକୁଳି, ୭।୫(ସମିସ): ରରୁଆଁ ପାୱାର ଷ୍ଟ୍ରାଇକ କ୍ଲବ ପକ୍ଷରୁ ଆୟୋଜିତ ରରୁଆଁ ପ୍ରିମିୟର ଲିଗ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଛି। ଉଦ୍‌ଘାଟନୀ ଉତ୍ସବରେ କରଞ୍ଜିଆ ଉପଖଣ୍ଡ ପୁଲିସ ଅଧିକାରୀ ନବକିଶୋର ନାୟକ, ରରୁଆଁ ଥାନା ଆଇଆଇସି ଅନାଦି ଚରଣ ପଟ୍ଟାୟତ, ବ୍ଲକ ଅଧ୍ୟକ୍ଷ ଅଜିତ କୁମାର ତିରିୟା, ସରପଞ୍ଚ ଝୁନାରାଣୀ ପିଙ୍ଗୁଆ, ସମିତି ସଭ୍ୟ ଜୟସିଂ ପୂର୍ତ୍ତି, ସମାଜସେବୀ ଦେବମିତ୍ର ଆନନ୍ଦ ପାଣିଗ୍ରାହୀ ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ରରୁଆଁ ବ୍ଲକର ପାଞ୍ଚଟି ଟିମ ଓ ଶୁକୁଳି ବ୍ଲକର ତିନୋଟି ଟିମ୍ ଅଂଶଗ୍ରହଣ କରିଥିଲେ। ଗତକାଲି ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଫାଇନାଲ୍ ମ୍ୟାଚ୍‌ରେ ଡାଇନାମିକ ଡେୟାରଡେଭିଲ ଦଳ ସିଟି ମାର୍ଟ ଟିମକୁ ହରାଇ ଚାମ୍ପିଅନ୍ ହୋଇଥିଲା। ଚାମ୍ପିଅନ ଦଳକୁ ଟ୍ରଫି ସହ ନଗଦ ୬୦, ୦୦୦ ଟଙ୍କା ଓ ରନର୍ସଅପ ଦଳକୁ ଟ୍ରଫି ସହିତ ୪୦, ୦୦୦ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ମ୍ୟାନ ଅଫ ଦି ମ୍ୟାଚ ଚକ୍ରଧର ନାୟକ, ମ୍ୟାନ ଅଫ ଦି ସିରିଜ ଆଶୀଷ କୁମାର ନାୟକ ବିବେଚିତ ହୋଇଥିଲେ। ଜୟପ୍ରକାଶ ରାଉତ ଓ ସମୀର ସେଠୀ ଖେଳ ପରିଚାଳନା କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ସୁରେନ୍ଦ୍ର ରାଉତ, ସମିତି ସଭ୍ୟା ରଶ୍ମିରେଖା ମହାନ୍ତ, ଜୟସିଂ ପୂର୍ତ୍ତି, ପୂର୍ବତନ ବାୟୁସେନା ଅଧିକାରୀ ଉପେନ୍ଦ୍ର ମହାନ୍ତ, ସମାଜସେବୀ ଦେବମିତ୍ର ଆନନ୍ଦ ପାଣିଗ୍ରାହୀ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିବା ସହିତ ପୁରସ୍କାର ପ୍ରଦାନ କରିଥିଲେ। ନିହାର ରଞ୍ଜନ ନାଏକ ଖେଳ ପରିଚାଳନା ସହିତ ମଞ୍ଚ ପରିଚାଳନା କରିଥିଲେ।

## ବାରିପଦା ପୌରପାଳିକା ପକ୍ଷରୁ ମାଟ୍ରିକ୍ ଟପ୍ପରଙ୍କୁ ସମ୍ବର୍ଦ୍ଧନା



ବାରିପଦା, ୭।୫(ସମିସ): ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ବାରିପଦାର ତୁଳସୀଚୌରାସ୍ଥ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ର ପାର୍ଥସାରଥୀ ମହାନ୍ତ ରାଜ୍ୟ ଟପ୍ପର ହେବାର ଗୌରବ ଅର୍ଜନ କରିଛନ୍ତି। ଯାହାକୁ ନେଇ ବାରିପଦା ପୌରପାଳିକା ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଗୁରୁବାର ବାରିପଦା ପୌରପାଳିକା ସମ୍ମିଳନୀ କକ୍ଷରେ ନଗରପାଳ କୃଷ୍ଣାନନ୍ଦ ମହାନ୍ତିଙ୍କ ପୌରୋହିତ୍ୟରେ ଆୟୋଜିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଉପନଗରପାଳ ସୀମା ଦାସ, କାର୍ଯ୍ୟନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ରାଉତ, ସାମ୍ବାଦିକ ବିଜୟ ଅଗ୍ରୱାଲ ଓ ସାମ୍ବାଦିକ ସଞ୍ଜୟ କୁମାର ଚୌଧୁରୀ ପ୍ରମୁଖ ଯୋଗଦେଇ ପାର୍ଥସାରଥୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

ପାର୍ଥସାରଥୀ ମାଟ୍ରିକ ପରୀକ୍ଷାରେ ୬୦୦ ମାର୍କରୁ ୫୮୮ ନମ୍ବର ରଖି ରାଜ୍ୟ ଟପ୍ପର ହୋଇଛନ୍ତି। ବାରିପଦା ପୌରପାଳିକା ଅନ୍ତର୍ଗତ ମଧୁବନ ଅଞ୍ଚଳର ନିବାସୀ ପିତା ଗଣେଶ ମହାନ୍ତ ଓ ମାତା ସାବିତ୍ରୀ ମହାନ୍ତଙ୍କ ପାର୍ଥସାରଥୀ ପୁତ୍ର ଅଟନ୍ତି। ବାପା ଜଣେ ପାଣି ପାଇପ ମିସ୍ତ୍ରୀ ହୋଇଥିବାବେଳେ ମାଆ ଜଣେ ଆଶା କର୍ମୀ। ପାର୍ଥସାରଥୀ ଅଭାବ ଓ ଅନଟନ ମଧ୍ୟରେ ନିଜର ଅଦମ୍ୟ ସାଧନା କରି ସମାଜରେ ପରାକାଷ୍ଠା ପ୍ରତିପାଦନ କରିଛନ୍ତି। ଯାହାକି ଅନ୍ୟମାନଙ୍କ ନିମନ୍ତେ ସଦା ଉଦାହରଣ ହେବ। ପ୍ରାୟ ୫ ଦଶନ୍ଧି ପରେ ବାରିପଦା ସହର ଛାତ୍ର ମାଟ୍ରିକ ପରୀକ୍ଷାରେ ରାଜ୍ୟ ଟପ୍ପର ହୋଇଛନ୍ତି। ଯାହାକି ଆମ୍ଭମାନଙ୍କ ନିମନ୍ତେ ଗର୍ବ ଓ ଗୌରବ ଅଟେ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ। ପାର୍ଥସାରଥୀଙ୍କ ଶିକ୍ଷା ପ୍ରତି ବେଶ ଆଗ୍ରହ ଥିବାବେଳେ ମାଟ୍ରିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ପାଇଁ ବହୁ ପରିଶ୍ରମ କରିଥିଲେ। ତାଙ୍କ ପରିଶ୍ରମର ସେ ଫଳ ପାଇବା ସହ ରାଜ୍ୟର ଟପ୍ପର ହୋଇଛନ୍ତି। ୯୮ ପ୍ରତିଶତ ମାର୍କ ରଖିଥିବାବେଳେ ସଂସ୍କୃତ ଓ ଗଣିତରେ ସମ୍ପୂର୍ଣ୍ଣ ୧୦୦ ନମ୍ବର ରଖିଛନ୍ତି। ମାନବ ସେବା ହିଁ ମାଧବ ସେବା ଅଟେ, ତେଣୁ ଭବିଷ୍ୟତରେ ଜନସେବା ନିମନ୍ତେ ବ୍ରତୀ ହେବାକୁ ଇଚ୍ଛା ପ୍ରକଟ କରିଛନ୍ତି। ପ୍ରଶାସନିକ ସେବା ଅଧିକାରୀ ହୋଇ ଲୋକଙ୍କ ସେବା କରିବା ନେଇ ପାର୍ଥସାରଥୀଙ୍କ ଭବିଷ୍ୟତ ଲକ୍ଷ୍ୟ ରହିଛି ବୋଲି ମତ ପ୍ରକାଶ କରିଛନ୍ତି। ତେବେ ସଫଳ ହେବାକୁ ହେଲେ ମନ ଏକାଗ୍ର କରି କାର୍ଯ୍ୟ କଲେ ସଫଳତା ନିଶ୍ଚିତ ହାସଲ ହେବ। ଯାହାର ଜ୍ୱଳନ୍ତ ଉଦାହରଣ ପାର୍ଥସାରଥୀ ଅଟନ୍ତି ବୋଲି ଉପସ୍ଥିତ ବିଭିନ୍ନ ସଙ୍ଗଠନ ପକ୍ଷରୁ ମତପ୍ରକାଶ କରାଯାଇଥିଲା। ଉପସ୍ଥିତ ସମସ୍ତେ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ ନେଇ ପ୍ରଭୁଙ୍କ ନିକଟରେ କାମନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ପ୍ରତିଶ୍ରୁତି ଅନୁଷ୍ଠାନର ସଭାପତି ଡ଼ ପାର୍ଥସାରଥୀ ଜେନା, ମୟୂରଭଞ୍ଜ ସିଟିଜେନ ଫୋରମ ସମ୍ପାଦକ ଶ୍ୟାମ ସୁନ୍ଦର ଦାସ, ମୟୂରଭଞ୍ଜ ସାହିତ୍ୟ ପରିଷଦ ସଭାପତି ପଦ୍ମନାଭ ସାହୁ, ବଳାଙ୍ଗୀ ମହୋତ୍ସବ ପ୍ରତିଷ୍ଠାତା ଶରତ ଚନ୍ଦ୍ର ନାୟକ, ବାସ୍ତବ ଅନୁଷ୍ଠାନର ଶାନ୍ତନୁ ପାଢ଼ୀ, ମଧୁବନ ଉନ୍ନୟନ ପରିଷଦ ସଭାପତି ରଘୁନାଥ ପଣ୍ଡା, ଦେଉଳସାହି କୁମାର ଉତ୍ସବ ସମିତି କୁମାରେଶ ପଣ୍ଡା, ରୋଟାରୀ କ୍ଲବ ପକ୍ଷରୁ ତିମିରିକାନ୍ତ ଘୋଷ, ବିଶିଷ୍ଟ ଭାଗବତ ପ୍ରଚାରକ ଭାଗବତ ପଣ୍ଡା ସମେତ ବାରିପଦା ସହରର ଅନ୍ୟାନ୍ୟ ସଙ୍ଗଠନ, ୱାର୍ଡ କାଉନସିଲର ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପରିଶେଷରେ ନଗରପାଳ ଶ୍ରୀ ମହାନ୍ତି ଉପସ୍ଥିତ ଥିବା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଦ୍ୟୁତ୍ ଖୁଣ୍ଟ ସ୍ଥାନାନ୍ତର ଦାବି



ବଡ଼ସାହି, ୭।୫(ସମିସ): ବଡ଼ସାହି ବ୍ଲକ ଅଧୀନ କେନ୍ଦୁଡିହା ପଞ୍ଚାୟତର ଚକ୍ରଧରପୁର ଗ୍ରାମରେ ଥିବା ଗୋଡିପୋଖରୀ ଓ ରାଧାକୃଷ୍ଣ ମଣ୍ଡପ ପଡ଼ିଆ ମଧ୍ୟରେ ବିଦ୍ୟୁତ ଖୁଣ୍ଟ ରହିଛି। ଫଳରେ ଏହା ପୋଖରୀ ଓ ପଡ଼ିଆ କାର୍ଯ୍ୟରେ ଏହା ପ୍ରତିବନ୍ଧକ ସୃଷ୍ଟି କରୁଛି। ଉଭୟ ପ୍ରକଳ୍ପ ସରକାରଙ୍କ ମନରେଗା ଯୋଜନାରେ ଅନୁମୋଦନ ହୋଇ କାର୍ଯ୍ୟ ଆରମ୍ଭ ହୋଇଛି। ମାତ୍ର ବିଦ୍ୟୁତ ଖୁଣ୍ଟ ସ୍ଥାନାନ୍ତର ହୋଇପାରୁ ନ ଥିବାରୁ ଏହା ଉଭୟ କାମରେ ବାଧକ ସାଜିଛି। ଫଳରେ କାର୍ଯ୍ୟ ଅଧାପନ୍ତରିଆ ହୋଇ ପଡ଼ିଥିବାବେଳେ ଗ୍ରାମବାସୀ ଓ ସରପଞ୍ଚଙ୍କ ପକ୍ଷରୁ ଲିଖିତ ଅଭିଯୋଗ ମାଧ୍ୟମରେ ମାଣତ୍ରୀ ସେକ୍ସନ ବିଦ୍ୟୁତ ଯନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଏପରିକି ଟିପିଏନଓଡିଏଲ, ଏନର୍ଜି ଓଡ଼ିଶା ଓ ମୟୂରଭଞ୍ଜ ଜିଲ୍ଲାପାଳଙ୍କୁ ମଧ୍ୟ ଟୁଇଟ୍ କରାଯାଇଥିବା ଜଣାଯାଇଛି। ମାତ୍ର ଦୀର୍ଘଦିନ ପରେ କୌଣସି ସୁଫଳ ମିଳି ନ ଥିବାବେଳେ ଅସନ୍ତୋଷ ମୁଣ୍ଡ ଟେକିଛି। ଏପରିକି ସମ୍ପୃକ୍ତ ବିଭାଗ ଘଟଣାସ୍ଥଳକୁ ଯାଇ ତଦାରଖ କରି ନ ଥିବାବେଳେ କେବେ ଖୁଣ୍ଟ ସ୍ଥାନାନ୍ତର ହେବ ଓ କାମ କେବେ ଆଗକୁ ବଢ଼ିବ ଏହାକୁ ନେଇ ପ୍ରଶ୍ନ ଉଠିଛି। ଆଗକୁ ଜୁନରେ ବର୍ଷା ଦିନ ଆସୁଥିବାରୁ ମନରେଗା କାମ ବନ୍ଦ ହେବା ନେଇ ବିଭାଗୀୟ ନିର୍ଦ୍ଦେଶ ରହିଛି। ରାଧାକୃଷ୍ଣ ମଣ୍ଡପ ପଡ଼ିଆ ମଝିରେ ଖୁଣ୍ଟ ଥିବାରୁ ତାହା ଗ୍ରାମରେ ଅନୁଷ୍ଠିତ ହେଉଥିବା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ଅସୁବିଧା ସୃଷ୍ଟି କରୁଛି। ତେଣୁ ଗ୍ରାମବାସୀଙ୍କ ଦାବିକୁ ନେଇ ପଞ୍ଚାୟତ ପକ୍ଷରୁ ଯଦିଓ ଏହି ଦୁଇଟି ପ୍ରକଳ୍ପ କାର୍ଯ୍ୟକାରୀ କରାଯାଉଛି, ତାହା ସମ୍ପାଦନ ହୋଇପାରୁନାହିଁ। ସେହିପରି ପୋଖରୀ ଖନନରେ ମଧ୍ୟ ପୋଖରୀ ମଝିରେ ଏକ ଖୁଣ୍ଟ ରହିଥିବାରୁ କାର୍ଯ୍ୟରେ ବାଧା ସୃଷ୍ଟ ହେବା ସହିତ ପୋଖରୀରେ ପାଣି ହୋଇଗଲେ ତାହା ଜନସାଧାରଣଙ୍କ ପାଇଁ ବିପଦ ସୃଷ୍ଟି କରି ପରେ ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି। ତେଣୁ ଏହାକୁ ସ୍ଥାନାନ୍ତର କରିବାକୁ ଦାବି ହୋଇଛି।

## ରାଇରଙ୍ଗପୁର ବିଧାୟକ ଓ ମହିଳାଙ୍କ ବିବାଦ ଘଟଣା

# ସପ୍ତାହେ ପୂରିଲା, କାର୍ଯ୍ୟାନୁଷ୍ଠାନ ଶୂନ୍

ରାଇରଙ୍ଗପୁର, ୭।୫(ସମିସ): ରାଇରଙ୍ଗପୁର ବିଧାୟକ ଜଲେନ ନାଏକ ଓ ଜଣେ ମହିଳାଙ୍କ ବିବାଦ ଘଟଣାକୁ ଏକ ସପ୍ତାହ ପୂରଣ ହୋଇଛି। କିନ୍ତୁ ଘଟଣାରେ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନି। ଗତ ମଙ୍ଗଳବାର ବିଧାୟକ ଓ ମହିଳା ବିବାଦ ଆରମ୍ଭ ହୋଇଥିଲା। ଯାହାକୁ ନେଇ ମହିଳା ଆରତୀ ଲେଙ୍କା ତିରିଂ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସପ୍ତାହେ ବିତିଯାଇଥିଲେ ସୁଦ୍ଧା ମାମଲା ରୁଜୁ ନ ହୋଇ କେବଳ ଷ୍ଟେସନ ଡାଏରୀରେ ସୀମିତ ହୋଇ ରହିଛି। ମହିଳା ନ୍ୟାୟ ପାଇ ନ ଥିବାବେଳେ ମହିଳାଙ୍କୁ ନ୍ୟାୟ ପ୍ରଦାନ କରିବାରେ ବିଜେପି ସରକାର ବିଫଳ ହୋଇଛନ୍ତି ବୋଲି ବିଜେଡି ପକ୍ଷରୁ କୁହାଯାଇଛି।

- ବିଧାୟକଙ୍କ ବିରୋଧରେ ରୁଜୁ ହେଲାନି ମାମଲା
- ଥାନାରେ ଷ୍ଟେସନ ଡାଏରୀରେ ମାମଲା ସୀମିତ

ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଆରତୀ ଲେଙ୍କାଙ୍କୁ ବିଧାୟକ ଶ୍ରୀ ନାଏକ ଗତ ୩୨ ବର୍ଷ ହେବ ଆର୍ଥିକ ଶୋଷଣ କରିବା ସହ ମାନସିକ ନିର୍ଯାତନା ଦେଇଛନ୍ତି। ଉକ୍ତ ଘଟଣା ନେଇ ମହିଳା ଜଣକ ଗତ ମଙ୍ଗଳବାର ମହିଳା ଓ ବିଧାୟକ ମଧ୍ୟରେ ବିବାଦ ହୋଇଥିଲା। ତିରିଂ ଥାନା ଅନ୍ତର୍ଗତ ରତନସାହିରେ ବିଧାୟକଙ୍କୁ ପାଇ ଯୁକ୍ତିତର୍କ ହୋଇଥିଲା। ଟଣାଓଟରା କରିବା ସହ ବିଧାୟକଙ୍କ ଗାଡ଼ି କାଚକୁ ମହିଳା ଜଣକ ପଥର ମାରି ଭାଙ୍ଗି ଦେଇଥିଲେ। ପରେ ତିରିଂ ଥାନାରେ ବିଧାୟକଙ୍କ ବିରୁଦ୍ଧରେ ଅଭିଯୋଗ କରିଥିଲେ। ଯାହାକୁ ପୋଲିସ ଷ୍ଟେସନ ଡାଏରୀ କରି ତଦନ୍ତ ଜାରି ରଖିଥିଲେ। ଏହାକୁ ନେଇ ମହିଳାଙ୍କ ଘରକୁ ବିଜେଡି ଫ୍ୟାକ୍ଟ ଫାଇଣ୍ଡିଂ ଟିମ ଯାଇ ଆଲୋଚନା କରିଥିଲେ। ଦୀର୍ଘ ୩୨ ବର୍ଷ ଧରି ବିଧାୟକଙ୍କ ସହ ମହିଳାଙ୍କ ସମ୍ପର୍କ ରହିଥିଲା। ଆର୍ଥିକ ସହାୟତା ନେବା ସହ ତାଙ୍କୁ ମାନସିକ ଶୋଷଣ କରୁଥିଲେ। ତାଙ୍କୁ ବିବାହ କରିବା ପ୍ରତିଶ୍ରୁତି ଦେଇ ପ୍ରତାରଣା କରିଛନ୍ତି ବୋଲି ସଙ୍ଗୀନ ଅଭିଯୋଗ କରିଛନ୍ତି। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଆରତୀ ଲେଙ୍କାଙ୍କ ସମେତ ପ୍ରାୟ ୩୨ ବର୍ଷରୁ ଉର୍ଦ୍ଧ୍ୱ ହେବ ରାଇରଙ୍ଗପୁର ବିଧାୟକ ଜଲେନ ନାଏକଙ୍କ ତାଙ୍କ ସହିତ ସମ୍ପର୍କ ରହିଥିବା କଥା ସମ୍ପୃକ୍ତ ମହିଳା କହିଛନ୍ତି। ବିଧାୟକ ଶ୍ରୀ ନାଏକ ପୂର୍ବରୁ ୨ଥର ଜିଲ୍ଲା ପରିଷଦ ସଦସ୍ୟ ଓ ବିଧାୟକ ନିର୍ବାଚନ ସମୟରେ ଅନେକ ଆର୍ଥିକ ସହାୟତା ମଧ୍ୟ ପ୍ରଦାନ କରିଥିଲେ ବୋଲି କହିଛନ୍ତି। ନିଜ ଦରମା ଟଙ୍କାରୁ ତାଙ୍କୁ କାର୍ ଓ ବାଇକ ଆଦି ମଧ୍ୟ କିଣି ଦେଇଥିବା ସେ କହିଛନ୍ତି। ସେ ବର୍ତ୍ତମାନ ବିଧାୟକ ହେବା ପରେ ତାଙ୍କୁ ଆର୍ଥିକ ଶୋଷଣ କରି ସମସ୍ତ ସମ୍ପର୍କ ଛିନ କରିଛନ୍ତି।





ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଯାଇଥିବା ବିଜେଡି ଫ୍ୟାକ୍ଟ ଫାଇଣ୍ଡିଂ ଟିମକୁ ଘଟଣା ବାବଦରେ ସେ କହିଥିଲେ। ଏ ସମୟରେ ମହିଳାଙ୍କ ସାନ ଭାଇ ଅଭିରାମ ଲେଙ୍କା ବିଧାୟକ ଶ୍ରୀ ନାଏକଙ୍କ ପ୍ରରୋଚନାରେ ଅତର୍କିତ ଭାବେ ସେଠାରେ ଉପସ୍ଥିତ ହୋଇ ଆକ୍ରମଣ କରିଥିଲେ। ମହିଳାଙ୍କୁ ଆକ୍ରମଣ କରିବାରୁ ସେ କିଛି ସମୟ ପାଇଁ ମୂର୍ଚ୍ଛା ହୋଇଯାଇଥିଲେ। ମହିଳାଙ୍କ ଭାଇକୁ ହାତବାରିସି କରି ମାମଲା ରଫାଦଫା କରିବାକୁ ବିଧାୟକ ଶ୍ରୀ ନାଏକ ପ୍ରୟାସ କରୁଛନ୍ତି ବୋଲି ସମ୍ପୃକ୍ତ ମହିଳା ଅଭିଯୋଗ କରିଛନ୍ତି। ଭାଇ ଅଭିରାମ ଲେଙ୍କା ମହିଳାଙ୍କୁ ଜୀବନରୁ ମାରିଦେବେ ବୋଲି ସର୍ବସମ୍ମୁଖରେ ଧମକ ଦେଇଥିଲେ। ପୁଲିସ କେତେ ଦିନ ସୁରକ୍ଷା ଦେବ, ମୁଁ ତୋତେ ଜୀବନରୁ ମାରିଦେବି ବୋଲି କହିଥିଲେ ବୋଲି ଅଭିଯୋଗରେ ଦର୍ଶାଇଛନ୍ତି। ଟଙ୍କା ଫେରସ୍ତ ନ ଦେବାକୁ ବିଧାୟକ ଶ୍ରୀ ନାଏକ ତାଙ୍କୁ ଗୁଣ୍ଡା ସଜାଇ ପଠାଇଛନ୍ତି। ମହିଳାଙ୍କ ଜୀବନ ପ୍ରତି ବିପଦ ଥିବା ଦର୍ଶାଇ ତିରିଂ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ତେବେ ତିରିଂ ଥାନାରେ ଉକ୍ତ ମାମଲା ରୁଜୁ କରାଯାଇଛି। ବିଜେଡି ଟିମ ଏସପିଙ୍କୁ ଜଣାଇବା ପରେ ପୁଲିସ ଅଭିରାମ ଲେଙ୍କାଙ୍କୁ ଗିରଫ କରି ତିରିଂ ଥାନାକୁ ନେଇଥିଲେ। କିନ୍ତୁ ସର୍ବସମ୍ମୁଖରେ ମରଣାନ୍ତକ ଆକ୍ରମଣ ଓ ଜୀବନରୁ ମାରିଦେବାକୁ ଧମକ ଦେବା ସତ୍ତ୍ୱେ ପୁଲିସ ଗିରଫ କରି କୋର୍ଟ ଚାଲାଣ କଲାନାହିଁ। ତାଙ୍କୁ ପୁଲିସ ଥାନାରୁ ଉକ୍ତ ଦିନ ରାତିରେ ଜାମିନରେ ଛାଡି ଦେଇଥିଲା। ପୂର୍ବରୁ ଆରତୀ ଲେଙ୍କାଙ୍କ ବିଧାୟକ ଶ୍ରୀ ନାଏକଙ୍କ ବିରୁଦ୍ଧରେ ଦେଇଥିବା ଏତଲା କେବଳ ଷ୍ଟେସନ ଡାଏରୀ ହୋଇଥିବାବେଳେ କୌଣସି ମାମଲା ରୁଜୁ କରାଯାଇନାହିଁ। ତେବେ ବିଜେଡି ଘଟଣାରେ ସମ୍ପୃକ୍ତ ହେବାରୁ ଉକ୍ତ ଅଭିଯୋଗକୁ ନେଇ ମାମଲା ଦାଏର କରିଥିଲା। ମହିଳା ଜଣକ ନ୍ୟାୟ ପାଇଁ ନିବେଦନ କରୁଥିବାବେଳେ ରାଇରଙ୍ଗପୁର ବିଧାୟକ ଜଲେନ ନାଏକଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ପଛଘୁଞ୍ଚା ଦେଉଛି ପୁଲିସ। ଯାହାକୁ ଜନସାଧାରଣ ନିନ୍ଦା କରାଯାଇଛି। ଉକ୍ତ ଘଟଣା ପରଠାରୁ ସପ୍ତାହେ ହେବ ରାଇରଙ୍ଗପୁର ଅଞ୍ଚଳରେ ବିଧାୟକଙ୍କ କୌଣସି ଖୋଜ ଖବର ନାହିଁ। କିନ୍ତୁ ରାଷ୍ଟ୍ରପତିଙ୍କ ଅଞ୍ଚଳରେ ମହିଳା ଜଣକ ନ୍ୟାୟ ପାଇବାରେ ବିଫଳ ହୋଇଛନ୍ତି ବୋଲି ବିଜେଡି ପକ୍ଷରୁ ଅଭିଯୋଗ କରାଯାଇଛି। ମହିଳାଙ୍କୁ ନ୍ୟାୟ ପ୍ରଦାନ କରିବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ବିଜେଡି ପକ୍ଷରୁ ସଭାପତି ଦେବାଶିଷ ମାର୍ଣ୍ଡି, କାର୍ଯ୍ୟକାରୀ ସଭାପତି ରାଇସେନ ମୁର୍ମୁ, ଶକ୍ତି ବିଭାଗର ପୂର୍ବତନ ଉପଦେଷ୍ଟା ଦୀପ୍ତିମାନ ବଳ, ପୌର ଉପାଧ୍ୟକ୍ଷା ମମିତା ଚୌଧୁରୀ, ସଭାନେତ୍ରୀ ତନୁଜା ମହାନ୍ତ ପ୍ରମୁଖ କହିଛନ୍ତି।



# ସକରାତ୍ମକ ପରିବର୍ତ୍ତନର ସୂତ୍ରଧର ସାଜିଛନ୍ତି ଗୀତାରାଣୀ

**କାଳିପଦା, ୭।୫ (ସମିସ):** ବାଲିଆପାଳ ବ୍ଲକ ଅନ୍ତର୍ଗତ ଶ୍ରୀରାମପୁର ପଞ୍ଚାୟତରେ ସକରାତ୍ମକ ପରିବର୍ତ୍ତନର ସୂତ୍ରଧର ସାଜିଛନ୍ତି ଗୀତାରାଣୀ ଦେ। ସେ ଭଳି କି ଭଳି ରଙ୍ଗବେରଙ୍ଗ କପଡ଼ାରୁ ଆକର୍ଷଣୀୟ ଆପ୍ଲିକ୍ ଡିଜାଇନ ପ୍ରସ୍ତୁତ କରି ସ୍ଥାନୀୟ ଅଞ୍ଚଳରେ ବେଶ ସୁନାମ ଅର୍ଜନ କରିଛନ୍ତି। ଏକ ସାମୁଦାୟିକ ତାଲିମ କାର୍ଯ୍ୟକ୍ରମରୁ କାର୍ଯ୍ୟ ଶିଖିଥିବା ଏହି କଳା ଏବେ ଜୀବିକାର ରାହା ଦେଖାଇଛି। ଏହା କେବଳ ଗୀତାଙ୍କ ପାଇଁ ନୁହେଁ ବରଂ ଅଞ୍ଚଳର ଅନ୍ୟ ମହିଳାଙ୍କୁ ମଧ୍ୟ ସ୍ୱାବଲମ୍ବୀ ହେବାର ସୁଯୋଗ ଦେଇଛି। ଆପ୍ଲିକ୍ ଡିଜାଇନ ଶିଖିବା ପୂର୍ବରୁ ଗୀତା ଟେଲରିଂ ମାଧ୍ୟମରେ ଛୋଟ ଛୋଟ ଅର୍ଡର ନେଇ ନିଜ ପରିବାରକୁ ଆର୍ଥିକ ସହଯୋଗ ପ୍ରଦାନ କରୁଥିଲେ। ତଥାପି ସ୍ୱାମୀଙ୍କ ରୋଜଗାର ଉପରେ ନିର୍ଭର କରୁଥିଲେ। ମାତ୍ର ଏକ ସଂସ୍ଥା ଦ୍ୱାରା ଆୟୋଜିତ ଏକ ଆପ୍ଲିକ୍ ଡିଜାଇନିଂ ତାଲିମ ଶିବିରରେ ଯୋଗ ଦେବା ପରେ ଗୀତାଙ୍କ ଜୀବନର ରୂପ ବଦଳିଯାଇଛି। ଅକ୍ଟୋବର ୨୦୨୫ ରୁ ଫେବୃଆରୀ ୨୦୨୬ ଯାଏଁ ଅନୁଷ୍ଠିତ ତାଲିମ କାର୍ଯ୍ୟକ୍ରମ ଜରିଆରେ ଗୀତାଙ୍କ ସହିତ ୨୨ ଟି ସ୍ୱୟଂ ସହାୟକ ଗୋଷ୍ଠୀର ୩୦ ଜଣ ମହିଳାମାନେ ଯୋଗଦେଇ ତାଲିମ ଗ୍ରହଣ କରିବା ପରେ ଗୀତା ଓ ତାଙ୍କ ସାଥି ମହିଳାମାନେ ନିଜ କଳାକୁ ଔଦ୍ୟୋଗିକତାରେ ପରିଣତ କରିବାକୁ ନିଷ୍ପତ୍ତି ନେଇଛନ୍ତି। ସେମାନେ ଏକାଠି ହୋଇ ରାମେଶ୍ୱର ଉତ୍ପାଦକ ସଂଗଠନର ପ୍ରତିଷ୍ଠା କରି ଟେବୁଲ୍ କଭର, କୁଶନ୍ ସେଟ୍, ବେଡସିଟ୍, ଛତା, ଲାପଟପ୍ ବ୍ୟାଗ୍ ଏବଂ କାନ୍ଥରେ ଝୁଲୁଥିବା ବିଭିନ୍ନ ହସ୍ତତନ୍ତ ସାମଗ୍ରୀ ପ୍ରସ୍ତୁତ କରୁଛନ୍ତି। ଏହାର ଆପ୍ଲିକ୍ ଚାହିଦା ବଢୁଥିବାରୁ ଏହି ବ୍ୟବସାୟ ଏକ ନିର୍ଭରଯୋଗ୍ୟ ଜୀବିକା ନିର୍ବାହର ବିକଳ୍ପ ଭାବେ ପରିଣତ ହୋଇଛି। ଗୀତା ମାସକୁ ୮ ରୁ ୧୦ ହଜାର ଟଙ୍କା ରୋଜଗାର



କରୁଛନ୍ତି। ଦିନେ ତାଙ୍କୁ ଘରୁ ବାହାରିବାର ସୁଯୋଗ ମିଳୁନଥିଲା, ଏବେ ତାଙ୍କୁ ପରିବାର ଲୋକେ ଖୁବ ପ୍ରଶଂସା ଏବଂ ସମର୍ଥନ କରୁଛନ୍ତି। ଯାହା ଦ୍ୱାରା ସେ ପରିବାର ସହିତ ତାଙ୍କ ପିଲାମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତର ସ୍ୱପ୍ନ ଦେଖିବାର ସାହସ କରି ପାରୁଛନ୍ତି ବୋଲି କହିଛନ୍ତି। ସରକାର ଗୀତାରାଣୀ ଦେଙ୍କୁ ଆର୍ଥିକ ସହାୟତା ଯୋଗାଇ ଦେବାକୁ ସ୍ଥାନୀୟ ଅଞ୍ଚଳର ଲୋକ ମାନେ କହିଛନ୍ତି।

## ଜଳେଶ୍ୱର କୃଷି ଜିଲ୍ଲାରେ କାଳବୈଶାଖୀ ବର୍ଷା

# ଉଜୁଡ଼ିଲା ଚିନାବାଦାମ ଚାଷ, ଚାଷୀ ମୁଣ୍ଡରେ ଚଡ଼କ

**ଜଳେଶ୍ୱର, ୭।୫ (ସମିସ)**

ଚଳିତ ବର୍ଷ ଏପ୍ରିଲ ଓ ମେ ମାସରେ ବାରମ୍ବାର ଝଡ଼ ବର୍ଷା ଲାଗି ରହିଥିବାରୁ ଜଳେଶ୍ୱର କୃଷି ଜିଲ୍ଲାରେ ଚିନାବାଦାମ ଚାଷୀଙ୍କ ମୁଣ୍ଡରେ ଚଡ଼କ ପଡ଼ିଛି। ଚଳିତ ବର୍ଷ ରବି ଋତୁରେ ଜଳେଶ୍ୱର କୃଷି ଜିଲ୍ଲା ଅନ୍ତର୍ଗତ ଜଳେଶ୍ୱର, ଭୋଗରାଇ, ବାଲିଆପାଳ ବ୍ଲକ ଅଞ୍ଚଳରେ ୭ ହଜାର ହେକ୍ଟର ଜମିରେ ଚିନା ବାଦାମ ଚାଷରେ ବ୍ୟାପକ କ୍ଷତି ଘଟିଛି। ବାଲେଶ୍ୱର ଜିଲ୍ଲାର ଜଳେଶ୍ୱର, ବାଲେଶ୍ୱର, ସୋର, ନୀଳଗିରି ଓ ସିମୁଳିଆଠାରେ ମୋଟ ୫ଟି କୃଷି ଜିଲ୍ଲା କାର୍ଯ୍ୟାଳୟ କାର୍ଯ୍ୟ କରି ଆସୁଛି। ଚଳିତ ବର୍ଷ ରବି ଋତୁରେ କେବଳ ଜଳେଶ୍ୱର କୃଷି ଜିଲ୍ଲାରେ ଚିନାବାଦାମ ଚାଷ ହୋଇଛି। ତଥ୍ୟ ଅନୁଯାୟୀ ଜଳେଶ୍ୱର ବ୍ଲକରେ ୩୧୨୦ ହେକ୍ଟର, ଭୋଗରାଇରେ ୧୨୮୦ ହେକ୍ଟର



**କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା ଯୋଗାଇବାକୁ ଦାବି**

ଓ ବାଲିଆପାଳ ୨୫୫୦ ହେକ୍ଟର ଜମିରେ ଚିନାବାଦାମ ଚାଷ ହୋଇଥିଲା। ଜଳେଶ୍ୱର ବ୍ଲକର ଲକ୍ଷ୍ମଣନାଥ, ଗୋବରଘଟା, ବାଇଗଣ ବାଡିଆ, ଝାର୍ଡ଼ପିମ୍ପଳ, ପଶ୍ଚିମବାର୍ଡ଼, ଗଡ଼ସାହି ବାଲିଆପାଳ, ଶିଖରପୁର, ଓଲମାରା, ମାଙ୍କଡ଼ିଆ, ରାୟାରାମଚନ୍ଦ୍ରପୁର ଇତ୍ୟାଦି ପଞ୍ଚାୟତ ଅଧୀନରେ ଏହି ଚାଷ ହୋଇଥିଲା। ଏଥି ପାଇଁ ବିଭାଗ ପକ୍ଷରୁ ସମସ୍ତ ବିହନ ଯୋଗାଇ ପାରି ନ ଥିବାରୁ ଚାଷୀମାନଙ୍କର ଆବଶ୍ୟକ ୧୧ ଶହ କୁଇଣ୍ଟାଲ ବିହନ ଚାଷୀମାନେ ଅଧିକ ମୂଲ୍ୟରେ ଅନ୍ୟ ରାଜ୍ୟ ବ୍ୟବସାୟୀଙ୍କଠାରୁ କିଣିବାକୁ ବାଧ୍ୟ ହୋଇଥିଲେ। କିନ୍ତୁ ବର୍ଷା ଯୋଗୁଁ ଏବେ ଚିନାବାଦାମ ପରିପକ୍ୱ ହୋଇ ନଥିଲେ ମଧ୍ୟ ପାଣିରେ ବୁଡ଼ି ରହିଥିବାରୁ ପଚିବାର ଆଶଙ୍କାରେ ଚାଷୀମାନେ ଉପାଡି ଅମଳ କରୁଛନ୍ତି। ବ୍ୟାପକ କ୍ଷତି ଘଟୁଥିଲା ବେଳେ ବିଭାଗ ନିକଟରେ ତଥ୍ୟ ନ ଥିବାର କୁହାଯାଇଛି। କୃଷି ବିଭାଗ ପକ୍ଷରୁ ତଥ୍ୟ ସଂଗ୍ରହ କରି ଆବଶ୍ୟକ ସହାୟତା, କ୍ଷତିପୂରଣ ଯୋଗାଇ ବାକୁ ବହୁ ଚାଷୀ, କୃଷକ ସଂଗଠକ, କୃଷକ କ୍ଲବ, ଉଠିଆ ଚାଷୀ, ଜିଲ୍ଲାପାଳ, କୃଷି ନିର୍ଦ୍ଦେଶକ ଓ କୃଷି ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା ଯୋଗାଇ ବାକୁ ଦାବି ହେଉଛି।

# ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

**ଲଙ୍ଗଳେଶ୍ୱର, ୭।୫(ସମିସ):** ବାଲେଶ୍ୱର ଜିଲ୍ଲା ସିଂଲା ଥାନା ଅନ୍ତର୍ଗତ କୁଣ୍ଡୁଳୀ ଗାମର ସୁରେଶ ମଲ୍ଲିକଙ୍କ ସନ୍ଦେହ ଜନକ ମୃତ୍ୟୁ ଘଟିଛି। ଘଟଣା ସ୍ଥଳରେ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା। ଖବର ପାଇ ସିଂଲା ଥାନା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଘଟଣାର ଅଧିକ ତଦନ୍ତ ଜାରି ରଖିଛି। ଗ୍ରାମର ସ୍ୱର୍ଗତ ବୃନ୍ଦାବନ ମଲ୍ଲିକଙ୍କ ପୁଅ ସୁରେଶ ମଲ୍ଲିକ ସଙ୍କୀର୍ତ୍ତନ ମଣ୍ଡଳରେ ବାଦ୍ୟକାର ଭାବେ କାର୍ଯ୍ୟକରି ପରିବାର ପ୍ରତିପୋଷଣ କରୁଥିଲେ। ଆଜି ସକାଳେ ସୁରେଶଙ୍କ ମୃତଦେହକୁ ପରିବାର ଲୋକ ଘର ପଛ ପଟୁ ଉଦ୍ଧାର କରିଥିଲେ। ଖବର ପ୍ରଚାରିତ ହେବାପରେ ଗ୍ରାମବାସୀମାନେ ଘଟଣା ସ୍ଥଳରେ ପହଞ୍ଚି ଥିଲେ। ପରେ ସେଠାରେ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା, ଘଟଣା ସ୍ଥଳରେ ପୂର୍ବତନ ଜିଲ୍ଲା ପରିଷଦ ମହେଶ୍ୱର ଜେନା ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଉକ୍ତ ଯୁବକଙ୍କ ସାନ ଭାଇଙ୍କୁ ଅଟକ ରଖି ଅଧିକ ତଦନ୍ତ ଜାରି ରଖିଛି।

# ଜନଆକ୍ରୋଶ ମହିଳା ପଦଯାତ୍ରା

**ନୀଳଗିରି, ୭।୫ (ସମିସ):** ବାଲେଶ୍ୱର ସାଂସଦ ପ୍ରତାପ ଷଡ଼ଙ୍ଗୀଙ୍କ ନେତୃତ୍ୱରେ ଭାରତୀୟ ଜନତା ପାର୍ଟି ପକ୍ଷରୁ ନୀଳଗିରି ବ୍ଲକ ୧୩ ନମ୍ବର ଜୋନରେ ଜନ ଆକ୍ରୋଶ ମହିଳା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନାରୀ ଶକ୍ତି ବନ୍ଦନ ଅଧିନିୟମ କୁ ବିରୋଧ କରୁଥିବା ଇଣ୍ଡି ମେଣ୍ଟର ମହିଳା ବିରୋଧୀ ମାନସିକତା ବିରୋଧ ରେ ନୀଳଗିରିର ଶତାଧିକ ମହିଳା ରାଜ ରାସ୍ତା କୁ ଓଲ୍ହାଇଛନ୍ତି। ପ୍ରତିବାଦ ସ୍ୱରୂପ ଧୋବଶିଳା ପଞ୍ଚାୟତ କାର୍ଯ୍ୟାଳୟଠାରୁ ମହିଳା ମାନେ ନାରା ବାଜି କରି ଏକ ପଦ ଯାତ୍ରାରେ ବାହାରି ଧୋବଶିଳା ଛକଠାରେ ପହଞ୍ଚିଥିଲେ। ମହିଳା ମାନଙ୍କୁ ସାମ୍ବିଧାନିକ ଅଧିକାରରେ ବାଧକ ସୃଷ୍ଟି କରୁଥିବା ଇଣ୍ଡି ମେଣ୍ଟର ପ୍ରମୁଖ ନେତା ରାହୁଲ ଗାନ୍ଧୀ, ନବୀନ ପଟ୍ଟନାୟକ, ଅଖିଳେଶ ଯାଦବ, ମମତା ବାନାର୍ଜି, ମଲିକାର୍ଜୁନ ଖଡ଼ଗେ ପ୍ରମୁଖ ବିରୋଧୀ ମେଣ୍ଟର ଅନ୍ୟାନ୍ୟ ନେତାଙ୍କ କୁଶପୁତ୍ତଳିକା ଦାହ କରିଥିଲେ।

# ସରକାରୀ ବାଲି ସୈରାତରେ ଡ୍ରୋନ୍ ସର୍ଭେ

**ଜଳେଶ୍ୱର, ୭।୫(ସମିସ):** ସୁବର୍ଣ୍ଣରେଖା ନଦୀର ଜଳେଶ୍ୱର ବ୍ଲକରେ ଥିବା ରାଜନଗର, ଶିଖରପୁର, ମାକିଡିଆ ଓ ବସ୍ତା ବ୍ଲକର ଅବଧି ସରିଥିବା ଧିତପୁରା ସରକାରୀ ବାଲି ସୈରାତରେ ଡ୍ରୋନ୍ ସର୍ଭେ କରାଯାଇଛି। ବର୍ଷା ଋତୁ ଆସିବା ପୂର୍ବରୁ ଲିଜ୍‌ଧାରୀମାନେ କେତେ ବାଲି ଉତ୍ତୋଳନ କରିଛନ୍ତି ତାହାର ହିସାବ ଲାଗି ଏପରି ସର୍ଭେ



କରାଯାଉଥିବା ଜଣାଯାଇଛି। ଜିଲା ଖଣି ଅଧିକାରୀ ଜଗନ ବେହେରାଙ୍କ ନିର୍ଦ୍ଦେଶରେ ଭୁବନେଶ୍ୱର ଏକ ସଂସ୍ଥା ଏହି ସର୍ଭେ ଦାୟିତ୍ୱ ନେଇଥିବା ବେଳେ ଅବିନାସ ଦାସଙ୍କ ସହିତ ଏକ ଟିମ୍ ଆଜି ରାଜନଗର ଓ ଧିତପୁରା ବାଲି ସୈରାତରେ ସର୍ଭେ କାର୍ଯ୍ୟ କରିଛନ୍ତି। ସୂଚନାଯୋଗ୍ୟ ଲିଜ୍‌ଧାରୀମାନେ ନିର୍ଦ୍ଦିଷ୍ଟ ସ୍ଥାନରୁ ନିର୍ଦ୍ଦିଷ୍ଟ ପରିମାଣର ବାଲି ଉତ୍ତୋଳନ କରାଯିବାର ନିୟମ ଥିବା ବେଳେ କେତେକ ଲିଜ୍‌ଧାରୀ ମନଇଚ୍ଛା ବାଲି ଉତ୍ତୋଳନ କରୁଥିବା ଅଭିଯୋଗ ହୋଇଛି। ଆଜିର ଏହି ସର୍ଭେ ବେଳେ କନିଷ୍ଠ ଖଣି ଅଧିକାରୀ ତାପସ ବେହେରା ଉପସ୍ଥିତ ଥିଲେ। ଅନ୍ୟ ସୈରାତ ଗୁଡିକୁ ଆସନ୍ତାକାଲି ସର୍ଭେ ହେବ ବୋଲି ସେ କହିଛନ୍ତି।

# ଚାଲନ୍ତି ଓ ନୂଆବଜାର ରେଳ ଓଭରବ୍ରିଜ ପାଲଟିଛି ମରଣଯନ୍ତା

**ଜଳେଶ୍ୱର, ୭।୫ (ସମିସ):** ଜଳେଶ୍ୱର ସହର ମଧ୍ୟଦେଇ ଯାଇଥିବା ୫୭ନଂ ରାଜ୍ୟ ରାଜପଥର ରାଜଘାଟ ନିକଟ ଚାଲନ୍ତି ଠାରେ ଓ ଜଳେଶ୍ୱର ସହର ନିକଟ ନୂଆବଜାର ଠାରେ ୨୦୧୮ ମସିହାରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ଅନୁମୋଦନ କ୍ରମେ ଦୁଇଟି ରେଳ ଓଭରବ୍ରିଜ କାର୍ଯ୍ୟ ଆରମ୍ଭ ହୋଇଥିଲା। ପ୍ରାୟ ୨୦୨୧-୨୨ ମସିହାରେ କେନ୍ଦ୍ର ସରକାରଙ୍କ ଅନୁଦାନରେ ହେବାକୁ ଥିବା ନିର୍ମାଣ କାର୍ଯ୍ୟ ଶେଷ ହୋଇଥିବା ବେଳେ ରାଜ୍ୟ ସରକାରଙ୍କ ଅନୁଦାନରେ ପୂର୍ତ୍ତବିଭାଗ ଦ୍ୱାରା ନିର୍ମାଣ ହେଉଥିବା ବ୍ରିଜ କାର୍ଯ୍ୟ ୨୦୨୩ ମସିହା ସୁଦ୍ଧା ସମ୍ପୂର୍ଣ୍ଣ ହୋଇ ଜନସାଧାରଣଙ୍କ ଯାତାୟତ ପାଇଁ ଖୋଲାଯାଇଥିଲା। ମାତ୍ର ୩ ବର୍ଷ ମଧ୍ୟରେ ଦୁଇଟି ଯାକ ବ୍ରିଜର ରାସ୍ତା ଅବସ୍ଥା ଶୋଚନୀୟ ହୋଇଥିବାର ଦେଖିବାକୁ ମିଳିଛି। ଚାଲନ୍ତି ରେଳ ଅଭରବ୍ରିଜର କେନ୍ଦ୍ର ଅନୁଦାନରେ ନିର୍ମିତ ରେଳ ଟ୍ରାକ ଉପରେ ଥିବା ବ୍ରିଜର ରାସ୍ତା ଉପରେ ବିରାଟ ଗର୍ତ୍ତ ସହିତ କଂକ୍ରିଟ ଉଠିଯାଇ ବିପଦ ପୂର୍ଣ୍ଣ ଅବସ୍ଥା ସୃଷ୍ଟି କରିଛି। ରାତ୍ରିରେ ଉକ୍ତ ସ୍ଥାନରେ ଆଲୋକ ନ ଥିବାରୁ ବାରଂବାର ଦୁର୍ଘଟଣା ଘଟୁଛି। ଦୀର୍ଘଦିନରୁ ଏହି ଅବସ୍ଥା ହୋଇଥିଲେ ମଧ୍ୟ ଏହି ରାସ୍ତାଦେଇ ବିଭାଗୀୟ କର୍ମକର୍ତା ବା ଜନପ୍ରତିନିଧି ଯିବା ଆସିବା କରୁଥିବା ବେଳେ କୌଣସୀ କାର୍ଯ୍ୟାନୁଷ୍ଠାନ ନ ନେବା ଆଶ୍ଚର୍ଯ୍ୟର ବିଷୟ। ସ୍ଥାନୀୟ ଲୋକଙ୍କ କହିବାନୁଯାୟୀ ଉକ୍ତ ବ୍ରିଜକୁ ଉଦ୍‌ଘାଟନ ପାଇଁ ତତ୍କାଳୀନ ରାଜ୍ୟ ଓ କେନ୍ଦ୍ର ସରକାର ଜନପ୍ରତିନିଧି ମାନେ ଟଣାଓଟରା ହୋଇ ଦୁଇଥର ଉଦ୍‌ଘାଟନ କରିଥିବା ବେଳେ ଏବେ କାହାରି ନଜର ନ ପଡ଼ିବା ପରିତାପର ବିଷୟ। ସେହିପରି



ଜଳେଶ୍ୱର ନୂଆବଜାରସ୍ଥିତ ରେଳ ଅଭରବ୍ରିଜର ରାଜ୍ୟ ସରକାରଙ୍କ ଅନୁଦାନରେ ନିର୍ମିତ ରାସ୍ତାର ଅନୁରୂପ ଅବସ୍ଥା ହୋଇଛି। ରାସ୍ତାରେ କଂକ୍ରିଟ ଭାଙ୍ଗି ରଡ ବାହାରିବା ଯୋଗୁଁ ଜନସାଧାରଣ ଦୁର୍ଘଟଣାର ଶିକାର ହେଉଥିବା ଅଭିଯୋଗ ଶୁଣିବାକୁ ମିଳୁଛି। ଠିକାଦାର, ବିଭାଗୀୟ କର୍ମକର୍ତା ତଥା ଜନପ୍ରତିନିଧିଙ୍କ ସୁ ନଜରରେ ନିର୍ମିତ ଏହି ବ୍ରିଜର ସ୍ଥାୟୀତ୍ୱକୁ ନେଇ ଜନସାଧାରଣ ପ୍ରଶ୍ନ ଉଠାଇଛନ୍ତି। ଜନସାଧାରଣଙ୍କ ସୁରକ୍ଷା ପାଇଁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସ୍ଥାନୀୟ ଜନସାଧାରଣ ଦାବି କରିଛନ୍ତି।

# ସଂକୁଳସ୍ତରୀୟ ସାମୂହିକ ଆଚାର୍ଯ୍ୟ କାର୍ଯ୍ୟଶାଳା ଉଦ୍‌ଯାପିତ

**ନୀଳଗିରି, ୭।୫ (ସମିସ):** ନୀଳଗିରି ରାଜବାଟୀସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପ୍ରାଙ୍ଗଣରେ ଗତ ଦୁଇ ତାରିଖରୁ ପାଞ୍ଚ ତାରିଖ ପର୍ଯ୍ୟନ୍ତ ଚାଲିଥିବା ମିତ୍ରପୁର ସଂକୁଳ ସ୍ତରୀୟ ସାମୁହିକ ଆଚାର୍ଯ୍ୟ କାର୍ଯ୍ୟଶାଳା



ଉଦଯାପିତ ହୋଇ ଯାଇଛି। କାର୍ଯ୍ୟକ୍ରମରେ ମିତ୍ରପୁର ସଂକୁଳର ୧୧ ବିଦ୍ୟାଳୟର ଦୁଇଶହ ଆଚାର୍ଯ୍ୟ, ଆଚାର୍ଯ୍ୟା ଭାଗ ନେଇଥିଲେ। ପ୍ରଶିକ୍ଷକ ଭାବେ ରେମୁଣା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟ ରବୀନ୍ଦ୍ର ବାରିକ, ବାଲିଆ ସାରସ୍ୱତୀ ଶିଶୁମନ୍ଦିର ପ୍ରଧାନ ଆଚାର୍ଯ୍ୟ ନରେନ୍ଦ୍ର ମହାନ୍ତି, ସନ୍ତରାଗଡ଼ିଆ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପ୍ରଧାନ ଆଚାର୍ଯ୍ୟ ତଥା ମିତ୍ରପୁର ସଂକୁଳର ସଂକୁଳ ପ୍ରମୁଖ କମଳାକାନ୍ତ ମିଶ୍ର, ଶାରୀରିକ ଯୋଗ ପ୍ରଶିକ୍ଷକ ତଥା ନୀଳଗିରି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ର ଆଚାର୍ଯ୍ୟ ରବୀନ୍ଦ୍ର ବାରିକ ପ୍ରମୁଖ ଯୋଗ ଦେଇ ପ୍ରଶିକ୍ଷଣ ଦେଇଥିଲେ। ଦୁଇ ତାରିଖ ସନ୍ଧ୍ୟାରେ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବାଲେଶ୍ୱର ମାନ୍ୟବର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଅନୁଷ୍ଠାନିକ ଭାବେ ଯୋଗ ଦେଇ ଶୁଭ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ, ବିଡ଼ିଓ ବିକ୍ରମ କେଶରୀ ପରିଡ଼ା, ସମାଜସେବୀ ଚନ୍ଦ୍ରବିନ୍ଦୁ ଦାସ, ନୀଳଗିରି ରାଜବାଟି ର ବଂଶାନୁକ୍ରମିକ ରାଣୀ ମନୋଜା ମଞ୍ଜରୀ ଦେବୀ ଯୋଗଦେଇ ଉପସ୍ଥିତ ଗୁରୁଜୀ ଗୁରୁମା ମାନଙ୍କୁ ପ୍ରେରଣା ଦାୟୀ ବାର୍ତ୍ତା ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବାଲେଶ୍ୱର ବିଭାଗୀୟ ନିରୀକ୍ଷକ ବିଜୟ ଜେନା ଓ ସମ୍ଭାର ବିଭୁତିଭୂଷଣ ପାଇକରାୟ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଅନ୍ତିମ ଦିବସରେ ନୀଳଗିରି ବ୍ଲକ ଅଧକ୍ଷା ଶୁଭଲକ୍ଷ୍ମୀ ମାଝୀ, ନୀଳଗିରି ଏନଏସି ଅଧକ୍ଷ ମହେନ୍ଦ୍ରବାଥ ବେହେରା ଯୋଗଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଜୟକୃଷ୍ଣ ବାରିକ, ସମ୍ପାଦକ ପ୍ରଦୀପ କୁମାର ବେହେରା, ସହକାରୀ ଗୁରୁଜୀ, ଗୁରୁମା ଉପସ୍ଥିତ ରହି ଶିବିର ପରିଚାଳନାରେ ସହଯୋଗ କରିଥିଲେ।

## ● ବାଲେଶ୍ୱର ଷ୍ଟେସନରେ ରେଳ ମାଜିଷ୍ଟ୍ରେଟ୍‌ଙ୍କ ଦ୍ୱାରା ଯାଞ୍ଚ ଅଭିଯାନ

# ୧୧୪ଟି ଅନିୟମିତତା ମାମଲା ଚିହ୍ନଟ, ଜରିମାନା ଆଦାୟ

**ବାଲେଶ୍ୱର, ୭।୫ (ସମିସ):** ଦକ୍ଷିଣ ପୂର୍ବ ରେଳପଥ ଅନ୍ତର୍ଗତ ଖଡ଼ଗପୁର ମଣ୍ଡଳର ବାଲେଶ୍ୱର ଷ୍ଟେସନରେ ଆଜି ଏକ ସ୍ୱତନ୍ତ୍ର ରେଳ ମାଜିଷ୍ଟ୍ରେଟ୍ ଯାଞ୍ଚ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ବିନା ଟିକେଟରେ ଯାତ୍ରା ଏବଂ ଅନିୟମିତ ଯାତ୍ରା ଉପରେ ରୋକ୍ ଲଗାଇବା ସହ ରେଳ ନିୟମର ଅନୁପାଳନ ନିଶ୍ଚିତ କରିବା ପାଇଁ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏହି ଚଢ଼ଉ ସମୟରେ ମୋଟ ୧୧୪ଟି ଅନିୟମିତତା ମାମଲା ଚିହ୍ନଟ କରାଯାଇଛି। ଏଥିରେ ବିନା ଟିକେଟରେ ଯାତ୍ରା, ଅବୈଧ ଟିକେଟରେ ଯାତ୍ରା ଏବଂ ବିନା ବୁକିଂରେ ଲଗେଜ୍ ପରିବହନ ଭଳି ମାମଲା ସାମିଲ ରହିଛି। ନିୟମ ଉଲ୍ଲଂଘନକାରୀଙ୍କଠାରୁ ମୋଟ ୫୭ ହଜାର ୮୦୫ ଟଙ୍କା ଜରିମାନା ଆଦାୟ କରାଯାଇଛି। ରେଳ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ଆୟୋଜିତ ଏହି ଅଭିଯାନରେ ବାଣିଜ୍ୟ ବିଭାଗର ଅଧିକାରୀ ଏବଂ ରେଳ ସୁରକ୍ଷା ବଳର କର୍ମଚାରୀମାନେ ସାମିଲ ହୋଇ ଶୃଙ୍ଖଳିତ ଭାବେ ନିୟମ ପ୍ରଣୟନ କରିଥିଲେ। ଅନଧିକୃତ ଯାତ୍ରାକୁ ରୋକିବା, ଯାତ୍ରୀମାନଙ୍କୁ ବୈଧ ଟିକଟ୍ କିଣିବା ପାଇଁ ଉତ୍ସାହିତ କରିବା ଏବଂ ରେଳପଥରେ ଯାତ୍ରୀ ଶୃଙ୍ଖଳା ବୃଦ୍ଧି କରିବା ପାଇଁ ଏଭଳି ଯାଞ୍ଚ ନିୟମିତ ଭାବେ କରାଯାଉଛି। ଜରିମାନା ଓ ଅସୁବିଧାରୁ ବଞ୍ଚିବା ପାଇଁ ଯାତ୍ରୀମାନେ ସବୁବେଳେ ବୈଧ ଟିକଟ୍ ସହ ଯାତ୍ରା କରିବାକୁ ଏବଂ ରେଳ ନିୟମ ମାନିବାକୁ ପରାମର୍ଶ ଦିଆଯାଇଛି।

# ଟ୍ରେଲରକୁ ପଛରୁ ପିଟିଲା ପିକ୍‌ଅପ, ଜଣେ ଗୁରୁତର



**ବସ୍ତା ବ୍ଲକ, ୭।୫(ସମିସ):** ବାଲେଶ୍ୱର ଜିଲ୍ଲା ବସ୍ତା ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥ ର କୁଣ୍ଡପୁର ଛକ ନିକଟସ୍ଥ ଏକ ଢାବା ନିକଟରେ ଛିଡ଼ା ହୋଇଥିବା ଟ୍ରେଲରକୁ ପଛରୁ ଆସି ଏକ ପିକଅପ୍ ଧକ୍କା ଦେବା ଫଳରେ ପିକଅପ୍ ଡ୍ରାଇଭର ଗୁରୁତର ହୋଇଥିବା ଜଣା ପଡ଼ିଛି। ଗୁରୁବାର ମଧ୍ୟାହ୍ନ ସମୟରେ ବାଲେଶ୍ୱରରୁ ଜଳେଶ୍ୱର ଆଡକୁ ଯାଉଥିବା ଏକ ପିକଅପ ଦ୍ରୁତ ଗତିରେ ଆସି ପୂର୍ବରୁ ଢ଼ାବା ନିକଟରେ ଛିଡ଼ା ହୋଇଥିବା ଟ୍ରେଲର ପଛକୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ଡ୍ରାଇଭର ଟ୍ରେଲର ପଛ ରେ ଚାପି ହୋଇ ରହିଥିବା ବେଳେ ଗାଡ଼ିରେ ଥିବା ମହିଳା ଜଣକ ଆହତ ହୋଇଥିଲେ। ତେବେ ସ୍ଥାନୀୟ ଲୋକ ବହୁ କଷ୍ଟ ରେ ଚାପି ହୋଇ ରହିଥିବା ଡ୍ରାଇଭରକୁ ଉଦ୍ଧାର କରି ଉଭୟ ଙ୍କୁ ରାଜପଥ ଆମ୍ବୁଲାନ୍ସ ଯୋଗେ ବାଲେଶ୍ୱର ମେଡିକାଲକୁ ପଠାଯାଇଥିବା ଜଣାପଡ଼ିଛି। ଗୁରୁତର ଡ୍ରାଇଭର ହେଲେ ପଶ୍ଚିମବଙ୍ଗ କାଁଥି ଅଞ୍ଚଳର ଦିଲ୍ଲୀପ ମଜୁମଦାର ଏବଂ ଆହତ ମହିଳା ମଧ୍ୟ କାଁଥି ଅଞ୍ଚଳ ର କବିତା ରାଣୀ ସାହୁ ବୋଲି ଜଣାପଡ଼ିଛି। ଡ୍ରାଇଭରର ବେପରୁଆ ଗାଡି ଚାଳନା ଯୋଗୁଁ ଦୁର୍ଘଟଣା ଘଟିଥିବା ଘଟିଥିବା କୁହା ଯାଉଛି।

# ମାଟ୍ରିକ କୃତୀ ଭାଇଭଉଣୀଙ୍କୁ ସମ୍ବର୍ଦ୍ଧନା

**ଲଙ୍ଗଳେଶ୍ୱର, ୭।୫(ସମିସ):** ବାଲିଆପାଳ ବ୍ଲକ କୁଣ୍ଡୁଳି ପଞ୍ଚତ ନିମପଦା ନାୟକ ରାମଚନ୍ଦ୍ର ଏକାଡେମୀର ଦୁଇଜଣ ଛାତ୍ର ଛାତ୍ରୀ ଗିରିଜା ଶଙ୍କର ନାୟକ ୫୬୦ ଏବଂ ଗାୟତ୍ରୀ ନାୟକ ୫୪୯ ମାର୍କ ରଖି ଚଳିତ ମାଟ୍ରିକ୍ ପରୀକ୍ଷାରେ ଏ-୧ରେ ସଫଳତା ପାଇଥିବାରୁ ବିଦ୍ୟାଳୟ ଶିକ୍ଷକ ଶିକ୍ଷୟିତ୍ରୀ ଓ ପରିଚାଳନା କମିଟି ତରଫରୁ ସମ୍ବର୍ଦ୍ଧିତ



କରାଯାଇଛି। ଏ ଦୁଇଜଣ ଭାଇ ଓ ଭଉଣୀ। ମହାପଦା ଗ୍ରାମର ମାତା ବିନତୀ ନାୟକ ଓ ପିତା ଅକ୍ଷୟ ନାୟକଙ୍କ ଏ ଦୁହେଁ ଯମଜ ସନ୍ତାନ। ବଡ ହେଲେ ସେମାନେ ସିଭିଲ ସର୍ଭିସ୍ ଓ ଡାକ୍ତର ହୋଇ ଲୋକଙ୍କ ସେବା କରିବେ ବୋଲି ଇଚ୍ଛା ପ୍ରକାଶ କରିଛନ୍ତି। ଏଇ ସମ୍ବର୍ଦ୍ଧନା ସଭାରେ ଏକାଡେମୀର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ରାଖାଲ ଜେନା, ବିଦ୍ୟାଳୟ ପରିଚାଳନା କମିଟି ର ଚେୟାରମେନ ଅବନୀ କାନ୍ତ କଅଁର, ପ୍ରାକ୍ତନ ଶିକ୍ଷକ ବନମାଳୀ ସାହୁ, ତପନ କୁମାର ପାତ୍ର, ନିତ୍ୟାନନ୍ଦ ଗିରି, ଶିକ୍ଷକ ଅଜୟ କୁମାର ସାହୁ, ନିଶାକର ପଣ୍ଡା, ଶିବ ପ୍ରସାଦ ବେହେରା, ରବୀନ୍ଦ୍ର କୁମାର ସେନାପତି ସମେତ ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ଓ ଗ୍ରାମବାସୀ ଉପସ୍ଥିତ ଥିଲେ।

# ରଇଁପଡ଼ା ଗାଁରେ ପାନୀୟ ଜଳ ସମସ୍ୟା ଉତ୍କଟ

**ବାଲେଶ୍ୱର, ୭।୫(ସମିସ)**

ବାଲେଶ୍ୱର ସଦର ବ୍ଲକ କୁରାଡ଼ିଆ ପଞ୍ଚାୟତ ଅର୍ନ୍ତଗତ ରଇଁପଡ଼ା ଗାଁରେ ଏବେ ଉତ୍କଟ ପାଣି ସମସ୍ୟା ଦେଖିବାକୁ ମିଳିଛି। ଜଳଜୀବନ ମିଶନ ମାଧ୍ୟମରେ ଗାଁରେ ଘରକୁ ଘର ପାଇପ ଯୋଗେ ପାଣି ଯୋଗାଣ ଏବେ ସମ୍ପୂର୍ଣ୍ଣ ଫେଲ ମାରିଥିବା ବେଳେ ଦୀର୍ଘ ଦେଢ଼ ବର୍ଷ ହେବ ଏହା ଖରାପ ହୋଇପଡ଼ିଛି। ଫଳରେ ଗାଁ ଲୋକେ ପାଣି ପାଇଁ ବହୁ ସମସ୍ୟାର ସମ୍ମୁଖିନ ହେଉଥିବା ବେଳେ ବାଧ ହୋଇ ଗାଁରେ ଥିବା ତିନୋଟି ଟିଓ୍ୱେଲ ଉପରେ ନିର୍ଭର କରୁଛନ୍ତି। ହେଲେ ଏହି ଟିଓ୍ୱେଲରେ ଖରାପ ପାଣି ବାହାରୁଥିବାରୁ ତାହା ବ୍ୟବହାର ଉପଯୋଗୀ ହୋଇପାରୁ ନାହିଁ। ଫଳରେ ଆଜି ଗ୍ରାମବାସୀ ଏକତ୍ରିତ ହୋଇ ଜିଲ୍ଲାପାଳଙ୍କୁ ଭେଟି ଏହାର ତୁରନ୍ତ ସମାଧାନ କରିବାକୁ ଦାବି କରିଛନ୍ତି।

କୁରାଢ଼ିଆ ପଞ୍ଚାୟତରେ ରହିଛି ରଇଁପଡ଼ା ଗାଁ। ଏଠାରେ ପାଖାପାଖି ୨୫୦ରୁ ଅଧିକ ଘର ରହିଛି। ଏହି ଗାଁର ଲୋକମାନେ ପାଣି ପାଇଁ ସରକାରଙ୍କ ପକ୍ଷରୁ କରାଯାଇଥିବା ଘରକୁ ଘର ପାଇପ ଯୋଗେ ପାଣି ଯୋଗାଣ ବ୍ୟବସ୍ଥା ଏବଂ



ଗାଁରେ ଥିବା ତିନୋଟି ଟିଓ୍ୱେଲ ଉପରେ ସାଧାରଣତଃ ନିର୍ଭର କରନ୍ତି। ଏବେ ଖରାଦିନ ହୋଇଥିବାରୁ ଗ୍ରୀଷ୍ମ ପ୍ରବାହ ବୃଦ୍ଧି ପାଉଛି। ଏପରିକି ଗାଡିଆ ପୋଖରି ମଧ୍ୟ ଶୁଖିବାକୁ ବସିଲାଣି। ଏହାଛଡା ଭୂତଳ ଜଳସ୍ତର କମିଯିବା ଫଳରେ କେଉଁଠି ପାଣିର ସ୍ତର କମିଯାଉଛି ତ ଆଉ କୋଉଠି ଆଦୌ ପାଣି ଆସୁନାହିଁ। ଏପରି ସ୍ଥଳରେ ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ପକ୍ଷରୁ ଘରକୁ ଘର ପାଇପ ଯୋଗେ ପାଣି ଯୋଗାଇବାର ବ୍ୟବସ୍ଥା କରାଯାଉଛି। ହେଲେ ଏହି ବ୍ୟବସ୍ଥା ଏବେ ଗାଁ ଲୋକମାନଙ୍କ ପାଇଁ ପ୍ରମୁଖ ସମସ୍ୟାରେ ପରିଣତ ହୋଇଛି। ବିଶେଷ କରି ଦୀର୍ଘ ଦେଢ଼ ବର୍ଷ ଧରି ପାଇପ ଯୋଗେ ପାଣି ଯୋଗାଣ ହୋଇପାରୁ ନାହିଁ। ଯେଉଁଠି ବି ପାଇପ ବିଛା ଯାଇଛି ତାହା ମଧ୍ୟ ଫାଟିବାକୁ ବସିଛି। ହେଲେ ଏହା ପୂର୍ବରୁ ସେଇଠାରେ ଏକ ଆରଡି ରାସ୍ତା ନିର୍ମାଣ କାର୍ଯ୍ୟ ହେଉଥିଲା। ଯାହାଫଳରେ ରାସ୍ତା ନିର୍ମାଣ ସମୟରେ ଏହି ପାଣି ପାଇବ ସେଇ ଢ଼ଳେଇ ତଳେ ରହିଯିବା ଫଳରେ ପାଣି ଆସିବା ସମ୍ପୂର୍ଣ୍ଣ ଭାବେ ବନ୍ଦ ହୋଇଯାଇଛି। ଅନ୍ୟପଟେ ଗାଁର ଲୋକମାନେ ଗାଁରେ ଥିବା ତିନୋଟି ଟିଓ୍ୱେଲ ଉପରେ ନିର୍ଭର କରୁଛନ୍ତି। ହେଲେ ସେଇ ଟିଓ୍ୱେଲରୁ ଖରାପ ପାଣି ବାହାରୁଥିବା ବେଳେ ଗୁଣ୍ଡଯୁକ୍ତ ପାଣି ବାହାରୁଛି ଯାହା ଫଳରେ ତାହା ଲୋକମାନଙ୍କର ବ୍ୟବହାର ଉପଯୋଗୀ ହୋଇପାରୁ ନାହିଁ। ଏ ନେଇ ଗ୍ରାମବାସୀ ବହୁ ସମୟରେ ସଦର ବିଧାୟକଙ୍କ ସମେତ ଜିଲ୍ଲା ପ୍ରଶାସନକୁ ଜଣାଇଛନ୍ତି। ଏପରିକି ଗ୍ରାମ୍ୟ ଜଳ ଯୋଗାଣ ବିଭାଗକୁ ମଧ୍ୟ ଅବଗତ କରାଇଛନ୍ତି। ହେଲେ ଆଜି ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ।

**ସମସ୍ୟାର ସମାଧାନ ନେଇ ଜିଲ୍ଲାପାଳଙ୍କୁ ଭେଟିଲେ ଗ୍ରାମବାସୀ**

ଏପରିକି ବିଧାୟକମଧ୍ୟ ତୁରନ୍ତ ସମାଧାନ କରାଯିବ କହି ଚୁପ ରହିଛନ୍ତି। ଏଣୁ ବାଧ ହୋଇ କୌଣସି ଉପାୟ ନପାଇ ଆଜି ଗ୍ରାମର ଜାନକୀ ଜେନା, ମାଳତୀ ମହାନ୍ତି, ଯଶୋଦା ସାହୁ, ରଞ୍ଜିତା ସାହୁ, ମାମିନା ଜେନା, ଭାନୁମତି ଜେନା ପ୍ରମୁଖ ମହିଳାମାନଙ୍କ ଗ୍ରାମର ପ୍ରସନ୍ନ ବେହେରା ଓ ଅନ୍ୟମାନେ ପୂର୍ବତନ ସଦର ବିଧାୟକ ସ୍ୱରୂପ କୁମାର ଦାସଙ୍କ ନେତୃତ୍ୱରେ ଜିଲ୍ଲାପାଳଙ୍କ ସହ ସାକ୍ଷାତ କରି ଏହି ଅସୁବିଧା ସମ୍ପର୍କରେ ଆଲୋଚନା କରିଛନ୍ତି। ଜିଲ୍ଲା ପ୍ରଶାସନ ଠାରେ କରାଯାଇଥିବା ଦାବି ଗୁଡିକ ଉପରେ ପ୍ରଶାସନ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରନ୍ତି ତେବେ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି କହିଛନ୍ତି। ଏ ନେଇ ଜିଲ୍ଲା ଗ୍ରାମ୍ୟ ଜଳ ଯୋଗାଣ ବିଭାଗର କାର୍ଯ୍ୟ ନିର୍ବାହୀ ଅଧିକାରୀ ରେବତୀ କଅଁରଙ୍କୁ ଯୋଗାଯୋଗ କରିବାରୁ ସେ କହିଛନ୍ତି ଟିଓ୍ୱେଲ ଖରାପ ସାଙ୍ଗକୁ ପାଇପ ଯୋଗେ ପାଣି ଆସିବା ଉପରେ ସେମାନେ ଅଭିଯୋଗ କରିଥିଲେ। ସେ ତୁରନ୍ତ ଏସଡିଓଙ୍କ ଘଟଣା ସ୍ଥଳକୁ ପଠାଇ ଯାଞ୍ଚ କରିବା ସହ ଟିଓ୍ୱେଲ ଗୁଡିକ ଠିକ ରହିଥିବା ବେଳେ ସେଥିରୁ ପାଣି ବାହାରୁଛି। ଏହାଛଡା ପାଇପ ଯୋଗେ ପାଣି ଯୋଗାଣ ସମସ୍ୟାକୁ ସ୍ୱୀକାର କରିବା ସହ ନିର୍ମାଣ ହେଉଥିବା ଆରଡି ରାସ୍ତା ତଳେ ଏହି ଚାପି ହୋଇଯିବାରୁ ତାହା ନଷ୍ଟ ହୋଇଯାଇଛି। ଏବେ ସରକାରଙ୍କ ଏହାର ଆପ୍ରୋଭାଲ ପାଇଁ ପଠାଯାଇଛି। ଏହାଛଡା ଯଦି ଆବଶ୍ୟକ ପଡେ ତେବେ ଟ୍ୟାଙ୍କର ଯୋଗେ ପାଣି ଯୋଗାଇ ଦିଆଯିବ ବୋଲି ସେ କହିଛନ୍ତି।

# ପ୍ରତିଭାବାନ ପାରା-ଫେନ୍ସିଂ ଖେଳାଳିଙ୍କୁ ବିଧାୟକଙ୍କ ସହାୟତା



**ନୀଳଗିରି, ୭।୫(ସମିସ):** ନୀଳଗିରି ନିର୍ବାଚନ ମଣ୍ଡଳୀର ଜଣେ ପ୍ରତିଭାବାନ ପାରା-ଫେନ୍ସିଂ ଖେଳାଳି ରାହୁଲ ମଳିକ ଆଗାମୀ ଜୁନ୍ ମାସରେ ତୁର୍କୀ ଠାରେ ଅନୁଷ୍ଠିତ ହେବାକୁ ଥିବା 'ଅଣ୍ଡର-୨୩ ବିଶ୍ୱ କପ୍' ରେ ଭାରତୀୟ ଦଳର ପ୍ରତିନିଧିତ୍ୱ କରିବାକୁ ମନୋନୀତ ହୋଇଛନ୍ତି। ଗୁରୁବାର କାଣ୍ଡଗରିଡିହି ପଞ୍ଚାୟତ ଗସ୍ତ ସମୟରେ ନୀଳଗିରି ବିଧାୟକ ସନ୍ତୋଷ କୁମାର ଖଟୁଆ ଖେଳାଳି ରାହୁଲଙ୍କୁ ଭେଟି ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହ ଉତ୍ସାହିତ କରିଛନ୍ତି। ରାହୁଲଙ୍କ ବିଦେଶ ଗସ୍ତ ଏବଂ ଖେଳ ସରଞ୍ଜାମ ପାଇଁ ବିଧାୟକ ବ୍ୟକ୍ତିଗତ ଭାବେ ୨୦, ୦୦୦ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଏହାସହ ରାହୁଲଙ୍କ ସମସ୍ୟା ଓ ସଫଳତା ସମ୍ପର୍କରେ ବିଧାୟକ ଶ୍ରୀ ଖଟୁଆ ରାଜ୍ୟ କ୍ରୀଡ଼ା ମନ୍ତ୍ରୀ ସୂରଜ ସୂର୍ଯ୍ୟବଂଶୀ ଙ୍କ ସହ ଭିଡିଓ କଲ୍ ମାଧ୍ୟମରେ କଥା କରାଇଥିଲେ। କ୍ରୀଡ଼ା ମନ୍ତ୍ରୀ ରାହୁଲଙ୍କୁ ଶୁଭେଚ୍ଛା ଜଣାଇବା ସହ ସରକାରୀ ସ୍ତରରେ ଯାହା ବି ଆବଶ୍ୟକ ସୁବିଧା ସୁଯୋଗ ଓ ସହାୟତା ଦରକାର, ତାହା ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି। ବିଧାୟକ ଶ୍ରୀ ଖଟୁଆ କହିଛନ୍ତି ଯେ, 'ରାହୁଲଙ୍କ ଭଳି ପ୍ରତିଭାବାନ ଖେଳାଳି ନୀଳଗିରି ତଥା ଓଡ଼ିଶା ପାଇଁ ଗୌରବ। ସେ ବିଶ୍ୱ ଦରବାର ରେ ଭାରତର ପତାକା ଉଡ଼ାନ୍ତୁ, ଏହା ହିଁ ଆମର କାମନା।

# ସମ୍ପାଦକୀୟ



ଆଖିଆଗରେ ସମ୍ପୂର୍ଣ୍ଣ ଅନ୍ଧାର ଛାଇଯିବା ପରେ ହିଁ ତାରକାମାନେ ଦେଖାଯାଆନ୍ତି।
-ମାର୍ଟିନ ଲୁଥର କିଙ୍ଗ (ଜୁନିୟର)

ସକାଳ
THE SAKALA

## ବଙ୍ଗ ହିଂସା

ନିଜର ଚିରାଚରିତ ହିଂସାମୁଖୀ ନିର୍ବାଚନୀ ରାଜନୈତିକ ଅପସଂସ୍କୃତିକୁ ବଜାୟ ରଖିବାରେ ପଶ୍ଚିମବଙ୍ଗ ପୁଣି ଏକ ଅଲୋଡ଼ା ରେକର୍ଡ ସୃଷ୍ଟି କରିଛି। ସଦ୍ୟ ସମାପ୍ତ ବିଧାନସଭା ନିର୍ବାଚନ ଫଳାଫଳ ଘୋଷଣା ହେବା ପରେ ଏହି ଖବର ଲେଖା ହେବା ସମୟ ସୁଦ୍ଧା ହିଂସାକାଣ୍ଡରେ ୫ ଜଣଙ୍କର ମୃତ୍ୟୁ ଘଟିଛି। ପଶ୍ଚିମବଙ୍ଗର ସମ୍ଭାବ୍ୟ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଶୁଭେନ୍ଦୁ ଅଧିକାରୀଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ରନାଥ ରଥଙ୍କୁ ଅତି ନିକଟରୁ ଗୁଳି କରି ହତ୍ୟା କରାଯାଇଛି। ଏହାପୂର୍ବରୁ ବିଜେପିର ବିଜୟ ଉତ୍ସବ ପାଳନ ବେଳେ ଟିଏମ୍‌ସି କର୍ମୀଙ୍କ ଆକ୍ରମଣରେ ଜଣେ ବିଜେପି କର୍ମୀ ଏବଂ ପାଲଟା ଆକ୍ରମଣରେ ଜଣେ ଟିଏମ୍‌ସି କର୍ମୀ ନିହତ ହୋଇଛନ୍ତି। ଟିଏମ୍‌ସିର ଏକାଧିକ କାର୍ଯ୍ୟାଳୟରେ ଭଙ୍ଗାରୁଜା ହୋଇଥିବା ବେଳେ ଆଉ କେତେକକୁ ଗେରୁଆ ରଙ୍ଗରେ ଚିତ୍ରିତ କରାଯିବା ପରେ ଅଶାନ୍ତି ବଢ଼ିଛି। କୋଲକାତା ନ୍ୟୁ ମାର୍କେଟ କମ୍ପ୍ଲେକ୍ସର କେତେକ ଦୋକାନ ଉପରେ ବୁଲ୍‌ଡୋଜର ଚଢ଼ାଇ ଭାଙ୍ଗି ଦିଆଯାଇଛି। ତେଣୁ ସେଠାରେ ନିର୍ବାଚନୀ ପରବର୍ତ୍ତୀ ରାଜନୈତିକ ହିଂସା ଅଧିକ ଉଗ୍ର ହେବାର ଆଶଙ୍କା କରାଯାଉଛି। ଇତିମଧ୍ୟରେ ରାଜ୍ୟ ପୁଲିସ ୪୦୦ରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ହିଂସାକାଣ୍ଡ ଭିଆଇଥିବା ଓ ସମ୍ପୃକ୍ତି ଅଭିଯୋଗରେ ଗିରଫ କରିଛି। ସମ୍ଭାବ୍ୟ ହିଂସାକୁ ପ୍ରଶମିତ କରିବା ପାଇଁ ରାଜ୍ୟରେ ୫୦୦ କମ୍ପାନୀ ସୁରକ୍ଷା ବାହିନୀ ମୁତୟନ କରାଯାଇଛି। କିନ୍ତୁ ହିଂସାକାରୀମାନେ ଏଥିପ୍ରତି ଖାତିର କରିନାହାନ୍ତି। ବରଂ ପାଲଟା ଆକ୍ରମଣରେ ଅନ୍ୟୂନ ପାଞ୍ଚଜଣ ପୁଲିସ କର୍ମଚାରୀ ଓ ଦୁଇଜଣ କେନ୍ଦ୍ରୀୟ ସୁରକ୍ଷା ବାହିନୀ ଯବାନ ଆହତ ହୋଇଥିବା ସୂଚନା ମିଳିଛି।

ପଶ୍ଚିମବଙ୍ଗରେ ଯେଉଁ ଦଳ ମଧ୍ୟ କ୍ଷମତାରେ ଥାଆନ୍ତୁ ନା କାହିଁକି ନିର୍ବାଚନ ବେଳେ ହିଂସାକାଣ୍ଡ ସେଠାକାର ଏକ କଳୁଷିତ ପରମ୍ପରାରେ ପରିଣତ ହୋଇସାରିଛି। ମୁକ୍ତ ଓ ଅବାଧ ନିର୍ବାଚନ ଭାରତୀୟ ଗଣତନ୍ତ୍ରର ମୂଳମନ୍ତ୍ର ହୋଇଥିଲେ ହେଁ ପଶ୍ଚିମବଙ୍ଗରେ ସବୁବେଳେ ବାହୁବଳ ହିଁ ନିର୍ବାଚନରେ ପ୍ରଭାବ ବିସ୍ତାର କରି ଆସିଛି। ସେଠାରେ ୨୦୨୧ ରାଜ୍ୟ ନିର୍ବାଚନ ବେଳେ ମଧ୍ୟ ବ୍ୟାପକ ହିଂସାକାଣ୍ଡ, ଜଳାପୋଡ଼ା ଓ ଧର୍ଷଣ ଆଦିର ଚିତ୍ର ଦେଖିବାକୁ ମିଳିଥିଲା। ଏପିରିକି କେନ୍ଦ୍ର ମାନବାଧିକାର ଆୟୋଗଙ୍କ ସଭ୍ୟମାନଙ୍କ ଦ୍ୱାରା ରାଜ୍ୟରେ ତଦନ୍ତ ପାଇଁ ବିଭିନ୍ନ ସ୍ଥାନକୁ ଯିବାକୁ ଦିଆଯାଇ ନଥିଲା। ରାଜ୍ୟ ପୁଲିସ ବାହିନୀ ଶାସକ ଦଳର ସ୍ୱାର୍ଥ ରକ୍ଷା ପାଇଁ ବ୍ୟବହାର କରାଯାଉଛି ବୋଲି ବ୍ୟାପକ ଅଭିଯୋଗ ଆସିଥିଲା। ପଶ୍ଚିମବଙ୍ଗ ଓ ବାଂଲାଦେଶ ସୀମାନ୍ତ ରାସ୍ତାରେ ଅନେକ ସଂଖ୍ୟାରେ ଅନୁପ୍ରବେଶକାରୀ ହିଂସାକାଣ୍ଡରେ ଲିପ୍ତ ରହୁଛନ୍ତି ବୋଲି ବିଭିନ୍ନ ଅଭିଜ୍ଞ ମହଲରୁ ଅଭିଯୋଗ ଆସିଥିଲା। ତତ୍କାଳୀନ ଶାସକ ତୃଣମୂଳ କଂଗ୍ରେସ ଦଳ ସଂଖ୍ୟାଲଘୁ ସମ୍ପ୍ରଦାୟ ପ୍ରତି କୋହଳ ମନୋଭାବ ପୋଷଣ କରୁଥିବା ଅଭିଯୋଗ ମଧ୍ୟ ହୋଇଥିଲା। ତେଣୁ ଏଭଳି ଅସାମାଜିକ ତଥା ଦେଶବିରୋଧୀ ତତ୍ତ୍ୱମାନଙ୍କ ଉପରେ ପୁଲିସ କାର୍ଯ୍ୟାନୁଷ୍ଠାନ କରାଗଲା ନାହିଁ। ୨୦୨୧ ବିଧାନସଭା ନିର୍ବାଚନ ପରବର୍ତ୍ତୀ ହିଂସାରେ ୫୭ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୧୨ ହଜାର ଏଫ୍‌ଆଇଆର ଦାଏର ହୋଇଥିଲା। ସେଗୁଡ଼ିକର ଭବିଷ୍ୟତ ଓ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଞ୍ଚବର୍ଷ ଭିତରେ ଶୂନ୍ୟରେ ମିଳାଇଗଲା।

ପଶ୍ଚିମବଙ୍ଗରେ ଗତ ପଞ୍ଚାୟତ ନିର୍ବାଚନ ବେଳେ ମଧ୍ୟ ନିର୍ବାଚନୀ ହିଂସାରେ ୩୦ରୁ ଅଧିକ ଲୋକଙ୍କ ମୃତ୍ୟୁ ଘଟିଥିଲା। ସର୍ବୋଚ୍ଚ ଅଦାଲତଙ୍କ ନିର୍ଦ୍ଦେଶକ୍ରମେ କେନ୍ଦ୍ରୀୟ ସୁରକ୍ଷା ବାହିନୀ ଓ ଅର୍ଦ୍ଧସାମରିକ ବାହିନୀ ମୁତୟନ ସତ୍ତ୍ୱେ ହିଂସା ଅଣାୟତ୍ତ ହୋଇପଡ଼ିଥିଲା। ରାଜ୍ୟର ମୁଖ୍ୟତଃ ସାତଟି ଜିଲ୍ଲାରେ ବ୍ୟାପକ ପୋଡ଼ା ଜଳା ହୋଇ ବ୍ୟାଲଟ୍ ବକ୍ସ ଲୁଟ୍ ସହିତ ବିଭିନ୍ନ ସ୍ଥାନରେ ବୋମାମାଡ଼ ହୋଇଥିଲା। ଏହାପୂର୍ବରୁ ୨୦୦୩ ଓ ୨୦୧୮ ରେ ପଞ୍ଚାୟତି ନିର୍ବାଚନ ବେଳେ ଅନୁରୂପ ହିଂସାକାଣ୍ଡରେ ଯଥାକ୍ରମେ ୭୬ ଓ ୪୦ ଜଣଙ୍କ ମୃତ୍ୟୁ ଘଟିଥିଲା। ଗତ ପ୍ରାୟ ୪୦ ବର୍ଷ ଧରି କଂଗ୍ରେସ, ବାମ, ଦକ୍ଷିଣ ଓ ତୃଣମୂଳ ନିର୍ବିଶେଷରେ ସମସ୍ତେ ଅର୍ଥ ଓ ବାହୁବଳ ପ୍ରୟୋଗ କରି ଯେକୌଣସି ନିର୍ବାଚନରେ ବିଜୟ ଲାଭ କରିବାର ପ୍ରଚେଷ୍ଟା କରିଆସିଛନ୍ତି। ସଦ୍ୟତମ ଘଟଣାଗୁଡ଼ିକରେ ମଧ୍ୟ ଏଭଳି ପରସ୍ପର ବିରୋଧୀ ଅଭିଯୋଗ ଆସୁଛି।

ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ପରେ ଉଭୟ ବିଜୟୀ ଓ ପରାଜିତ ଦଳର କର୍ମୀମାନେ ଯେଭଳି ଉଗ୍ର ଓ ପ୍ରତିଶୋଧ ପରାୟଣ ହୋଇପଡ଼ିଛନ୍ତି ତାହା ସେମାନଙ୍କୁ ରକ୍ତମୁଖା କରିବାକୁ ଅଧିକ ସମୟ ଲାଗିବ ନାହିଁ। ବିଧାନସଭା ନିର୍ବାଚନ ଫଳାଫଳକୁ ଯେ ସାମ୍ପ୍ରଦାୟିକ ଆଧାରିତ ଧ୍ରୁବୀକରଣ ରାଜନୀତି ପ୍ରଭାବିତ କରିନାହିଁ ଏ କଥା ଜୋର ଦେଇ କହିହେବ ନାହିଁ। ବିଜୟ ଉଲ୍ଲାସ ଓ ପରାଜୟର ଗ୍ଲାନିରୁ ଏହି ସାମ୍ପ୍ରଦାୟିକ ରାଜନୀତି ଧାରଣା ଏତେ ଶୀଘ୍ର ଦୂର ହେବାର ସମ୍ଭାବନା ଦେଖାଯାଉନାହିଁ। ତେଣୁ ଆଗାମୀ ଦିନରେ ପଶ୍ଚିମବଙ୍ଗ ଏକ ବଡ଼ ଧରଣର କିମ୍ବା କ୍ରମାଗତ ସାମ୍ପ୍ରଦାୟିକ ହିଂସାକୁ ସାମ୍ନା କରିପାରେ। ବିଶେଷକରି ରାଜ୍ୟର ସୀମାନ୍ତ ଓ ସଂଖ୍ୟାଲଘୁ ସମ୍ପ୍ରଦାୟ ଅଧ୍ୟୁଷିତ ଅଞ୍ଚଳ ଅଧିକ ଅଶାନ୍ତ ଓ ଉଗ୍ର ହେବାର ଆଶଙ୍କା ରହିଛି। ଏହି ଆଳରେ ଚୀନ୍ ପ୍ରୋତ୍ସାହନରେ ବାଂଲାଦେଶୀ, ମ୍ୟାଁମାର ଆଦି ବାହ୍ୟ ଉଗ୍ରବାଦ ତତ୍ତ୍ୱ ଭାରତରେ ଅଶାନ୍ତି ସୃଷ୍ଟି କରିବାର ଉଦ୍ୟମ ଅସମ୍ଭବ ନୁହେଁ। ତେଣୁ ଶପଥ ନେବାକୁ ଯାଉଥିବା ନୂଆ ସରକାର ପାଇଁ ଆଗାମୀ କିଛି ମାସ ଅନେକ ଆହ୍ୱାନଭରା ହେବ। ହିଂସା ଓ ଅସ୍ଥିରତା ନିୟନ୍ତ୍ରଣ ଅଗ୍ରାଧିକାର ପାଇଲେ ବିକାଶ ବାଧାପ୍ରାପ୍ତ ହେବା ସ୍ୱାଭାବିକ। ଏପରିକି କେତେକ ରାଜନୀତି ବିଶାରଦ ଏବେଠାରୁ ଆଶଙ୍କା କରୁଛନ୍ତି ଯେ ସେଠାରେ ମଣିପୁର ଭଳି ସ୍ଥିତି ସୃଷ୍ଟି ହୋଇ ରାଷ୍ଟ୍ରପତି ଶାସନ ଲାଗୁ ହୋଇପାରେ।

ସାମଗ୍ରିକ ଭାବେ ନିର୍ଯାସରେ କୁହାଯାଇପାରେ ଯେ ହିଂସାକାଣ୍ଡରେ ନିରୀହ ଜନଜୀବନ କେବଳ ପ୍ରଭାବିତ ହେଉନାହିଁ, ଭାରତର ଗଣତାନ୍ତ୍ରିକ ଗରିମା ମଧ୍ୟ କ୍ଷୁଣ୍ଣ ହେଉଛି। କିନ୍ତୁ ସେଠାକାର ରାଜନେତା ଓ ସେମାନଙ୍କ ସମର୍ଥକମାନଙ୍କ ପାଇଁ ହିଂସା ସତେଯେପରି ଜଣାଶୁଣା ନିର୍ବାଚନୀ ଅସ୍ତ୍ରରେ ପରିଣତ ହୋଇଛି। କେନ୍ଦ୍ରୀୟ ସୁରକ୍ଷା ବାହିନୀଙ୍କ ଉପସ୍ଥିତରେ ଏବେ ସେଠାରେ ଯେପରି ହିଂସାକାଣ୍ଡ ଘଟିଛି ଓ ଘଟୁଛି ତାହାକୁ ତର୍ଜମା କଲେ ସେଠାକାର ଅସ୍ଥିର ଓ ଅଶାନ୍ତ ଭବିଷ୍ୟତର ଚିତ୍ର କିଛିଟା ଅନୁମାନ କରାଯାଇପାରେ। ରାଜନେତାଙ୍କ ଉସୁକାଣରେ ହିଂସାକାଣ୍ଡ ଭିଆଉ ଥିବା ବିଚରା ଭୋଟରମାନେ ଜାଣି ରଖିବା ଉଚିତ ଯେ ଏହାଦ୍ୱାରା ସେମାନଙ୍କର ହିଁ କ୍ଷତି ହେଉଛି, ବିପକ୍ଷ ଦଳର ନୁହେଁ। କିନ୍ତୁ ହିଂସାମତ୍ତରେ ମତୁଆଲା ଭୋଟରମାନଙ୍କୁ ଚେତାଇବ କିଏ?

### ମୋ ସ୍ୱପ୍ନର ଓଡ଼ିଶା

## ଆମ ସ୍ୱପ୍ନର ସୁବର୍ଣ୍ଣ ଦିଗନ୍ତ, ସଂସ୍କୃତି ଓ ସମୃଦ୍ଧିର ନବ ଅଭିଯାନ

ପ୍ରଶାନ୍ତ ନନ୍ଦ

*ପୂର୍ବପ୍ରକାଶିତ ଉତ୍ତାରୁ...*



**ସଂସ୍କୃତି, ପର୍ଯ୍ୟଟନ ଓ ଓଡ଼ିଆ ଅସ୍ମିତା:**

ଓଡ଼ିଶାର କଳା, ସଂସ୍କୃତି ଓ ପରମ୍ପରା ଆମର ସବୁଠାରୁ ବଡ଼ ପରିଚୟ। ବିକଶିତ ଓଡ଼ିଶାର ସ୍ୱପ୍ନରେ ଆମର ପରମ୍ପରାକୁ ଅକ୍ଷୁଣ୍ଣ ରଖିବା ସହିତ ତା'କୁ ବିଶ୍ୱ ଦରବାରରେ ପହଞ୍ଚାଇବା ପାଇଁ ଲକ୍ଷ୍ୟ ରଖାଯିବ।

- **ଆଧ୍ୟାତ୍ମିକ ଓ ଐତିହ୍ୟ ପର୍ଯ୍ୟଟନ:** ଶ୍ରୀକ୍ଷେତ୍ର ପୁରୀ, କୋଣାର୍କ ଓ ଲିଙ୍ଗରାଜ ମନ୍ଦିର ପରି ପ୍ରମୁଖ ସ୍ଥାନଗୁଡ଼ିକର ସାଂସ୍କୃତିକ ଗୌରବକୁ ବଜାୟ ରଖି ସେଗୁଡ଼ିକୁ ବିଶ୍ୱସ୍ତରୀୟ ପର୍ଯ୍ୟଟନ କେନ୍ଦ୍ର ଭାବରେ ଗଢ଼ି ତୋଳାଯିବ।
- **ଓଡ଼ିଆ ଭାଷା ଓ ସାହିତ୍ୟର ସଂରକ୍ଷଣ:** ସୂଚନା ପ୍ରଯୁକ୍ତିବିଦ୍ୟା ଯୁଗରେ ଓଡ଼ିଆ ଭାଷାକୁ ଅଧିକ ବ୍ୟବହାରଯୋଗ୍ୟ ଓ ସମୃଦ୍ଧ କରାଯିବ। ଓଡ଼ିଆ ସାହିତ୍ୟକୁ ବିଶ୍ୱର ଅନ୍ୟାନ୍ୟ ପ୍ରମୁଖ ଭାଷାରେ ଅନୁବାଦ କରାଯାଇ ଆମ ସଂସ୍କୃତିର ବ୍ୟାପ୍ତି କରାଯିବ।

**ଭିତ୍ତିଭୂମି ଓ ନଗରୀକରଣ:**

ରାଜ୍ୟର ବିକାଶ ପାଇଁ ଏକ ସୁଦୃଢ଼ ଭିତ୍ତିଭୂମିର ଆବଶ୍ୟକତା ରହିଛି। ବିଗତ ବର୍ଷଗୁଡ଼ିକରେ ଆମେ ଓଡ଼ିଶାକୁ ପ୍ରାୟତଃ ଏକ ଗ୍ରାମୀଣ ରାଜ୍ୟ ଭାବେ ଦେଖିଛୁ। କିନ୍ତୁ ଆଗାମୀ ୨୦ବର୍ଷରେ ସୁଚିନ୍ତିତ ନଗରୀକରଣ ଆମର ଲକ୍ଷ୍ୟ ହେବ।

- **ବୃହତ୍ ଅର୍ଥନୈତିକ ଅଞ୍ଚଳ(ଇକନୋମିକ୍ କ୍ଲଷ୍ଟର):** ସରକାରଙ୍କ ଭିଜନ ଅନୁଯାୟୀ ଭୁବନେଶ୍ୱର- କଟକ- ପୁରୀ-ପାରାଦୀପ (ବିସିପିପିଇଆର) କୁ ଏକ ବୃହତ ଅର୍ଥନୈତିକ କରିଡ଼ରରେ ପରିଣତ କରାଯିବ। ଏହା ବ୍ୟତୀତ ବରଗଡ଼-ଝାରସୁଗୁଡ଼ା-ସମ୍ବଲପୁର ଏବଂ ବ୍ରହ୍ମପୁର- ଛତ୍ରପୁର- ଗୋପାଳପୁରକୁ ମଧ୍ୟ ଶିଳ୍ପାଞ୍ଚଳ ହବ୍ ଭାବେ ଗଢ଼ାଯିବ।
- **ଗମନାଗମନ କ୍ଷେତ୍ରରେ ବିପ୍ଳବ:** ଆଗାମୀ ୨୦ବର୍ଷରେ ପ୍ରତ୍ୟେକ ଜିଲ୍ଲାକୁ ଏକ୍ସପ୍ରେସ୍ ୱେ ଏବଂ ବୁଲେଟ୍ ଟ୍ରେନ୍ ଭଳି ଅତ୍ୟାଧୁନିକ ରେଳ ବ୍ୟବସ୍ଥା ଦ୍ୱାରା ଯୋଡ଼ାଯିବ। ବିମାନବନ୍ଦରର ସଂଖ୍ୟା ବୃଦ୍ଧି କରାଯାଇ ପ୍ରତ୍ୟେକ ପ୍ରମୁଖ ସହରକୁ ଆକାଶ ପଥରେ ଯୋଡ଼ାଯିବ।
- **ଗ୍ରୀନ୍ ଏନର୍ଜି ବା ସବୁଜ ଶକ୍ତି:** କୋଇଲାଭିତ୍ତିକ ତାପଜ ବିଦ୍ୟୁତ ଉପରେ ନିର୍ଭରଶୀଳତା କମାଇ ସୌର ଶକ୍ତି, ପବନ ଶକ୍ତି ଓ ଗ୍ରୀନ୍ ହାଇଡ୍ରୋଜେନ୍ ଶିଳ୍ପର ବିକାଶ କରାଯିବ। ପରିବେଶ ପ୍ରଦୂଷଣମୁକ୍ତ ଓଡ଼ିଶା ଆମର ଶ୍ରେଷ୍ଠ ଅଭିଳାଷ।

**ସୁଶାସନ ଓ ନାଗରିକ କେନ୍ଦ୍ରିକ ପ୍ରଶାସନ:**

ଏକ ବିକଶିତ ରାଜ୍ୟର ପରିଚୟ ତା'ର ସ୍ୱଚ୍ଛ ଓ ଜବାବଦେହୀ ଶାସନ ବ୍ୟବସ୍ଥା ଉପରେ ନିର୍ଭର କରେ। ଦୁର୍ନୀତିମୁକ୍ତ ଓ ପ୍ରଯୁକ୍ତିବିଦ୍ୟା ଆଧାରିତ ପ୍ରଶାସନ ହିଁ ବିକଶିତ ଓଡ଼ିଶାର ଚାବିକାଠି।

- **ଇ-ଗଭର୍ଣ୍ଣାନ୍ସ ଓ ପାରଦର୍ଶିତା:** ସରକାରୀ ସେବା ପାଇଁ ଲୋକଙ୍କୁ ଯେପରି ଅଫିସ୍ ଦୌଡ଼ିବାକୁ ନପଡ଼େ, ସେଥିପାଇଁ ସମସ୍ତ ପ୍ରକାରର ସରକାରୀ ସେବାକୁ ଅନଲାଇନ୍ ଏବଂ ସମ୍ପୂର୍ଣ୍ଣ ସ୍ୱଚ୍ଛ କରାଯିବ।
- **ବିପର୍ଯ୍ୟୟ ପରିଚାଳନାରେ ଶୀର୍ଷ ସ୍ଥାନ:** ଓଡ଼ିଶା ବାତ୍ୟା ଓ ବନ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟର ବାରମ୍ବାର ସମ୍ମୁଖୀନ ହୁଏ। ଆଗାମୀ ୨୦ ବର୍ଷରେ ଆମର ପ୍ରସ୍ତୁତି ଏପରି ହେବା ଉଚିତ୍ ଯେ ଯେକୌଣସି ବଡ଼ ପ୍ରାକୃତିକ ବିପର୍ଯ୍ୟୟ ଆସିଲେ ମଧ୍ୟ ସେଥିରେ ଜଣେ ବି ବ୍ୟକ୍ତିର ପ୍ରାଣହାନି ଘଟିବ ନାହିଁ। ଜିରୋ କାଜୁଆଲ୍‌ଟି ଆମର ଚିରନ୍ତନ ନୀତି ହେବ।

**ବିକଶିତ ଓଡ଼ିଶାର ସଫଳତା ପାଇଁ ଆହ୍ୱାନ:**

ଯେକୌଣସି ବଡ଼ ସ୍ୱପ୍ନକୁ ବାସ୍ତବତାରେ ପରିଣତ କରିବା ଏତେ ସହଜ ନୁହେଁ। ବିକଶିତ ଓଡ଼ିଶାର ଏହି ଯାତ୍ରାରେ ଆମ ଆଗରେ ଅନେକ ବଡ଼ ଆହ୍ୱାନ ରହିଛି, ଯାହାକୁ ଆମକୁ ଦୃଢ଼ତାର ସହ ସମ୍ମୁଖୀନ ହେବାକୁ ପଡ଼ିବ -

- **ଆଞ୍ଚଳିକ ଅସନ୍ତୁଳନ ଦୂରୀକରଣ:** ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାର ବିକାଶକୁ ଉପକୂଳବର୍ତ୍ତୀ ଓଡ଼ିଶା ସହ ସମାନ ସ୍ତରକୁ ଆଣିବାକୁ ପଡ଼ିବ।
- **ଶିଳ୍ପାୟନ ଓ ପରିବେଶ ମଧ୍ୟରେ ସନ୍ତୁଳନ:** ଅର୍ଥନୈତିକ ଅଭିବୃଦ୍ଧି କରୁଥିବା ବେଳେ ଯେମିତି ଆମର ପ୍ରକୃତି ଓ ଜଙ୍ଗଲ ନଷ୍ଟ ନହୁଏ, ସେଥିପ୍ରତି ଧ୍ୟାନ ଦେବାକୁ ପଡ଼ିବ।
- **ପ୍ରତିଭା ପଳାୟନକୁ ରୋକିବା:** ଓଡ଼ିଶାର ମେଧାବୀ ଯୁବକମାନେ ଯେପରି ରାଜ୍ୟ ବାହାରକୁ ବା ବିଦେଶକୁ ଚାକିରି ପାଇଁ ଚାଲି ନ ଯାଆନ୍ତି, ସେମାନଙ୍କ ପାଇଁ ଉପଯୁକ୍ତ ସୁଯୋଗ ରାଜ୍ୟ ଭିତରେ ହିଁ ସୃଷ୍ଟି କରିବାକୁ ହେବ।

**ଓଡ଼ିଶା ଭବିଷ୍ୟତ ଓ ବିସ୍ତାରର ସ୍ୱପ୍ନ:**

ଆଗାମୀ ୨୦ବର୍ଷ ପରେ ଆମେ ଯେଉଁ ଓଡ଼ିଶାକୁ ଦେଖିବାକୁ ଚାହୁଁ, ତାହା କେବଳ ସରକାରଙ୍କ ଯୋଜନା ବା ବଜେଟ୍ ଦ୍ୱାରା ସମ୍ଭବ ନୁହେଁ। ଏହା ହେଉଛି ପ୍ରତ୍ୟେକ ସାଢ଼େ ଚାରି କୋଟି ଓଡ଼ିଆଙ୍କର ଏକ ମିଳିତ ସ୍ୱପ୍ନ। ଏଥିପାଇଁ ଆମ ସମସ୍ତଙ୍କୁ ନିଜ ନିଜ କ୍ଷେତ୍ରରେ ନିଷ୍ଠାର ସହ କାର୍ଯ୍ୟ କରିବାକୁ ପଡ଼ିବ।

ଆମେ ଏପରି ଏକ ବିକଶିତ ଓଡ଼ିଶା ଚାହୁଁ, ଯେଉଁଠାରେ ଦାରିଦ୍ର୍ୟ ରହିବ ନାହିଁ, ପ୍ରତ୍ୟେକଙ୍କ ମୁଣ୍ଡ ଉପରେ ପକ୍କା ଛାତ ଥିବ, ପିଲାମାନଙ୍କ ହାତରେ ବହି ଓ ଯୁବକମାନଙ୍କ ହାତରେ କାମ ଥିବ। ପ୍ରତ୍ୟେକ ଓଡ଼ିଆ ନିଜକୁ ଏକ ସମୃଦ୍ଧ ଏବଂ ସଶକ୍ତ ରାଜ୍ୟର ନାଗରିକ ଭାବରେ ଗର୍ବ ଅନୁଭବ କରିବେ। ଆସନ୍ତୁ ଆଜିଠାରୁ ସଂକଳ୍ପ କରିବା ଏବଂ ଏହି ସ୍ୱପ୍ନକୁ ବାସ୍ତବରେ ରୂପାନ୍ତରରିତ କରିବା ପାଇଁ ହାତକୁ ହାତ ମିଳାଇ ଆଗକୁ ବଢ଼ିବା। (କ୍ରମଶଃ...)

(ପ୍ରଖ୍ୟାତ ଚଳଚ୍ଚିତ୍ର ଅଭିନେତା, ନିର୍ଦ୍ଦେଶକ, ପ୍ରଯୋଜକ, ରାଜନୀତିଜ୍ଞ ତଥା ସ୍ତମ୍ଭକାର)

## ରଜନୀ-କମଲ ଡରିଲେ, ବିଜୟ ପାରିଲେ

ରଞ୍ଜନ କୁମାର ରାୟ



ଯେତେବେଳେ ଦକ୍ଷିଣ ଭାରତୀୟ ସିନେ ମେଗାଷ୍ଟାର ଥାଲାପଥି ବିଜୟ ତାମିଲନାଡ୍ରୁ ନିର୍ବାଚନ ମଇଦାନକୁ ଓହ୍ଲାଇଲେ, ଅନେକ ଏହାକୁ କେବଳ ଜଣେ ଚଳଚ୍ଚିତ୍ର ତାରକାଙ୍କ ରାଜନୈତିକ ଅଭିଳାଷ ଭାବେ ଦେଖୁଥିଲେ। କିନ୍ତୁ ଏହି ଧାରଣାକୁ ବିଜୟ ଭୁଲ୍ ପ୍ରମାଣିତ କରିଛନ୍ତି। ତାମିଲନାଡ୍ରୁର ରାଜନୈତିକ ଇତିହାସ ରୁପେଲି ପରଦାର ନାୟକମାନଙ୍କୁ ରାଜ୍ୟର ଶାସନ ଗାଦିରେ ଅଧିଷ୍ଠିତ କରିବାର ଅନେକ ସ୍ୱର୍ଣ୍ଣିମ ଅଧ୍ୟାୟ ଲେଖିସାରିଛି। ଏମଜିଆର ଓ ଜୟଲଳିତାଙ୍କ ଭଳି ବ୍ୟକ୍ତିତ୍ୱ ତାମିଲ୍‌ନାଡ୍ରୁର ମୁଖ୍ୟମନ୍ତ୍ରୀ ଭାବେ ଅପ୍ରତିଦ୍ୱନ୍ଦ୍ୱୀ ପ୍ରଭାବ ବିସ୍ତାର କରିବା ସହିତ ଜାତୀୟ ରାଜନୀତିରେ ଆଞ୍ଚଳିକ ସମୀକରଣର ଦୃଢ଼ ଭିତ୍ତି ପ୍ରତିଷ୍ଠା କରିଛନ୍ତି।। ଦୀର୍ଘ ଦଶନ୍ଧି ପରେ ବିଜୟଙ୍କ ଆବିର୍ଭାବ ଓ ଗତ ବିଧାନସଭା ନିର୍ବାଚନରେ ବିପୁଳ ବିଜୟ ତାମିଲନାଡ୍ରୁ ରାଜନୀତିକୁ ‘ଷ୍ଟାରକ୍ରେଜ୍’ ଯୁଗକୁ ଫେରାଇ ନେଇଛି। ବିଜୟଙ୍କ ଏହି ବୃହତ ବିଜୟ ତାମିଲନାଡ୍ରୁର ରାଜନୀତି ଗଣିତକୁ ଓଲଟପାଲଟ କରିଦେଇଛି।

ବିଜୟଙ୍କ ପୂର୍ବରୁ ରଜନୀକାନ୍ତ ଓ କମଲ ହାସନଙ୍କ ଭଳି ସିନେ ମହାନାୟକମାନେ ରାଜନୀତିରେ ପାଦ ଥାପିଥିଲେ ମଧ୍ୟ ସେମାନଙ୍କ ଯାତ୍ରା ଆରମ୍ଭରେ ହିଁ ଅଟକି ଯାଇଥିଲା। ଦୁଇ ମେଗାଷ୍ଟାର ଅଗଣିତ ପ୍ରଶଂସକଙ୍କୁ ସ୍ଥାୟୀ ଭୋଟ୍ ବ୍ୟାଙ୍କରେ ପରିଣତ କରିବାରେ ବିଫଳ ହୋଇଥିଲେ। ଏହାପରେ ତାମିଲନାଡ୍ରୁ ରାଜନୀତିରେ ‘ଷ୍ଟାରକ୍ରେଜ୍’ର ଯୁଗ ସମାପ୍ତ ହୋଇଯାଉଥିବା ଅନୁମାନ କରାଯାଉଥିଲା। କିନ୍ତୁ ଥାଲାପତି ବିଜୟଙ୍କ ‘ଟିଭିକେ’ ସେହି ଅନୁମାନକୁ ଭୁଲ୍ ସାବ୍ୟସ୍ତ କରି ତାମିଲ୍ ରାଜନୈତିକ ଇତିହାସରେ ନୂଆ ଅଧ୍ୟାୟ ଲେଖିବା ଆରମ୍ଭ କରିଛି। ସଂକ୍ଷେପରେ କହିଲେ ରଜନୀକାନ୍ତ ଓ କମଲ ହାସନଙ୍କ ଭଳି ମହାନାୟକମାନେ ରାଜନୀତିରେ ଯେଉଁ ସଫଳତା ପାଇବାକୁ ସଂଘର୍ଷ କରୁଥିଲେ, ବିଜୟ ସେଥିରେ ସଫଳତା ପାଇଛନ୍ତି। ତାଙ୍କର ଯୋଜନାବଦ୍ଧ ରଣନୀତି ଏବଂ ସାଧାରଣ ଜନତାଙ୍କ ସହ ସିଧାସଳଖ ସମ୍ପର୍କ ତାଙ୍କୁ ରଜନୀକାନ୍ତ ଓ କମଲ ହାସନଙ୍କ ଠାରୁ ଭିନ୍ନ ଓ ସଫଳ ପ୍ରମାଣିତ କରିଛି।

ବିଜୟଙ୍କ ଏହି ବୃହତ୍ ସଫଳତା ପଛରେ ରହିଛି ତାଙ୍କର ସ୍ପଷ୍ଟ ଆଭିମୁଖ୍ୟ। ସେ ନିଜର ଚଳଚ୍ଚିତ୍ର ଜୀବନରୁ ସନ୍ନ୍ୟାସ ନେଇ ଜଣେ ପୂର୍ଣ୍ଣକାଳୀନ ରାଜନେତା ଭାବେ କାର୍ଯ୍ୟ କରିବାକୁ ଘୋଷଣା କରିଥିଲେ। ଏହା ଜନସାଧାରଣଙ୍କ ମନରେ ବିଶ୍ୱାସ ଜନ୍ମାଇଲା ଯେ ରାଜନୀତି ତାଙ୍କ ପାଇଁ କୌଣସି ପାର୍ଶ୍ୱ ଅଭିନୟ ନୁହେଁ। ଅପରପକ୍ଷରେ, ରଜନୀକାନ୍ତ ଦୀର୍ଘ ଦଶନ୍ଧି ଧରି କେବଳ ଆଭାସ ଦେଇ ଶେଷରେ ପଛଘୁଞ୍ଚା ଦେଇଥିଲେ। ରାଜନୀତିକୁ ଆସିବେ କି ନାହିଁ ସେ ନେଇ ଦ୍ୱନ୍ଦ୍ୱରେ ଥିଲେ। ସେହିଭଳି କମଲ ହାସନଙ୍କ ରାଜନୈତିକ ପ୍ରଭାବ କେବଳ ସହରାଞ୍ଚଳରେ ସୀମିତ ରହିଗଲା।

ବିଜୟଙ୍କ ଦ୍ୱିତୀୟ ଶକ୍ତିଶାଳୀ ପଦକ୍ଷେପ ଥିଲା ତାମିଲ୍‌ନାଡ୍ରୁର ଦୁଇ ଶକ୍ତିଶାଳୀ ଓ ପୁରୁଣା ଆଞ୍ଚଳିକ ଦଳ ଡିଏମକେ ଓ ଏଆଇଏଡିଏମକେଠାରୁ ସମଦୂରତା ବଜାୟ ରଖିବା। ଅନ୍ୟପଟେ କମଲ ହାସନଙ୍କ ଦଳ କୌଣସି ଆସନ ଜିତିବାରେ ବିଫଳ ହୋଇ ଶେଷରେ ଡିଏମକେ ସହ ମେଣ୍ଟ କରିବାକୁ ବାଧ୍ୟ ହୋଇଥିଲେ। ବିଜୟ ମଧ୍ୟ ଦୁର୍ନୀତି ବିରୋଧରେ ଏକ ‘ସ୍ୱଚ୍ଛ ବିକଳ୍ପ’ ଭାବେ ନିଜକୁ ଉପସ୍ଥାପିତ କରିଥିଲେ। ଯେଉଁଠାରେ ରଜନୀକାନ୍ତ ଓ କମଲ ହାସନ ପୁରୁଣା ଦ୍ରାବିଡ଼ ଦଳଗୁଡ଼ିକୁ ସିଧାସଳଖ ଆକ୍ରମଣ କରିବାକୁ ସଙ୍କୋଚ କରୁଥିଲେ, ବିଜୟ ସେଠାରେ ଏକ ନୂତନ ବିଚାରଧାରାର ସୂତ୍ରପାତ କଲେ। ତାଙ୍କର ୮୫, ୦୦୦ ରୁ ଅଧିକ ପ୍ରଶଂସକ କ୍ଲବ ଏକ ‘ଛାୟା ରାଜନୈତିକ ସଂଗଠନ’ ଭାବେ ଦୀର୍ଘ ଦଶବର୍ଷ ଧରି ସାମାଜିକ ସେବାରେ ନିୟୋଜିତ ଥିଲେ, ଯାହା ନିର୍ବାଚନ ସମୟରେ ତାଙ୍କ ପାଇଁ ଏକ ଶକ୍ତିଶାଳୀ କ୍ୟାଡର୍ ଭାବେ କାମ କଲା।

ବୟସ ଓ ଜନସାଂଖ୍ୟିକ ସମୀକରଣ ମଧ୍ୟ ବିଜୟଙ୍କ ସପକ୍ଷରେ ଗଲା। ରଜନୀକାନ୍ତ ଓ କମଲ ହାସନ ୬୫-୭୦ ବର୍ଷ ବୟସରେ ରାଜନୀତିକୁ ଆସିଥିବା ବେଳେ ୫୧ ବର୍ଷୀୟ ବିଜୟ ଯୁବପିଢ଼ିର ପ୍ରତିନିଧି ଭାବେ ଗ୍ରହଣୀୟ ହେଲେ। ତାମିଲନାଡ୍ରୁର ପ୍ରାୟ ୪୧.୫% ଭୋଟର ୧୮ ରୁ ୩୯ ବର୍ଷ ବର୍ଗର, ଯେଉଁମାନେ ପାରମ୍ପରିକ ରାଜନୀତିରୁ ମୁକ୍ତି ଚାହୁଁଥିଲେ। ବିଜୟଙ୍କ ଏହି ଐତିହାସିକ ବିଜୟ କୌଣସି ଆକସ୍ମିକ ଘଟଣା ନୁହେଁ, ବରଂ ଏହା ଥିଲା ଏକ ସୁଚିନ୍ତିତ ଯୋଜନା ଓ ଦୀର୍ଘ ସାଧନାର ଫଳ। ପାରମ୍ପରିକ ରାଜନୈତିକ ଦଳଗୁଡ଼ିକ ପ୍ରତି ଜନସାଧାରଣଙ୍କ ବିତୃଷ୍ଣା ଏବଂ ବିଜୟଙ୍କର ନିଛକ ସାଧାରଣ ବ୍ୟକ୍ତିର ପରିଚୟ ତାଙ୍କୁ ୧୯୭୭ ମସିହାରେ ଏମଜିଆରଙ୍କ ପରେ ପ୍ରଥମ ଅଭିନେତା-ମୁଖ୍ୟମନ୍ତ୍ରୀ ଭାବେ ଇତିହାସ ରଚିବାକୁ ପଥ ପରିଷ୍କାର କରିଛି। ଏହା ତାମିଲନାଡ୍ରୁ ରାଜନୀତିରେ ଏକ ନୂତନ ଯୁଗର ଆରମ୍ଭ ବୋଲି କୁହାଯାଇପାରେ।

ବିଜୟଙ୍କ ଏହି ‘ବ୍ଲକବଷ୍ଟର’ ବିଜୟ ପଛରେ ଯେଉଁ ସବୁ କାରଣ ରହିଛି, ତାହା ଏବେ ଜାତୀୟସ୍ତରରେ ଚର୍ଚ୍ଚାର ବିଷୟ। ବିଜୟଙ୍କ ଏହି ବିଜୟ ତାମିଲନାଡ୍ରୁର ପାରମ୍ପରିକ ଦ୍ୱିମୁଖୀ ଆଞ୍ଚଳିକ ରାଜନୀତିକୁ ସମାପ୍ତ କରିଛି। ଡିଏମକେ ନେତା ଏମକେ ଷ୍ଟାଲିନ୍ ମଧ୍ୟ ସ୍ୱୀକାର କରିଛନ୍ତି ଯେ ବିଜୟଙ୍କ ଏହି ନୂତନ ଅଭ୍ୟୁଦୟ ପାରମ୍ପରିକ ଭୋଟ୍ ବ୍ୟାଙ୍କକୁ ପ୍ରଭାବିତ କରିଛି।

ଭୁବନେଶ୍ୱର, ମୋ: ୭୦୦୮ ୯୭୩୫୪୧

## ଦେବତାଙ୍କ ପୂର୍ବରୁ ଅସରପାଙ୍କୁ ଅର୍ପଣ ହୁଏ ନୈବେଦ୍ୟ

ଓଜସ୍ୱିନୀ

ଖାଦ୍ୟ ନଷ୍ଟ ହେବାର ଆଶଙ୍କାରେ ରୋଷେଇ ଘରେ ଅସରପାକୁ ଦେଖିବା ମାତ୍ରେ ବିଭିନ୍ନ ପ୍ରକାର କୀଟନାଶକ ଔଷଧ ବ୍ୟବହାର କରିବାର ଅଭ୍ୟାସ ଆମର ପିଢ଼ି ପରେ ଚାଲି ଆସିଛି। କାରଣ ଅସରପା ଖାଇଥିବା ଖାଦ୍ୟ ଦ୍ୱାରା ବିଭିନ୍ନପ୍ରକାର ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଇଥାଏ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ମତ ଦେଇ ଆସୁଛନ୍ତି। ଏହା ବ୍ୟତୀତ ଘରେ ଅସରପା ରହିବା ଦ୍ୱାରା ନକାରାତ୍ମକ ଶକ୍ତି ବୃଦ୍ଧି ହୋଇ ବିଭିନ୍ନ ପ୍ରକାର ଆର୍ଥିକ ସଙ୍କଟର ସମ୍ମୁଖୀନ ହେବାକୁ ପଡ଼ିଥାଏ ବୋଲି ବାସ୍ତୁବିଦ୍‌ମାନେ ଚେତାଇ ଦେଇଛନ୍ତି। ସ୍ୱପ୍ନଶାସ୍ତ୍ରରେ ମଧ୍ୟ ଅସରପାକୁ ଏକ ଅଶୁଭ ସଙ୍କେତ ଭାବେ ଗ୍ରହଣ କରାଯାଇଛି, ଯାହାକି ବିଭିନ୍ନ ବାଧାବିଘ୍ନର ପ୍ରତୀକ। କିନ୍ତୁ ମର୍ତ୍ତ୍ୟବୈକୁଣ୍ଠ ବଦ୍ରିନାଥ ଧାମରେ ପ୍ରଥମେ ଅସରପାକୁ ନୈବେଦ୍ୟ ଅର୍ପଣ କରିବା ପରେ ସ୍ୱୟଂ ନାରାୟଣ ଦ୍ୱିପ୍ରହର ସମୟର ରାଜଭୋଗ ଗ୍ରହଣ କରିଥା'ନ୍ତି ବୋଲି ଶୁଣାଯାଏ। ଏଭଳି ବିଚିତ୍ର ପରମ୍ପରା ଆଶ୍ଚର୍ଯ୍ୟଜନକ ଲାଗୁଥିଲେ ମଧ୍ୟ ଅଷ୍ଟମ ଶତାବ୍ଦୀରୁ ଏହା ଚାଲିଆସିଛି।



### ବିଚିତ୍ର ବିଶ୍ୱାସ

ଉତ୍ତରାଖଣ୍ଡସ୍ଥିତ ବଦ୍ରିନାଥ ଧାମର ପୂଜା ପରମ୍ପରାରେ ଅନେକ ଭିନ୍ନତା ପରିଲକ୍ଷିତ ହୋଇଥାଏ। ଏଠାରେ ଦୈନନ୍ଦିନ ପ୍ରତ୍ୟେକ ପ୍ରହର ଅନୁଯାୟୀ ନାରାୟଣଙ୍କର ବିଶେଷ ପୂଜାର୍ଚ୍ଚନା ହେବା ସହିତ ବିଭିନ୍ନ ପ୍ରକାର ଭୋଗ ଅର୍ପଣ କରାଯାଏ। ପ୍ରଭାତରେ ବଦ୍ରିନାରାୟଣଙ୍କ ନିକଟରେ ପଞ୍ଚମେୱା ଭୋଗ, ଅଭିଷେକ ପରେ ବାଳଭୋଗ ଏବଂ ପିତୃମାନଙ୍କ ଉଦ୍ଦେଶ୍ୟରେ ପିଣ୍ଡ ପ୍ରସାଦ ଆଦି ଅର୍ପଣ କରାଯାଏ। ସନ୍ଧ୍ୟା ସମୟରେ ଖିରଅନ୍ନ ଭୋଗ ଲାଗିଥାଏ। କିନ୍ତୁ ଦ୍ୱିପ୍ରହରର ରାଜଭୋଗ (କେସର ଅନ୍ନ, ଡାଲି, ଲଡ୍ଡୁ, ଇତ୍ୟାଦି) ଅର୍ପଣ କରିବା ପୂର୍ବରୁ ପ୍ରଥମେ ଅସରପା, ଗାଈ, ବିଭିନ୍ନ ପ୍ରକାର ପକ୍ଷୀଙ୍କୁ ଭୋଗଲାଗି କରାଯାଏ। ଏହାପରେ ନାରାୟଣଙ୍କ ପାଖରେ ଭୋଗ ସମର୍ପଣ ହୋଇଥାଏ। ବିଶ୍ୱାସ ରହିଛି ଯେ, ପ୍ରଥମେ ସୃଷ୍ଟିର ସମସ୍ତ ଜୀବଙ୍କର କ୍ଷୁଧା ଶାନ୍ତ ହେବା ପରେ ବଦ୍ରିନାରାୟଣ ରାଜଭୋଗ ଗ୍ରହଣ କରିଥା'ନ୍ତି। ତେଣୁ ଅସରପା, ଗାଈ ଓ ପକ୍ଷୀମାନଙ୍କ ଦ୍ୱାରା ଗ୍ରହଣ କରାଯାଉଥିବା ଭୋଗ ଦ୍ୱାରା ସୃଷ୍ଟିର ସମସ୍ତ ଜୀବଜନ୍ତୁ କ୍ଷୁଧା ନିବାରଣ କରିଥା'ନ୍ତି।

ରାଜଭୋଗ ପାକ କାର୍ଯ୍ୟ ଶେଷ ହେବା ପରେ କିଛି ଅନ୍ନକୁ ଆଣି ମନ୍ଦିର ନିକଟସ୍ଥ ତପ୍ତକୁଣ୍ଡଠାରେ ଥିବା ଗରୁଡ଼ ଶିଳାରେ ରଖାଯାଏ। ସେଠାରେ ଥିବା ଅସରପାମାନେ ତାହାକୁ ଖାଇଥା'ନ୍ତି। ଏହାକୁ ସ୍ଥାନୀୟ ଭାଷାରେ ‘ଝୋଡୁ ସାଙ୍ଗଲା’ କୁହାଯାଏ। ଏହାପରେ ଗାଈ ଓ ପକ୍ଷୀମାନଙ୍କୁ ରାଜଭୋଗର ବିଭିନ୍ନ ବ୍ୟଞ୍ଜନ ଦିଆଯାଏ। ଅବଶିଷ୍ଟ ରାଜଭୋଗକୁ ବଦ୍ରି ନାରାୟଣଙ୍କୁ ଅର୍ପଣ କରାଯାଏ। ଏଭଳି ନକଲେ ବଦ୍ରି ନାରାୟଣଙ୍କ ପୂଜା ଅସମ୍ପୂର୍ଣ୍ଣ ବୋଲି ଧରାଯାଏ।

ଏଭଳି ପରମ୍ପରା ସମ୍ପର୍କରେ ମାନ୍ୟତା ରହିଛି ଯେ, ଅଷ୍ଟମ ଶତାବ୍ଦୀରେ ଆଦିଗୁରୁ ଶଙ୍କରାଚାର୍ଯ୍ୟ ବଦ୍ରିନାଥ ଧାମର ପ୍ରତିଷ୍ଠା କରିଥିଲେ। ସେ ଭଗବାନ ଶ୍ରୀବିଷ୍ଣୁଙ୍କର ପଦ୍ମାସନ ଶିଳାକୁ ତପ୍ତକୁଣ୍ଡଠାରୁ ଉଠାଇଆଣି ଗରୁଡ଼ ଶିଳା ନିମ୍ନରେ ସ୍ଥାପନ କରିଥିଲେ। ସେଠାରେ ପ୍ରଥମରୁ ଅନେକ ଅସରପା ଥିଲେ। ସେବେଠାରୁ ମନ୍ଦିର ନିର୍ମାଣ ହୋଇ ପ୍ରତିଷ୍ଠା ହେବା ପରେ ବଦ୍ରିନାଥଙ୍କୁ ଭୋଗ ଅର୍ପଣ କରିବା ପୂର୍ବରୁ ଅସରପାଙ୍କୁ ଭୋଗ ଅର୍ପଣ କରିବାର ପରମ୍ପରା ଆରମ୍ଭ ହୋଇଥିଲା। ଏହି ପରମ୍ପରା ଯୋଗୁଁ ସ୍ଥାନୀୟ ଲୋକମାନେ ଅସରପାଙ୍କୁ ବଦ୍ରିନାଥଙ୍କ ଏକ ସ୍ୱରୂପ ଭାବେ ପୂଜା କରନ୍ତି ଏବଂ ଈଶ୍ୱରଙ୍କ ଦୂତ ଭାବେ ମାନ୍ୟତା ଦେଇଥା'ନ୍ତି। ମନ୍ଦିରର ମୁଖ୍ୟ ପୂଜାରୀଙ୍କ ମତରେ ପ୍ରତ୍ୟେକ ଜୀବଜନ୍ତୁଙ୍କ ଆତ୍ମା ଭାବରେ ନାରାୟଣ ବିଦ୍ୟମାନ ଅଛନ୍ତି ଏବଂ ସମସ୍ତେ ପୂଜାଯୋଗ୍ୟ ବୋଲି ଏହି ପରମ୍ପରା ଶିକ୍ଷା ଦେଇଥାଏ।

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

### ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. ‘ସକାଳ’ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. ‘ସକାଳ’କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. ‘ସକାଳ’ ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ ‘ସକାଳ’ ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ ‘ସକାଳ’ କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ପୁଣି ଆନ୍ଧ୍ରର ଦାଦାଗିରି

# ଘରୁ ଲିଭାଇଲେ ଗୃହ ଗଣନା ନମ୍ବର

ରାୟଗଡ଼ ୭।୫(ସମିସ): ଗଜପତି ଜିଲ୍ଲା ରାୟଗଡ଼ ବ୍ଲକ ଅଧୀନସ୍ଥ ସୀମାନ୍ତ ଗଙ୍ଗାବାଡ଼ ପଞ୍ଚାୟତରେ ପୁଣି ଆନ୍ଧ୍ର ଚଳାଇଛି ଦାଦାଗିରି। ଏହି ଅଞ୍ଚଳରେ ଜନଗଣନା ଏବେ ଆନ୍ଧ୍ର ଓ ଓଡ଼ିଶା ପ୍ରଶାସନ ମଧ୍ୟରେ ଏକ ଶକ୍ତି ପ୍ରଦର୍ଶନର ଆଖଡ଼ାରେ ପରିଣତ ହୋଇଛି। ସ୍ଥାନୀୟ ଅଞ୍ଚଳରେ ଓଡ଼ିଶାର ଜନଗଣନା ଅଧିକାରୀମାନେ ପକାଇଥିବା ଘର

## ମାଣିକପାଟଣାରେ ଚାପା ଉତ୍ତେଜନା

ନମ୍ବରକୁ ଲିଭାଇ ନୂଆ ନମ୍ବର ପକାଉଥିବା ଦେଖାଯାଉଛି। ଏ ଆନ୍ଧ୍ର ପ୍ରଶାସନର ଅନୁପ୍ରବେଶ ଏବଂ "ଦାଦାଗିରି" ସୀମାନ୍ତ ଗାଁଗୁଡ଼ିକରେ ତୀବ୍ର ଚାପା ଉତ୍ତେଜନା ସୃଷ୍ଟି କରିଛି। ଗଙ୍ଗାବାଡ଼ ପଞ୍ଚାୟତର ମାଣିକପାଟଣା ଓ ଗୁଡ଼ିଖୁଡ଼ି ଭଳି ଗାଁରେ ଓଡ଼ିଶା ପ୍ରଶାସନ ପକ୍ଷରୁ ଜନଗଣନା ପାଇଁ ଘର ନମ୍ବର ଲେଖାଯାଇଥିଲା। ମାତ୍ର କିଛି ସ୍ଥାନୀୟ ଲୋକଙ୍କ ସୂଚନା ପାଇ ଆନ୍ଧ୍ର କର୍ମଚାରୀମାନେ ସୀମା ପାର ହୋଇ ଆସି ଓଡ଼ିଶାର ନମ୍ବର ଉପରେ ରଙ୍ଗ ମାରି ନିଜର ନମ୍ବର ଲେଖିଦେଇଥିବା ଅଭିଯୋଗ ହୋଇଛି।

ଖବର ପାଇ ଗୁରୁବାର ଉପଜିଲ୍ଲାପାଳ ଅନୁପ କୁମାର ପଣ୍ଡା, ତହସିଲଦାର ସୁକାନ୍ତ କୁମାର ପ୍ରଧାନ ଏବଂ ଗାରାବନ୍ଧ ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲେ। ପ୍ରଶାସନ ପକ୍ଷରୁ ଆନ୍ଧ୍ରର ନମ୍ବର ଲିଭାଯାଇ ପୁଣି ଥରେ ଓଡ଼ିଶା ସରକାରଙ୍କ ଜନଗଣନା ନମ୍ବର ଲେଖାଯାଇଛି।





ସୀମାନ୍ତର କିଛି ପରିବାର ଓଡ଼ିଶାର ଗଞ୍ଜାମ ଓ ଗଜପତି ଜିଲ୍ଲା ସହ ଆନ୍ଧ୍ରରୁ ମଧ୍ୟ ସରକାରୀ ସୁବିଧା ହାସଲ କରୁଥିବା ଅଭିଯୋଗ ହେଉଛି। ଯେତେବେଳେ ଜନଗଣନା କଥା ଆସୁଛି ଏହି ପରିବାରମାନେ ଆନ୍ଧ୍ର କର୍ମଚାରୀଙ୍କୁ ସମର୍ଥନ କରି ବିବାଦ ସୃଷ୍ଟି କରୁଛନ୍ତି। ଯାହା ପ୍ରଶାସନ ପାଇଁ ଏକ ବଡ଼ ମୁଣ୍ଡବିନ୍ଧାର କାରଣ ସାଜିଛି। ସ୍ଥାନୀୟ ବୁଦ୍ଧିଜୀବୀଙ୍କ ମତରେ ଜିଲ୍ଲା ପ୍ରଶାସନର କୋହଳ ମନୋଭାବ ଯୋଗୁଁ ଆନ୍ଧ୍ର ବାରମ୍ବାର ସୀମା ଲଂଘିବାକୁ ସାହସ କରୁଛି। ଯଦି ଏହି ବିବାଦର ସ୍ଥାୟୀ ସମାଧାନ କରା ନଯାଏ ତେବେ ଆଗାମୀ ଦିନରେ ଏହା ଏକ ବଡ଼ ଧରଣର ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି କରିବାର ଆଶଙ୍କା ରହିଛି। ଗଜପତି ଜିଲ୍ଲା ରାୟଗଡ ବ୍ଲକର ସୀମାନ୍ତରେ ଏହି ବିବାଦ ବହୁ ପୁରୁଣା। ବିଶେଷ କରି ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ସାମାଜିକ ସୁରକ୍ଷା ଯୋଜନାକୁ ନେଇ ଆନ୍ଧ୍ର ସରକାର ସୀମାନ୍ତ ଲୋକଙ୍କୁ ପ୍ରଲୋଭିତ କରିବାକୁ ଚେଷ୍ଟା କରି ସଫଳତା ହାସଲ ମଧ୍ୟ କରିଛି। ଆଗକୁ ନିର୍ବାଚନ କିମ୍ବା ଜନଗଣନା ଥିଲେ ଏହିଭଳି ଅନୁପ୍ରବେଶ ବୃଦ୍ଧି ପାଇବା ଏକ ନିୟମିତ ଘଟଣା ପାଲଟିଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### କନଷ୍ଟେବଲଙ୍କୁ ପିଟିପିଟି...

ନିସ୍ତୁକ ପିଟିଥିଲେ। ଏପରିକି ଉଦ୍ଧାର କରିବାକୁ ଆସିଥିବା ସ୍ଥାନୀୟ ଲୋକମାନଙ୍କୁ ମଧ୍ୟ ସୌମ୍ୟ ଅସଦ୍‌ବ୍ୟବହାର କରିବା ସହ ରାସ୍ତା ଉପରେ ଜଣେ ଯୁବତୀଙ୍କ ଲୁଗାପଟା ଟାଣି ତାଙ୍କୁ ବିବସ୍ତ୍ର କରିବାକୁ ଉଦ୍ୟମ କରିଥିଲେ। ଯାହାକୁ ନେଇ ସ୍ଥାନୀୟ ଲୋକମାନେ ତାତି ଉଠିଥିଲେ। ମିଳିମିଶି ଦୁଇ ଯୁବକଙ୍କୁ ନିସ୍ତୁକ ପିଟିଥିଲେ। ଉଭୟଙ୍କ ହାତଗୋଡ଼ ବାନ୍ଧି ବାଉଁଶରେ ଲଟକାଇ ଯିଏ ଯେତେ ପାରିଲା ବିଧା ଗୋଇଠା ମାରି ଚାଲିଲେ। ଉଭୟ ଭୁଲ ମାଗିଲେ ବି କେହି ଶୁଣିଲେ ନାହିଁ । ଏହି ଘଟଣା ଘଟିବା ବେଳେ ସ୍ଥାନୀୟ ପୁଲିସ ସେଠାରେ ଉପସ୍ଥିତ ଥିଲେ ହେଁ ସମ୍ପୂର୍ଣ୍ଣ ନିରବଦ୍ରଷ୍ଟା ସାଜିଥିଲା । ନିସ୍ତୁକ ମାଡ଼ ମାରି ମନବୋଧ ହେବା ପରେ ଉଭୟଙ୍କୁ ଏକ ମିନିଟ୍ରକ୍ ଭିତରକୁ ଫିଙ୍ଗି ଦେଇଥିଲେ।

ଏହି ଘଟଣାରେ ସୌମ୍ୟ ରଞ୍ଜନ ସ୍ୱାଇଁଙ୍କ ମୃତ୍ୟୁ ହୋଇଥିଲା ବେଳେ ତାଙ୍କ ସହଯୋଗୀ ଓମ୍ ପ୍ରକାଶ ରାଉତ ଗୁରୁତର ଆହତ ହୋଇ କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। କ୍ୟାପିଟାଲ ହସ୍ପିଟାଲରେ ସୌମ୍ୟଙ୍କ ଶବ ବ୍ୟବଚ୍ଛେଦ କରାଯାଇ ପରିବର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ମୃତ ଯୁବକଙ୍କ ନାମ ସୌମ୍ୟଙ୍କ ରଞ୍ଜନ ସ୍ୱାଇଁ ଏକ ଜିମ୍ ଚଳାଉଥିଲେ ଓ ତାଙ୍କ ଘର ନିଆଳି ଅଞ୍ଚଳରେ ବୋଲି ଜଣାପଡ଼ିଛି । ଏସମ୍ପର୍କରେ ଭୁବନେଶ୍ୱର ଡିସିପି ଜଗମୋହନ ମୀନା କହିଛନ୍ତି ଏହି ମାମଲାରେ ୩ପକ୍ଷଙ୍କ ସମ୍ପୃକ୍ତି ରହିଛି। ଆକ୍ରମଣକାରୀ ଚିହ୍ନଟ ହୋଇଛନ୍ତି। ସ୍କୁଟିରେ ଯାଉଥିବା ୨ଯୁବତୀଙ୍କୁ ଦୁଇ ଜଣ ଯୁବକ ଓଭରଟେକ୍ କରିବା ସମୟରେ ଧକ୍କା ଦେଇଥିଲେ। ଉଭୟ ଯୁବକ ଯୁବତୀମାନଙ୍କୁ ଦୁର୍ବବ୍ୟବହାର କରିଥିଲେ। ଝିଅମାନଙ୍କୁ ଉଦ୍ଧାର କରିବାକୁ ଆସିଥିବା ଗାଁ ଲୋକମାନଭ୍କ ମାଡ଼ରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି ଓ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି । ମୃତ ଯୁବକଙ୍କ ବିରୋଧରେ ଥାନାରେ ଦୁଷ୍କର୍ମ ଅଭିଯୋଗ କରାଯାଇଛି। ଏ ସଂକ୍ରାନ୍ତରେ ଖବର ପାଇଁ ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲା ବୋଲି ଉଲ୍ଲେଖ କରି ପୁଲିସକୁ ସାବାସୀ ଦେବା କଥା ବୋଲି କହିଛନ୍ତି।

ଅନ୍ୟପକ୍ଷରେ ମୃତ ଯୁବକଙ୍କ ମା କବିତା କବିତା ସ୍ୱାଇଁ କହିଛନ୍ତି ବାଟରେ ସେ ଆସୁଥିଲା ବେଳେ ଲୋକମାନେ ତାଙ୍କୁ ପିଟି ପିଟି ମାରି ଦେଇଛନ୍ତି। ତାଙ୍କ ପୁଅର ମୁହଁ ରକ୍ତ ଜୁଡୁବୁଡୁ ହୋଇଯାଇଥିଲା; ନାକ ଫାଟି ଯାଇଥିଲା। ମୋର ପୁଅକୁ ଯେଭଳି ହତ୍ୟା କରାଯାଇଛି ମୋତେ ବି ସେଭଳି ହତ୍ୟା କରି ଦିଅନ୍ତୁ। ସ୍ଥାନୀୟବାସିନ୍ଦା ବିରଞ୍ଚି ନାରାୟଣ ଜେନା କହିଛନ୍ତି ଦୁଇ ଯୁବତୀଙ୍କୁ ଏମାନେ ଧକ୍କା ଦେଇଥିଲେ। ଯାହାଫଳରେ ସେମାନେ ତଳେ ପଡ଼ିଯାଇଥିଲେ। ଆହତ ଅବସ୍ଥାରେ ସେମାନଙ୍କ ମଧ୍ୟରୁ ଜଣେ ଯୁବତୀଙ୍କୁ ଉଦ୍ଧାର କରି ରାସ୍ତା କଡରେ ବସାଇଥିବାବେଳେ ଯୁବକମାନେ ସେମାନଙ୍କୁ ଅସଦ୍‌ବ୍ୟବହାର କରିଥିଲେ। ଫଳରେ ରାସ୍ତାରେ ଯାଉଥିବା ଲୋକମାନେ ଏହାକୁ ବିରୋଧ କରିଥିଲେ। ଯାହାକୁ ନେଇ ଦୁଇ ଯୁବକ ସେମାନଙ୍କୁ ପାଲଟା ଗାଳିଗୁଲଜ କରିଥିଲେ। ଫଳରେ ଲୋକମାନେ ରାଗି ଯାଇ ସେମାନଙ୍କୁ ପିଟିଥିଲେ ବୋଲି ବିରଞ୍ଚି କହିଛନ୍ତି ।

ସୌମ୍ୟଙ୍କ ପରିବାର ଲୋକେ ବାଲିଅନ୍ତା ଥାନାରେ ଏକ ହତ୍ୟା ଅଭିଯୋଗ କରିଛନ୍ତି। ସେହିପରି ଦୁଷ୍କର୍ମ ଉଦ୍ୟମର ଶିକାର କରାଯାଇଥିବା ଯୁବତୀ ଜଣଙ୍କ ମଧ୍ୟ ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ଚିକିତ୍ସାଧୀନ ଅବସ୍ଥାରେ ଥିବା ସୌମ୍ୟ, ଦୁଷ୍କର୍ମ ଉଦ୍ୟମ କରାଯାଇଥିବା ଯୁବତୀ ଏବଂ ସ୍ଥାନୀୟ ଲୋକଙ୍କ ବୟାନ ରେକର୍ଡ କରିଛି। ଦୁଇଟି ପୃଥକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଖବର ଲେଖା ହେବା ପର୍ଯ୍ୟନ୍ତ ୪ଜଣଙ୍କୁ ପୁଲିସ ଅଟକ ରଖି ପଚରାଉଚରା ଚଳାଇଛି।

### ସରକାର ଅସହାୟ...

ପ୍ରଶାସନ, ସରକାର ଏତେ ଅସହାୟ କାହିଁକି? ଭୁବନେଶ୍ୱର ଉପକଣ୍ଠରେ ଯଦି ସରକାର ଏପରି ଘଟଣାକୁ ରୋକିବାରେ ଅସମର୍ଥ, ତେବେ ସାରା ରାଜ୍ୟର ଅବସ୍ଥା କ'ଣ ତାହା ସ୍ପଷ୍ଟ ଅନୁମେୟ। ନିକଟରେ ହିଞ୍ଜିଳି, କଣାସ ଓ ଢେଙ୍କାନାଳରେ ଘଟିଥିବା ବର୍ବର କାଣ୍ଡରେ ସରକାର କ'ଣ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ବୋଲି ନବୀନ ପ୍ରଶ୍ନ କରିଛନ୍ତି। ସାଧାରଣ ଜନତାଙ୍କ ସୁରକ୍ଷା ସରକାର କାହିଁକି ବିପନ୍ନ କରୁଛନ୍ତି? ବଡ଼ ବଡ଼ ଭାଷଣରେ, ମିଛ ବାହାସ୍ଫୋଟରେ ସରକାର ଚାଲେନି ବୋଲି ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି ନବୀନ। ସରକାର ତୁରନ୍ତ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଲୋକଙ୍କ ସୁରକ୍ଷା ତଥା ଓଡ଼ିଶାରେ ଆଇନଶୃଙ୍ଖଳା ସୁନିଶ୍ଚିତ କରନ୍ତୁ ବୋଲି ନବୀନ ଦାବି କରିଛନ୍ତି।

### ୧୧ ସୁଦ୍ଧା...

ପାଇବାର ସମ୍ଭାବନା ଅଧିକ । ପ୍ରଥମ ସିଷ୍ଟମକୁ ନେଇ ଜିଏଫଏସ ମଡେଲ ଏବେ ମଧ୍ୟ ନିଜ ଦାବି ଉପରେ ଦୃଢ଼ ରହିଛି। ଏହି ମଡେଲ ଅନୁସାରେ ସିଷ୍ଟମଟି ଖୁବ୍ ଶୀଘ୍ର ଘନୀଭୂତ ହୋଇ ଉତ୍ତର-ପଶ୍ଚିମ ଦିଗରେ ଭାରତୀୟ ଉପକୂଳ ଆଡ଼କୁ ମୁହାଁଇପାରେ। ମେ ୧୪ ରୁ ୧୫ ତାରିଖ ମଧ୍ୟରେ ଏହା ଏକ ଶକ୍ତିଶାଳୀ ବାତ୍ୟାର ରୂପ ନେଇପାରେ ବୋଲି ଜିଏସଏଫ ସୂଚନା ଦେଉଛି। ସମୁଦ୍ର ପୃଷ୍ଠର ତାପମାତ୍ରା ବର୍ତ୍ତମାନ ୩୦-୩୧ ଡିଗ୍ରୀ ରହିଛି, ଯାହା ବାତ୍ୟା ସୃଷ୍ଟି ପାଇଁ ଅତ୍ୟନ୍ତ ଅନୁକୂଳ। ସେହିପରି ଭର୍ଟିକାଲ ୱାଇଣ୍ଡ ଶିୟର (ଭିଡବ୍ଲ୍ୟୁଏସ)ରେ ସାମାନ୍ୟ ହ୍ରାସ ପରିଲକ୍ଷିତ ହେଉଛି, ଯାହା ସିଷ୍ଟମକୁ ସଂଗଠିତ କରିବାରେ ସାହାଯ୍ୟ କରିବ। ଏହା ସହିତ ଏମଜେଓ ବର୍ତ୍ତମାନ ଫେଜ-୩ରେ ଅଧିକ ସକ୍ରିୟ ହେଉଥିବାରୁ ଏହା ବଙ୍ଗୋପସାଗରରେ ବାୟୁମଣ୍ଡଳୀୟ ଅସ୍ଥିରତା ଓ ମେଘମାଳା ସୃଷ୍ଟି ପାଇଁ ଉପଯୁକ୍ତ ପରିବେଶ ପ୍ରଦାନ କରୁଛି। ଡ. ପଶୁପାଳକ କହିଛନ୍ତି ଯେ କ୍ଲିମାଟୋଲୋଜି ଦୃଷ୍ଟିରୁ ମେ ମାସ ମଧ୍ୟଭାଗ ବାତ୍ୟା ସୃଷ୍ଟି ପାଇଁ ଅନୁକୂଳ। ସମୁଦ୍ରର ତାପମାତ୍ରା ବୃଦ୍ଧି ପାଇଥିଲେ ମଧ୍ୟ, ବାତ୍ୟା ଗଠନ ସମ୍ପୂର୍ଣ୍ଣ ଭାବେ ଭର୍ଟିକାଲ ୱାଇଣ୍ଡ ଶିୟରର ହ୍ରାସ ଏବଂ ବାୟୁମଣ୍ଡଳର ଉପରିଭାଗର ସ୍ଥିତି ଉପରେ ନିର୍ଭର କରିବ। ଅପରପକ୍ଷେ ମେ ମାସ ତୃତୀୟ ସପ୍ତାହ ଅର୍ଥାତ୍ ୨୦ରୁ ୨୨ ତାରିଖ ମଧ୍ୟରେ ବଙ୍ଗୋପସାଗରର ଉତ୍ତର କିମ୍ବା ଉତ୍ତର-ପୂର୍ବ ଭାଗରେ ଆଉ ଏକ ପରିବର୍ତ୍ତନର ସଙ୍କେତ ମିଳୁଛି। ଏହି ସିଷ୍ଟମ୍ ମୁଖ୍ୟତଃ ମୌସୁମୀ ବାୟୁର ଆଗମନ ସହ ଜଡ଼ିତ ଏବଂ ଏହା ପ୍ରଭାବରେ ପୂର୍ବ ଭାରତ ତଥା ଓଡ଼ିଶାର ଉପକୂଳ ଓ ଆଭ୍ୟନ୍ତରୀଣ ଜିଲ୍ଲାଗୁଡ଼ିକରେ ବର୍ଷାର ପରିମାଣ ବୃଦ୍ଧି ପାଇବା ସହ ମୌସୁମୀ ପାଇଁ ଅନୁକୂଳ ପରିବେଶ ସୃଷ୍ଟି ହେବ। ତେବେ ଆସନ୍ତା ୧୦ ତାରିଖ ସୁଦ୍ଧା ପରିସ୍ଥିତି ସମ୍ପୂର୍ଣ୍ଣ ସ୍ପଷ୍ଟ ହେବ ବୋଲି ଡ. ପଶୁପାଳକ କହିଛନ୍ତି।

### ପ.ବଙ୍ଗ ବିଧାନସଭା...

ରାଜ୍ୟପାଳ ଏହି ସୁପାରିସ ଗ୍ରହଣ କରିବା ପରେ ନୂଆ ସରକାର ଦାୟିତ୍ୱ ନେବା ପର୍ଯ୍ୟନ୍ତ କାମଚଳା ସରକାରର ଦାୟିତ୍ୱ ତୁଲାଇବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ପରାମର୍ଶ ଦିଅନ୍ତି। କିନ୍ତୁ ନିର୍ବାଚରେ ପରାଜୟ ସତ୍ତ୍ୱେ ଏହି ପରମ୍ପରା ଅନୁସରଣ କରିବାକୁ ମନା କରିଦେଇଥିଲେ ୭୧ ବର୍ଷୀୟା ମମତା ବାନାର୍ଜୀ। ସେ ଅଭିଯୋଗ କରିଥିଲେ ଯେ ତାଙ୍କର ନୈତିକ ବିଜୟ ହୋଇଛି। ସେ ହାରି ନାହାନ୍ତି, ବରଂ ବିଜେପି ଏବଂ ନିର୍ବାଚନ କମିସନ ମିଶି ତାଙ୍କ ଠାରୁ ଶହେ ଆସନ ଲୁଟି ନେଇଛନ୍ତି। ତେଣୁ ସେ ଇସ୍ତଫା ଦେବାକୁ ମନା କରିଦେଇଥିଲେ। ଏହାକୁ ନେଇ ରାଜନୈତିକ ବିବାଦ ହୋଇଥିଲା। ତେବେ ଏଥିପାଇଁ କୌଣସି ସାମ୍ବିଧାନିକ ସଙ୍କଟ ସୃଷ୍ଟି ହୋଇନଥିଲା ବୋଲି ଆଇନ ବିଶାରଦ କହିଛନ୍ତି। ସେମାନେ ମତ ଦେଇଥିଲେ ଯେ ବିଧାନସଭା କାର୍ଯ୍ୟକାଳ ଶେଷ ହେବା କ୍ଷଣି ମନ୍ତ୍ରିମଣ୍ଡଳ ମଧ୍ୟ ଏହାର ଅସ୍ତିତ୍ୱ ହରାଇବ।

### ତାମିଲନାଡୁରେ ଛିଣ୍ଡୁନି...

ସ୍ୱାକ୍ଷରିତ ସମର୍ଥନପତ୍ର ବିନା ଶପଥ ଗ୍ରହଣ ଉତ୍ସବ ସମ୍ଭବ ନୁହେଁ।

ରାଜ୍ୟପାଳଙ୍କର ଏଭଳି ଜିଦଖୋର ଆଭିମୁଖ୍ୟକୁ ସମାଲୋଚନା କରିଛନ୍ତି କଂଗ୍ରେସ ଓ ଅନ୍ୟ ବିରୋଧୀ ଦଳ। ସେମାନେ ଅଭିଯୋଗ କରିଛନ୍ତି ଯେ ବିଜେପି କଥାରେ ପଡ଼ି ରାଜ୍ୟପାଳ ସାମ୍ବିଧାନିକ ପରମ୍ପରାକୁ ଅସମ୍ମାନ କରୁଛନ୍ତି। ଭିସିକେ ମୁଖ୍ୟ ଥୋଲ୍ ଥିରୁମାଭାଲବନ ରାଜ୍ୟପାଳଙ୍କ ଏହି ନିଷ୍ପତ୍ତିକୁ ସମାଲୋଚନା କରି କହିଛନ୍ତି ଯେ, ସର୍ବବୃହତ ଦଳ ଭାବେ ବିଜୟଙ୍କୁ ସରକାର ଗଠନ ପାଇଁ ସୁଯୋଗ ମିଳିବା ଉଚିତ୍ ଏବଂ ଗୃହରେ ବହୁମତ ପ୍ରମାଣ କରିବାକୁ ସମୟ ଦିଆଯାଉ। ଏଥିରେ ବିଜେପିର ହସ୍ତକ୍ଷେପ ଥିବା ନେଇ ସଙ୍ଗୀନ ଅଭିଯୋଗ ମଧ୍ୟ ଆଣିଛନ୍ତି। ସେହିପରି ସିପିଆଇ ପକ୍ଷରୁ ମଧ୍ୟ କୁହାଯାଇଛି ଯେ ଶପଥ ଗ୍ରହଣ ପୂର୍ବରୁ ବହୁମତ ପ୍ରମାଣ କରିବାକୁ କୁହାଯିବା ଅନୁଚିତ। ରାଜ୍ୟପାଳଙ୍କ ଜିଦକୁ ବିରୋଧ କରି ଟିଭିକେର ଅନେକ ସମର୍ଥକ ଆଜି ଲୋକଭବନ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି।

ଗତ ତିନି ଦଶନ୍ଧିର ଦ୍ରାବିଡ଼ ରାଜନୀତିର ଡିଏମ୍‌କେ-ଏଆଇଏଡିଏମ୍‌କେର ଦ୍ୱୈତ ଆଧିପତ୍ୟକୁ ଧୂଳିସାତ କରି ବିଜୟଙ୍କ ଟିଭିକେ ସଂଖ୍ୟାଗରିଷ୍ଠ ଦଳ ଭାବେ ଉଭା ହୋଇଥିଲେ ହେଁ, ଯାଦୁକରୀ ସଂଖ୍ୟା ପାଖରେ ଏବେ ବି ଅଟକିଛି। ବୁଧବାର ଦିନ ୧୧୨ ଜଣ ବିଧାୟକଙ୍କ ସମର୍ଥନ ନେଇ ରାଜ୍ୟପାଳଙ୍କୁ ଭେଟିଥିବା ବିଜୟ, ଆଜି ମଧ୍ୟ ସମାନ ସ୍ଥିତିରେ ଥିଲେ। କଂଗ୍ରେସର ୫ ଜଣ ବିଧାୟକଙ୍କ ସମର୍ଥନକୁ ମିଶାଇଲେ ମଧ୍ୟ ସଂଖ୍ୟାଟି ୧୧୨ରେ ସୀମିତ ରହୁଛି, ଯାହା ବହୁମତ ପାଇଁ ଆବଶ୍ୟକ ୧୧୮ ଠାରୁ ୬ଟି କମ୍। ବିଜୟ ଦୁଇଟି ଆସନରୁ ବିଜୟୀ ହୋଇଥିବାରୁ ଗୋଟିଏ ଆସନ ଛାଡ଼ିବା ପରେ ଟିଭିକେର ବିଧାୟକ ସଂଖ୍ୟା ୧୦୭କୁ ହ୍ରାସ ପାଇବ।

ରାଜ୍ୟପାଳଙ୍କ ଏଭଳି ବିବାଦୀୟ ଭୂମିକା ମଧ୍ୟରେ ବିଜୟଙ୍କୁ ସମର୍ଥନ ଦେବାନେଇ ସିପିଆଇ, ସିପିଏମ୍, ମୁସଲିମ ଲିଗ୍ ଏବଂ ଭିସିକେ ମଧ୍ୟରେ ବିଚାରବିମର୍ଶ ଚାଲିଛି। ରାଜ୍ୟ ବିଧାନସଭା ନିର୍ବାଚନରେ ସେମାନେ ଡିଏମ୍‌କେ ସହିତ ମେଣ୍ଟ କରିଥିଲେ ମଧ୍ୟ କଂଗ୍ରେସ ଭଳି ସେମାନେ ମଧ୍ୟ ଟିଭିକେକୁ ସମର୍ଥନ ଦେଇପାରନ୍ତି ବୋଲି କୁହାଯାଉଛି। ଆସନ୍ତାକାଲି ସେମାନେ ଏସଂପର୍କରେ ଚୂଡାନ୍ତ ନିଷ୍ପତ୍ତି ଜଣାଇବେ ବୋଲି ସୂଚନା ଦେଇଛନ୍ତି। ଏହି ୪ଟି ଦଳର ୮ ବିଧାୟକ ଅଛନ୍ତି। ସେମାନଙ୍କର ସମର୍ଥନ ମିଳିଲେ, ଟିଭିକେ ସମର୍ଥନ ସଂଖ୍ୟା ୧୨୦କୁ ବୃଦ୍ଧି ପାଇବ।

ଇତିମଧ୍ୟରେ ତାମିଲନାଡୁ ରାଜନୀତିକୁ ଦୋହଲାଇଦେଲା ଭଳି ଖବର ମଧ୍ୟ ଆସିଛି। ଆନ୍ନାଡିଏମକେର କିଛି ବିଧାୟକ ଟିଭିକେ ମୁଖ୍ୟ ବିଜୟଙ୍କୁ ସରକାର ଗଠନରେ ସମର୍ଥନ କରିବାକୁ ଜିଦ୍ ଧରିଛନ୍ତି। କିନ୍ତୁ ଦଳର ମୁଖ୍ୟ ପଲାନିସ୍ୱାମୀ ରାଜି ହେଉନଥିବାରୁ ସେମାନେ ବିଦ୍ରୋହ କରିବାକୁ ଯୋଜନା କରିଛନ୍ତି। ଏହି ସୂଚନା ପାଇବା ମାତ୍ରେ ଆନ୍ନାଡିଏମକେର ୨୦ରୁ ଅଧିକ ବିଧାୟକଙ୍କୁ ପୁଡୁଚେରୀର ଏକ ହୋଟେଲରେ ରଖାଯାଇଛି। ବିଦ୍ରୋହକୁ ଅଟକାଇବା ଲାଗି ଦଳୀୟ ନେତୃତ୍ୱ ଏଭଳି ପଦକ୍ଷେପ ନେଇଥିଲେ ମଧ୍ୟ ଦୁଇ ତୃତୀୟାଂଶ ବିଧାୟକ ଦଳରୁ ଅଲଗା ହୋଇ ସ୍ୱତନ୍ତ୍ର ଗୋଷ୍ଠୀ କରିବାକୁ ଦସ୍ତଖତ ଅଭିଯାନ ଆରମ୍ଭ କରିଥିବାର ଖବର ମିଳିଛି। ରାଜ୍ୟ ବିଧାନସଭାକୁ ଆନ୍ନାଡିଏମକେର ୪୭ ବିଧାୟକ ନିର୍ବାଚିତ ହୋଇଛନ୍ତି। ଟିଭିକେ ନେତାମାନେ ମଧ୍ୟ ଏମାନଙ୍କ ସହିତ ସଂପର୍କରେ ଅଛନ୍ତି ଏବଂ ସେମାନଙ୍କ ଗୋଷ୍ଠୀକୁ ଉପମୁଖ୍ୟମନ୍ତ୍ରୀ ପଦର ପ୍ରସ୍ତାବ ଦିଆଯାଇଛି।

---

**GOVERNMENT OF ODISHA**
**OFFICE OF THE EXECUTIVE ENGINEER**
**RURAL WORKS DIVISION, SUNDARGARH-II**

25001/100/2627

**CANCELLATION OF TENDER**

Due to some unavoidable circumstances tender for the building works invited vide This Office Bid Identification No. Online - EERKL-01/2026-27 by the Executive Engineer is hereby cancelled.

OIPR-25001/25193/1/26-27/0005

Executive Engineer
R.W. Division-II, Sundargarh

---

**OFFICE OF THE MUNICIPAL COUNCIL, NAYAGARH**

No. 1242 / Dt. 05/05/2026 — 13001/396/2627

**1st CORRIGENDUM NOTICE**

Due to unavoidable circumstance the Tender Call Notice 907 dated 17.04.2026, Tender Reference No. MULNGR-12/2026. may be read as follows.

1. The tender title / work name may be read as "Preparation of Plan, Estimate, Design & Construction of 1st floor Building at District Library Nayagarh in Pre-Engineered Structure (PEB) of Nayagarh Municipality.
2. Item Rate basis to be entered by the Bidder in Financial Bid / BOQ
3. Date and Time of availability of document in the portal From Dt. 22.04.2026 at 10.00 AM to 05.05.2026 upto 5.00 PM and Extension upto 12.05.2026
4. Last date of Submission of filled-up bid documents in this Office On or before 1.30 P.M. on Dt. 15.05.2026 by Registered Post / Speed Post / Courier only
5. Date and Time of opening Bid Dt. 16.05.2026 at 11.00 AM at Municipality Office.
6. Revised DTCN Available in e-Procurement portal https://tendersodisha.gov.in
7. Class of Bidder- Engineering Consultants/ PEB agency / Architect having experience in similar nature of work
8. All other terms and conditions remain unaltered.

OIPR-13001/13134/1/26-27/0014

Executive Officer,
Nayagarh Municipality

---

**GOVERNMENT OF ODISHA**
**OFFICE OF THE EXECUTIVE ENGINEER**
**RURAL WORKS DIVISION-II, SUNDARGARH**

25001/93/2627

**TENDER CALL NOTICE**

**BID IDENTIFICATION NO. ONLINE-EERKL-03 of 2026-27**

1. Name of the Work :- Building Works
2. Total No. of works :- 17 (Seventeen) Nos.
3. Estimated cost :- Rs. 2.84 to 5.76 Lakhs
4. Class of contractor :- "D" & "C" Class
5. Period of completion :- 02 (Two) Months
6. Type of Tender :- Single Cover
7. Other details

| Procurement Officer | Bid Identification No. | Availability of Tender On-line for bidding | | Last Date & Time of seeking tender clarification | Date & Time of Opening of Tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, Rural Works Division-II, Sundargarh | Online - EERKL-03 of 2026-27 | 11.05.2026 from 10.00 AM | 20.05.2026 upto 05.00 PM | 19.05.2026 upto 05.00 PM | 21.05.2026 at 11.00 AM |

Further details can be seen from the website **www.tendersorissa.gov.in** & for more information please visit the office.

OIPR-25001/25193/1/26-27/0004

Executive Engineer
RW Division-II, Sundargarh

---

**GOVERNMENT OF ODISHA, "e"-PROCUREMENT NOTICE**
**OFFICE OF THE SUPERINTENDING ENGINEER,**
**PURI (R&B) DIVISION, PURI**

34001/174/2627

**WORKS DEPARTMENT**

**Short Tender Call Notice**

E-mail: eerbpuri@yahoo.co.in

Bid Identification No. SE (R&B) Puri-05/2026-27

The Superintending Engineer, Puri (R&B) Division, Puri on behalf of Governor of Odisha inviting percentage rate bid in Double cover / Single Cover system in ONLINE MODE form the eligible class of contractors registered with the State Governments and contractors of equivalent Grade/Class registered with Central Government / Railways:

1. Nature of Work : Civil works.
2. No of Work : 3 Nos
3. Tender Cost : Rs. 10,000/- Rs. 6000.00 (On-Line)
4. Class of bidders : C & B Class
5. Available of Bid document in the Website : From 10.00 AM of Dt.11.05.2026 to Dt.20.05.2026 up to 5.00 PM
6. Last Date of receipt of tender : Dt.20.05.2026 up to 05.00 PM
7. Date of opening of Bid : Dt.21.05.2026 at 11:00 AM
8. The Bidders have to participate in ONLINE bidding only. Further details can be seen from the Website: https://tenderodisha.gov.in . Any Addendum / Corrigendum / Cancellation of tender can also be seen in the said website.

OIPR-34001/34064/1/26-27/0004

Superintending Engineer,
Puri (R&B) Division, Puri

---

**ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ**

ଆକାଶ ଶୋଭା ବିଲ୍ଡିଂ, ପଣ୍ଡିତ ଜବାହାରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର-୭୫୧୦୦୧

13001/395/2627

ପତ୍ର ସଂଖ୍ୟା ୯୦୧୩/ ଭୁ.ଉ.କ., ଭୁବନେଶ୍ୱର
KNM-267/93

**ସୂଚନା**

ତା. ୩୦.୦୪.୨୦୨୬ରିଖ

ଏତଦ୍‌ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି କଳିଙ୍ଗ ନଗର ପ୍ଲଟେଡ୍ ଡେଭଲପମେଣ୍ଟ ସ୍କିମ୍, ମୌଜା- ଘାଟିକିଆ, ଭୁବନେଶ୍ୱର ଅନ୍ତର୍ଗତ MIG ପ୍ଲଟ୍ ନଂ.- K-7-425 କୁ ଶ୍ରୀ ବିଭୂପ୍ରସାଦ ମିଶ୍ର, ପିତା- ସ୍ୱର୍ଗତ ଲିଙ୍ଗରାଜ ମିଶ୍ର, ଗ୍ରାମ/ପୋଷ୍ଟ - ରାଇଚକ୍ରଧରପୁର, ଥାନା- ସତ୍ୟବାଦି, ଜିଲ୍ଲା- ପୁରୀ, ଓଡ଼ିଶାଙ୍କ ନାମରେ ଆବଣ୍ଟନ କରାଯାଇଥିଲା ।

ଆବଣ୍ଟନଗ୍ରାହୀ ବିଭୂପ୍ରସାଦ ମିଶ୍ର ଗତ ତା.୨୮.୧୦.୨୦୨୧ରିଖ ରେ ମୃତ୍ୟୁବରଣ କରିଅଛନ୍ତି । (Death certificate Registration No.13643/2021 dated 28.10.2021)

Legal heir certificate Misc. Case No. E-LHC/2021/210812 dated 24.11.2021 ଅନୁଯାୟୀ ବିଭୂପ୍ରସାଦ ମିଶ୍ରଙ୍କର ଉତ୍ତରାଧିକାରୀ (୧) ବିଦ୍ୟୁତପ୍ରଭା ମିଶ୍ର (ସ୍ତ୍ରୀ), (୨) ଏଲୋରା ମିଶ୍ର (ବିବାହିତା କନ୍ୟା) ଓ (୩) ଉଦୟନ ମିଶ୍ର (ପୁତ୍ର) ଅଟନ୍ତି ।

ବର୍ତ୍ତମାନ ଉକ୍ତ ଉତ୍ତରାଧିକାରୀମାନେ ଉକ୍ତ ପ୍ଲଟ୍‌ର ମାଲିକାନା ସତ୍ୱ ସେମାନଙ୍କ ନାମରେ ଉତ୍ତରାଧିକାରୀ ସୁତ୍ରେ ପରିବର୍ତ୍ତନ କରିବା ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି ।

ଏଣୁ ଉକ୍ତ ପ୍ଲଟ୍‌ର ମାଲିକାନା ସତ୍ୱ ଉତ୍ତରାଧିକାରୀ ସୁତ୍ରରେ ପରିବର୍ତ୍ତନ କରିବା ପାଇଁ ଯଦି କାହାର କିଛି ଦାବି / ଆପତ୍ତି ଥାଏ, ତାହେଲେ ଏହି ସୂଚନା ପ୍ରକାଶନର ପନ୍ଦର (୧୫) ଦିନ ମଧ୍ୟରେ ନିମ୍ନ ସାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଦାବି ବା ଆପତ୍ତି ଶୁଣାଯିବ ନାହିଁ ଏବଂ ପ୍ଲଟ୍‌ର ମାଲିକାନା ସତ୍ୱ ସେମାନଙ୍କ ନାମରେ ଉତ୍ତରାଧିକାରୀ ସୁତ୍ରରେ ପରିବର୍ତ୍ତନ ଆଇନ ଅନୁଯାୟୀ ସମ୍ପାଦନ କରାଯିବ ।

OIPR-13001/13033/1/26-27/0028

ସା/- ଆବଣ୍ଟନ ଅଧିକାରୀ-୧
ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ

---

**AFFIDAVIT**

By virtue of an affidavit sworn before Executive Magistrate, G.UDAYAGIRI, DIST: KANDHAMAL, State: ODISHA, dated: 04/05/2026, I, Apuna Pradhan, resident of Village: Nedinaju, Batingia, P.O.: Malikapadi, P.S.: G.Udayagiri, Dist: Kandhamal, PIN: 762100, State: Odisha declare that I have changed my name from Sanapati Pradhan to Apuna Pradhan. Henceforth, I shall be known **Apuna Pradhan** for all purposes.

Apuna Pradhan

---


**TPCODL**

TP CENTRAL ODISHA
DISTRIBUTION LIMITED

[A Joint Venture of Tata Power and Government of Odisha]

Registered Office / Corporate Office : Power House Square, Unit – 8, Bhubaneswar - 751012

**PUBLIC NOTICE FOR EMPANELMENT OF VENDORS**
**(Under PM-Suryaghar: Muft Bijli Yojana)**

TP Central Odisha Distribution Ltd. (TPCODL) invites applications from eligible Agencies/Firms/Companies for empanelment as vendors under the PM-Suryaghar: Muft Bijli Yojana, a flagship Government of India initiative aimed at promoting rooftop solar installations for residential consumers and enabling affordable, clean energy access.

- Detailed empanelment guidelines, application forms ,document checklist etc. are available at **www.tpcentralodisha.com**
- Applications and other required documents should be put in a sealed envelope and to be dropped in the designated drop-box available at

**Renewable Energy Cell,TPCODL, Power House Square, Bhubaneswar.**

**For Details Contact - 1912**


---

**AFFIDAVIT**

By virtue of an affidavit sworn before the Executive Magistrate, Sukinda, Jajpur, Vide no - 695, dated 04.04.2026, I, Tuni Behera, Village: Boulapal, PO: Damodarpur, PS: Sukinda, Dist: Jajpur, Odisha, do hereby declare that my minor daughter's name has been changed from Santos I Behera (old name) to Santoshi Behera (new name) for Aadhaar correction. Henceforth, she shall be known as **Santoshi Behera** for all purposes.

Tuni Behera

**AFFIDAVIT**

I, Abhipsa Aparna Mishra, D/o- Jayanta Kumar Mishra, resident of Qr.No-IVR- 141, Unit - 6, Bhubaneswar, Pin -751001,Dist - Khordha, Odisha, declare by this affidavit No - 15832, dated - 06.05.2026, that now onwards I shall be known as **AVIPSA APARNA MISHRA** for all future purposes.

**AFFIDAVIT**

By virtue of an affidavit sworn before Executive Magistrate, Kendrapara, SL.No. 1531, dated 16/03/2026, I **KAMINI SAHOO**, resident of village At-Balagandi, PO: Kendrapara, P.S: Kendrapara Town, Dist: Kendrapara, PIN: 754211, Odisha declare that I have changed my name from **SHALINI MALHOTRA (Old Name)** to **KAMINI SAHOO (New Name)**. Henceforth, I shall be known as **KAMINI SAHOO** for all purposes.

Sd- **KAMINI SAHOO**

**CHANGE OF NAME**

By virtue of an affidavit (CF No. 02, date: 06/05/2026) sworn before The Executive Magistrate, Padampur. I, **Chamara Singh Bariha** (new name), S/o Phiringe Singh Bariha, permanent & current resident of AT: Barihapukhapani, PO: Katabahal, PS: Gaisilat, Dist: Bargarh, PIN: 768036, State: Odisha declare that I have changed my name from **Gajapati Dansana** to **Chamara Singh Bariha.** Henceforth, I shall be known as **Chamara Singh Bariha** (new name) for all purposes.

**(Chamara Singh Bariha)**

**AFFIDAVIT**

I, Muzaffer Hussain, aged about 37 years, S/o- Tansen Abdul, resident of At- Alind Colony, Po/Ps- Hirakud, Dist- Sambalpur, Pin- 768016, Odisha do hereby declare by this affidavit No.933, dtd- 06/05/2026, that now onwards I shall be known as **MUZAFFAR HUSSAIN** for all future purposes.

**AFFIDAVIT**

By virtue of an affidavit sworn before The Notary Public, Titilagarh on dated: 05/05/2026. I, **Rabi Bag** (applicant name), S/o Baman Bag, Address: AT: Manikmunda, PO: Modipada, Sambalpur, PS: Town Thana, Dist: Sambalpur, PIN: 768002, State: Odisha declare that I have changed my minor son's name from **Niklesh Bag** (old name) to **Nikhilesh Bag.** Henceforth, he shall be known as **Nikhilesh Bag** (new name) for all purposes.

**(RABI BAG)**

**CHANGE OF NAME (MINOR)**

By virtue of an affidavit (CF No-1, Date: 07/05/2026) sworn before The Executive Magistrate, Padampur. I, **Benudhar Sabat** (applicant name), S/o Chudamani Sabat, permanent & current resident of AT: Patrapali, PO: Chantipali, PS: Melchhamunda, Dist: Bargarh, PIN: 768035, State: Odisha declare that I have changed my minor son's name from **Tekeswar Sabat** to **Tikeshwar Sabat.** Henceforth, he shall be known as **Tikeshwar Sabat** (new name) for all purposes.

**(Benudhar Sabat)**

**CHANGE OF NAME (MINOR)**

By virtue of an affidavit (CF No. 01, date: 04/05/2026) sworn before The Executive Magistrate, Padampur. I, **Manohar Hansa** (applicant name), S/o Lidi Hansa, permanent & current resident of AT: Deuli, PO: Mahulpali, PS: Padampur, Dist: Bargarh, PIN: 768036, State: Odisha declare that I have changed my minor daughter's name from **Shibani Hansa** to **Priya Hansa.** Henceforth, she shall be known as **Priya Hansa** (new name) for all purposes.

**(Manohar Hansa)**

# ଚୋରା ମଦ ସହ ବୋଲେରୋ ଜବତ; ୨ ଗିରଫ



ହାଟଡ଼ିହୀ, ୭।୫ (ସମିସ): ହାଟଡିହୀ ଅବକାରୀ ରେଞ୍ଜ ପକ୍ଷରୁ ଅବକାରୀ ନିରୀକ୍ଷକ ବ୍ରଜମୋହନ ମଲ୍ଲିକ ଏବଂ ହାଟଡିହୀ ଅବକାରୀ ଥାନାର ଷ୍ଟାଫ୍‌ଙ୍କୁ ନେଇ ଗଠିତ ଏକ ସ୍ୱତନ୍ତ୍ର ଟିମ୍ ପକ୍ଷରୁ ନନ୍ଦିପଦା ଓ ସୋସୋ ଥାନା ଅନ୍ତର୍ଗତ ପୁରୁଣାପାଣି, ଷଡ଼ଙ୍ଗ, ଜାବିନପୁର, ସଡ଼ଙ୍ଗା ଅଞ୍ଚଳରେ ଚଢ଼ଉ କରାଯାଇଛି। ଏଥିରେ ୨୫୦ ଲିଟର ଦେଶୀମହୁଲି ମଦ, ୩୨୦୦ ଲିଟର ମହୁଲ ପୋଚ ଓ ୬୨ଲିଟର ୪୦୦ ମି.ଲି ବିୟର ଓ ୧୭ ଲିଟର ୨୮୦ ମିଲିଲିଟର ବିଦେଶୀ ମଦ ସହ ଏକ ୪ଚକିଆ ବୋଲେରୋ ଜବତ କରାଯାଇଛି। ଏହି ବେଆଇନ ମଦ କାରବାରରେ କୈଳାସଚନ୍ଦ୍ର ରାଉତ ଓରଫ୍ ଚକରା ଓ ବୈଷ୍ଣବ ବେହେରାଙ୍କୁ ଗିରଫ କରିଛି ଅବକାରୀ ପୁଲିସ୍। ହାଟଡ଼ିହୀ ଅବକାରୀ ଥାନା ପକ୍ଷରୁ ୨ଟି ଅବକାରୀ ମାମଲା ରୁଜୁ କରାଯାଇଛି। ଏହି ଚଢ଼ଉରେ ହାଟଡ଼ିହୀ ଅବକାରୀ ଥାନା ସହ ଉପନିରୀକ୍ଷକ ସୁଶାନ୍ତ ରାଉତ, କନେଷ୍ଟବଲ ଜଗମୋହନ ବେହେରା, ଆରତୀ ବେହେରା, ସୁରେଶ ବେହେରା ପ୍ରମୁଖ ଷ୍ଟାଫ୍ ସାମିଲ ଥିଲେ।

# ଦୋକାନ ଭାଙ୍ଗି ମୋବାଇଲ ଚୋରି: ୨ ଗିରଫ



ତୁରୁମୁଙ୍ଗା, ୭।୫(ସମିସ): କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଥାନା ଅନ୍ତର୍ଗତ କ୍ଷୀରେଇଟାଙ୍ଗିରୀ ବଜାରରେ ଥିବା ଏକ ମୋବାଇଲ ଦୋକାନକୁ ଭାଙ୍ଗି ଫୋନ୍ ଚୋରି ହୋଇଥିଲା। ଗତ ୩ ତାରିଖ ରାତିରେ ସଂଘଟିତ ଏହି ଘଟଣାରୋ ଦୁର୍ବୃତ୍ତମାନେ ଫେରାର ହୋଇଯାଇଥିଲା ବେଳେ ପୁଲିସ ଏହି ମାମଲାରେ ସମ୍ପୃକ୍ତ ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଦୋକାନର ତାଲା ଭାଙ୍ଗି ଏକାଧିକ ମୋବାଇଲ ଫୋନ ଚୋରି କରି ନେଇଥିଲେ। ଏନେଇ ଦୋକାନ ମାଲିକ ଡଲଙ୍ଗ ଗ୍ରାମର କ୍ଷେତ୍ରବାସୀ ପାଲ ତୁରୁମୁଙ୍ଗା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ତଦନ୍ତ ସମୟରେ ପୁଲିସ କ୍ଷୀରେଇଟାଙ୍ଗିରୀ ଗ୍ରାମର ସୁରେଶ ପାତ୍ର(୨୮) ଓ ରବି ମୁଣ୍ଡା(୨୨)ଙ୍କୁ ଗିରଫ କରିଥିଲା। ଗିରଫ ଦୁଇ ଅଭିଯୁକ୍ତଙ୍କଠାରୁ ଚୋରି ହୋଇଥିବା ୬ଟି ମୋବାଇଲ ଫୋନ ମଧ୍ୟ ଉଦ୍ଧାର ହୋଇଛି। ଏନେଇ ତୁରୁମୁଙ୍ଗା ଥାନାରେ ୧୧୨/୨୬ ନମ୍ବର ମାମଲା ରୁଜୁ ହୋଇଥିବା ବେଳେ ଏଏସଆଇ ଦେବେନ୍ଦ୍ର ମୁର୍ମୁ ଘଟଣାର ତଦନ୍ତ କରି ଉଭୟ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିବା ସୂଚନା ମିଳିଛି।

# କାଳବୈଶାଖୀରେ ବ୍ୟାପକ କ୍ଷୟକ୍ଷତି

ତୁରୁମୁଙ୍ଗା, ୭।୫(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଅଞ୍ଚଳରେ କାଳବୈଶାଖୀର ପ୍ରଭାବରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ସନ୍ଧ୍ୟାରେ ପ୍ରବଳ ବର୍ଷା ଓ ପବନ ଯୋଗୁଁ ମୁଷାଖରୀ ପଞ୍ଚାୟତର ଧନୁର୍ଜୟପୁର, ବିଜାନାଳୀ, ଘଟଗାଁ ବ୍ଲକ ମାଛଭଣ୍ଡା ସମେତ ବିଭିନ୍ନ ଅଞ୍ଚଳରେ ଜନଜୀବନ ପ୍ରଭାବିତ ହୋଇଛି। ପବନରେ ଅନେକ ସ୍ଥାନରେ ବଡ଼ ବଡ଼ ଗଛ ଉପୁଡି ପଡିଥିବା ବେଳେ କିଛି ଘରର ଆଜବେଷ୍ଟସ ଛପର ଉଡ଼ିଯାଇଛି। କେତେକ ସ୍ଥାନରେ ଗଛ ପଡି ଯାନବାହନ କ୍ଷତିଗ୍ରସ୍ତ ହୋଇଛି। ଏହାସହ ରାସ୍ତା ଉପରେ ଗଛ ପଡି ରହିଛି।



ଅନ୍ୟପଟେ ବିଦ୍ୟୁତ ଖୁଣ୍ଟ ଉପୁଡିବା ସହ ବିଦ୍ୟୁତ ତାର କ୍ଷତିଗ୍ରସ୍ତ ହେବା ଫଳରେ ଅଞ୍ଚଳରେ ବିଦ୍ୟୁତ ସେବା ବ୍ୟାହତ ହୋଇଛି। ଗତମାସ ଠିକ ଆଜିର ଦିନରେ ପାଟଣା ଅଞ୍ଚଳରେ କାଳବୈଶାଖୀ ଯୋଗୁଁ ବ୍ୟାପକ କ୍ଷୟକ୍ଷତି ହୋଇଥିଲା। ହଜାର ହଜାର ଲୋକ ବାସହୀନ ହୋଇ ରହିଥିଲେ। ସେ ଦୁଃଖ ଲୋକଙ୍କ ମନରୁ ଯାଇ ନଥିବା ବେଳେ ପୁଣି ଏକ ମାସ ପରେ ଆଜିର ଦିନରେ କାଳବୈଶାଖୀ କ୍ଷୟକ୍ଷତି ଯୋଗୁଁ ଲୋକେ ଚିନ୍ତାରେ ପଡିଛନ୍ତି। ସ୍ଥାନୀୟ ଲୋକେ ପ୍ରଶାସନ ପକ୍ଷରୁ ଶୀଘ୍ର ରାସ୍ତା ସଫା, ବିଦ୍ୟୁତ ସେବା ସ୍ୱାଭାବିକ ଓ କ୍ଷତିଗ୍ରସ୍ତଙ୍କୁ ସହାୟତା ଯୋଗାଇଦେବାକୁ ଦାବି କରିଛନ୍ତି।

# ଆନନ୍ଦପୁର ବରିଷ୍ଠ ନାଗରିକ ପରିଷଦର ବୈଠକ




ଆନନ୍ଦପୁର, ୭।୫ (ସମିସ): ଆନନ୍ଦପୁର ବରିଷ୍ଠ ନାଗରିକ ପରିଷଦର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ସଭାପତି ରମାକାନ୍ତ ନାୟକଙ୍କ ଅଧ୍ୟକ୍ଷତାରେ ପରିଷଦର କାର୍ଯ୍ୟାଳୟ ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଯାଇଛି। ସଭା ଆରମ୍ଭରେ ସ୍ଥାୟୀ ସଦସ୍ୟ ଡ. ବିଷ୍ଣୁନାରାୟଣ ପାତ୍ରଙ୍କ ବିୟୋଗରେ ସମସ୍ତେ ଶୋକ ବ୍ୟକ୍ତ କରିଥିଲେ। ତାଙ୍କ ଆତ୍ମାର ସଦଗତି ପାଇଁ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ବୈଠକର ଉଦ୍ଦେଶ୍ୟ ସମ୍ପର୍କରେ ସମ୍ପାଦକ ଅଶୋକ କୁମାର ସାହୁ ବକ୍ତବ୍ୟ ପ୍ରଦାନ କରିଥିଲେ। ବରିଷ୍ଠ ଉପଦେଷ୍ଟା ଅରୁଣ କୁମାର ମହାନ୍ତି, ନିରାକାର ଦଳେଇ, ବିନୋଦ ମିଶ୍ର, କୀର୍ତ୍ତନ ସାହୁ ପ୍ରମୁଖ ଆନନ୍ଦପୁରର କେତେକ ସମସ୍ୟା ଓ ତାହାର ସମାଧାନ ପାଇଁ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯିବାକୁ ପ୍ରସ୍ତାବ ଦେଇଥିଲେ। ଆନନ୍ଦପୁରର ଇଷ୍ଟଦେବତା ଦଧିବାମନଜୀଉଙ୍କ ମନ୍ଦିରର ସୁରକ୍ଷା, ମନ୍ଦିରର ପ୍ରାଚୀର ନିର୍ମାଣ, ବିଭିନ୍ନ ପୂଜାପାର୍ବଣ ଓ ବିବାହ ବ୍ରତ ସମୟରେ ଉଚ୍ଚଶକ୍ତି ସମ୍ପନ୍ନ ଡିଜେ ବ୍ୟବହାର ଓ ପ୍ରବଳ ନିଶା କାରବାରର ନିୟନ୍ତ୍ରଣ ପ୍ରଭୃତି ସମ୍ବନ୍ଧରେ କର୍ତ୍ତୃପକ୍ଷଙ୍କ ନିକଟରେ ଦାବି ଉପସ୍ଥାପନା କରାଯିବାକୁ ନିଷ୍ପତ୍ତି ହୋଇଛି। ପରିଷଦରେ ନୂତନ କରି ଯୋଗଦେଇଥିବା ନିତ୍ୟାନନ୍ଦ ନାହାକଙ୍କୁ ସ୍ୱାଗତ କରାଯାଇଥିଲା। ଉପସଭାପତି ସୁଦର୍ଶନ ବଳ ଧନ୍ୟବାଦ ଅର୍ପଣ କରିଥିଲେ। ବୈଠକରେ କୀର୍ତ୍ତନ ବିହାରୀ ସାହୁ, ଦିଲ୍ଲୀପ ସିଂ, କୈଳାଶ ନାହାକ, ସତ୍ୟାନନ୍ଦ ମିଶ୍ର, ନଗେନ ଚାନ୍ଦ, ମଦନ ହୋତା, ସହଦେବ ସାହୁ, ରମେଶ ସିଂ ପ୍ରମୁଖ ଯୋଗ ଦେଇଥିଲେ।

## ଆନନ୍ଦପୁର ଡାକ୍ତରଖାନାରେ ରୋଗୀଙ୍କ ଧାଡ଼ି ଯନ୍ତ୍ରଣା

# ୪୫ ଡାକ୍ତର ପରିବର୍ତ୍ତେ ଅଛନ୍ତି ୧୫

ଆନନ୍ଦପୁର, ୭।୫(ସମିସ)



କେନ୍ଦୁଝର ଜିଲ୍ଲାର ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଉତ୍ତମ ଚିକିତ୍ସାସେବା ନପାଇ ରୋଗୀ କଲବଲ ହେଉଛନ୍ତି। ୪୫ ଜଣ ଡାକ୍ତରଙ୍କ ସ୍ଥାନରେ ମାତ୍ର ୧୫ ଜଣ ଡାକ୍ତରଙ୍କୁ ନେଇ ରୋଗୀ ଚିକିତ୍ସା କେବଳ କାମଚଳା ନୀତିରେ ଚାଲିଛି। ପ୍ରତିଦିନ ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନାର ଆଉଟ୍‌ଡୋରକୁ ୬୦୦ରୁ ଊର୍ଦ୍ଧ୍ୱ ରୋଗୀ ଆସୁଛନ୍ତି। ଅସ୍ଥିଶଲ୍ୟ, କର୍ଣ୍ଣ, ନାଶା ଓ ଗଳା (ଇଏନ୍‌ଟି), ନିଶ୍ଚେତକ ଡାକ୍ତର ପଦ ଖାଲି ପଡ଼ିଛି। ସାମାନ୍ୟ ରୋଗର ଚିକିତ୍ସା ପାଇଁ ଆସି ଲୋକଙ୍କୁ ଘଣ୍ଟାଘଣ୍ଟା ଧରି ଅପେକ୍ଷା କରିବାକୁ ପଡୁଛି। ଟିକେଟ୍ କାଉଣ୍ଟର, ଆଉଟ୍‌ଡୋର, ପରୀକ୍ଷାଗାର, ଏକ୍ସ-ରେ କେନ୍ଦ୍ର, ଔଷଧ କାଉଣ୍ଟରରେ ଲମ୍ବାଧାଡ଼ି ଲାଗୁଛି। କର୍ମଚାରୀ ଅଭାବ ଯୋଗୁଁ ଔଷଧ ବଣ୍ଟନରେ ସମସ୍ୟା ହେଉଛି। ଔଷଧ ନେବାକୁ ଲୋକେ ଖରାରେ ଲମ୍ବାଧାଡ଼ି ଲଗାଉଛନ୍ତି। ଆବଶ୍ୟକ କର୍ମଚାରୀ ନଥିବାରୁ ୨୪ ଘଣ୍ଟିଆ ଔଷଧ ବିତରଣ ବାଧାପ୍ରାପ୍ତ ହେଉଛି। ରାତିରେ ରୋଗୀଙ୍କୁ ଔଷଧ ମିଳୁନଥିବା ଜଣାପଡ଼ିଛି। ସେହିପରି ଗୁରୁତର ରୋଗୀ ଓ ଆଉଟଡୋର୍‌କୁ ଆସୁଥିବା ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଡାକ୍ତରମାନେ ଗୋଟିଏ ସ୍ଥାନରେ କରୁଥିବାରୁ ଗୁରୁତର ରୋଗୀଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଏ ସମ୍ପର୍କରେ ଡାକ୍ତରଖାନାର ପରିଚାଳକ ଅବିନାଶ ଧଳ କହିଛନ୍ତି, ଡାକ୍ତର ଓ କର୍ମଚାରୀ ଅଭାବରୁ ଏଭଳି ସମସ୍ୟା ସୃଷ୍ଟି ହୋଇଛି। ଏ ବିଷୟରେ କେନ୍ଦୁଝରର ସିଡିଏମ୍‌ଓଙ୍କୁ ଅବଗତ କରାଯାଇଛି। ଅଧିକ ବିଶେଷଜ୍ଞ ଡାକ୍ତର ଓ କର୍ମଚାରୀ ନିଯୁକ୍ତ କରାଗଲେ ସ୍ୱାସ୍ଥ୍ୟସେବାରେ ସୁଧାର ଆସିପାରିବ।

ଏହି ଡାକ୍ତରଖାନା ଉପରେ କେନ୍ଦୁଝର ଜିଲ୍ଲା ସମେତ ପଡ଼ୋଶୀ ଭଦ୍ରକ, ଯାଜପୁର ଓ ମୟୂରଭଞ୍ଜ ଜିଲ୍ଲାର ୨୫ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ନିର୍ଭର କରୁଛନ୍ତି। ଗ୍ରାମାଞ୍ଚଳର ଲୋକେ ସରକାରୀ ଡାକ୍ତରଖାନାରୁ ମାଗଣା ଚିକିତ୍ସାସେବା ପାଇବାପାଇଁ ଆସି ନିରାଶ ହୋଇ ଫେରୁଛନ୍ତି। ଅନେକ ବିଭାଗରେ ବିଶେଷଜ୍ଞ ଡାକ୍ତର ନଥିବାରୁ ରୋଗୀଙ୍କୁ ଦହଗଞ୍ଜ ହେବାକୁ ପଡୁଛି। ଡାକ୍ତର ନଥିବାରୁ ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କୁ ଘଣ୍ଟାଘଣ୍ଟା ଧରି ଧାଡ଼ିରେ ଛିଡ଼ା ହେବାକୁ ପଡୁଛି। ୨୦ନମ୍ବର ଜାତୀୟ ରାଜପଥ ଓ ୫୩ ନମ୍ବର ରାଜ୍ୟ ରାଜପଥରେ ଦୁର୍ଘଟଣାରେ ସାମାନ୍ୟ ଆହତ ହୋଇଥିବା ଲୋକଙ୍କୁ ମଧ୍ୟ କଟକ ସ୍ଥାନାନ୍ତର କରାଯାଉଛି। ସେହିପରି ପ୍ରସୂତି ବିଭାଗରେ ଅନେକ ସମୟରେ ରୋଗୀଙ୍କୁ ବିଭିନ୍ନ ଆଳ ଦେଖାଇ କେନ୍ଦୁଝର ଓ କଟକ ସ୍ଥାନାନ୍ତର କରାଯାଉଥିବା ଅଭିଯୋଗ ହେଉଛି।

# ବିନା ସୂଚନାଫଳକରେ କଲ୍ୟାଣ ମଣ୍ଡପ ନିର୍ମାଣ କାର୍ଯ୍ୟ

ଚମ୍ପୁଆ, ୭।୫(ସମିସ): ସରକାରୀ ଅନୁଦାନରେ ଯେକୌଣସି ଉନ୍ନୟନ କାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ ନିର୍ମାଣସ୍ଥଳ ନିକଟରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ସୂଚନାଫଳକ ନିର୍ମାଣ କରି ସେଥିରେ ସବିଶେଷ ସୂଚନା ଦେଖାଯିବାର ନିୟମ ଥିଲେ ସୁଦ୍ଧା କେନ୍ଦୁଝର ଜିଲ୍ଲା ଚମ୍ପୁଆ ଏନଏସି ଅନ୍ତର୍ଗତ ଜାଗର ପଡ଼ିଆ ନିକଟରେ ଗ୍ରାମ୍ୟଉନ୍ନୟନ ବିଭାଗ ତରଫରୁ ନିର୍ମାଣାଧୀନ କଲ୍ୟାଣ ମଣ୍ଡପରେ ବ୍ୟାପକ ବ୍ୟତିକ୍ରମ ଦେଖିବାକୁ ମିଳିଛି। ସରକାର କେଉଁ ବିଭାଗରୁ ଅର୍ଥ ଖର୍ଚ୍ଚ କରୁଛନ୍ତି, କେତେ ଅର୍ଥ ଅନୁଦାନ ପ୍ରଦାନ କରିଛନ୍ତି, କାହା ନାମରେ କାର୍ଯ୍ୟାଦେଶ ରହିଛି, କେଉଁ ଅଧିକାରୀ ତଦାରଖ କରୁଛନ୍ତି ଏବଂ କାର୍ଯ୍ୟ ଆରମ୍ଭ ଓ ଶେଷ ସମ୍ପର୍କରେ ସମସ୍ତଙ୍କୁ ଅନ୍ଧାରରେ ରଖାଯାଇ ନିର୍ମାଣ କାର୍ଯ୍ୟ ଚାଲୁ ରହିଛି। ବିଭାଗୀୟ ଅଧିକାରୀ ଓ କଣ୍ଟ୍ରାକ୍ଟରଙ୍କ ସଲାସୁତ୍ରରେ ନିର୍ମାଣ କାର୍ଯ୍ୟର ସ୍ଥାୟିତ୍ୱକୁ ନେଇ ସୃଷ୍ଟି ହୋଇଛି ପ୍ରଶ୍ନବାଚୀ। ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ କଲ୍ୟାଣ ମଣ୍ଡପରେ ଲଗାଯାଉଥିବା ରଙ୍ଗ ନିମ୍ନମାନର ହୋଇଥିବାରୁ ଅଧିକାଂଶରେ ଏହା ଫିକା ହୋଇଗଲାଣି। ଏନେଇ କାର୍ଯ୍ୟରତ ମୁନସୀଙ୍କୁ ପଚାରିବାରୁ କହିଥିଲେ କି ପାଣି ଲିକ୍ ଯୋଗୁଁ ରଙ୍ଗ ଛାଡିଯାଇଛି। ଅଦିନିଆ ବର୍ଷାରେ ଯଦି ଏପରି ଅବସ୍ଥା ତେବେ ବର୍ଷାଋତୁରେ ଅବସ୍ଥା କ'ଣ ହେବ ସହଜରେ ଅନୁମେୟ। ନୂଆ ବଟଲରେ ପୁରୁଣା ମଦ ଢାଳିବା ଭଳି ଗୋଟିଏ ଭଲ କମ୍ପାନୀର ରଙ୍ଗ ଆଣି ସେଥିରେ ଶସ୍ତା ରଙ୍ଗ ଢାଳି ଅଧିକାରୀଙ୍କୁ ବୋକା ବନାଉଥିବା ଦେଖିବାକୁ ମିଳୁଛି। ଏନେଇ ସମ୍ପୃକ୍ତ କଣ୍ଟ୍ରାକ୍ଟର କହିଛନ୍ତି, ଜାଗା ଅଭାବରୁ ସୂଚନା ଫଳକ ଲଗାଯାଇ ନାହିଁ ଏବଂ ଆମେ ଭଲ କମ୍ପାନୀର ରଙ୍ଗ ଜିଏସଟି ବିଲ୍ ସହ ଆଣୁଛୁ ବୋଲି ସଫେଇ ଦେଇଥିଲେ। କିନ୍ତୁ ବାସ୍ତବରେ ଉଠାଯାଇଥିବା ଫଟୋ ଜଣାଉଛି ଘଟଣା ପଛର ଅସଲ କାହାଣୀ। କଣ୍ଟ୍ରାକ୍ଟର ଜଣଙ୍କ ମୁନସୀ ହାତରେ ଛାଡ଼ି ଦେଇ ଅଚିନ୍ତାରେ ଥିବା ବେଳେ ଏପଟେ ବିଭାଗ ଅଧିକାରୀମାନେ କାର୍ଯ୍ୟ ସ୍ଥଳକୁ ଆସୁ ନଥିବା ଅଭିଯୋଗ ହେଉଛି। ଏପଟେ ସ୍ଥାନୀୟ ଅଞ୍ଚଳରେ ବିକାଶ ନିମନ୍ତେ ବିଭିନ୍ନ ଯୋଜନାରେ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ବିଭାଗ ଅଧିକାରୀଙ୍କ କାର୍ଯ୍ୟ ପ୍ରତି ଦୃଷ୍ଟି ଦେଉ ନ ଥିବାରୁ ବିକାଶମୂଳକ କାର୍ଯ୍ୟକ୍ରମରେ ବାଧା ସୃଷ୍ଟି ହେଉଛି। ତେଣୁ ଏଥିପ୍ରତି ସରକାର ଓ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।



- କୋଠା ଉଦ୍‌ଘାଟନ ପୂର୍ବରୁ ରଙ୍ଗ ପଡ଼ିଲାଣି ଫିକା
- ଲୋକଙ୍କୁ ଅନ୍ଧାରରେ ରଖୁଛନ୍ତି ଠିକାଦାର ଓ ଅଧିକାରୀ

# ସ୍ୱାମଶାସନରେ ୭୧ତମ ବାଦୀ ପାଲା ଓ ସମ୍ବର୍ଦ୍ଧନା ସମାରୋହ



ତୁରୁମୁଙ୍ଗା, ୭।୫(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ସ୍ୱାମଶାସନରେ ୭୧ତମ ବାଦୀ ପାଲା ମହୋତ୍ସବ ଉଦଯାପିତ ହୋଇଛି। ସ୍ୱାମଶାସନ ସତ୍ୟନାରାୟଣ ପାଲା ଅନୁଷ୍ଠାନର ସଭାପତି ଭାଗିରଥୀ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାରୋହରେ ମୁଖ୍ୟଅତିଥି ଭାବେ ପାଟଣା ପଞ୍ଚାୟତସମିତି ଅଧ୍ୟକ୍ଷା ବୀଣାପାଣି ନାୟକ, ମୁଖ୍ୟବକ୍ତା ଭାବେ ବଡପାଟଣା ସରପଞ୍ଚ ବିନତୀ ବାନାରା, ସମ୍ମାନିତ ଅତିଥି ଭାବେ ୨୩ ନମ୍ବର୍ ଜୋନ ଜିଲ୍ଲା ପରିଷଦ ସଦସ୍ୟା ରୁନୁ ମହାନ୍ତ, ସାମାଜିକ କର୍ମୀ ଅଜିତ ଦାଶ, ଏବିଇଓ ଦିଲ୍ଲୀପ କୁମାର ବେହେରା, ପର୍ଶୁରାମ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଗାୟକ ଶିଶିର ପାଢ଼ୀଙ୍କୁ, ଗାୟକ କଲ୍ଲୋଳ ଉପାଧି ଏବଂ ଗାୟକ କୈଳାସଚନ୍ଦ୍ର ପାଣିଙ୍କୁ ଗାୟକ ବେଦାନ୍ତଦର୍ଶୀ ଉପାଧିରେ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିଭଳି ପାଲା ଅନୁଷ୍ଠାନ ପ୍ରତି ଥିବା ଅବଦାନ ପାଇଁ ମରଣୋତ୍ତର ଭାବେ ସ୍ୱର୍ଗତ ବାସୁଦେବ ଦାଶଙ୍କ ପାଇଁ ତାଙ୍କ ପୁଅ ଜଗବନ୍ଧୁ ଓ ଅଭିମନ୍ୟୁ ତ୍ରିପାଠୀଙ୍କ ଗ୍ରାମର ପାଲା ଓ ସାଂସ୍କୃତିକ ଅନୁଷ୍ଠାନ ଗଠନରେ ଅବଦାନ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ଉଭୟ ଗାୟକଙ୍କ ବାୟକ ଏବଂ ପାଳିଆଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ଅତିଥି ପରିଚୟ ଉପସଭାପତି ଶ୍ରୀନିବାସ ଶତପଥୀ କରିଥିବା ବେଳେ ସମ୍ପାଦକ ବୀରକିଶୋର ଦାଶ ମାନପତ୍ର ପାଠ ଓ ପରିଚାଳନା କରିଥିଲେ। କୋଷାଧ୍ୟକ୍ଷ କଳ୍ପତରୁ କର ଧନ୍ୟବାଦ ଦେଇଥିଲେ। ସଂଯୋଜକ ସୁମିତ ପତି, ସନ୍ତୋଷ ତ୍ରିପାଠୀ, ସୌମ୍ୟରଂଜନ ଦାଶ, ଚିରଞ୍ଜିବି ଦାଶ, ପରାମର୍ଶଦାତା ଅଜିତ ଦାଶ, ଜ୍ୟୋତିର୍ମୟ ତ୍ରିପାଠୀ, ଅମୂଲ୍ୟଧନ କର, ଗୌରୀରଞ୍ଜନ ମିଶ୍ର, ଲୋକନାଥ ମିଶ୍ର, ଜ୍ଞାନେନ୍ଦ୍ର ମିଶ୍ରଙ୍କ ତତ୍ତ୍ୱାବଧାନରେ ପାଲାକୁ ଶୃଙ୍ଖଳିତ ଭାବେ ପରିବେଷଣ କରାଇବା ସହ ପ୍ରତ୍ୟହ ଶ୍ରୋତାଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଉଥିଲା। କାର୍ଯ୍ୟକ୍ରମକୁ ଭବତୋଶ ଶତପଥୀ, ସିଦ୍ଧାର୍ଥ ଦାଶ, ପବନ କର, ଆର୍ଯ୍ୟପ୍ରସାଦ ଦାଶ, ପ୍ରକାଶ ଦାଶ, ଲଲାଟେନ୍ଦୁ ମିଶ୍ର ପରିଚାଳନା କରିଥିଲେ।

▶▶ ଇଂରାଜୀ ବିଭାଗ ଛାତ୍ରଙ୍କ ଅକାଳ ବିୟୋଗ

# ଧରଣୀଧର ବିଶ୍ୱବିଦ୍ୟାଳୟରେ ଶୋକସଭା



କେନ୍ଦୁଝର, ୭।୫(ସମିସ): ଧରଣୀଧର ବିଶ୍ୱବିଦ୍ୟାଳୟର ସ୍ନାତକ ଇଂରାଜୀ ବିଭାଗ ଶେଷବର୍ଷର ଛାତ୍ର ଲୁନା ମାଝୀଙ୍କର ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଅକାଳ ବିୟୋଗ ହୋଇଯାଇଛି। ତାଙ୍କ ବାପା-ମା' ମଧ୍ୟ ପୂର୍ବରୁ ଏଇ ଦୁନିଆ ଛାଡ଼ି ଚାଲି ଯାଇଛନ୍ତି। ନିଜେ ଶ୍ରମିକ ଭାବରେ କାମ କରିବା ସହିତ ପାଠ ପଢ଼ି ଓଡ଼ିଶା ପ୍ରଶାସନିକ ସେବାରେ ଯୋଗ ଦେବାର ଲକ୍ଷ୍ୟ ରଖିଥିଲେ। ଜଣେ ମେଧାବୀ ଛାତ୍ର ଭାବରେ ବିଶ୍ୱବିଦ୍ୟାଳୟରେ ତାଙ୍କର ପରିଚୟ ଥିଲା ସ୍ୱତନ୍ତ୍ର। ତାଙ୍କ ଅକାଳ ବିୟୋଗରେ ବିଶ୍ୱବିଦ୍ୟାଳୟରେ ଶୋକର ଛାୟା ଖେଳିଯାଇଛି। ଆଜି ସକାଳେ ବିଶ୍ୱବିଦ୍ୟାଳୟ ତରଫରୁ ଧରଣୀଧରଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ଏକ ଶୋକ ସଭା ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର ଅଧ୍ୟାପକଅଧ୍ୟାପିକା ତଥା ଛାତ୍ରଛାତ୍ରୀମାନେ ଆତ୍ମାର ସଦଗତିରେ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରିବା ସହିତ ସ୍ମୃତିଚାରଣ କରିଥିଲେ। କୁଳପତି ପ୍ରଫେସର ସଞ୍ଜୟ କୁମାର ପାତ୍ର ଶ୍ରୀ ଲୁନା ମାଝୀଙ୍କ ଅକାଳ ବିୟୋଗ ବିଶ୍ୱବିଦ୍ୟାଳୟର ଅପୂରଣୀୟ କ୍ଷତି ସହିତ ଏହି ଦୁଃଖ ସମୟରେ ତାଙ୍କ ପରିବାରଙ୍କୁ ଭଗବାନ ସହାୟ ହୁଅନ୍ତୁ ବୋଲି କହିଥିଲେ। ସ୍ମୃତିସଭାର ଆୟୋଜନ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ଡକ୍ଟର ପ୍ରଭୁପ୍ରସାଦ ଦାସ କରିଥିଲା ବେଳେ ତାଙ୍କୁ ସହଯୋଗ କରିଥିଲେ ଜନସମ୍ପର୍କ ଅଧିକାରୀ ଡକ୍ଟର ସୁମନ୍ତ୍ର ନାଏକ ଓ ଇଂରାଜୀ ବିଭାଗର ସମସ୍ତ ଅଧ୍ୟାପକଅଧ୍ୟାପିକା ତଥା ଛାତ୍ରଛାତ୍ରୀ।

# ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ଧନୁର୍ଜୟଙ୍କୁ ସମ୍ବର୍ଦ୍ଧନା

କେନ୍ଦୁଝର, ୭।୫(ସମିସ): ବିଜେଡି ସୁପ୍ରିମୋ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ନିକଟରେ ଦଳୀୟ ସାଂଗଠନିକ କର୍ମକର୍ତ୍ତାଙ୍କ ନାମ ଘୋଷଣା କରିଥିଲେ। ଏଥିରେ କେନ୍ଦୁଝର ଜିଲ୍ଲାର ଲଢୁଆ ନେତା ତଥା ପୂର୍ବତନ ବିଧାୟକ ଧନୁର୍ଜୟ ସିଦ୍ଧୁଙ୍କୁ ରାଜ୍ୟ ସଧାରଣ ସମ୍ପାଦକ ଭାବେ ଚୟନ କରାଯାଇଛି। ଏହି ଘୋଷଣା ପରେ କେନ୍ଦୁଝର ଜିଲ୍ଲା ତଥା ତେଲକୋଇ ନିର୍ବାଚନମଣ୍ଡଳୀ ବିଜେଡି ଶିବିରରେ ନୂତନ ଆଶା ଓ ଉଦ୍ଦୀପନା ସୃଷ୍ଟି ହୋଇଛି। ଏହାସହ ଶ୍ରୀ ସିଦ୍ଧୁଙ୍କୁ ବିଭିନ୍ନ ମହଲରୁ ସ୍ୱାଗତ ସମ୍ବର୍ଦ୍ଧନାର ସୁଅ ଛୁଟୁଛି। ଏହି ପରିପ୍ରେକ୍ଷୀରେ ତେଲକୋଇ ନିର୍ବାଚନମଣ୍ଡଳୀର ବାଂଶପାଳ ବ୍ଲକ୍‌ଠାରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ବାଂଶପାଳ ବିଜେଡି ବଜେଡି ପକ୍ଷରୁ ଶ୍ରୀ ସିଦ୍ଧୁଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ଏହାସହ ବାଂଶପାଳ ବହୁ ସାଧାରଣ ବର୍ଗର ଲୋକଙ୍କ ସମେତ ବିଜୁ ଜନତା ଦଳର ବ୍ଲକ ସଭାପତି ଯଦୁମଣି ଠାକୁର, ବ୍ଲକ ଅଧ୍ୟକ୍ଷ ମାନସ ଦେହୁରୀ, ଯୁବ ନେତା ଅନାଦି ପଲେଇ, ଟଙ୍କଧର ଖମଣିଆ, ଗୁରୁଚରଣ ବେହେରା, ଜଗନ୍ନାଥ ଦେହୁରୀ, ରମାକାନ୍ତ ଡଙ୍ଗୁଆଙ୍କ ସମେତ ବ୍ଲକର ବହୁ ବିଜେଡି କର୍ମୀ ଯୋଗ ଦେଇଥିଲେ। ପଞ୍ଚାୟତ ସ୍ତରରେ ଥିବା ବିଭିନ୍ନ ବର୍ଗର ଦଳୀୟ କର୍ମକର୍ତ୍ତା ମଧ୍ୟ ଯୋଗଦେଇ ଶ୍ରୀ ସିଦ୍ଧୁଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ଅନ୍ୟପଟେ ଶ୍ରୀ ସିଦ୍ଧୁ ବିଜେଡି ସଭାପତିଙ୍କୁ କୃତଜ୍ଞତା ଜଣାଇଛନ୍ତି।



# ନିର୍ଦ୍ଦିଷ୍ଟ ଗୋଟିଏ ନମ୍ବରରେ ଏକାଧିକ ବାଲି ବୋଝେଇ ହାଇୱା

ହାଟଡ଼ିହୀ, ୭।୫(ସମିସ): ହାଟଡ଼ିହୀ ତହସିଲ ଅଧୀନସ୍ଥ ବିଭିନ୍ନ ବାଲିଘାଟରୁ ଏକ ନିର୍ଦ୍ଦିଷ୍ଟ ନମ୍ବର ବ୍ୟବହାର କରି ଏକାଧିକ ବାଲି ବୋଝେଇ ହାଇୱା ବାଲି ଚାଲାଣ ହେଉଥିବା ଅଭିଯୋଗ ହୋଇଛି। ହାଟଡ଼ିହୀ ଅଞ୍ଚଳରେ କିଛିଦିନ ହେବ ଏକ ନିର୍ଦ୍ଦିଷ୍ଟ ଫ୍ୟାନ୍ସି ନମ୍ବରକୁ ବ୍ୟବହାର କରି କେତେବେଳେ ବଲାଙ୍ଗିର ଜିଲ୍ଲାର ତ ପୁଣି ଆଉ କେତେବେଳେ ଯାଜପୁର ଜିଲ୍ଲାର ଟ୍ରାଞ୍ଜିଟ୍ ପାସ୍ ଦ୍ୱାରା ରୀତିମତ ବାଲି ଚାଲାଣ କରାଯାଉଥିବା ଦେଖାଯାଇଛି। ହାଟଡ଼ିହୀ ତହସିଲ ଅଞ୍ଚଳରୁ ଜିଲ୍ଲା ତଥା ରାଜ୍ୟ ବାହାରକୁ ଶହ ଶହ ଟ୍ରିପ ବୈତରଣୀ ନଦୀର ବାଲି ଚାଲାଣ ହେଉଥିବାରୁ ଏହା ବାଲି ମାଫିଆଙ୍କ ପାଇଁ ଭୂସ୍ୱର୍ଗ ପାଲଟିଥିବା କୁହାଯାଉଛି। ବଜାର ଚାହିଦା ସକାଶେ ମାତ୍ରାଧିକ ବାଲି ବେପାର ଚାଲୁଥିବାରୁ ନିର୍ଦ୍ଦିଷ୍ଟ କିଛି ହାଇୱା ମାଲିକ ନିଜର ଆମ୍ ଅହଙ୍କାର ଦେଖାଇ ନିର୍ଦ୍ଦିଷ୍ଟ ଫ୍ୟାନ୍ସି ନମ୍ବର ବ୍ୟବହାର କରି ମାତ୍ର ଗୋଟିଏ ଲେଖାଁ ଟ୍ରାଞ୍ଜିଟ୍ ପାସ୍ ବ୍ୟବହାର କରି ରାଜସ୍ୱ ଜରିମାନାରୁ ବର୍ତ୍ତିବା ପାଇଁ ସହଜ ଉପାୟ ଆପଣେଇଛନ୍ତି। ଜିଲ୍ଲା ଖଣି ବିଭାଗ ପକ୍ଷରୁ ଦିବାରାତ୍ର ଯାଞ୍ଚ ପ୍ରକ୍ରିୟା ଚାଲିଥିବା ବେଳେ ଆରଟିଏ ବିଭାଗ ପକ୍ଷରୁ ନା ଅଛି ଗାଡ଼ି ଯାଞ୍ଚ ନା ଅଛି ଓଭରଲୋଡିଂ ଯାଞ୍ଚ। ବେଫିକରରେ ଚାଲିଛି ରୀତିମତ ବାଲି ଚାଲାଣ। ବାଲି ଚାଲାଣର ଟ୍ରାଞ୍ଜିଟ୍ ପାସ୍ ଯାଞ୍ଚ ସହିତ ଆରଟିଏ ବିଭାଗ ପକ୍ଷରୁ ଗାଡ଼ିର ସମସ୍ତ କାଗଜପତ୍ର ଏବଂ ଗାଡ଼ିର ଓଭରଲୋଡିଂ ଯାଞ୍ଚ ପ୍ରକ୍ରିୟା କଡାକଡ଼ି କରିବାକୁ ଜିଲ୍ଲାପାଳ କେନ୍ଦୁଝର ସମସ୍ତ ବିଭାଗକୁ କଡ଼ା ନିର୍ଦ୍ଦେଶ ଜାରି କରିବାକୁ ପାଇଁ ବିଭିନ୍ନ ମହଲରେ ଦାବି ହୋଇଛି।

**ଫ୍ୟାନ୍ସି ନମ୍ବର ପାଇଁ ହେଉନି କାର୍ଯ୍ୟାନୁଷ୍ଠାନ**

# ଅସୁରକ୍ଷିତ ମରେଇଗାଁ କେନାଲ ପୋଲ; ମରାମତି ଦାବି

ହାଟଡ଼ିହୀ, ୭।୫(ସମିସ)



ହାଟଡ଼ିହୀ ବ୍ଲକ୍ ଅନ୍ତର୍ଗତ ମରେଇଗାଁ-ସଡ଼ା ରାସ୍ତାର ମରେଇଗାଁ ଗାଁ ମୁଣ୍ଡରେ ରହିଥିବା ଜଳସେଚନ ବିଭାଗର ଏହି ପୋଲଟି ଅସୁରକ୍ଷିତ ହୋଇପଡ଼ିଛି। କେନାଲ ନିର୍ମାଣକୁ ଦୀର୍ଘବର୍ଷ ବିତିଥିଲା ବେଳେ ବର୍ତ୍ତମାନ ପୋଲର ସୁରକ୍ଷା ବାଡ଼ ଭାଙ୍ଗିଯିବା ସହ ପୋଲ ମୁଣ୍ଡରେ ଏକ ବିରାଟ ଗର୍ତ୍ତ ହୋଇଯାଇଛି। ଯାହାକି, ଏହି ପୋଲ ଦେଇ ଯା'ଆସ କରୁଥିବା ପଥଚାରୀଙ୍କ ପାଇଁ ବିପଦ ବଢ଼ାଉଛି। ଏହି କେନାଲ ପୋଲ ଦେଇ ଲମ୍ବିଥିବା ରାସ୍ତାଟି ପୂର୍ବତନ ମନ୍ତ୍ରୀ ଜୟଦେବ ଜେନାଙ୍କ ଗାଁକୁ ଯାଇଥିବା ବେଳେ ପଡ଼ୋଶୀ ଗାଁ ମଧ୍ୟରେ ତେନ୍ତୁଳିନଣ୍ଡା, ଜମ୍ବିରା, ବନ୍ତଳା, ଖପରାଖାଇ, ସଡ଼ା, କଣିଆରୀ, ଢେଙ୍କା, ନାହା, ମିଠିଗାଁ, ମଉଦା, ଢେଙ୍କା, ସୋସୋ, ବିଦ୍ୟାଧରପୁର ଭଳି ୫୦ରୁ ଊର୍ଦ୍ଧ୍ୱ ଗାଁର ହଜାର ହଜାର ଲୋକେ ଏହି ପୋଲ ଉପରେ ନିର୍ଭର କରି ଯିବା ଆସିବା କରିଥା'ନ୍ତି। ଜଳସେଚନ ବିଭାଗ ପକ୍ଷରୁ ଆଜକୁ ପ୍ରାୟ ୫୦ବର୍ଷ ପୂର୍ବରୁ ଏହି ପୋଲ ନିର୍ମାଣ ହୋଇଥିବା ବେଳେ ଏହା ନିହାତି ଭାବେ ଦୁର୍ବଳ ହେଉଥିବା ସନ୍ଦେହ କରାଯାଇଛି। ଅନେକ ସମୟରେ ଏହି ପୋଲ ଦେଇ ଓଭରଲୋଡ଼ିଂ ଭାରୀଯାନ ଯା'ଆସ କରୁଥିବାରୁ ଏହା ବିପଦସଙ୍କୁଳ ହୋଇଉଠିଛି। ଏନେଇ ବିଭାଗୀୟ ଯନ୍ତ୍ରୀଙ୍କ ସହିତ ଯୋଗାଯୋଗ କରିଥିଲେ ହେଁ ସେ ଫୋନ୍ କଲ୍ ଗ୍ରହଣ କରି ନଥିଲେ। ଲୋକଙ୍କ ଯିବାଆସିବା ଆବଶ୍ୟକତାକୁ ଲକ୍ଷ୍ୟକରି ଏହି ରାସ୍ତା ଦେଇ ଭାରୀଯାନ ବନ୍ଦ କରିବା ସହିତ ତୁରନ୍ତ ଏହି ପୋଲର ସୁରକ୍ଷା ବାଡ଼ ନିର୍ମାଣ କରିବାକୁ ଦାବି ହୋଇଛି।

ଜୁବିଲି ପାର୍କ ଓ ଝିଞ୍ଜିରି ବନ୍ଧରେ ବେଆଇନ୍ ଗଛ କଟା ବିରୋଧରେ ଏନ୍‌ଜିଟିରେ ମାମଲା

# ରାଜ୍ୟ ସରକାର ଓ ସମସ୍ତ ପକ୍ଷଙ୍କୁ ନୋଟିସ୍

**ବାରିପଦା, ୭।୫(ସମିସ)**

ବାରିପଦାସ୍ଥ ଜୁବିଲି ପାର୍କ ଓ ଝିଞ୍ଜିରିବନ୍ଧର ସୌନ୍ଦର୍ଯ୍ୟକରଣ ପାଇଁ ୨୮ କୋଟି ଟଙ୍କା ପ୍ରକଳ୍ପରେ ଅନାଧିକୃତ ଭାବେ ଶତାଧିକ ଗଛ କଟା ହୋଇଥିବା ନେଇ ଜାତୀୟ ସବୁଜ ପ୍ରାଧିକରଣ (ଏନଜିଟି) ପୂର୍ବାଞ୍ଚଳ ବେଞ୍ଚ କୋଲକାତା ଶୁଣାଣି କରିଛନ୍ତି। ଏନଜିଟିର ଜଷ୍ଟିସ୍ ଅରୁଣ କୁମାର ତ୍ୟାଗୀ (ଜୁଡିସିଆଲ ମେମ୍ବର) ଓ ଡିଏ ସେନ୍ଠଥଲ ବେଲ (ଏକ୍ସପର୍ଟ ମେମ୍ବର)ଙ୍କ ଖଣ୍ଡପୀଠ ଶୁଣାଣି କରି ପ୍ରାଥମିକ ପର୍ଯ୍ୟାୟରେ ଅଭିଯୋଗକୁ ଗୁରୁତ୍ୱ ଦେଇଛନ୍ତି। ଟ୍ରିବ୍ୟୁନାଲ ରାଜ୍ୟ ସରକାର ଓ ଅନ୍ୟ ପକ୍ଷଭୁକ୍ତଙ୍କୁ ନୋଟିସ ଜାରି କରି ଏକମାସ ଭିତରେ ଉତ୍ତର ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଜୁଲାଇ ୨୭ ତାରିଖ ଧାର୍ଯ୍ୟ କରାଯାଇଛି। ଅଭିଯୋଗକାରୀ କେନ୍ଦ୍ରାପଡ଼ାର ଜଣେ ସୂଚନା ଅଧିକାର କର୍ମୀ ପ୍ରତାପ ଚନ୍ଦ୍ର ମହାନ୍ତିଙ୍କ ଆବେଦନକୁ ଗ୍ରହଣ କରି ଉପରୋକ୍ତ ଶୁଣାଣି କରିଛନ୍ତି ଏନଜିଟି। ଆବେଦନ ନମ୍ବର ଓଏ ୯୭/୨୦୨୬ର ଏହି ମାମଲାରେ ଓଡ଼ିଶା ସରକାର, ବାରିପଦା ମ୍ୟୁନିସିପାଲିଟି, ଡିଏଫ୍‌ଓ ବାରିପଦା ଓ ଠିକାଦାର କମ୍ପାନୀ ନ୍ୟାସନାଲ ଫେଡରେସନ ଅଫ ଫାର୍ମସ୍ର୍ ପ୍ରୋକ୍ୟୁରମେଣ୍ଟ, ପ୍ରୋସେସିଂ ଆଣ୍ଡ ରିଟେଲିଂ କୋ-ଅପରେଟିଭ୍ସ ଅଫ ଇଣ୍ଡିଆ ଲିମିଟେଡ୍ (ଏନଏସିଓଏଫ୍)କୁ ପକ୍ଷଭୁକ୍ତ କରାଯାଇଛି।

ସୂଚନା ମୁତାବକ, ବାରିପଦା ମ୍ୟୁନିସିପାଲିଟି ଓ ଠିକାଦାର ସଂସ୍ଥା (ଏନଏସିଓଏଫ୍) ମିଳିମିଶି ଖାତା ନମ୍ବର ୭୪, ପ୍ଲଟ ନମ୍ବର ୨୧୩ ଓ ୨୩୦ ଓ ଖାତା ୭୧, ପ୍ଲଟ ୨୦୩ରେ ଜଙ୍ଗଲ-୧ ଶ୍ରେଣୀ ଜମିରେ ଗଛ କଟା ଆରମ୍ଭ କରିଥିଲେ। ଏହି ସ୍ଥାନଟି ପକ୍ଷୀ ବିହାର ନାମରେ ପରିଚିତ ଓ ହଜାର ହଜାର ପକ୍ଷୀଙ୍କ ଆଶ୍ରୟସ୍ଥଳ ଥିଲା। ଜୁବଲୀ ପାର୍କର ଇନଫ୍ରାଷ୍ଟ୍ରକ୍‌ଚର ବିକାଶ, ଲ୍ୟାଣ୍ଡସ୍କେପିଂ, ଆଇଲ୍ୟାଣ୍ଡ, ବୋଟିଂ ଓ ଶିଶୁ ସୁବିଧା କାର୍ଯ୍ୟ ପାଇଁ ବନ ବିଭାଗ କିମ୍ବା ମନ୍ତ୍ରଣାଳୟର ଅନୁମତି ବିନା ଚେନ୍ସ ଓ ଜେସିବି ମେସିନ୍ ବ୍ୟବହାର କରି ଗଛ କଟା ଓ ସଫା କରାଯାଉଥିଲା। ଗଛ କାଟିବା ପାଇଁ ବନ ସଂରକ୍ଷଣ ଆକ୍ଟ ୧୯୮୦/ ବନ ସଂରକ୍ଷଣ ଓ ସମ୍ବନ୍ଧୀୟ ଅଧିନିୟମ ୨୦୨୩ ଅନୁଯାୟୀ କେନ୍ଦ୍ର ସରକାରଙ୍କ ଅନୁମତି ନେଇ ନ ଥିବାବେଳେ ଡିଏଫ୍‌ଓ ବାରିପଦାଙ୍କ ଅନୁମତି ବି ନେଇ ନ ଥିଲେ। ଏ ନେଇ ବନ ବିଭାଗ ପକ୍ଷରୁ କୌଣସି ଅନୁମତି ପ୍ରଦାନ କରାଯାଇନାହିଁ ବୋଲି ବାରିପଦା ଡିଏଫ୍‌ଓ ଗୋବିନ୍ଦ ଚନ୍ଦ୍ର ବିଶ୍ୱାଳ କହିଥିଲେ। ସ୍ଥାନୀୟ ଲୋକ ଓ ପରିବେଶବିତ ଏହାର ପ୍ରତିବାଦ କରିଥିଲେ। ଯାହାକୁ ନେଇ ଗଣମାଧ୍ୟମରେ ଏହି ଘଟଣା ବିସ୍ତୃତ ଭାବେ ପ୍ରକାଶିତ ହୋଇଥିଲା। ଆବେଦନରେ ଉଲ୍ଲେଖ କରାଯାଇଛି ଯେ, ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ (ଏମଓଏଏଫସିସି) ଆଦେଶ ଓ ସୁପ୍ରିମ୍‌କୋର୍ଟଙ୍କ ଆଦେଶ ଉଲ୍ଲଙ୍ଘନ ହୋଇଛି। ଏଥିସହ ବାୟୋଡାଇଭର୍ସିଟି ଆକ୍ଟ ୨୦୦୨ର ଉଲ୍ଲଙ୍ଘନ ହୋଇଥିବା ମଧ୍ୟ କୁହାଯାଇଛି। ଗଛ କଟା ଓ ନିର୍ମାଣ କାର୍ଯ୍ୟ ତୁରନ୍ତ ବନ୍ଦ କରିବା, ଜମିକୁ ପୂର୍ବ ଅବସ୍ଥାକୁ ଫେରାଇ ଆଣିବା, ବାରିପଦା ମ୍ୟୁନିସିପାଲିଟିରେ ବାୟୋଡାଇଭର୍ସିଟି ମ୍ୟାନେଜମେଣ୍ଟ କମିଟି ଓ ପିପଲ୍ସ ବାୟୋଡାଇଭର୍ସିଟି ରେଜିଷ୍ଟରର ସ୍ଥିତି ଉପରେ ରିପୋର୍ଟ ମାଗିବା ପାଇଁ ଆବେଦନକାରୀଙ୍କ ପକ୍ଷରୁ କୋର୍ଟଙ୍କୁ ପ୍ରାର୍ଥନା କରାଯାଇଛି।



**ଏକମାସ ମଧ୍ୟରେ ଉତ୍ତର ଦାଖଲ କରିବାକୁ ନିର୍ଦ୍ଦେଶ**

ସେହିପରି ବାୟୋଡାଇଭର୍ସିଟି ଆକ୍ଟ ୨୦୦୨ ଅନୁଯାୟୀ ଏହି ସ୍ଥାନକୁ ବାୟୋଡାଇଭର୍ସିଟି ହେରିଟେଜ ସାଇଟ୍ ଘୋଷଣା କରିବା ପାଇଁ ଓଡ଼ିଶା ଷ୍ଟେଟ୍ ବାୟୋଡାଇଭର୍ସିଟି ବୋର୍ଡକୁ ନିର୍ଦ୍ଦେଶ ଦେବାକୁ ମଧ୍ୟ ଦାବି କରାଯାଇଛି। ଏହି ମାମଲା ୭ ଏପ୍ରିଲରେ ଦାଖଲ ହୋଇଥିବାବେଳେ ଆବେଦନରେ ଅନ୍ତରୀଣ ରିଲିଫ୍ ପାଇଁ ମଧ୍ୟ ପ୍ରାର୍ଥନା କରାଯାଇଥିଲା। ସ୍ଥାନୀୟ ଲୋକ ଓ ପରିବେଶପ୍ରେମୀ ଏହି ପ୍ରକଳ୍ପରେ ଗଛ କଟା ବନ୍ଦ କରି ପରିବେଶ ସୁରକ୍ଷା ପାଇଁ ଦାବି କରୁଛନ୍ତି। ଏହି ଆବେଦନ ଏନଜିଟି ଆକ୍ଟର ଧାରା ୧୪, ୧୫ ଓ ୨୦ ଅନୁଯାୟୀ ଦାଖଲ ହୋଇଛି। ଆବେଦନକାରୀଙ୍କ ପକ୍ଷରୁ ଓକିଲ ଶଙ୍କର ପ୍ରସାଦ ପାଣି ଓ ଅଶୁତୋଷ ପାଢ଼ୀ ଉପସ୍ଥାପନ କରିଛନ୍ତି। ଏନଜିଟିର ପରବର୍ତ୍ତୀ ଶୁଣାଣି ପରେ ଏହି ମାମଲାର ପରିଣାମ ସ୍ପଷ୍ଟ ହେବ ବୋଲି ଆଶା କରାଯାଉଛି। ଆନ୍ତଃରାଜ୍ୟ ବସଷ୍ଟାଣ୍ଡ ନିର୍ମାଣ ପାଇଁ ପାଲବଣି ଜମି ଏନଜିଟି ପରେ ଏହା ଦ୍ୱିତୀୟ ଘଟଣା ହୋଇଥିବାରୁ ବାରିପଦା ସହର ବିକାଶ ସମୟରେ ସରକାରୀ ନିୟମ ଅନୁପାଳନ ନେଇ ପ୍ରଶ୍ନ ଉଠିଛି। ସଠିକ ନିୟମ ପାଳନ କରାଯାଉ ନ ଥିବାରୁ ଗୋଟିଏ ପରେ ଗୋଟିଏ ବିକାଶ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି।

## ଓଡ଼ିଶା ଡ୍ରାଇଭର ମହାସଂଘ ପକ୍ଷରୁ ହରିଶ ମହାକୁଡ଼ଙ୍କ ପରିବାରକୁ ସହାୟତା



**ରାସଗୋବିନ୍ଦପୁର, ୭।୫ (ସମିସ):** ଓଡ଼ିଶା ଡ୍ରାଇଭର ମହାସଂଘ ରାସଗୋବିନ୍ଦପୁର ବ୍ଲକ ଶାଖା ଦେବଶୋଳ ପଞ୍ଚାୟତର ସ୍ୱର୍ଗତ ହରିଶ୍ଚନ୍ଦ୍ର ମହାକୁଡଙ୍କ ପରିବାରକୁ ସହାୟତା ପ୍ରଦାନ କରାଯାଇଛି। ହରିଶ୍ଚନ୍ଦ୍ରଙ୍କ ଅକାଳ ବିୟୋଗ ଖବର ପ୍ରଚାରିତ ହେବା ପରେ ଓଡ଼ିଶା ଡ୍ରାଇଭର ମହାସଂଘର ରାଜ୍ୟ ସଭାପତି ପ୍ରଶାନ୍ତ ମେଣ୍ଡୁଲୀଙ୍କ ନିର୍ଦ୍ଦେଶକ୍ରମେ ମୟୂରଭଞ୍ଜ ଜିଲ୍ଲା ଡ୍ରାଇଭର ମହାସଂଘର ଜିଲ୍ଲା କର୍ମକର୍ତ୍ତାଙ୍କ ନେତୃତ୍ୱରେ ରାସଗୋବିନ୍ଦପୁର ବ୍ଲକ ଶାଖା ଡ୍ରାଇଭରଙ୍କ ଉପସ୍ଥିତିରେ ମହାକୁଡ ଙ୍କ ଏକା ଦଶାହ କ୍ରିୟା ଦିନ ଅମର ଆତ୍ମାର ସଦ୍ ଗତି କାମନା ନିମନ୍ତେ ଡ୍ରାଇଭରଙ୍କ ଦ୍ୱାରା ଏକ କ୍ୟାଣ୍ଡେଲ ଶୋଭାଯାତ୍ରାରେ ବାହାରି ତାଙ୍କ ବାସଭବନରେ ପହଞ୍ଚି ଥିବାବେଳେ ତାଙ୍କ ଫଟୋଚିତ୍ରରେ ଶ୍ରାଦ୍ଧ ସୁମନ ଅର୍ପଣ କରିଥିଲେ ମିଳିତ ଡ୍ରାଇଭର ବନ୍ଧୁ। ଏ ଅବସରରେ ସ୍ୱର୍ଗତ ମହାକୁଡଙ୍କ ଧର୍ମପତ୍ନୀ ଓ ଦୁଇ ପୁଅଙ୍କ ଉପସ୍ଥିତରେ ଓଡ଼ିଶା ଡ୍ରାଇଭର ମହାସଂଘ ତରଫରୁ ତିରିଶ ହଜାର ଟଙ୍କାର ଏକ ଚେକ୍ ପ୍ରଦାନ କରାଯିବା ସହିତ ତାଙ୍କ ଶୋକ ସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ବାଙ୍ଗିରିପୋଷି ବ୍ଲକ ସଭାପତି ସନାତନ ରଣା, କୁଳିଅଣା ବ୍ଲକ ସଭାପତି ବିଷ୍ଣୁ ମଣ୍ଡଳ, ବାରିପଦା ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜରେ ମୟୂରଭଞ୍ଜ ଜିଲ୍ଲା ଡ୍ରାଇଭରଙ୍କ ଆପାତକାଳୀନ ତୁରନ୍ତ ଚିକିତ୍ସା ନିମନ୍ତେ ସହଯୋଗୀ ଭାବେ ନିୟୋଜିତ ଥିବା ଭାଇ ବିନୋଦ ଲୋହାର ଓ ରାସଗୋବିନ୍ଦପୁର ବ୍ଲକ ଶାଖାର ବିଭିନ୍ନ ପଞ୍ଚାୟତ ଏଡମିନ୍, ବ୍ଲକ ଦାୟିତ୍ୱରେ ଥିବା ସମ୍ପାଦକ, ସହସମ୍ପାଦକ, କୋଷାଧକ୍ଷ ଓ ଉପସଭାପତି ଯୋଗ ଦେଇଥିଲେ।

## ଚନ୍ଦ୍ରଶେଖର ସାହୁ ମୟୂରଭଞ୍ଜ-୨ ଛାତ୍ର ବିଜେଡି ସଭାପତି

**ରାଇରଙ୍ଗପୁର, ୭।୫(ସମିସ):** ବିଜୁ ଛାତ୍ର ଜନତା ଦଳର ମୟୂରଭଞ୍ଜ-୨ ଜିଲ୍ଲା ସଭାପତି ଭାବେ ଚନ୍ଦ୍ରଶେଖର ସାହୁଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ସୁପ୍ରିମୋ ନବୀନ ପଟ୍ଟନାୟକ ତାଙ୍କ ନାମ ଘୋଷଣା କରିଛନ୍ତି। ଏ ନେଇ ସେ ଦଳୀୟ ନେତୃବର୍ଗଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଚନ୍ଦ୍ରଶେଖର ସାରସକଣା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ହୋଇଥିବା ବେଳେ ଜଣେ ଦୃଢ଼ ଯୁବ ଓ ଛାତ୍ର ସଙ୍ଗଠକ ଭାବେ ସେ ପରିଚିତ ଅଟନ୍ତି। ପୂର୍ବରୁ ସେ ବିସିଜେଡି ମୟୂରଭଞ୍ଜ ଜିଲ୍ଲା କମିଟିରେ ଜିଲ୍ଲା ଉପସଭାପତି ସମେତ ରାଜ୍ୟ କମିଟିରେ ରାଜ୍ୟ ସମ୍ପାଦକ ଭାବେ ଦାୟିତ୍ୱ ନିର୍ବାହ କରିଛନ୍ତି। ଛାତ୍ର ରାଜନୀତି ସହିତ ଜଡିତ ଥିବା ବେଳେ ବିଭିନ୍ନ ମହାବିଦ୍ୟାଳୟ ନିର୍ବାଚନରେ ଦଳୀୟ ପ୍ରାର୍ଥିଙ୍କୁ ଜିତାଇବାରେ ତାଙ୍କର ବଳିଷ୍ଠ ଯୋଗଦାନ ରହିଛି। ଯାହାକୁ ନେଇ ସୁପ୍ରିମୋ ତାଙ୍କ ଉପରେ ଆସ୍ଥା ପ୍ରକଟ କରି ନୂତନ ଦାୟିତ୍ୱ ପ୍ରଦାନ କରିଛନ୍ତି। ଦଳକୁ ତୃଣମୂଳ ସ୍ତରରୁ ଆହୁରି ସଙ୍ଗଠିତ କରି ସୁଦୃଢ଼ କରିବା ପାଇଁ କାର୍ଯ୍ୟଧାରା ଜାରି ରଖିବେ ବୋଲି ଚନ୍ଦ୍ରଶେଖର କହିଛନ୍ତି। ଏନେଇ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ, ରାଜ୍ୟ ଛାତ୍ର ସଭାପତି ଇପ୍ସିତା ସାହୁ, ମୟୁରଭଞ୍ଜ-୨ ଜିଲ୍ଲା ସଭାପତି ଡା ଦେବାଶିଷ ମାର୍ଣ୍ଡି, ଜିଲ୍ଲା କାର୍ଯ୍ୟକାରୀ ସଭାପତି ରାଇସେନ ମୁର୍ମୁ, ଓଡ଼ିଶା ଶକ୍ତି ବିଭାଗର ପୂର୍ବତନ ଉପଦେଷ୍ଟା ଦୀପ୍ତିମାନ ବଳ ଆଦିଙ୍କୁ ଧନ୍ୟବାଦ ଜଣାଇଛନ୍ତି।



## ଯୋଡ଼ାପୋଖରୀ ଗ୍ରାମରେ ଜନଶୁଣାଣି ଶିବିର

**ରାଇରଙ୍ଗପୁର, ୭।୫(ସମିସ):** ଜିଲ୍ଲା ପ୍ରଶାସନ ପକ୍ଷରୁ କୁସୁମୀ ବ୍ଲକ ଅନ୍ତର୍ଗତ ଯୋଡ଼ାପୋଖରୀ ଗ୍ରାମରେ ଅତିରିକ୍ତ ଜିଲ୍ଲାପାଳ ତଥା ଜିଲ୍ଲା ଜନଗଣନା ଅଧିକାରୀ ଦୁଃଖବନ୍ଧୁ ନାୟକଙ୍କ ଅଧ୍ୟକ୍ଷତାରେ ଏକ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଜନଶୁଣାଣି ଶିବିରରେ ବାମନଘାଟି ଅତିରିକ୍ତ ଜିଲ୍ଲାପାଳ ଅଜିତ କୁମାର, ଉପଜିଲ୍ଲାପାଳ ଉଗ୍ରସେନ ଓରାମ, ଅତିରିକ୍ତ ଉପଜିଲ୍ଲାପାଳ ବାସନ୍ତୀ ଲାକ୍ରା, କୁସୁମୀ ବିଡିଓ ଶିବ ଶଙ୍କର ମୁର୍ମୁ, ତହସିଲଦାର ଅଭିସ୍ମିତା ତିୱାରୀ, ସହକାରୀ ଜିଲ୍ଲାପାଳ ତଥା ଜିଲ୍ଲା ଉପ ଜନଗଣନା ଅଧିକାରିଣୀ ମାନସୀ ତରାଇ ଓ ଭୁବନେଶ୍ୱର ଜନଗଣନା ନିର୍ଦ୍ଦେଶାଳୟର ଅଧିକାରୀ ଯୋଗ ଦେଇଥିଲେ। ଉକ୍ତ ଶିବିର ମାଧ୍ୟମରେ ମୁଖ୍ୟତଃ ଜନଗଣନା କାର୍ଯ୍ୟରେ ଗ୍ରାମବାସୀଙ୍କ ଅସହଯୋଗ କାରଣ ସମ୍ବନ୍ଧରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ପ୍ରକାଶ ଥାଉକି କୁସୁମୀ ବ୍ଲକ ଅଧିନସ୍ଥ ଆହାରବନ୍ଧ ମୌଜାର ଯୋଡାପୋଖରୀ ଗ୍ରାମବାସୀ ମାନେ ଅନେକ ସମୟରେ ତହସିଲରୁ ବିଭିନ୍ନ ପ୍ରମାଣ ପତ୍ର ପାଇବା, ଶିକ୍ଷାନୁଷ୍ଠାନରେ ନିଜ ନିଜ ସନ୍ତାନସନ୍ତତି ମାନଙ୍କ ନାମଲେଖା ଆଦି ବିଭିନ୍ନ ସମସ୍ୟା ନେଇ ଯାଇଥାନ୍ତି। ଉକ୍ତ ଗ୍ରାମକୁ ଆହାରବନ୍ଧ ଗ୍ରାମରୁ ଅଲଗା କରି ଯୋଡ଼ାପୋଖରୀକୁ ଏକ ନୂତନ ରାଜସ୍ୱ ଗ୍ରାମ ଭାବେ ଘୋଷଣା କରିବା ନେଇ ଦୀର୍ଘ ଦିନରୁ ଗ୍ରାମବାସୀ ମାନଙ୍କ ଦାବି ରହିଛି। ଉକ୍ତ ଦାବି ପୂରଣ ହୋଇନଥିବାରୁ ଜନଗଣନା ପ୍ରଥମ ପର୍ଯ୍ୟାୟ ଗୃହ ଗଣନା କାର୍ଯ୍ୟକୁ ଗ୍ରାମବାସୀ ମାନେ ଅସହଯୋଗ କରିଥିଲେ। ଏହାର ସମାଧାନ ନିମନ୍ତେ ଗ୍ରାମବାସୀ ମାନଙ୍କ ସହିତ ଜିଲ୍ଲା ପ୍ରଶାସନ ଅଧିକାରୀ ମାନେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରିଥିଲେ। ଜିଲ୍ଲା ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲ୍ଲାପାଳ ସ୍ପଷ୍ଟୀକରଣ ଦେଇ କହିଥିଲେ ଯେ, ମୂଳ ରାଜସ୍ୱ ଗ୍ରାମରୁ ଅଲଗା କରି ଏକ ନୂତନ ରାଜସ୍ୱ ଗ୍ରାମ କରିବା ପାଇଁ ଅତୀତରେ ରାଜସ୍ୱ ବିଭାଗର କିଛି ଜଟିଳ ନିୟମ ନୀତି ତଥା ମାନଦଣ୍ଡ ପାଇଁ ଏହା ସମ୍ଭବ ହୋଇପାରିନଥିଲା। ବର୍ତ୍ତମାନ ୨୦୨୧ ରାଜସ୍ୱ ବିଭାଗର ନିର୍ଦ୍ଦେଶନାମାରୁ ଉକ୍ତ ଜଟିଳତାକୁ ଦୂରୀକରଣ କରାଯାଇ ନୂତନ ରାଜସ୍ୱ ଗ୍ରାମ ନିୟମକୁ ସରଳିକରଣ ତଥା ମାନଦଣ୍ଡର ପରିବର୍ତ୍ତନ କରାଯାଇଛି। ଉକ୍ତ ସଂଶୋଧିତ ନିୟମ ଅନୁସାରେ ବର୍ତ୍ତମାନ ଯୋଡ଼ାପୋଖରୀ ଗ୍ରାମ ନୂତନ ମାନଦଣ୍ଡକୁ ପୂର୍ଣ୍ଣ କରିଥିବାରୁ ସେହି ଆଧାରରେ ଗତ ୨୮ ତାରିଖରେ ଯୋଡ଼ାପୋଖରୀ ଗ୍ରାମକୁ ଏକ ନୂତନ ରାଜସ୍ୱ ଗ୍ରାମ କରିବା ନେଇ ପ୍ରସ୍ତାବକୁ ଅନୁମୋଦନ ହୋଇଛ। ଏଥି ନିମନ୍ତେ ଜିଲ୍ଲାପାଳଙ୍କ ସୁପାରିଶ ସହ ଆବଶ୍ୟକୀୟ ଦସ୍ତାବିଜ ବୋର୍ଡ଼ ଅଫ ରେଭିନ୍ୟୁଙ୍କ ନିକଟରେ ଦାଖଲ କରାଯାଇଛି। ତେଣୁ ଯୋଡ଼ାପୋଖରୀକୁ ନୂତନ ରାଜସ୍ୱ ଗ୍ରାମ କରାଇବା ପାଇଁ ପ୍ରଶାସନ ତରଫରୁ ସମୟଚିତ ପଦକ୍ଷେପ ନିଆଯାଇଛି। ଏ ସମ୍ବନ୍ଧରେ ପ୍ରଶାସନିକ ସ୍ତରରେ ସମସ୍ତ ପ୍ରକ୍ରିୟା ଜାରି ରହିଛି। ପୁନଶ୍ଚ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନାୟକ ଗ୍ରାମବାସୀଙ୍କ ମନ ଭିତରେ ଥିବା ସମସ୍ତ ସଂଶୟ ଦୂର କରି ଦୃଢ଼ ପ୍ରତିଶ୍ରୁତି ଦେଇଛନ୍ତି ଯେ ୨୦୨୬ ମସିହା ସୁଦ୍ଧା ଏହା ରାଜସ୍ୱ ଗ୍ରାମ ଭାବେ ଘୋଷଣା ହେବ। ପରିଶେଷରେ ଜନଗଣନା କାର୍ଯ୍ୟରେ ସବୁ ପ୍ରକାର ସହଯୋଗ କରିବା ପାଇଁ ଅତିରିକ୍ତ ଜିଲ୍ଲାପାଳ ଗ୍ରାମବାସୀ ମାନଙ୍କୁ ନିବେଦନ କରିଥିଲେ। ଉକ୍ତ ଶିବିରରେ ପିଇଓ, ସିଡିପିଓ, ଆରଆଇ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଆହାରବନ୍ଧ ସରପଞ୍ଚ, ସମିତି ସଭ୍ୟ ଓ ଗ୍ରାମବାସୀ ମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।



## ନିଖୋଜ ନାବାଳିକା ଉଦ୍ଧାର

**ବେତନଟୀ, ୭।୫(ସମିସ):** ମୟୂରଭଞ୍ଜ ଜିଲ୍ଲା ବେତନଟୀ ବ୍ଲକ ଅଧୀନ ମେରଦା ପଞ୍ଚାୟତର ଜଣେ ୧୫ ବର୍ଷୀୟ ନାବାଳିକା ୨୦୨୪ ସେପ୍ଟେମ୍ବର ମାସରେ ନିଖୋଜ ହୋଇଯାଇଥିଲେ। ସେ ପ୍ରାୟ ଆଠ ମାସ ପରେ ଘରକୁ ଫେରିଛନ୍ତି। ପରିବାର ଲୋକଙ୍କ କହିବା ଅନୁସାରେ, ତାଙ୍କ ଝିଅ ଗ୍ରାମରେ ଥିବା ସାଙ୍ଗ ଘରକୁ ଯାଉଛି କହି ଘରୁ ବାହାରି ଯାଇଥିଲା। ନ ଫେରିବାରୁ ସମସ୍ତ ସମ୍ପର୍କୀୟଙ୍କ ଘରେ ଖୋଜାଖୋଜି କରାଯାଇଥିଲା। ପରେ ବୈଶିଙ୍ଗା ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲା ଓ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ସୋମବାର ଦିନ ନାବାଳିକା ଘରକୁ ଫେରିଆସିଥିବା ଖବର ପାଇ ବୈଶିଙ୍ଗା ପୁଲିସ ତାଙ୍କୁ ଉଦ୍ଧାର କରି ପଚରାଉଚରା କରିଥିଲା। ନାବାଳିକା କହିଥିଲେ ଯେ ସେ ଗ୍ରାମର କିଛି ଲୋକଙ୍କ ସହ ସମ୍ବଲପୁରର ଏକ କାରଖାନାରେ କାମ କରିବାକୁ ଯାଇଥିଲେ। ମଙ୍ଗଳବାର ଦିନ ତାଙ୍କର ଡାକ୍ତରୀ ପରୀକ୍ଷା ପରେ ଜେଏମ୍‌ଏଫ୍‌ସି ଅଦାଲତରେ ହାଜର କରାଯାଇଥିଲା। କୋର୍ଟଙ୍କ ଅନୁମତି କ୍ରମେ ତାଙ୍କୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

## ବାଣିଜ୍ୟ ବିଭାଗ ଟପ୍ପରଙ୍କୁ ସମ୍ବର୍ଦ୍ଧନା

**ରାଇରଙ୍ଗପୁର, ୭।୫(ସମିସ):** ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ +୩ ଶେଷ ବର୍ଷ ପରୀକ୍ଷା ଫଳ ପ୍ରକାଶ ପାଇଛି। ଉକ୍ତ ପରୀକ୍ଷାରେ ରାଇରଙ୍ଗପୁର ମହାବିଦ୍ୟାଳୟର ବାଣିଜ୍ୟ ବିଭାଗ ଛାତ୍ର ଆଦିତ୍ୟ କୁମାର ରାମ ସର୍ବୋଚ୍ଚ ନମ୍ବର ରଖି ବାଣିଜ୍ୟ ବିଭାଗରେ ଟପ୍ପର ହୋଇଛନ୍ତି। ତାଙ୍କର ଏହି ଅସାଧାରଣ ସଫଳତା ପାଇଁ ମହାବିଦ୍ୟାଳୟ ତଥା ସମଗ୍ର ଅଞ୍ଚଳ ପାଇଁ ଗୌରବ ଆଣି ଦେଇଛନ୍ତି। ଏ ନେଇ ମହାବିଦ୍ୟାଳୟ ପରିସରରେ ତାଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଆଦିତ୍ୟଙ୍କ ଏହି ସଫଳତାରେ ଖୁସି ପ୍ରକଟ କରି ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ମନୋହର ବାରିକ ତାଙ୍କୁ ଅଭିନନ୍ଦନ ଜଣାଇବା ସହ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ଆଦିତ୍ୟ ନିଜର ଏହି ସଫଳତା ପାଇଁ ବାଣିଜ୍ୟ ବିଭାଗର ସମସ୍ତ ପ୍ରଧାପକ/ ପ୍ରଧାପିକା, ଅବସରପ୍ରାପ୍ତ ପ୍ରଫେସର ବିଭୂତି ଭୂଷଣ ପାଣିଗ୍ରାହୀ, ବିଭାଗୀୟ ମୁଖ୍ୟ ଡ ମେନକା ମହାକୁଡ଼, ଅଧ୍ୟାପିକା ସୁଜାତା ମିଶ୍ର, ଅନ୍ନପୂର୍ଣ୍ଣା ମହାନ୍ତ ଏବଂ ଡକ୍ଟର ଶିବାଶିଷ ସାହୁଙ୍କୁ ଏବଂ ମହାବିଦ୍ୟାଳୟର ଅନ୍ୟ ସମସ୍ତଙ୍କୁ ଶ୍ରେୟ ପ୍ରଦାନ କରିଛନ୍ତି। ସେ କହିଛନ୍ତି ଯେ, ଶିକ୍ଷକମାନଙ୍କ ସଠିକ୍ ମାର୍ଗଦର୍ଶନ ଏବଂ ପ୍ରେରଣା ଯୋଗୁଁ ହିଁ ସେ ଆଜି ଏହି ସଫଳତା ହାସଲ କରି ପାରିଛନ୍ତି। ଆଦିତ୍ୟଙ୍କ ଏକାଗ୍ରତା ଓ ପରିଶ୍ରମକୁ ସମସ୍ତେ ପ୍ରଶଂସା କରି ସେ ଆଗକୁ ଆହୁରି ଉନ୍ନତି କରନ୍ତୁ ବୋଲି ଆଶୀର୍ବାଦ ପ୍ରଦାନ କରିଛନ୍ତି।



## ଏଚ୍‌ଡିଏଫ୍‌ସି ବ୍ୟାଙ୍କ ପକ୍ଷରୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଧୁନିକ ଉପକରଣ ପ୍ରଦାନ

**ରାସଗୋବିନ୍ଦପୁର, ୭।୫ (ସମିସ):** ସ୍ୱାସ୍ଥ୍ୟ ହିଁ ସମ୍ପଦ ଉକ୍ତିକୁ ସାର୍ଥକ କରିବା ପାଇଁ ଉନ୍ନତ ସ୍ୱାସ୍ଥ୍ୟ ସୁବିଧା ସହ ଆଧୁନିକ ଚିକିତ୍ସା ଯନ୍ତ୍ରପାତି ଓ ସ୍ୱାସ୍ଥ୍ୟ ସଚେତନତା ନିହାତି ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି। ଏଚଡିଏଫସି ବ୍ୟାଙ୍କ ପରିବର୍ତ୍ତନଙ୍କ ସହଯୋଗରେ ରାସଗୋବିନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ହସ୍ପିଟାଲ ବେଡ୍, ଅଲ୍ଟ୍ରାସାଉଣ୍ଡ, ଇସିଜି ମେସିନ ଓ ସୌର ସଡ଼କ ବତୀ ଆଦି ପ୍ରଦାନ କରାଯାଇଛି। ଆଜି ରାସଗୋବିନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଆୟୋଜିତ ଉତ୍ସବରେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗଦେଇ ଏଚଡିଏଫସି ବ୍ୟାଙ୍କଙ୍କ ସହାୟତାରେ ପ୍ରଦାନ କରାଯାଇଥିବା ସମସ୍ତ ସ୍ୱାସ୍ଥ୍ୟ ଉପକରଣର ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଡା. ବାସନ୍ତୀ ସର୍ଦ୍ଦାର, ଭାରପ୍ରାପ୍ତ ଗୋଷ୍ଠୀ ଚିକିତ୍ସା ଅଧିକାରୀ ଡା. ଧନୁଜୟ ମହାନ୍ତ, ମୁଖ୍ୟ ଜିଲ୍ଲା ଚିକିତ୍ସା ଅଧିକାରୀ ଡା. ବିଜୟ କୁମାର ଦାଶ, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ସୁବାସ ଚନ୍ଦ୍ର ନାୟକ, ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ; ଅନନ୍ତ କୁମାର ହାଁସଦା, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଯୁଗଳ କିଶୋର ପଟ୍ଟନାୟକ, ମ୍ୟାନେଜିଂ ଡାଇରେକ୍ଟର, ମହାଶକ୍ତି ଫାଉଣ୍ଡେସନ ଗଣେଶ୍ୱର ମହାନ୍ତି, ସରକାରୀ ଜିଲ୍ଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।



## ରାଜସ୍ୱ ଗ୍ରାମ ନାମ ପରିବର୍ତ୍ତନ ଦାବି

**ରାଇରଙ୍ଗପୁର, ୭।୫(ସମିସ):** ବାମନଘାଟି ଉପଖଣ୍ଡର ତିରିଂ ତହସିଲ ଅନ୍ତର୍ଗତ ରାଜସ୍ୱ ଗ୍ରାମ ରାଣ୍ଡିସାହି ଅସମ୍ବିଧାନିକ ଶବ୍ଦକୁ ପରିବର୍ତ୍ତନ କରି ରାଣୀସାହି କରିବାକୁ ଦାବିପତ୍ର ପ୍ରଦାନ କରାଯାଇଛି। ଏ ନେଇ ପୂର୍ବତନ ବିଧାୟକ ପ୍ରହ୍ଲାଦ ପୂର୍ତ୍ତି ଭୁବନେଶ୍ୱରରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ଭେଟି ଦାବି ଜଣାଇଛନ୍ତି। ସଭ୍ୟ ସମାଜ ଓ ସ୍ୱତନ୍ତ୍ର ଗଣତାନ୍ତ୍ରିକ ରାଜ୍ୟ ଶାସନରେ ଏହିପରି ଅସମ୍ବିଧାନିକ ଶବ୍ଦରେ ଗ୍ରାମ ନାମ ଅତ୍ୟନ୍ତ ଲଜ୍ଜାଜନକ ଅଟେ। ତେଣୁ ଅବିଳମ୍ବେ ରାଜ୍ୟ ସରକାର ଉକ୍ତ ନାମକୁ ପରିବର୍ତ୍ତନ ନେଇ ପ୍ରସ୍ତାବ ଦେଇଛନ୍ତି। ତେବେ ଏହାର ସଂଶୋଧନ ନିମନ୍ତେ ରାଜସ୍ୱ ମନ୍ତ୍ରୀ ତୁରନ୍ତ ଜିଲାପାଳଙ୍କୁ ନିର୍ଦ୍ଦେଶ ପ୍ରଦାନ କରିଥିବାର ପୂର୍ବତନ ବିଧାୟକ ଶ୍ରୀ ପୂର୍ତ୍ତି ଜଣାଇଛନ୍ତି।

## ନବନିର୍ମାଣ କୃଷକ ସଂଗଠନର ସ୍ମାର୍ଟ ମିଟର ଓ ଏଚ୍‌ପିଭି ଟିକାକୁ ବିରୋଧ



**ବାରିପଦା, ୭।୫(ସମିସ):** ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ଶ୍ୟାମାଖୁଣ୍ଟା ବ୍ଲକର ଧନପୁର ହାଟ ପଡ଼ିଆରେ ଏକ ବିରୋଧ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଇଲେକ୍ଟ୍ରି ସ୍ମାର୍ଟ ମିଟର ଘରେ ଲଗାଇବା ଓ ବର୍ତ୍ତମାନ ୧୨ ବର୍ଷରୁ ଉର୍ଦ୍ଧ୍ୱ କିଶୋରୀଙ୍କୁ ଏଚପିଭି ଟିକାକରଣ ସରକାରଙ୍କ ଦ୍ୱାରା ହେଉଥିବାବେଳେ ଏହାକୁ ବିରୋଧ କରାଯାଇଛି। ଜିଲ୍ଲା ପ୍ରଭାରୀ ଚିନୁ ଦାଶ କହିଛନ୍ତି, ୨୦୨୪ ନିର୍ବାଚନ ପୂର୍ବରୁ ସରକାର ବିଜୁଳି ଉପଭୋକ୍ତାଙ୍କୁ ୩୦୦ ୟୁନିଟ୍ ବିଜୁଳି ମାଗଣା ଦେବା କଥା କହି ଏବେ ବିଦ୍ୟୁତ ଉପଭୋକ୍ତାଙ୍କଠାରୁ କିପରି ଆଗୁଆ ବିଦ୍ୟୁତ୍ ବିଲ୍ ଆଦାୟ କରିବେ, ସେ ନେଇ କମ୍ପାନୀ ଘରେ ଘରେ ସ୍ମାର୍ଟ ମିଟର ଲଗାଇବାରେ ଲାଗିଛି। ଏହି ସ୍ମାର୍ଟ ମିଟର ଗରିବ ଲୋକଙ୍କ ଆର୍ଥିକ ମେରୁଦଣ୍ଡ କୁ ଭାଙ୍ଗିବା ସହିତ ବିଜୁଳି ସମ୍ପୂର୍ଣ୍ଣ କମ୍ପାନୀ ହାତକୁ ଚାଲିଯିବ ବୋଲି ସଂଗଠନ ତରଫରୁ କହିଛନ୍ତି। ସରଭାଇକାଲ୍ କ୍ୟାନ୍ସରକୁ ରୋକିବା ନାମରେ ଏଚପିଭି ଟିକ କରଣ ଉପରେ ପ୍ରଶ୍ନ ଉଠାଇଛି ସଂଗଠନ। କରୋନା ଭ୍ୟାକ୍ସିନ୍ ନେବା ଦ୍‌?ାରା ବିଭିନ୍ନ ରୋଗରେ ପିଡ଼ିତ ରୋଗୀ ମାନଙ୍କୁ ସରକାର କୌଣସି କ୍ଷତିପୂରଣ ଦେବେ ନାହିଁ, ଭ୍ୟାକ୍ସିନ୍ ସ୍ୱେଚ୍ଛାକୃତ ୨୦୨୩ରେ ସରକାର କହିଥିଲେ। କିନ୍ତୁ ପରୋକ୍ଷରେ ଗାଁ ଓ ସହର ମାନଙ୍କରେ ଭ୍ୟାକ୍ସିନ୍ ନେବାକୁ ସ୍‌?ାସ୍ଥ୍ୟ କର୍ମଚାରୀ ଓ ସରକାର ଲୋକମାନଙ୍କୁ ବାଧ କରିଥିଲେ। ତେଣୁ ଏବେ କିଶୋରୀ ମାନେ ଏଚପିଭି ଟିକା ନେବା ଦ୍ୱାରା ଯଦି କୌଣସି ଶାରିରୀକ ସମସ୍ୟା ଦେଖାଦିଏ ତେବେ ସରକାର ସେଥିପାଇଁ ଦାୟି ରହିବେ କି, ପ୍ରଶ୍ନ କରିଥିଲେ ଶ୍ରୀ ଦାଶ।ସଂଗଠନ ଆଗାମୀ ଦିନରେ ଗାଁ ଗାଁ ରେ ବଂଶ ରକ୍ଷା ଅଭିଯାନ ଦ୍‌?ାରା ସଚେତନ କରାଇବ। ରାମ ସିଂ, ଗୋରା ଚାନ୍ଦ ବାରିକ, ଶଙ୍କର ସିଂ, ମଙ୍ଗଳ ବେହେରା ଓ ସୁକୁରା ମହାନ୍ତ ପରି ଅନେକ ନେତୃତ୍ୱ ଉପସ୍ଥିତ ଥିଲେ।

ମାଟ୍ରିକ୍ ପରୀକ୍ଷାରେ କପ୍ତିପଦା ବ୍ଲକ୍‌ରେ ୯୭ ପ୍ରତିଶତ ପାସ ହାର

# ଆଗରେ ରହିଛି ଲାଲ୍‌ବାହାଦୁର ଉଚ୍ଚବିଦ୍ୟାଳୟ

**କପ୍ତିପଦା, ୭।୫ (ସମିସ)**

ମାଟ୍ରିକ୍ ପରୀକ୍ଷାରେ କପ୍ତିପଦା ବ୍ଲକରେ ପାସ୍ ହାର ୯୭ ପ୍ରତିଶତ ହୋଇଛି। ୪୦ଟି ବିଦ୍ୟାଳୟର ୧୬୮୫ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବାବେଳେ ୧୬୩୩ ଜଣ ପାସ କରିଛନ୍ତି। ମଧ୍ୟମାରେ ୬୫ ଜଣ ପରୀକ୍ଷା ଦେଇଥିବାବେଳେ ୬୫ ଜଣ ପାସ କରିଛନ୍ତି। ୧୦୦ ପ୍ରତିଶତ ପାସ୍ ହାର ରହିଛି। ରାଜ୍ୟ ମୁକ୍ତ ବିଦ୍ୟାଳୟ ଜରିଆରେ କପ୍ତିପଦା ଉଚ୍ଚବିଦ୍ୟାଳୟ କେନ୍ଦ୍ରରେ ୨୭ ଜଣ ପରୀକ୍ଷା ଦେଇ ୧୮ ଜଣ ପାସ କରିଛନ୍ତି। ଲାଲବାହାଦୁର ଉଚ୍ଚ ବିଦ୍ୟାଳୟର ଭାଗ୍ୟଲକ୍ଷ୍ମୀ ପଲତା ୫୪୯ ନମ୍ବର ରଖି ଏ-୧ରେ ପାସ୍ କରି ବ୍ଲକର ଟପ୍ପର ହୋଇଥିବାବେଳେ କ୍ଷୀରାବ୍ଧୀ ତନୟା ଗାଁଣ ୫୪୦ ନମ୍ବର ରଖି ତୃତୀୟ ଓ କପ୍ତିପଦା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଶୁଭସ୍ମିତା ବେହେରା ୫୪୪ ନମ୍ବର ରଖି ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି।

ସେହିପରି ପେଡ଼ାଗଡ଼ି ଉଚ୍ଚବିଦ୍ୟାଳୟରେ ୨୮ରୁ ୨୮, ପେଡ଼ାଗଡ଼ି ବାଳିକା ଉଚ୍ଚ ବିଦ୍ୟାଳୟରେ ୩୮ରୁ ୩୬, ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ୩୩ରୁ ୩୩, ଦୀନବନ୍ଧୁ ଉଚ୍ଚ ବିଦ୍ୟାଳୟରେ ୫୨ରୁ ୫୨, ରାଧାକୃଷ୍ଣ ଉଚ୍ଚବିଦ୍ୟାଳୟ ଗୌଡ଼ଗାଁରେ ୬୦ରୁ ୬୦, ବଡ଼ସିମୁଳିଆ (ଆଶ୍ରମ) ବାଳିକା ଉଚ୍ଚ ବିଦ୍ୟାଳୟରେ ୫୪ରୁ ୫୪, ମଝିଗଡିଆ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ୨୭ରୁ ୨୦, ଦୋଳିପଡ଼ା ଉନ୍ନୀତ ଉଚ୍ଚ ବିଦ୍ୟାଳୟର ୧୦ରୁ ୯, ରାଇପାଳ ଉଚ୍ଚ ବିଦ୍ୟାଳୟର ୫୦ରୁ ୫୦, ଗୋଲାଗଡିଆ ଉଚ୍ଚବିଦ୍ୟାଳୟର ୫୦ରୁ ୪୮, କପ୍ତିପଦା ଉଚ୍ଚ ବିଦ୍ୟାଳୟର ୬୩ରୁ ୬୩, କପ୍ତିପଦା ବାଳିକା ଉଚ୍ଚ ବିଦ୍ୟାଳୟର ୬୨ରୁ ୬୨, ପରାଶବଣୀ ବିଦ୍ୟାଳୟର ୬୪ରୁ ୬୪, ଶାଳଚୁଆ ଉଚ୍ଚ ବିଦ୍ୟାଳୟର ୭୨ରୁ ୭୧, ଖଲାଡି ବାଳିକା ଉଚ୍ଚ ବିଦ୍ୟାଳୟର ୩୭ରୁ ୩୭, ଶ୍ରୀଅରବିନ୍ଦ ବିଦ୍ୟାଳୟ ନୂଆସାହିର ୨୯ରୁ ୨୯, ଜବାହରଲାଲ ଉଚ୍ଚ ବିଦ୍ୟାଳୟ ବଡ଼ଖଲାଡିର ୮୫ରୁ ୮୪, ଯୁଗଳ କିଶୋର ବିଦ୍ୟାଳୟ ସୌଭାଗ୍ୟ ଦେଇପୁରର ୪୭ରୁ ୪୭, ବାପୁଜୀ ବିଦ୍ୟାଳୟ ଜଡ଼ିଦାର ୪୮ରୁ ୪୬, ଉପେନ୍ଦ୍ର ନାଥ ଉଚ୍ଚବିଦ୍ୟାଳୟ ପଦ୍ମପୋଖରୀର ୩୦ରୁ ୩୦, ତାଳପୋଖରୀ ଉନ୍ନୀତ ବିଦ୍ୟାଳୟର ୨୬ରୁ ୨୬, କଳମଗଡିଆ ବିଦ୍ୟାଳୟର ୩୮ରୁ ୩୩, ଫୁଲମତୀ ବାଳିକା ବିଦ୍ୟାଳୟର ୫୫ରୁ ୫୪, ଭଣ୍ଡାର ଉଚ୍ଚବିଦ୍ୟାଳୟର ୫୨ରୁ ୫୦, ସିରିଆପାଳ ବିଦ୍ୟାଳୟର ୫୩ରୁ ୫୨, ରାଣୀପୋଖରୀ ଉନ୍ନୀତ ବିଦ୍ୟାଳୟର ୪୦ରୁ ୩୮, ହଳଦିଆ ସାହି ଉନ୍ନୀତ ବିଦ୍ୟାଳୟର ୬ରୁ ୬, ଶରତ ଉଚ୍ଚ ବିଦ୍ୟାଳୟର ୯୩ରୁ ୯୧, ଲାବଣ୍ୟଦେଇପୁର ବିଦ୍ୟାଳୟର ୨୯ରୁ ୨୮, ଦେବାନବାହାଳୀ ଉନ୍ନୀତ ବିଦ୍ୟାଳୟର ୧୦ରୁ ୧୦, ପୋଡାଡିହା ବିଦ୍ୟାଳୟର ୨୭ରୁ ୨୪, ଅସନବଣି ବିଦ୍ୟାଳୟର ୨୯ରୁ ୨୮, କୋଳିଅଳମ ଉଚ୍ଚ ବିଦ୍ୟାଳୟର ୧୭ରୁ ୧୪, ଚକ୍ରଧରପୁର ବିଦ୍ୟାଳୟର ୪୪ରୁ ୩୭, ଚକ୍ରଧରପୁର ଉନ୍ନୀତ ଉଚ୍ଚ ବିଦ୍ୟାଳୟର ୨୬ରୁ ୨୪, ବଡଝାଡ଼ ବିଦ୍ୟାଳୟର ୧୩ରୁ ୧୨ ଓ ପୋଡାଡିହା ବାଳିକା ଉଚ୍ଚ ବିଦ୍ୟାଳୟର ୨୩ରୁ ୨୦, ଇନ୍ଦିରା ଗାନ୍ଧୀ ବାଳିକା ବିଦ୍ୟାଳୟର ୫୫ରୁ ୪୪, କଟୁରିଆ ବାଳିକା ଉଚ୍ଚ ବିଦ୍ୟାଳୟର ୩୯ରୁ ୩୯, ଲାଲବାହାଦୁର ଉଚ୍ଚ ବିଦ୍ୟାଳୟର ୭୧ରୁ ୭୦ ଜଣ ପାସ କରିଛନ୍ତି। ସେହିଭଳି ମଧ୍ୟମାରେ ସାନଖଲାଡ଼ି ସଂସ୍କୃତ ବିଦ୍ୟାଳୟର ୧୭ରୁ ୧୭, ମା' ବାସନ୍ତୀ ସଂସ୍କୃତ ବିଦ୍ୟାଳୟର ୧୬ରୁ ୧୬, ଭୋଳାନାଥ ସଂସ୍କୃତ ବିଦ୍ୟାଳୟର ୧୫ରୁ ୧୫, ତ୍ରିନାଥ ସଂସ୍କୃତ ବିଦ୍ୟାଳୟର ୧୭ରୁ ୧୭ ଜଣ ଛାତ୍ରଛାତ୍ରୀ ପାସ କରିଛନ୍ତି। କପ୍ତିପଦା ବ୍ଲକର ଶିକ୍ଷାବିତ ଓ ବୁଦ୍ଧିଜୀବୀଙ୍କ ପକ୍ଷରୁ ଭଲ ଫଳାଫଳକୁ ନେଇ ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ପ୍ରଶଂସା କରାଯାଇଛି।

● ଚିପ୍ସ ଲୁଟ୍ ମାମଲା

# ୮ ଗାଡ଼ି ଜବତ, ଦୁଇ ଭାଇ ଗିରଫ



ଆନନ୍ଦପୁର, ୭।୫(ସମିସ): ଘସିପୁରା ଥାନା ଅନ୍ତର୍ଗତ ବନ୍ଧ ଅଞ୍ଚଳରୁ ଚାରିଦାମି ଗାଡ଼ି ସହ ଚାରୋଟି ହାଇୱା ଜବତ କରାଯାଇଛି। ଘଟଣାରେ ସମ୍ପୃକ୍ତ ଦୁଇ ଭାଇଙ୍କୁ ଗିରଫ କରାଯାଇଛି। ପୁଲିସ ଏହି ପରିପ୍ରେକ୍ଷୀରେ ଚଢ଼ଉ ଜାରି ରଖିଛି। ସୂଚନା ଅନୁସାରେ, କେନ୍ଦୁଝର ଜିଲ୍ଲା ଦେଇ ଯାଇଥିବା ୨୦ ନମ୍ବର ଜାତୀୟ ରାଜପଥ ନିର୍ମାଣ ସମୟରେ ବନ୍ଧରେ ଏକ କ୍ରସର ସ୍ଥାପନ ହୋଇ ଚିପ୍ସ ପ୍ରସ୍ତୁତ ହେଉଥିଲା। କାମ ସରିବା ପରେ ଗାୟତ୍ରୀ ବଳକା କୋଟିଏରୁ ଊର୍ଦ୍ଧ୍ୱ ମୂଲ୍ୟର ଚିପ୍ସ ଛାଡି ଯାଇଥିଲା। ପ୍ରଶାସନ ପକ୍ଷରୁ ଜବତ ଚିପ୍ସର କୌଣସି ମାଲିକାନା ନଥିବାରୁ ତାକୁ କାଳକ୍ରମେ ଲୁଟ କରାଯାଇଥିଲା। ଏସବୁରେ ଏହି ଦୁଇ ଭାଇଙ୍କ ସଂପୃକ୍ତି ଅଭିଯୋଗରେ ଏହି ଦୁଇ ଭାଇଙ୍କୁ ପୁଲିସ୍ ଉଠାଇ ନେଇଛି। ଦୁଇ ଭାଇଙ୍କର ତିନୋଟି ଚାରିଚକିଆ ଦାମୀ କାର, ଚାରୋଟି ହାଇୱା ଜବତ କରାଯାଇଛି। ୨୦୨୨ରେ ଏହି ଜାଗାରୁ ଚିପ୍ସ ଚୋରି ହେଉଥିବା ଅଭିଯୋଗ ହେବାପରେ ତତ୍କାଳୀନ ଆନନ୍ଦପୁର ଉପଜିଲ୍ଲାପାଳ ଅନିଲ କୁମାର ସେଠୀ ଚିପ୍ସକୁ ଜବତ କରି ରାଜସ୍ୱ ବିଭାଗ ପକ୍ଷରୁ ନାଲି ପତାକା ଲଗାଯାଇଥିଲା। ତା'ପରେ ନିକଟରେ କିଛି ସ୍ଥାନୀୟ ମାଫିଆ ରାଜନୀତିକ ବ୍ୟକ୍ତି ବିଶେଷଙ୍କ ଛତ୍ରଛାୟା ତଳେ ରହି କିଛି ଦୁର୍ନୀତିଗ୍ରସ୍ତ ପୁଲିସ୍ ଓ ରାଜସ୍ୱ କର୍ମଚାରୀଙ୍କୁ ହାତକରି ଏହି ଚିପ୍ସକୁ ଲୁଟି ନେଇଥିଲେ।

## ପୌର କାର୍ଯ୍ୟାଳୟରେ ଆବାସ କାର୍ଯ୍ୟାଦେଶ ବଣ୍ଟନ

ଆନନ୍ଦପୁର, ୭।୫(ସମିସ): ଆନନ୍ଦପୁର ପୌର ପରିଷଦ କାର୍ଯ୍ୟାଳୟରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର କାର୍ଯ୍ୟାଦେଶ ବଣ୍ଟନ ହୋଇଯାଇଛି। ସାଂସଦ ପ୍ରତିନିଧି ତଥା ପ୍ରାକ୍ତନ



ପୌରାଧ୍ୟକ୍ଷ ରାମଚନ୍ଦ୍ର ସାହୁ ଅତିଥି ଭାବେ ଯୋଗ ଦେଇଥିଲେ। ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଦେବପ୍ରସାଦ ବଳଙ୍କ ସଭାପତିତ୍ୱ ଏବଂ ସିଇଓ ରାଜଶ୍ର ଜଶ୍ରୀ ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୌରାଧ୍ୟକ୍ଷ ରାଜନୀରାଣୀ ଖଟୁଆ ଯୋଗ ଦେଇଥିଲେ। ୧୧୫ ଜଣ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା। କାଉନସିଲର କୃଷ୍ଣ ରଣା, ମଣିଲତା ରାମ, ରଶ୍ମିତା ବାରି, ଲକ୍ଷ୍ମୀଧର ଦେହୁରୀ, ଜୟନ୍ତୀ ବେହେରାଙ୍କ ସମେତ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। କାର୍ଯ୍ୟକ୍ରମକୁ ପୌର କର୍ମଚାରୀ ଶୁଭକାନ୍ତ ଜେନା ଧନଞ୍ଜୟ ଦାସ ରାକେଶ ମଲିକ ପରିଚାଳନା କରିଥିଲେ।

## ଢାବାରେ ବେଆଇନ ମଦ କାରବାର ଅଭିଯୋଗରେ ଦୁଇ ଗିରଫ

ବୈଶିଙ୍ଗା/ବେତନଟୀ,୭।୫(ସମିସ): ବୈଶିଙ୍ଗା ବଜାରରେ ଥିବା ଦୁଇଟି ଢାବାରେ ବେତନଟୀ ଅବକାରୀ ଥାନା ପକ୍ଷରୁ ଚଢଉ କରାଯାଇ ଚୋରା ବିଅର ଜବତ କରାଯିବା



ସହିତ ଏ ନେଇ ଦୁଇଟି ପୃଥକ ମାମଲା ରୁଜୁ କରି ଗିରଫ ଦୁଇଜଣଙ୍କୁ ଗିରଫ କରାଯାଇଛି। ବୈଶିଙ୍ଗା ବଜାରସ୍ଥ ୧୮ନଂ ଜାତୀୟ ରାଜପଥ ପାଶ୍ୱର୍ ରୟାଲ ଢାବା ଓ ଡ୍ରିମ୍ସ ଢାବାରେ ଚୋରାମଦ କାରବାର ହେଉଥିବା ଖବରପାଇ ବେତନଟୀ ଅବକାରୀ ଥାନା ଅଧିକାରୀ ପ୍ରଦୀପ କୁମାର ବେହେରା ଗୁରୁବାର ଚଢ଼ଉ କରିଥିଲେ। ଚଢଉ ସମୟରେ ଡ୍ରିମ୍ସ ଢାବାରୁ ୭ ଲିଟର ୮ ଶହ ମିଲିଲିଟର ବିଅର ଜବତ କରିବା ସହିତ ବୈଶିଙ୍ଗା ଥାନା ଅଧୀନ ହାତୀଝୁରି ଗ୍ରାମର ସଞ୍ଜୟ ସିଂକୁ ଗିରଫ କରିଥିଲେ। ସେହିଭଳି ରୟାଲ ଢାବାରେ ଚଢ଼ଉ କରି ସାଢେ ୬ ଲିଟର ବିଅର ଜବତ କରିବା ସହିତ ବୈଶିଙ୍ଗା ଥାନା ଅଧୀନ ଖଇରିବଣି ଗ୍ରାମର ରାଜେନ୍ଦ୍ର ହାତୀକୁ ଗିରଫ କରିଥିଲେ। ଏ ନେଇ ବେତନଟୀ ଅବକାରୀ ଥାନା ପକ୍ଷରୁ ଦୁଇଟି ପୃଥକ ମାମଲା ରୁଜୁ କରାଯାଇ ଗିରଫ ଉଭୟ ଅଭିଯୁକ୍ତଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ପରେ ଗୁରୁବାର ଅପରାହ୍ନରେ ବେତନଟୀ ଜେଏମଏଫସି କୋର୍ଟକୁ ଚାଲାଣ କରିଥିଲେ।

ଜିତୁଙ୍କ ପାଇଁ ଜଟିଳ ହେଲାଣି ଆର୍ଥିକ ସହାୟତା

# ଟଙ୍କା ଭାଗ ପାଇଁ ଭାଇ-ଭାଇ କଳି

ତୁରୁମୁଙ୍ଗା, ୭।୫(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଡିଆନାଳି ଗ୍ରାମର ବହୁଚର୍ଚ୍ଚିତ ଜିତୁ ମୁଣ୍ଡା ପାଇଁ ଏବେ ବିପଦ ସାଜିଲାଣି ଆର୍ଥିକ ସହାୟତା ରାଶି। ଜିତୁ ପାଖକୁ ବ୍ୟାଙ୍କରୁ ବଡ଼ଭଉଣୀ ମୃତ କାଲାରା ମୁଣ୍ଡାଙ୍କ ଜମା ଟଙ୍କା ସହ ରାଜ୍ୟ ତଥା ରାଜ୍ୟ ବାହାରୁ ଅନେକ ବଦାନ୍ୟ ବକ୍ତି ଲକ୍ଷ ଲକ୍ଷ ଟଙ୍କା ସହାୟତା ରାଶି ସହ ବିଭିନ୍ନ ରାଜନେତାଙ୍କ ଦ୍ୱାରା ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ତେବେ ଜିତୁଙ୍କ ପାଖରେ ଏବେ ୧୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଥିବା ବେଳେ ଏବେ ଏହି ଟଙ୍କା ଜିତୁଙ୍କ ପାଇଁ ବିପଦ ସୃଷ୍ଟି କରିବ ବୋଲି ଆଶଙ୍କା କରାଯାଉଛି। ସାନ ଭାଇ ଶଙ୍କର ମୁଣ୍ଡା ଟଙ୍କା ଭାଗ ମାଗିବା ସହ ନଦେଲେ ଟଙ୍କା ଜିତୁଙ୍କୁ ଠେଙ୍ଗା ଓ ଟାଙ୍ଗିଆ ଧରି ମାରିଦେବାକୁ ଦୌଡ଼ାଇଥିବା ଜଣାପଡ଼ିଛି। କିଛି ବର୍ଷ ପୂର୍ବରୁ ଜିତୁଙ୍କ ବଡ଼ଭାଇଙ୍କୁ ଜମିବାଡ଼ି ବିବାଦକୁ ନେଇ ପଥରରେ ଛେଚି ହତ୍ୟା କରିଥିଲେ। ମାତ୍ର ଏବେ ଜିତୁଙ୍କ ପକ୍ଷରେ ଏହି ସହାୟତା ରାଶି ବିପଦ ସୃଷ୍ଟି କାରିବା ସହ ଭବିଷ୍ୟତରେ କିଛି ବି ଅଘଟଣ ଘଟିପାରେ ବୋଲି ଗ୍ରାମବାସୀ ଆଶଙ୍କା କରୁଛନ୍ତି।

## ଜବରଦଖଲ ଉଚ୍ଛେଦ ଓ ରାସ୍ତା ପ୍ରଶସ୍ତୀକରଣ ପାଇଁ କାର୍ଯ୍ୟ ଆରମ୍ଭ

କରଞ୍ଜିଆ, ୭।୪(ସମିସ): କରଞ୍ଜିଆ ସହରରେ ବଢୁଥିବା ଟ୍ରାଫିକ ସମସ୍ୟା ଓ ସଡ଼କ ଦୁର୍ଘଟଣାକୁ ଦୃଷ୍ଟିରେ ରଖି ଜବରଦଖଲ ଉଚ୍ଛେଦ ସହ ରାସ୍ତା ପ୍ରଶସ୍ତୀକରଣ ପାଇଁ ପ୍ରଶାସନ ପକ୍ଷରୁ ପ୍ରାରମ୍ଭିକ କାର୍ଯ୍ୟ ଆରମ୍ଭ ହୋଇଛି। କରଞ୍ଜିଆ ପ୍ରଗତି ମଞ୍ଚ ପକ୍ଷରୁ ଦୀର୍ଘଦିନ ଧରି ଜିଲ୍ଲାପାଳଙ୍କ ନିକଟରେ ସହରର ମୁଖ୍ୟ ରାସ୍ତାରୁ ଜବରଦଖଲ ଉଚ୍ଛେଦ ଓ ରାସ୍ତା ପ୍ରଶସ୍ତୀକରଣ ପାଇଁ ଦାବି ହୋଇଆସୁଥିଲା। ଏହାକୁ ନେଇ ଜିଲ୍ଲାପାଳ ପୂର୍ବରୁ ନିର୍ଦ୍ଦେଶ ମଧ୍ୟ ଜାରି କରିଥିଲେ। ତେବେ ଚାପ ଯୋଗୁଁ କାର୍ଯ୍ୟ ଆଗକୁ ବଢିପାରିନଥିଲା। ପୁନର୍ବାର ପ୍ରଶାସନ ଏ ନେଇ ତତ୍ପରତା ପ୍ରକାଶ କରିଛି। ପ୍ରାରମ୍ଭିକ ପର୍ଯ୍ୟାୟରେ ପିଡବ୍ଲ୍ୟୁଡି ଓ ଆରଆଇ କାର୍ଯ୍ୟାଳୟ ପକ୍ଷରୁ ରାସ୍ତା ପାଇଁ ଉଦ୍ଦିଷ୍ଟ ସ୍ଥାନର ମାପଚୁପ ଓ ଚିହ୍ନଟ ପ୍ରକ୍ରିୟା ଆରମ୍ଭ କରାଯାଇଛି। ପିଡବ୍ଲ୍ୟୁଡି କନିଷ୍ଠ ଯନ୍ତ୍ରୀ ଇଂ. ନିହାରକାନ୍ତି ବେହେରାଙ୍କ ନେତୃତ୍ୱରେ ଆରଆଇ, ଅମିନ ଓ କର୍ମଚାରୀ ମନୋଜ ବେହେରା, ଗଙ୍ଗାଧର ପଣ୍ଡା ସମେତ ଅନ୍ୟ ସହଯୋଗୀ ରାସ୍ତା ମାପ ଓ ଚିହ୍ନଟ କାର୍ଯ୍ୟରେ ନିୟୋଜିତ ଥିବା ଜଣାପଡ଼ିଛି। ମୁଖ୍ୟ ରାସ୍ତାର ସରକାରୀ ମାପ ଅନୁଯାୟୀ ଯେଉଁ ସ୍ଥାନରେ ଜବରଦଖଲ ଚିହ୍ନଟ ହେବ, ସେଠାରେ ସଂପୃକ୍ତ ବ୍ୟକ୍ତିଙ୍କୁ ପ୍ରଶାସନ ପକ୍ଷରୁ ନୋଟିସ ଜାରି କରାଯାଇ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହେବ। ପରବର୍ତ୍ତୀ ସମୟରେ ରାସ୍ତା ପ୍ରଶସ୍ତୀକରଣ କାର୍ଯ୍ୟ କରାଯିବ। ଏହି ପ୍ରକ୍ରିୟାରେ କୌଣସି ବାଧା ସୃଷ୍ଟି ହେଲେ ପୁଲିସ ପ୍ରଶାସନର ସହଯୋଗ ନିଆଯିବ ବୋଲି ଯନ୍ତ୍ରୀ ଇଂ. ବେହେରା ସୂଚନା ଦେଇଛନ୍ତି।

## କାଳବୈଶାଖୀକୁ ମାସେ; ଏଯାଏଁ ମିଳିନି ସହାୟତା

ତୁରୁମୁଙ୍ଗା, ୭।୫(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଅଞ୍ଚଳରେ ଗତ ଏପ୍ରେଲ ୭ ତାରିଖରେ ହୋଇଥିବା ଭୟଙ୍କର କାଳବୈଶାଖୀକୁ ମାସେରୁ



ଅଧିକ ସମୟ ବିତିଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ କ୍ଷତିଗ୍ରସ୍ତମାନେ ସରକାରୀ ସହାୟତା ପାଇ ନଥିବାରୁ ଅଞ୍ଚଳରେ ଅସନ୍ତୋଷ ଦେଖାଦେଇଛି। ସେହି ଦିନର ଝଡ଼ବର୍ଷା, ପବନ ଓ କୁଆପଥର ମାଡ଼ରେ ପାଟଣା ବ୍ଲକର ବିଭିନ୍ନ ପଞ୍ଚାୟତରେ ଶହ ଶହ ଘରର ଛପର ଉଡ଼ିଯାଇଥିଲା। ଅନେକ ଲୋକଙ୍କ ଘର ଭାଙ୍ଗିଥିବା ବେଳେ ଶହ ଶହ ଦୁଇଚକିଆ ଓ ଚାରିଚକିଆ ଗାଡ଼ି ମଧ୍ୟ କ୍ଷତିଗ୍ରସ୍ତ ହୋଇଥିଲା। କ୍ଷତିପୂରଣ ଦାବିରେ ତିନି ଦିନ ଧରି ଅଞ୍ଚଳରେ ଉତ୍ତେଜନା ଲାଗି ରହିଥିଲା। ଫଳିଥିନ ବଣ୍ଟନରେ ବିଳମ୍ବକୁ ନେଇ କ୍ଷତିଗ୍ରସ୍ତମାନେ ରାସ୍ତାରୋକ କରିଥିବା ବେଳେ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଭଙ୍ଗାରୁଜା ସହ ଟାୟାର ଜାଳି ପ୍ରତିବାଦ କରିଥିଲେ। ସେହି ଦିନର ପ୍ରକୃତିର କରାଳ ରୂପ ଏବେବି ଲୋକଙ୍କ ମନରୁ ଲିଭି ନଥିବା ବେଳେ ଏଯାଏଁ କ୍ଷତିପୂରଣ ସହାୟତା ନମିଳିବାରୁ ସାଧାରଣ ଲୋକଙ୍କ ମନରେ ଅସନ୍ତୋଷ ବଢ଼ିଚାଲିଛି। ପାଟଣା ତହସିଲଦାର ଅଶ୍ୱିନୀ ନାଏକ ଓ ବିଡିଓ ମାନସ ଦଣ୍ଡପାଟ କ୍ଷୟକ୍ଷତିର ଆକଳନ କରି ସମସ୍ତ ରିପୋର୍ଟ ସରକାରଙ୍କୁ ଜଣାଇଛନ୍ତି। ଏପର୍ଯ୍ୟନ୍ତ ସହାୟତା ମିଳି ନଥିବା ଯୋଗୁଁ ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଅନ୍ୟପଟେ କାଳବୈଶାଖୀରେ କ୍ଷତିଗ୍ରସ୍ତ ହୋଇଥିବା ଶହ ଶହ ଗାଡ଼ିର ମରାମତି କାମ ମଧ୍ୟ ଏପର୍ଯ୍ୟନ୍ତ ହୋଇପାରିନଥିବା ଅଭିଯୋଗ ହୋଇଛି। ବୀମା କମ୍ପାନୀ ସହ ସୋରୁମ ର ମଧ୍ୟ ସହଯୋଗ ମିଳୁ ନଥିବାରୁ ଗାଡ଼ି ମାଲିକମାନେ ଆର୍ଥିକ ସମସ୍ୟାରେ ପଡ଼ିଛନ୍ତି। ତୁରନ୍ତ ସହାୟତା ଓ କ୍ଷତିପୂରଣ ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ଏଟିଏମ୍ ଭାଙ୍ଗି ଲୁଟ୍

କୁଆମରା,୭।୫(ସମିସ): ଖୁଣ୍ଟା ଥାନାଠାରୁ ପ୍ରାୟ ପାଞ୍ଚ ଶହ ମିଟର ଦୂର ବଜାର ଶେଷ ମୁଣ୍ଡ ବଙ୍ଗଳା ଛକରେ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ ପକ୍ଷରୁ ସ୍ଥାପିତ ହୋଇଥିବା ଏଟିଏମ୍‌କୁ ବୁଧବାର ରାତିରେ ଦୁର୍ବୃତ୍ତ ଭାଙ୍ଗି ସେଥିରେ ଥିବା ସମସ୍ତ ଟଙ୍କା ଲୁଟ କରି ନେଇଛନ୍ତି। ଗତକାଲି ରାତିରେ ବ୍ୟାଙ୍କ ପକ୍ଷରୁ ପାଞ୍ଚ ଲକ୍ଷ ଟଙ୍କା ଭର୍ତ୍ତି କରାଯାଇଥିଲା। ଏଥିପୂର୍ବରୁ ଏଟିଏମ୍‌ରେ ୭୪ ହଜାର ଟଙ୍କା ଥିଲା ବୋଲି କୁହାଯାଉଛି। ତେବେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଏଟିଏମ୍‌ରୁ ଗ୍ରାହକଙ୍କ ଦ୍ୱାରା କେତେ ଟଙ୍କା ଉଠାଣ ହୋଇଥିଲା, ତା'ର ସଠିକ୍ ତଥ୍ୟ ପୁଲିସକୁ ହସ୍ତଗତ ହୋଇନାହିଁ। ଅଭିଯୋଗ ପରେ ଖୁଣ୍ଟା ପୁଲିସ ତଦନ୍ତ ଚଳାଇଥିବାବେଳେ ବାରିପଦାରୁ ସାଇଣ୍ଟିଫିକ ଟିମ୍ ପହଞ୍ଚି ତଦନ୍ତ କରି ଫେରିଛି। ଏ ନେଇ ଖୁଣ୍ଟା ଥାନାରେ ୧୨୦/୨୬ରେ ଏକ ମାମଲା ରୁଜୁ ହୋଇଥିବା ଆଇଆଇସି ଆଦିତ୍ୟ ପ୍ରସାଦ ଜେନା କହିଛନ୍ତି।

## ହାଇୱା-ବାଇକ୍ ଧକ୍କାରେ ଦୁଇ ମୃତ

ଯୋଡ଼ା, ୭।୫(ସମିସ): କେନ୍ଦୁଝର ଜିଲ୍ଲାର ଲାଇଫ ଲାଇନ କୁହାଯାଉଥିବା ୫୨୦ ନମ୍ବର ଜାତୀୟ ରାଜପଥ ଯୋଡ଼ାସ୍ଥିତ କଳାପାହାଡ଼ ନିକଟରେ ହାଇୱା ଏବଂ ବାଇକ ମଧ୍ୟରେ ଧକ୍କା ହୋଇ ଦୁଇ ଜଣଙ୍କ ମୃତ୍ୟୁ ହୋଇଛି। ଏଥିରେ ବାଇକ୍‌ରେ ଥିବା ଦୁଇ ଜଣଙ୍କର ମୃତ୍ୟୁ ହୋଇଥିଲା ବେଳେ ସେମାନଙ୍କ ପରିଚୟ ମିଳିପାରିନାହିଁ। ଜଣେ ନାବାଳକ ଥିବା ଜଣାପଡ଼ିଛି। ଗୁରୁବାର ସନ୍ଧ୍ୟା ସମୟରେ ଓଡି-୦୯-ଜେଡ-୩୭୪୬ ବାଇକ୍‌ରେ ୨ ଜଣ ବିଲେଇପଦା ପଟୁ ଆସୁଥିବା ବେଳେ ଯୋଡ଼ା ପଟୁ ଆସୁଥିବା ଏକ ହାଇୱା ସହ ଧକ୍କା ହୋଇଥିଲା। କଳାପାହାଡ ଘାଟି ବୁଲାଣି ପାଖରେ ଶକ୍ତ ଧକ୍କା ଫଳରେ ଘଟଣାସ୍ଥଳରେରେ ଦୁଇ ଜଣଙ୍କ ପ୍ରାଣହାନି ହୋଇଥିଲା। ଖବର ପାଇ ପୁଲିସ ଏବଂ ଅଗ୍ନିଶମ ବାହିନୀ ମୃତଦେହଦ୍ୱୟକୁ ନିକଟସ୍ଥ ଟାଟା ମେଡିକାଲକୁ ପଠାଇଛନ୍ତି।

## ଭାଲୁ ଆକ୍ରମଣରେ ମହିଳା ଗୁରୁତର

ଉଦଳା/କୁଆମରା, ୭।୫ (ସମିସ): ଗାଁରେ ଭାଲୁ ମାତିଛି। ସକାଳୁ ଭାଲୁ ଜଣେ ମହିଳାଙ୍କୁ ଆକ୍ରମଣ କରି ଆଖି ତାଡି ଦେଇଛି। ଫଳରେ ଗ୍ରାମବାସୀଙ୍କ ମଧ୍ୟରେ ଭୟ ବାତାବରଣ ସୃଷ୍ଟି ହୋଇଛି। ଭାଲୁଟି ୯ ଘଣ୍ଟାରୁ ଊର୍ଦ୍ଧ୍ୱ ହେବ ଜନବସତିରେ ରହିଥିବାବେଳେ ଭାଲୁକୁ ଘଉଡ଼ାଇବାରେ ବନ ବିଭାଗ ବିଫଳ ହୋଇଛି। ଉଦଳା ବନାଞ୍ଚଳ ଅନ୍ତର୍ଗତ କୁଶଳଦା ଗ୍ରାମକୁ ଆଜି ସକାଳୁ ଏକ ଭାଲୁ ପଶି ଜଣେ ମହିଳାଙ୍କୁ ଆକ୍ରମଣ କରି ଗୁରୁତର କରିଥିଲା। ପରେ ଭାଲୁଟି ଗ୍ରାମର ଜଣେ ବ୍ୟକ୍ତିଙ୍କ ବାଡ଼ିରେ ଲୁଚି ରହିଥିବା ସୂଚନା ମିଳିଛି। ବନ ବିଭାଗର ରାପିଡ୍ ରେସପନ୍ସ ଟିମ ଆସି ୫ ଘଣ୍ଟାରୁ ଅଧିକ ହେବ ଡେରା ପକାଉଥିଲେ ସୁଦ୍ଧା ଭାଲୁକୁ କାବୁ କରିପାରିନାହାଁନ୍ତି। ଏପରିକି ଭାଲୁଟି ସେହି ବୁଦା ଭିତରେ ଲୁଚି ରହିଥିବାବେଳେ କେତେବେଳେ ଯେ ଆକ୍ରମଣ କରିବ ତାହା କହିବା ମୁସ୍କିଲ। ସେପଟେ ଭାଲୁକୁ କାବୁ କରିବାରେ ବନ ବିଭାଗ ବିଫଳ ହୋଇଥିବାରୁ ଏହାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳିଛି। ଏସିଏଫ କହିଛନ୍ତି ଭାଲୁକୁ ଟ୍ରାଙ୍କୁଲାଇଜ କରିବା ପାଇଁ ଟିମ ସଜାଗ ହୋଇ ରହିଛି।

# ନିଖୋଜ ନାବାଳକ ସାହିଲଙ୍କୁ ଫେରାଇ ଆଣିବା ଦାବି

ଶରତ/କେନ୍ଦୁଝର,୭।୫(ସମିସ): କେନ୍ଦୁଝର ଜିଲ୍ଲା ଯୋଡ଼ା ବ୍ଲକ ଅନ୍ତର୍ଗତ ଜଜାଙ୍ଗ (ଜୁରୁଡି) ଗ୍ରାମର ୯ ବର୍ଷର ସାହିଲ ବାହାଦୂର ନିଖୋଜ ଅଛନ୍ତି। ତାଙ୍କୁ ଗତ ମାର୍ଚ୍ଚ ୧୩ ତାରିଖ ଦିନ ଛତିଶଗଡ଼ର ରାୟଗଡ ରେଳ ଷ୍ଟେସନରେ ରେଳ ସୁରକ୍ଷା କର୍ମଚାରୀ ଉଦ୍ଧାର କରିଥିଲେ। ବର୍ତ୍ତମାନ ସେ ରାୟଗଡ ଜିଲ୍ଲା ଶିଶୁ କଲ୍ୟାଣ କମିଟି ତତ୍ତ୍ୱାବଧାନରେ ରହୁଥିବା ଜଣାପଡ଼ିଛି। ପାରିବାରିକ କଳହରୁ ପିଲାଟି ଘର ଛାଡ଼ି ଚାଲିଯାଇଥିବା ସୂଚନା ମିଳିଛି। ରାୟଗଡ଼ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଫୋନ ଯୋଗେ ନିଖୋଜ ଶିଶୁଙ୍କ ପରିବାର ସଦସ୍ୟଙ୍କ ସହିତ ଯୋଗାଯୋଗ କରି ପିଲା ତାଙ୍କ ତତ୍ତ୍ୱାବଧାନରେ ଥିବା ଜଣାଇଥିଲେ। ଖବର ଜାଣିବା ପରେ ସମ୍ପୃକ୍ତ ଅସହାୟ ପରିବାର ଯୋଡ଼ା ବ୍ଲକ ଅନ୍ତର୍ଗତ ସେରେଣ୍ଡାସ୍ଥ ପଦ୍ମଶ୍ରୀ




ଡଃ ତୁଳସୀ ମୁଣ୍ଡା ଆଦିବାସୀ ଓ ଶିକ୍ଷା ବିକାଶ ସମିତିର ଆନିମେଟର ତଥା ଜିଲ୍ଲାର ବିଶିଷ୍ଟ ସମାଜସେବିକା ପାର୍ବତୀ ଗୁଡିଆଙ୍କ ସହଯୋଗରେ ୧ ମାସ ପୂର୍ବରୁ ଉକ୍ତ ନିଖୋଜ ନାବାଳକକୁ ଉଦ୍ଧାର କରି ଘରକୁ ଫେରାଇ ଆଣିବା ପାଇଁ କେନ୍ଦୁଝର ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟକୁ ଅବଗତ କରାଇବା ସହିତ ଲିଖିତ ନିବେଦନ କରିଥିଲେ। କେନ୍ଦୁଝର ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଘଟଣାକୁ ଗୁରୁତ୍ୱ ଦେଉ ନ ଥିବା ଅଭିଯୋଗ କରିଛନ୍ତି ସମାଜସେବିକା ପାର୍ବତୀ ଗୁଡିଆ। ଛତିଶଗଡ଼ ରାଜ୍ୟ ରାୟଗଡ ବାଲ୍ୟ କଲ୍ୟାଣ ସମିତି ନିଖୋଜ ନାବାଳକଙ୍କ ପରିବାରକୁ ଫୋନ ଯୋଗେ ଜଣାଇଛନ୍ତି ଯେ ପିଲାଟି ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ମାଧ୍ୟମରେ ଆମ୍ଭେ ଆପଣଙ୍କୁ ହସ୍ତାନ୍ତର କରିବୁ। କିନ୍ତୁ କେନ୍ଦୁଝର ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଆମକୁ ସହଯୋଗ କରୁ ନାହାନ୍ତି ବୋଲି ଜଣାଇଛନ୍ତି। ଉକ୍ତ ନାବାଳକକୁ ଘରକୁ ଫେରାଇ ଆଣିବା ନିମନ୍ତେ କେନ୍ଦୁଝର ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ତତ୍ପରତା ପ୍ରକାଶ କରୁ ନ ଥିବା ଅଭିଯୋଗ କରିଛନ୍ତି। ପାର୍ବତୀ ଗୁଡ଼ିଆ ପୁନର୍ବାର କେନ୍ଦୁଝର ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟକୁ ଆସି ଉକ୍ତ ବାଳକକୁ ଫେରାଇ ଆଣିବାକୁ ନିବେଦନ କରିଛନ୍ତି। ଉକ୍ତ ନାବାଳକକୁ ଘରକୁ ଫେରାଇ ଆଣିବା ସକାଶେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ହସ୍ତକ୍ଷେପ ଦାବି କରି ସେ ଏକ ଦାବିପତ୍ର କେନ୍ଦୁଝର ଜିଲ୍ଲା ପ୍ରଶାସନଙ୍କ ମାଧ୍ୟମରେ ପ୍ରଦାନ ପ୍ରଦାନ କରିଥିବା ଜଣାଯାଇଛି। ଏ ସମ୍ପର୍କରେ କେନ୍ଦୁଝର ଜିଲ୍ଲା ସୁରକ୍ଷା ଅଧିକାରିଣୀଙ୍କୁ ପଚାରିବାରୁ ଆମେ ଘଟଣା ସମ୍ପର୍କରେ ଅବଗତ ଅଛୁ ଓ ଏସଆଇଆରରେ ସମସ୍ୟା ରହିଥିବା କାରଣରୁ ଆମେ ପିଲାକୁ ଫେରାଇ ଆଣିବାରେ ସମସ୍ୟା ସମ୍ମୁଖୀନ ହେଉଛୁ। ଖୁବଶୀଘ୍ର ପିଲାକୁ ଫେରାଇ ଅଣାଯିବ ବୋଲି ସେ କହିଛନ୍ତି।

# ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ +୩ ପରୀକ୍ଷା ଫଳ

## ସୀମାନ୍ତ ମହାବିଦ୍ୟାଳୟ ଛାତ୍ରୀ ଶିବାନୀ ଓ ସାଗରିକାଙ୍କ କୃତିତ୍ୱ





ସାରସକଣା,୭।୫ (ସମିସ): ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର +୩ ସ୍ନାତକ, କଳା ଓ ବିଜ୍ଞାନ ବିଭାଗର ପରୀକ୍ଷାଫଳ ପ୍ରକାଶ ପାଇଛି। ସାରସକଣା ବ୍ଲକସ୍ଥ ସୀମାନ୍ତ ମହାବିଦ୍ୟାଳୟ ଓଡ଼ିଆ ବିଭାଗ ଛାତ୍ରୀ ସୁଶ୍ରୀ ଶିବାନୀ ମହାନ୍ତ ଓ ନୃତତ୍ତ୍ୱ ବିଭାଗ ଛାତ୍ରୀ ସାଗରିକା ମୁର୍ମୁ ଉଭୟ ବିଭାଗରେ ଶ୍ରେଷ୍ଠ ସ୍ନାତକ ଭାବେ ଯୋଗ୍ୟ ବିବେଚିତ ହୋଇ ମହାବିଦ୍ୟାଳୟର ଗୌରବ ବୃଦ୍ଧି କରିଛନ୍ତି। ଛାତ୍ରୀ ଶିବାନୀ ମହାନ୍ତ ଓଡ଼ିଆ ସମ୍ମାନରେ ୮୪.୫୦ ପ୍ରତିଶତ ମାର୍କ ରଖି ରଖିଥିବାବେଳେ ଦରଖୋଳି ଗ୍ରାମର ପିତା ସୀତାନାଥ ମୁର୍ମୁ, ଫୁଲମଣି ସୋରେନଙ୍କ କନ୍ୟା ସୁଶ୍ରୀ ସାଗରିକା ମାଝୀ ନୃତତ୍ତ୍ୱ ସମ୍ମାନ ବିଭାଗରେ ୮୯ ପ୍ରତିଶତ ଓ ସମଗ୍ର ସ୍ନାତକରେ ୮୨ ପ୍ରତିଶତ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। ରାଜାଲୋକାସ୍ଥ ପୁରୁଣାପାଣି ଗ୍ରାମର ରସାନନ୍ଦ ମହାନ୍ତ ଓ ସରସ୍ୱତୀ ମହାନ୍ତଙ୍କ କନ୍ୟା ଶିବାନୀ ପାଠପଢ଼ା ସହିତ ଜଣେ ମେଧାବୀ ଛାତ୍ରୀ ଭାବେ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ସ୍ତରୀୟ କବିତା, ତର୍କ, ପ୍ରବନ୍ଧ ଓ ବକ୍ତୃତା ଆଦିରେ ଭାଗ ନେଇ ଅନେକ ପୁରସ୍କାର ଓ ମାନପତ୍ରର ଅଧିକାରିଣୀ ହୋଇଛନ୍ତି। ଦୁଇ ଛାତ୍ରୀଙ୍କ ଏହି ସଫଳତା ଅନୁଷ୍ଠାନର ଗୌରବ ବୃଦ୍ଧି କରିଥିବା ଅଧକ୍ଷ ପ୍ରହଲ୍ଲାଦ ଅଗସ୍ତି କହିଛନ୍ତି। ଏଥିପାଇଁ ଦୁଇ କୃତୀ ଛାତ୍ରୀ ଓ ବିଭାଗର ସମସ୍ତ ଅଧ୍ୟାପକ ଅଧ୍ୟାପିକାଙ୍କୁ ସଫଳତାର ଶ୍ରେୟ ପ୍ରଦାନ କରିବା ସହ ସେମାନଙ୍କ ପିତାମାତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। କଠିନ ପରିଶ୍ରମ, ଶୁଦ୍ଧ ସଙ୍କଳ୍ପ କେବେ ବ୍ୟର୍ଥ ଯାଏ ନାହିଁ ତାହା ଦୁଇଟି ବିଭାଗର ଛାତ୍ରୀ ପ୍ରମାଣ କରିଛନ୍ତି।ଆଗକୁ ଅନ୍ୟାନ୍ୟ ବିଭାଗର ଛାତ୍ର ଛାତ୍ରୀ ଓ ଅଧ୍ୟାପିକା ଅଧ୍ୟାପକ ଅଧିକ ସଂଖ୍ୟାରେ ଏହି ଗୌରବର ଅଧିକାରୀ ହେବାକୁ ଅଧକ୍ଷ ଆହ୍ୱାନ ଦେଇ ଛାତ୍ରୀ ଦ୍ୱୟଙ୍କ ଉତ୍ତରୋତ୍ତର କାମନା କରିଛନ୍ତି।

## ମାଇକ୍ରୋବାୟୋଲୋଜିରେ ଅଭିପ୍ସା ଟପ୍ପର

ଉଦଳା,୭।୫(ସମିସ): ଚଳିତ ବର୍ଷ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର +୩ ଶେଷବର୍ଷର ପରୀକ୍ଷା ଫଳ ପ୍ରକାଶ ପାଇଛି। ଏଥିରେ ଆରଡିଏସ ଡିଗ୍ରୀ ମହାବିଦ୍ୟାଳୟର ଅଣୁଜୀବ ବିଜ୍ଞାନ ବିଭାଗ ଛାତ୍ରୀ ସୁଶ୍ରୀ ଅଭିପ୍ସା ମହାପାତ୍ର ୧୨୩୨ ନମ୍ବର ରଖି ନିଜ ବର୍ଗରେ ବିଶ୍ୱବିଦ୍ୟାଳୟ ଟପ୍ପର ହୋଇ କଲେଜର ମାନ ବୃଦ୍ଧି କରିଛନ୍ତି। ଉଦଳା ନିକଟସ୍ଥ ଦୁଗୁଧା ଗ୍ରାମର ଅକ୍ଷୟ କୁମାର ମହାପାତ୍ର ଓ ମାତା ସୁଚରିତା ମହାପାତ୍ରଙ୍କ ଝିଅ ଅଭିପ୍ସାଙ୍କ ସଫଳତା ପାଇଁ କଲେଜ ଅଧ୍ୟକ୍ଷ ଡଃ ପ୍ରଦୀପ କୁମାର ଗିରି ଶୁଭେଚ୍ଛା ପ୍ରଦାନ କରିଛନ୍ତି। ଏହି ପରୀକ୍ଷା ଫଳ ପ୍ରକାଶ ପାଇବାପରେ ବିଭିନ୍ନ ମହଲରୁ ତାଙ୍କୁ ଶୁଭେଚ୍ଛା ବାର୍ତ୍ତା ଆସିଛି। ତେବେ ତାଙ୍କ ସଫଳତା ପଛରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ପ୍ରଦୀପ କୁମାର ଗିରିଙ୍କ



ମାର୍ଗଦର୍ଶନ ଓ ବିଭାଗୀୟ ମୁଖ୍ୟ ଅଧ୍ୟାପକ ରାଜେଶ କୁମାର ରାଉତରାୟଙ୍କ ଶିକ୍ଷାଦାନ ଶୈଳୀ, ପ୍ରେରଣା, ଡେମୋନଷ୍ଟ୍ରେଟର ଜିତେନ୍ଦ୍ର କୁମାର ବେହେରାଙ୍କ ତତ୍ତ୍ୱାବଧାନ ସହିତ ପିତାମାତା ଓ ଗୁରୁଜନଙ୍କ ଆଶୀର୍ବାଦ ରହିଛି ବୋଲି ଅଭିପ୍ସା କହିଛନ୍ତି। ତେବେ ତାଙ୍କର ଏହି ସଫଳତାର ଶ୍ରେୟ ସେ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ବାୟୋଟେକ୍ନୋଲୋଜି ବିଭାଗର ପ୍ରଫେସର ଡଃ ବିଶ୍ୱଜିତ ରଥଙ୍କୁ ଦେଇଛନ୍ତି। ଆଗକୁ ଉଚ୍ଚଶିକ୍ଷା ନିମନ୍ତେ ଅଧ୍ୟକ୍ଷ ଡ. ଗିରି, ବିଭାଗୀୟ ଅଧ୍ୟାପକ ଶ୍ରୀ ରାଉତରାୟ ଓ ବିଶ୍ୱବିଦ୍ୟାଳୟ ପ୍ରଫେସର ରଥଙ୍କ ମାର୍ଗଦର୍ଶନରେ ଅନୁପ୍ରାଣିତ ହୋଇ ସ୍ନାତକୋତ୍ତର ଶିକ୍ଷା ସହିତ ଉଚ୍ଚତର ଗବେଷଣା କରି ଅଣୁଜୀବ ବିଜ୍ଞାନୀ ହେବା ପାଇଁ ଲକ୍ଷ୍ୟ ରଖିଛନ୍ତି।

## ଭାବଶଙ୍କର ସାହୁ ଶିକ୍ଷା ବିଭାଗ ଟପ୍ପର

ରାସଗୋବିନ୍ଦପୁର,୭।୫(ସମିସ): ମହାରାଜା ଶ୍ରୀରାମଚନ୍ଦ୍ର ବିଶ୍ୱବିଦ୍ୟାଳୟ ଶିକ୍ଷା ବିଭାଗରେ ନଳଗଜାସ୍ଥ ଉପେନ୍ଦ୍ରନାଥ ମହାବିଦ୍ୟାଳୟ ଛାତ୍ର ଭବଶଙ୍କର ସାହୁ ଟପ୍ପର ହୋଇଛନ୍ତି। ସେ ଅନର୍ସ ପେପରରେ ମୋଟ ୧୪୦୦ ରୁ ୧୨୯୬ ନମ୍ବର ରଖି ଏହି ଗୌରବ ଅର୍ଜନ କରିଛନ୍ତି। ତାଙ୍କର ଏହି ସଫଳତା ପାଇଁ ଉପେନ୍ଦ୍ରନାଥ ମହାବିଦ୍ୟାଳୟର ଅଧ୍ୟାପକ ଅଧ୍ୟାପିକା ଖୁସି ବ୍ୟକ୍ତ କରିବା ସହ ଅନ୍ୟ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ଶୁଭେଚ୍ଛା ଜଣାଇବା ସହ ଭବିଷ୍ୟତରେ ଅଧିକ ସଫଳତା କାମନା କରିଛନ୍ତି। ଏହି ସଫଳତା ପାଇଁ ପରିବାର, ଶିକ୍ଷକ ଓ ସାଙ୍ଗସାଥି ଖୁସି ପ୍ରକାଶ କରିବା ସହ ଅଞ୍ଚଳରେ ଖୁସିର ସୁଅ ଛୁଟିଛି।



## ଅନର୍ସ ଟପ୍ପର ତାଲିକା

| କଳା | | | |
|---|---|---|---|
| ବିଷୟ | ନାମ | ନମ୍ବର | ମହାବିଦ୍ୟାଳୟର ନାମ |
| ନୃତତ୍ତ୍ୱ | ସାଗରିକା ମୁର୍ମୁ | ୧୨୪୭ | ସୀମାନ୍ତ ମହାବିଦ୍ୟାଳୟ ଝାରପୋଖରିଆ |
| ଅର୍ଥଶାସ୍ତ୍ର | ଅଙ୍କିତା ମହାନ୍ତ | ୧୧୭୩ | ଲକ୍ଷ୍ମୀକାନ୍ତ ମହାବିଦ୍ୟାଳୟ ବାଙ୍ଗରିପୋଷି |
| ଶିକ୍ଷା | ଭାବ ଶଙ୍କର ସାହୁ | ୧୨୯୬ | ଉପେନ୍ଦ୍ରନାଥ ମହାବିଦ୍ୟାଳୟ ନଳଗଜ |
| ଇଂରାଜୀ | ତପସ୍ୟା ସାହୁ | ୧୦୭୧ | ଉଦଳା ମହାବିଦ୍ୟାଳୟ |
| ଭୁଗୋଳ | ଶୁଭଶ୍ରୀ ଦେ | ୧୨୭୬ | ବାରିପଦା ସରକାରୀ ମହିଳା ମହାବିଦ୍ୟାଳୟ |
| ହିନ୍ଦୀ | ଦେବସ୍ମିତା ଗିରି | ୧୦୬୯ | ବାରିପଦା ସରକାରୀ ମହିଳା ମହାବିଦ୍ୟାଳୟ |
| ଇତିହାସ | ବିଦ୍ୟୁସ୍ମିତା ଘୋଷ | ୧୧୨୩ | ଉଦଳା ଇନ୍ଦିରାଗାନ୍ଧି ମହିଳା ମହାବିଦ୍ୟାଳୟ। |
| ଗୃହ ବିଜ୍ଞାନ | ସୀତାଲତା ମାରାଣ୍ଡି | ୧୨୫୮ | ବାରିପଦା ସରକାରୀ ମହିଳା ମହାବିଦ୍ୟାଳୟ |
| ଓଡିଆ | ଶିବାନୀ ମହାନ୍ତ | ୧୧୮୩ | ସୀମାନ୍ତ ମହାବିଦ୍ୟାଳୟ ଝାରପୋଖରିଆ |
| ଦର୍ଶନଶାସ୍ତ୍ର | ରଶ୍ମୀରେଖା ବେହେରା | ୧୨୦୪ | ନୁଦୁଡିହା ମେଘାସନ ମହାବିଦ୍ୟାଳୟ |
| ରାଜନୀତି ବିଜ୍ଞାନ | ସ୍ନେହା ସିହ୍ନା | ୧୧୩୬ | ବାରିପଦା ସରକାରୀ ମହିଳା ମହାବିଦ୍ୟାଳୟ |
| ମନସ୍ତତ୍ୱ ବିଜ୍ଞାନ | ସୁସମ୍ପଦା ଦତ | ୧୨୯୯ | ବାରିପଦା ସରକାରୀ ମହିଳା ମହାବିଦ୍ୟାଳୟ |
| ସଂସ୍କୃତ | ଅନୁପମା ମହାନ୍ତ | ୧୧୯୯ | ଠାକୁରମୁଣ୍ଡା ମା' ବାସୁଳୀ ମହାବିଦ୍ୟାଳୟ |
| ସମାଜତତ୍ୱ | ଅମୀୟ ରଞ୍ଜନ ବେହେରା | ୧୨୩୮ | ମାଣିଦା ଏସ୍‌ଏମ୍ ଡିଗ୍ରୀ ମହାବିଦ୍ୟାଳୟ |
| ସାନ୍ତାଳୀ | ଅରବିନ୍ଦ ଟୁଡୁ | ୧୧୪୭ | ଏମ୍‌ସିଏଏମ ବାରିପଦା ମହାବିଦ୍ୟାଳୟ |
| ବିଜ୍ଞାନ | | | |
| ବିଷୟ | ନାମ | ନମ୍ବର | ମହାବିଦ୍ୟାଳୟର ନାମ |
| ଉଦ୍ଭିଦ ବିଜ୍ଞାନ | ଅଙ୍କିତା ଦାସ | ୧୨୪୭ | ବାରିପଦା ମହାବିଦ୍ୟାଳୟ |
| ରସାୟନ ବିଜ୍ଞାନ | ଉନ୍ନତି ବର୍ମା | ୧୧୬୩ | ବାରିପଦା ସରକାରୀ ମହିଳା ମହାବିଦ୍ୟାଳୟ |
| ଜିଓଲୋଜି | ଅର୍ଘ୍ୟରୂପା ମହାକୁଡ | ୧୨୦୭ | ବାରିପଦା ସରକାରୀ ମହିଳା ମହାବିଦ୍ୟାଳୟ |
| ଗଣିତ | ଶୁଭ୍ରଜିତ୍ ପ୍ରଧାନ | ୧୨୫୮ | ବେତନଟୀ ମହାବିଦ୍ୟାଳୟ |
| ପଦାର୍ଥ ବିଜ୍ଞାନ | ବିଉଟୀ ସାହୁ | ୧୨୯୪ | ବାରିପଦା ସରକାରୀ ମହିଳା ମହାବିଦ୍ୟାଳୟ |
| ପ୍ରାଣୀ ବିଜ୍ଞାନ | ଅଭିଷେକ ପାଣିଗ୍ରାହୀ | ୧୨୪୬ | ଉଦଳା ମହାବିଦ୍ୟାଳୟ |
| କମ୍ପ୍ୟୁଟର ବିଜ୍ଞାନ | ରାହୁଲ ବର୍ଣି ସାହୁ | ୧୧୪୭ | ରାଢୋ ଲୁଇପା ଡିଗ୍ରୀ ମହାବିଦ୍ୟାଳୟ |
| ଅଣୁଜୀବ ବିଜ୍ଞାନ | ଶୁଭଶ୍ରୀ ଅଭିପ୍ସା ମହାପାତ୍ର | ୧୨୩୨ | କୁଣ୍ଡାବାଇ ଆରଡିଏସ୍ ଡିଗ୍ରୀ ମହାବିଦ୍ୟାଳୟ |
| ବାଣିଜ୍ୟ | | | |
| ବିଷୟ | ନାମ | ନମ୍ବର | ମହାବିଦ୍ୟାଳୟର ନାମ |
| ବାଣିଜ୍ୟ | ଆଦିତ୍ୟ ରାମ | ୧୧୩୯ | ରାଇରଙ୍ଗପୁର ମହାବିଦ୍ୟାଳୟ |

## ଆଜିର ରାଶିଫଳ

**ମେଷ:** ଅଫିସ୍ କାର୍ଯ୍ୟ ପାଇଁ ଦୂରସ୍ଥାନକୁ ଯାତ୍ରା କରିପାରନ୍ତି। ସଫଳତା ପାଇବା ପାଇଁ କଠିନ ପରିଶ୍ରମ କରିବେ। ପରିବାର ସଦସ୍ୟଙ୍କ ସହିତ ଦିନଟି ହସଖୁସିରେ ଅତିବାହିତ ହେବ। ମାନ ସମ୍ମାନ ବୃଦ୍ଧି ପାଇବ।

**ବୃଷ:** ସାମାଜିକ କାର୍ଯ୍ୟକ୍ରମରେ ଭାଗନେବେ। ସଙ୍ଗୀତ ପ୍ରତି ରୁଚି ବଢ଼ିବ। ମହିଳାମାନେ ଘର କାର୍ଯ୍ୟରେ ବ୍ୟସ୍ତ ରହିବେ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ। ବିଦ୍ୟାର୍ଥୀମାନେ କୃତକାର୍ଯ୍ୟ ହେବେ।

**ମିଥୁନ:** ଦିନଟି ଶୁଭଫଳ ପ୍ରଦାନ କରିବ। ଖର୍ଚ୍ଚ ବଢ଼ିପାରେ। ଯୋଜନା ମୁତାବକ କାମ କରନ୍ତୁ। ଅନ୍ୟମାନଙ୍କୁ ସାହାଯ୍ୟ କରି ପ୍ରଶଂସିତ ହୋଇପାରନ୍ତି। ନୂତନ ଯାନବାହନ କ୍ରୟ ଯୋଗ ରହିଛି।

**କର୍କଟ:** ଅଫିସ କାର୍ଯ୍ୟ ପାଇଁ ଦୂରସ୍ଥାନକୁ ଯାତ୍ରା କରିପାରନ୍ତି। ଯୋଜନା ମୁତାବକ କାମ କରନ୍ତୁ। ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ବିଦ୍ୟାର୍ଥୀ ସଫଳତା ପାଇବା ପାଇଁ କଠିନ ପରିଶ୍ରମ କରିବେ।

**ସିଂହ:** ଯୋଗ ଓ ପ୍ରାଣାୟମରୁ ଦିନଟି ଆରମ୍ଭ କରିବେ। ଅଚାନକ ଧନ ମିଳିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ନୂତନ ବ୍ୟବସାୟ ପାଇଁ ଭଲ ସମୟ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। ମାନସମ୍ମାନ ବୃଦ୍ଧି ପାଇବ।

**କନ୍ୟା:** ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ହୋଇପାରେ। ଯୋଜନା ମୁତାବକ କାମ କରିବେ। ସକାରାତ୍ମକ ଚିନ୍ତା ଠିକ୍ ନିଷ୍ପତ୍ତି ନେବାରେ ସାହାଯ୍ୟ କରିବ। ଉଦ୍ଧାର ଦେଇଥିବା ଟଙ୍କା ଫେରି ପାଇବେ।

**ତୁଳା:** ଅଚାନକ ଖୁସି ଖବର ପାଇବେ। ଦୀର୍ଘ ଦିନର ଆଶା ପୂରଣ ହେବ। ପରିବାର ସଦସ୍ୟଙ୍କ ସହିତ ସମୟ ଅତିବାହିତ ହେବ। ଅତ୍ୟଧିକ କାମକୁ ନେଇ ଚିନ୍ତା ବଢ଼ିପାରେ। ପେଟଜନିତ ସମସ୍ୟା ହୋଇପାରେ।

**ବିଛା:** ସାମାଜିକ କାର୍ଯ୍ୟକ୍ରମରେ ସାମିଲ ରହିବେ। ଲକ୍ଷ୍ୟ ପୂରା ହେବ। କଣ୍ଠଶିଳ୍ପୀଙ୍କ ପାଇଁ ଆଜି ଦିନଟି ବହୁତ ଭଲ। ପୁରୁଣା ନିବେଶରୁ ଲାଭ ମିଳିପାରେ। ପତିପତ୍ନୀଙ୍କ ମଧ୍ୟରେ ଭୁଲ ବୁଝାମଣା ହୋଇପାରେ।

**ଧନୁ:** ଆଜିର ଦିନରେ ବ୍ୟସ୍ତ ରହିପାରନ୍ତି। ଅଟକି ଥିବା ଧନ ଫେରି ପାଇବେ। ବିଦ୍ୟାର୍ଥୀ ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା କରିପାରନ୍ତି। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଚକ୍ଷୁ ସମସ୍ୟା ଭୋଗି ପାରନ୍ତି।

**ମକର:** ଦିନଟି ସୁଖପ୍ରଦାନ କରିବ। ଭାବିଚିନ୍ତି ନିଷ୍ପତ୍ତି ନିଅନ୍ତୁ। ଆୟ ଅନୁସାରେ ଅଧିକ ଖର୍ଚ୍ଚ ହେବ। ଲୋକସମ୍ପର୍କ ବୃଦ୍ଧି ପାଇବ। ଅପ୍ରିୟ ସତ କହି ସମସ୍ୟାରେ ପଡ଼ିପାରନ୍ତି। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**କୁମ୍ଭ:** ନୂତନ ବ୍ୟବସାୟ ଆରମ୍ଭ କରିବାକୁ ବର୍ତ୍ତମାନ ସମୟ ଅନୁକୂଳ। ଅଟକି ଥିବା କାମ ପୂରା ହେବ। ଅଚାନକ ଖୁସି ଖବର ମିଳିପାରେ। ଗୁରୁଜନଙ୍କ ଆଶୀର୍ବାଦ ନେଇ ନୂଆ କାମ ଆରମ୍ଭ କରିବେ।

**ମୀନ:** ସଫଳତା ପାଇବା ପାଇଁ କଠିନ ପରିଶ୍ରମ କରିବାକୁ ପଡ଼ିପାରେ। ଘର ପାଇଁ ମୂଲ୍ୟବାନ ସାମଗ୍ରୀ କିଣିବେ। ଅଯଥା ଖର୍ଚ୍ଚ କରିପାରନ୍ତି। ଆଇଟି କର୍ମଚାରୀଙ୍କ ପାଇଁ ଦିନଟି ଭଲ।

## ଆଜିର ଇତିହାସ

- ୧୯୦୧- ଅଷ୍ଟ୍ରେଲିଆରେ ଲେବର ପାର୍ଟିର ସ୍ଥାପନା।
- ୧୯୨୧- ସ୍ୱିଡେନ୍‌ରେ ମୃତ୍ୟୁଦଣ୍ଡକୁ ଉଚ୍ଛେଦ କରାଗଲା।
- ୧୯୬୨- ରବୀନ୍ଦ୍ର ଭାରତୀ ବିଶ୍ୱବିଦ୍ୟାଳୟର ସ୍ଥାପନା।
- ୧୯୯୭- ଚୀନ୍‌ର ସଦର୍ଣ୍ଣ ଏୟାରଲାଇନ୍ସର ଫ୍ଲାଇଟ୍ ୩୪୫୬ ଦୁର୍ଘଟଣାଗ୍ରସ୍ତ ହେବାରୁ ୩୫ ଜଣଙ୍କ ପ୍ରାଣହାନି।
- ୧୯୯୯- ବାଂଲାଦେଶର ମେଘନା ନଦୀରେ ନୌକା ବୁଡ଼ିଯିବାରୁ ୩୦୦ ଲୋକଙ୍କ ମୃତ୍ୟୁ।



## ବିଶ୍ୱ ରେଡ୍‌କ୍ରସ୍ ଦିବସ

ବିଶ୍ୱ ରେଡ୍‌କ୍ରସ୍ ଦିବସ ପ୍ରତିବର୍ଷ ମେ' ୮ ତାରିଖରେ ପାଳନ କରାଯାଏ। ଅନ୍ତର୍ଜାତୀୟ ରେଡ୍‌କ୍ରସ୍ ଓ ରେଡ୍‌କ୍ରସ୍ ଆନ୍ଦୋଳନର ନୀତି ଓ ଆଦର୍ଶକୁ ସମସ୍ତଙ୍କ ପାଖରେ ପହଞ୍ଚାଇବା ସହ ସମସ୍ତଙ୍କ ପାଇଁ ମାନବିକ କାର୍ଯ୍ୟକୁ ପ୍ରାଥମିକତା ଦେବା ଲାଗି ଏହି ଦିବସର ପରିକଳ୍ପନା କରାଯାଇଛି। ସମାଜ ପ୍ରତି ରେଡ୍‌କ୍ରସ୍‌ର ଅବଦାନକୁ ସ୍ମରଣୀୟ କରିବା ଲାଗି ଏହାର ଅନ୍ତର୍ଜାତୀୟ କମିଟିର ପ୍ରତିଷ୍ଠାତା ଜିନ୍ ହେନେରି ଡୁନାଣ୍ଟଙ୍କ ଜନ୍ମ ଦିନ ମେ' ୮ ତାରିଖରେ ଏହି ଦିବସ ପାଳନ କରାଯାଉଛି। ବିଶ୍ୱରେ ମାନବ କଲ୍ୟାଣ ପାଇଁ କୌଣସି ଭେଦଭାବ ନ କରି ସମସ୍ତଙ୍କୁ ସେବା ଯୋଗାଇ ଦେବା ପାଇଁ ରେଡ୍‌କ୍ରସ୍ ସୋସାଇଟି ଗଠନ କରାଯାଇଥିଲା। ଏହି ସଂଗଠନର ମୂଳ ଉଦ୍ଦେଶ୍ୟ ହେଉଛି କୌଣସି ଯୁଦ୍ଧ, ମହାମାରୀ କିମ୍ବା ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଲୋକଙ୍କୁ ସୁରକ୍ଷା ଦେବା ଏବଂ ସେମାନଙ୍କୁ ଏକ ନୂଆ ଜୀବନ ଦେବା। ରେଡ୍‌କ୍ରସ୍‌ର ଅନ୍ତର୍ଜାତୀୟ କମିଟି ୧୮୬୩ ରେ ପ୍ରତିଷ୍ଠା କରାଯାଇଥିଲା। ଏହାର ମୁଖ୍ୟାଳୟ ସ୍ୱିଜରଲ୍ୟାଣ୍ଡର ଜେନେଭାରେ ଅବସ୍ଥିତ। ପ୍ରଥମ ବିଶ୍ୱଯୁଦ୍ଧ ପରେ ବିଶ୍ୱକୁ ଏକତା ସୂତ୍ରରେ ବାନ୍ଧି ରଖିବା ଓ ଶାନ୍ତି ପ୍ରତିଷ୍ଠା କରିବା ଉଦ୍ଦେଶ୍ୟରେ 'ରେଡ୍‌କ୍ରସ୍ ଟ୍ରୁସ୍' ଅଭିଯାନ ଆରମ୍ଭ କରାଯାଇଥିଲା। ସରକାରୀ ସ୍ତରରେ ରେଡ୍‌କ୍ରସ୍ ଦିବସର ନାମ ବହୁବାର ପରିବର୍ତ୍ତନ କରାଯିବା ପରେ ୧୯୮୪ରେ 'ୱାର୍ଲଡ୍ ରେଡ୍‌କ୍ରସ୍ ଆଣ୍ଡ ରେଡ୍‌କ୍ରିସେଣ୍ଟ ଡେ' ରଖାଯାଇଥିଲା, ଯାହା ଏବେ ଏହି ନାମରେ ପାଳନ କରାଯାଉଛି। ହେନେରି ଡୁନାଣ୍ଟ ପିଲାଟି ଦିନରୁ ସମାଜସେବାରେ ନିଜକୁ ନିୟୋଜିତ ରଖିଥିଲେ। ସେ ମୃତ୍ୟୁ ପର୍ଯ୍ୟନ୍ତ ସମାଜସେବା ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ। ବିଶେଷକରି ପ୍ରାକୃତିକ ବିପର୍ଯ୍ୟୟ ଓ ଯୁଦ୍ଧରେ ପ୍ରଭାବିତ ଲୋକଙ୍କୁ ସାହାଯ୍ୟ କରିବା ସହ ବିଭିନ୍ନ ପ୍ରକାର ଦୁର୍ଘଟଣାରେ ପୀଡ଼ିତ ଲୋକଙ୍କୁ ସାହାଯ୍ୟ ଯୋଗାଇବା ଉଦ୍ଦେଶ୍ୟରେ ସେ ରେଡକ୍ରସ୍ ଗଠନ କରିଥିଲେ। ୧୯୦୧ରେ ପ୍ରଥମେ ତାଙ୍କୁ ନୋବେଲ ଶାନ୍ତି ପୁରସ୍କାର ଦିଆଯାଇଥିଲା। ଭାରତରେ ୧୯୨୦ ମସିହାରେ ଦିଲ୍ଲୀଠାରେ ପ୍ରଥମ ଥର ପାଇଁ ଇଣ୍ଡିଆନ୍ ରେଡ୍‌କ୍ରସ୍ ସୋସାଇଟି ଗଠନ କରାଯାଇଥିଲା। ସେବେଠାରୁ ଦେଶର ସମସ୍ତ ବିପର୍ଯ୍ୟୟରେ ରେଡ୍‌କ୍ରସ୍‌ର ସ୍ୱେଚ୍ଛାସେବୀମାନେ ସେବା ଯୋଗାଇ ଆସୁଛନ୍ତି। ସ୍ୱେଚ୍ଛାସେବୀମାନଙ୍କର ତ୍ୟାଗ, ନିଷ୍ଠା ଓ ନିରବଚ୍ଛିନ୍ନ ସେବା ଯୋଗୁଁ ଆଜି ବିଶ୍ୱର ପ୍ରାୟ ସବୁ ଦେଶରେ ରେଡ୍‌କ୍ରସ୍ ଜନସେବାରେ କାର୍ଯ୍ୟରତ।

## 'କିଙ୍ଗ୍' ଦୀପିକା-ଶାହାରୁଖ୍‌ଙ୍କ ଭିଡିଓ ଲିକ୍

ଶାହାରୁଖ୍ ଖାନ୍ ଓ ଦୀପିକା ପାଦୁ୍ୟକୋନ୍‌ଙ୍କ ଯୋଡ଼ି ବଲିଉଡ୍‌ର ଏକ ଆଇକନିକ୍ ଯୋଡ଼ି ଭାବେ ଜଣାଯାଏ। 'ଓମ୍ ଶାନ୍ତି ଓମ୍', 'ଚେନ୍ନାଇ ଏକ୍ସପ୍ରେସ୍', 'ହ୍ୟାପି ନ୍ୟୁ ଇୟର୍' ଫିଲ୍ମ ପରେ ଏହି ଯୋଡ଼ି ଏବେ 'କିଙ୍ଗ୍'ରେ ଦେଖାଯିବେ। ଝିଅ ଦୁଆ ଜନ୍ମ ହେବା ପରେ ଏହା ଦୀପିକାଙ୍କ ପ୍ରଥମ ଫିଲ୍ମ ହେବ। ଏହି ଫିଲ୍ମ ଘୋଷଣା ହେବା ଠାରୁ ଏହା ସାମାଜିକ ଗଣମାଧ୍ୟମରେ ଟ୍ରେଣ୍ଡ କରୁଛି। ଏଥିରେ ଶାହାରୁଖ୍‌ଙ୍କ ସହ ତାଙ୍କ ଝିଅ ସୁହାନା ଖାନ୍ ବି ନଜର ଆସିବେ। 'କିଙ୍ଗ୍'ର ସୁଟିଂ ଏବେ ଦକ୍ଷିଣ ଆଫ୍ରିକାର କେପ୍‌ଟାଉନ୍‌ରେ ଚାଲିଛି। ଇତିମଧ୍ୟରେ ଫିଲ୍ମର ସେଟ୍‌ରୁ ଏକ ଭିଡିଓ ଲିକ୍ ହୋଇଛି। ଏହାପୂର୍ବରୁ ଏହି ସେଟ୍‌ରୁ କିଛି ଫଟୋ ମଧ୍ୟ ଭାଇରାଲ ହୋଇଥିଲା। ନିର୍ଦ୍ଦେଶକ ସିଦ୍ଧାର୍ଥ ଆନନ୍ଦ ଏହି ଫଟୋଗୁଡ଼ିକ ସେୟାର୍ ନ କରିବା ପାଇଁ ଅନୁରୋଧ କରିଥିଲେ। ଲିକ୍ ହୋଇଥିବା ଭିଡିଓରେ ଶାହାରୁଖ୍ ଓ ଦୀପିକା ସମୁଦ୍ର କୂଳରେ ସୂର୍ଯ୍ୟାସ୍ତ ସମୟରେ ଏକ ରୋମାଣ୍ଟିକ୍ ସିନ୍‌ର ସୁଟ୍ କରୁଛନ୍ତି। ଦୀପିକା ଏକ ଧଳା ରଙ୍ଗର ଗାଉନ୍ ପିନ୍ଧିଥିବାବେଳେ ଶାହାରୁଖ୍ ଏକ ଚେକ୍ ସାର୍ଟ ସହ ଟ୍ରାଉଜର୍ ପିନ୍ଧିଛନ୍ତି। ସିଦ୍ଧାର୍ଥ କୌଣସି ଗୀତର ସୁଟ୍ କରୁଥିବା ଦର୍ଶକେ ଅନୁମାନ କରୁଛନ୍ତି। 'କିଙ୍ଗ୍'ରେ ଦୀପିକା ସୁହାନାଙ୍କ ମା' ଭୂମିକାରେ ନଜର ଆସିବେ ବୋଲି ଚର୍ଚ୍ଚା ହେଉଛି। ହେଲେ ଏନେଇ ଫିଲ୍ମ ନିର୍ମାତା ବିଧିବଦ୍ଧ ଭାବେ କିଛି କହି ନାହାନ୍ତି। 'କିଙ୍ଗ୍'ରେ ଦୀପିକା, ଶାହାରୁଖ୍‌ଙ୍କ ବ୍ୟତୀତ ଅଭିଷେକ ବଚ୍ଚନ, ରାନୀ ମୁଖାର୍ଜୀ, ଅଭିଷେକ ବଚ୍ଚନ, ଅରଶଦ ୱର୍ସି, ଅନୀଲ କପୁର, ଅଭୟ ବର୍ମା ପ୍ରମୁଖ ନଜର ଆସିବେ। ଅଭିଷେକ ବଚ୍ଚନ ଏଥିରେ ଖଳନାୟକ ଭାବେ ଦେଖାଯିବେ।



## ବିଶ୍ୱ ଥାଲାସେମିଆ ଦିବସ



ଥାଲାସେମିଆ ରୋଗ ବିରୋଧରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ମେ' ୮ ତାରିଖରେ ବିଶ୍ୱ ଥାଲାସେମିଆ ଦିବସ ପାଳିତ ହେଉଛି। ଥାଲାସେମିଆ ଏକ ବଂଶଗତ ରକ୍ତ ରୋଗ, ଯେଉଁଥିରେ ଶରୀରରେ ସ୍ୱାଭାବିକଠାରୁ କମ୍ ହିମୋଗ୍ଲୋବିନ୍ ପ୍ରସ୍ତୁତ ହୁଏ। ଏହା ପିତାମାତାଙ୍କଠାରୁ ପିଲାଙ୍କୁ ଆସିଥାଏ ଏବଂ ଏଥିଯୋଗୁଁ ରକ୍ତହୀନତା ଓ ଥକ୍କାପଣ ଦେଖାଦିଏ। ସାଧାରଣତଃ ଦୁଇ ପ୍ରକାରର ଥାଲାସେମିଆ ସମସ୍ୟା ରହିଛି। ଏହାକୁ ଆଲ୍‌ଫା ଏବଂ ବିଟା ଭାବେ ନାମିତ କରାଯାଇଛି। ଲୋହିତ ରକ୍ତ କଣିକା ଶରୀରର ସମସ୍ତ କୋଷକୁ ଅମ୍ଳଜାନ ଯୋଗାଇଥାଏ। ଯେତେବେଳେ ପର୍ଯ୍ୟାପ୍ତ ଲୋହିତ ରକ୍ତ କଣିକା ନ ଥାଏ, ଶରୀରର ଅନ୍ୟ ସମସ୍ତ କୋଷକୁ ପର୍ଯ୍ୟାପ୍ତ ପରିମାଣର ଅମ୍ଳଜାନ ମିଳିପାରେ ନାହିଁ। ଏହି କାରଣରୁ ଦୁର୍ବଳ ଲାଗିବା, ଥକ୍କା ଅନୁଭବ କରିବା, ପେଟରେ ଯନ୍ତ୍ରଣା, ତ୍ୱଚା ହଳଦିଆ ପଡ଼ିବା ଆଦି ସମସ୍ୟା ଦେଖାଯାଏ। ଏହା ରକ୍ତହୀନତାର ଏକ ଅବସ୍ଥା। ଗୁରୁତର ରକ୍ତହୀନତା ଶରୀରର ଅଙ୍ଗଗୁଡ଼ିକ କ୍ଷତି ପହଞ୍ଚାଇବା ସହ ଏହା ମୃତ୍ୟୁର କାରଣ ହୋଇପାରେ। ସାଧାରଣତଃ ସୁସ୍ଥ ମନୁଷ୍ୟ ଶରୀରରେ ଲୋହିତ ରକ୍ତ କଣିବା ୧୨୦ ଦିନ ପର୍ଯ୍ୟନ୍ତ ରହିଥାଏ। ମାତ୍ର ଥାଲାସେମିଆରେ ଆକ୍ରାନ୍ତ ହେଲେ ଏହି ଲୋହିତ ରକ୍ତ କଣିକା ୨୦ ଦିନ ପର୍ଯ୍ୟନ୍ତ ରହେ। ଏହି ରୋଗରେ ଶିକାର ରୋଗୀଙ୍କୁ ଅନେକସ୍ଥଳରେ ରକ୍ତର ଆବଶ୍ୟକତା ପଡ଼ିଥାଏ। ଥାଲାସେମିଆ ରୋଗୀ ପ୍ରଚୁର ପରିମାଣରେ ଆଇରନ୍, ଫଲିକ୍ ଏସିଡ୍ ଖାଦ୍ୟରେ ଖାଇବା ସହ ନିୟମିତ ହିମୋଗ୍ଲୋବିନ୍ ପରୀକ୍ଷା କରାଇବା ଉଚିତ୍। ସେହିଭଳି ବିବାହ ପୂର୍ବରୁ ଏବଂ ଗର୍ଭାବସ୍ଥାରେ ପରୀକ୍ଷା କରାଇ ଏହାକୁ ରୋକାଯାଇ ପାରିବ। ଅଧିକାଂଶ କ୍ଷେତ୍ରରେ ଥାଲାସେମିଆର ସ୍ଥାୟୀ ଚିକିତ୍ସା ସମ୍ଭବ ନୁହେଁ। ଏହି ରୋଗରେ ବ୍ଲଡ୍ ଷ୍ଟେମ୍ ସେଲ୍ ଟ୍ରାନ୍ସପ୍ଲାଣ୍ଟ ଅତ୍ୟନ୍ତ ଉପଯୋଗୀ ହୋଇପାରେ। ଟ୍ରାନ୍ସପ୍ଲାଣ୍ଟର ଆବଶ୍ୟକତା ଥିବା ପ୍ରାୟ ୨୫ ରୁ ୩୦% ରୋଗୀ ନିଜ ପରିବାରରୁ ଏପରି ଦାତା ପାଇଥା'ନ୍ତି, କିନ୍ତୁ ଅବଶିଷ୍ଟ ପୀଡ଼ିତଙ୍କୁ ଟ୍ରାନ୍ସପ୍ଲାଣ୍ଟ ପାଇଁ ବାହ୍ୟ ଦାତାଙ୍କ ଉପରେ ନିର୍ଭର କରିବାକୁ ପଡିଥାଏ। ଯାହା ସହଜ କଥା ନୁହେଁ। ଏହି କାରଣରୁ, ଥାଲାସେମିଆରେ ପୀଡ଼ିତ ଏପରି ଲୋକଙ୍କୁ ବିବାହ ପୂର୍ବରୁ ଏବଂ ସନ୍ତାନ ଯୋଜନା କରିବା ପୂର୍ବରୁ ଆବଶ୍ୟକ ପରୀକ୍ଷା କରିବାକୁ କୁହାଯାଏ। ବାସ୍ତବରେ, ଯଦି ମାତା କିମ୍ବା ପିତାଙ୍କର ଜଣେ କିମ୍ବା ଉଭୟଙ୍କର ଥାଲାସେମିଆ ଥାଏ, ତେବେ ଶିଶୁର ଏହି ରୋଗ ହେବାର ସମ୍ଭାବନା ଯଥେଷ୍ଟ ବୃଦ୍ଧି ପାଇଥାଏ। ଉଚିତ ସମୟରେ ଥାଲାସେମିଆ ରୋଗୀଙ୍କ ଚିକିତ୍ସା କରା ନ ଗଲେ ରୋଗୀ ମୃତ୍ୟୁମୁଖରେ ପଡ଼ିପାରନ୍ତି। 'ବିଶ୍ୱ ଥାଲାସେମିଆ ଦିବସ' ପାଳନ କରିବାର ପଦକ୍ଷେପ ପ୍ରଥମେ ୧୯୯୪ ମସିହାରେ ଥାଲାସେମିଆ ଅନ୍ତର୍ଜାତୀୟ ଫେଡେରେସନ ଦ୍ୱାରା କରାଯାଇଥିଲା। ଏହି ଦିବସ ପାଳନ ଅବସରରେ ଜାତୀୟ, ଅନ୍ତର୍ଜାତୀୟ, ସରକାରୀ ତଥା ଅଣ-ସରକାରୀ ସ୍ୱାସ୍ଥ୍ୟ ସଂଗଠନଗୁଡ଼ିକ ଦ୍ୱାରା ବିଭିନ୍ନ ପ୍ରକାରର କାର୍ଯ୍ୟକ୍ରମ ଏବଂ ସ୍ୱାସ୍ଥ୍ୟ ଶିବିରର ଆୟୋଜନ କରାଯାଏ।

# ସଞ୍ଜୀବନୀ

## ଘର ବଇଦ: ମୂତ୍ରରୋଧର ଉପଚାର

- ଅଙ୍କରାନ୍ତି ଗଛର ରସ ଦୁଇ ତୋଳା ଖାଇବେ।
- କାକୁଡ଼ିମଞ୍ଜି ଦୁଇ ତୋଳା ଅଳ୍ପ ସୈନ୍ଧବ ଲବଣ ମିଶାଇ ଖାଇଲେ ମୂତ୍ରରୋଧ ଦୂର ହୁଏ।
- କାକୁଡ଼ି ମଞ୍ଜି, କବାବଚିନି ଓ ସୋରାକ୍ଷାର ମୁଢ଼ି ପାଣିରେ ବାଟି ତଳି ପେଟରେ ଲେପ ଦେଲେ ପରିସ୍ରା ହୁଏ।
- ଅଁଳାକୁ ବାଟି ତଳି ପେଟରେ ଲେପ ଦେଲେ ମୂତ୍ରରୋଧ ନିବୃତ୍ତ ହୁଏ।
- କଲମୀ ସୋରା ଏକ ଭାଗ, ଫିଟିକିରି ଅର୍ଦ୍ଧଭାଗ ଏକତ୍ର କରି ଲୁହା କରେଇରେ ରଖି ନିଆଁରେ ବସାଇବେ। ତରଳିଗଲେ ଚୁଲୀରୁ ବାହାର କରି ମର୍ଦ୍ଦନ କରି ଶିଶିରେ ରଖିବେ। ମାତ୍ରା –ଅଧତୋଳା ଖାଇ ଗରମ ପାଣି ପିଇଲେ ୧୦/୧୨ ମିନିଟ୍‌ରେ ପରିସ୍ରା ହୁଏ।

(ଲକ୍ଷ୍ମଣ ମିଶ୍ରଙ୍କ ଦ୍ୱାରା ଲିଖିତ ପୁସ୍ତକରୁ ଉଦ୍ଧୃତ)



## ଗାଲାକ୍ଟୋରିଆ

**ଗର୍ଭଧାରଣ ପ୍ରତ୍ୟେକ ମହିଳାଙ୍କ ପାଇଁ ଏକ ଅମୂଲ୍ୟ ଅନୁଭୂତି। ଆସନ୍ନ ପ୍ରସବା ଓ ପ୍ରସୂତୀଙ୍କ ଶରୀରରେ ଅନେକ ପରିବର୍ତ୍ତନ ଦେଖାଦେଇଥାଏ। ପ୍ରୋଲାକ୍ଟିନ୍ ହରମୋନ୍ ବୃଦ୍ଧି ଯୋଗୁଁ ଏହି ସମୟରେ ସ୍ତନରେ ଦୁଗ୍ଧ ସଂଚାର ହୋଇଥାଏ। ହେଲେ ୨୦ରୁ ୨୫% ମହିଳାଙ୍କର ବିନା ଗର୍ଭଧାରଣରେ ବି ସ୍ତନରୁ ଅସ୍ୱାଭାବିକ ଭାବେ କ୍ଷୀର ନିର୍ଗତ ହୁଏ। ଏହା କୌଣସି ରୋଗ ନ ହେଲେ ବି ଶାରୀରିକ ସମସ୍ୟାର ସଙ୍କେତ ଦେଇଥାଏ। ଡାକ୍ତରୀ ଭାଷାରେ ଏହାକୁ ଗାଲାକ୍ଟୋରିଆ କୁହାଯାଏ।**



ପ୍ରୋଲାକ୍ଟିନ୍ ପିଟ୍ୟୁଟାରି ଗ୍ରନ୍ଥିରୁ ନିର୍ଗତ ଏକ ଗୁରୁତ୍ୱପୂର୍ଣ୍ଣ ହରମୋନ୍। ଏହି ହରମୋନ୍ ଗର୍ଭାବସ୍ଥା ସମୟରେ ସ୍ତନ ଟିସୁର ବିକାଶ ଏବଂ ସ୍ତନ୍ୟପାନ ପାଇଁ ସ୍ତନକୁ ପ୍ରସ୍ତୁତ କରିବାରେ ସାହାଯ୍ୟ କରେ। ହେଲେ ବିନା ଗର୍ଭଧାରଣ ସତ୍ତ୍ୱେ ଯେଉଁମାନଙ୍କ ଶରୀରରେ ପ୍ରୋଲାକ୍ଟିନ୍ ହରମୋନ୍ ମାତ୍ରାଧିକ ବଢ଼ିଯାଏ, ସେମାନଙ୍କଠାରେ ଗାଲାକ୍ଟୋରିଆ ଦେଖାଯାଏ। ଅତ୍ୟଧିକ ଚିନ୍ତା, ଅବସାଦ, ହରମୋନ୍ ଅସନ୍ତୁଳନ, ଦୀର୍ଘ ସମୟ ଧରି ଉଚ୍ଚ ରକ୍ତଚାପ, ବାନ୍ତି ଓ ଜନ୍ମନିୟନ୍ତ୍ରଣ ଔଷଧ ସେବନର ପାର୍ଶ୍ୱପ୍ରତିକ୍ରିୟା ଏହାର ଏକ ପ୍ରମୁଖ କାରଣ ହୋଇପାରେ। ହାଇପୋଥେଲେମସ୍ ରୋଗ, ଥାଇରଏଡ୍, ନିଦ୍ରାହୀନତା ଆଦି ଗାଲାକ୍ଟୋରିଆ ହେବାର ମଧ୍ୟ ଅନ୍ୟାନ୍ୟ କାରଣ। ତେଣୁ ଗାଲାକ୍ଟୋରିଆ ହେଲେ ମାସିକ ଋତୁସ୍ରାବ ଅନିୟମିତ ହେବା ସହ ଗର୍ଭଧାରଣରେ ସମସ୍ୟା ହୁଏ। ସ୍ତନ କୋଷ ବଢ଼ିଯିବା, କେଶ ଝଡ଼ିବା, ବିଚଳିତ ଲାଗିବା, ଗର୍ଭଧାରଣ ନ କରିବା ସତ୍ତ୍ୱେ ବି ସ୍ତନରୁ ଅସ୍ୱାଭାବିକ ଭାବେ କ୍ଷୀର ଆସିବା, ମୁଣ୍ଡ ବିନ୍ଧିବା ଏବଂ ଯୌନ ଇଚ୍ଛା କମିଯିବା ପରି ଲକ୍ଷଣ ଦେଖା ଯାଇଥାଏ।

ଏହି ରୋଗର ସଠିକ୍ କାରଣ ଜାଣିବା ପାଇଁ ଡାକ୍ତରଙ୍କ ପରାମର୍ଶରେ ଏମ୍‌ଆର୍‌ଆଇ, ପ୍ରୋଲାକ୍ଟିନ୍ ଏବଂ ଟିଏସ୍‌ଏଚ୍ (ଥାଇରଏଡ) ପରୀକ୍ଷା ପାଇଁ ରକ୍ତ ପରୀକ୍ଷା କରାଯାଏ। ରୋଗର କାରଣ ଉପରେ ଚିକିତ୍ସା ନିର୍ଭର କରିଥାଏ। ଏହାସହ ଜୀବନଶୈଳୀରେ ପରିବର୍ତ୍ତନ ଆଣିବା ଏକାନ୍ତ ଆବଶ୍ୟକ। ଯେପରିକି ଟାଇଟ୍ ପୋଷାକ ଓ ଅନ୍ତଃବସ୍ତ୍ର ପିନ୍ଧିବା ଅନୁଚିତ। ଚିନ୍ତାମୁକ୍ତ ରହିବା ସହ ଦିନକୁ ୭ରୁ ୮ ଘଣ୍ଟା ଶୋଇବା, ହରମୋନ୍ ଅସନ୍ତୁଳନ ପାଇଁ ଉପଯୁକ୍ତ ଔଷଧ ସେବନ କରିବା ଏକାନ୍ତ ଆବଶ୍ୟକ। ସ୍ତନରୁ ଅଠାଳିଆ ପାଣି, ହଳଦିଆ କିମ୍ବା ରକ୍ତ ମିଶାତରଳ ବାହାରୁଥିଲେ ତୁରନ୍ତ ଡାକ୍ତରଙ୍କୁ ଯୋଗାଯୋଗ କରିବା ଆବଶ୍ୟକ। କାରଣ ଏହା ସ୍ତନ କର୍କଟର ଲକ୍ଷଣ ମଧ୍ୟ ହୋଇପାରେ।



## 'ସକାଳ'ର ସ୍ୱାସ୍ଥ୍ୟ: ଘାତକ ମିଳିମିଳା

### କାରଣ, ଲକ୍ଷଣ ଏବଂ ସତର୍କତା

**ଗ୍ରୀଷ୍ମଋତୁରେ ସାଧାରଣତଃ ଅନେକ ଭୂତାଣୁଜନିତ ରୋଗ ବ୍ୟାପିଥାଏ, ସେଥିମଧ୍ୟରୁ 'ମିଳିମିଳା' ହେଉଛି ଅନ୍ୟତମ। ଏହା ପାରାମିକ୍ସୋ (Paramyxo) ଭୂତାଣୁ ଦ୍ୱାରା ବ୍ୟାପୁଥିବା ଏକ ଘାତକ ସଂକ୍ରାମକ ରୋଗ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ମଧ୍ୟ ଏହି ରୋଗକୁ ନେଇ ସତର୍କ କରାଇଛନ୍ତି। ନିକଟରେ ବାଂଲାଦେଶରେ ମିଳିମିଳାକୁ ନେଇ ସାରା ବିଶ୍ୱରେ ଆତଙ୍କ ଜାରି ରହିଛି। ବିଶେଷ କରି ଛୋଟ ପିଲା, ଯେଉଁମାନଙ୍କର ରୋଗପ୍ରତିରୋଧକ ଶକ୍ତି କମ୍ ଥାଏ ଏବଂ ଭିଟାମିନ୍ ଏ ର ଅଭାବ ଥାଏ, ସେମାନଙ୍କ ପାଇଁ ଏହି ରୋଗ ଅଧିକ ବିପଜ୍ଜନକ। ତେଣୁ ଏହି ରୋଗ ବିଷୟରେ ସଠିକ୍ ତଥ୍ୟ ଜାଣିବା ଏବଂ ସତର୍କ ରହିବା ଏକାନ୍ତ ଆବଶ୍ୟକ।**

ମିଳିମିଳା ମୁଖ୍ୟତଃ ବାୟୁ ମାଧ୍ୟମରେ ଖୁବ୍ ଶୀଘ୍ର ବ୍ୟାପିଥାଏ। ଜଣେ ସଂକ୍ରମିତ ରୋଗୀ ଛିଙ୍କିବା, କାଶିବା ବା ଛେପ ପକାଇବା ସମୟରେ ବାହାରୁଥିବା କ୍ଷୁଦ୍ର କଣିକା (Droplets) ମାଧ୍ୟମରେ ଏହି ଭୂତାଣୁ ଅନ୍ୟ ସୁସ୍ଥ ଲୋକଙ୍କ ଶରୀରରେ ପ୍ରବେଶ କରିଥାଏ। ଏହି ଭୂତାଣୁ ଶରୀରରେ ପ୍ରବେଶ କରିବାର ୧୦ରୁ ୧୨ ଦିନ ମଧ୍ୟରେ ରୋଗର ଲକ୍ଷଣ ପ୍ରକାଶ ପାଏ। ଏହାର ପ୍ରମୁଖ ଲକ୍ଷଣଗୁଡ଼ିକ ହେଲା- ପ୍ରବଳ ଜ୍ୱର ଏବଂ ଶରୀରରେ ଯନ୍ତ୍ରଣା ହେବା, ଆଖି ନାଲି ପଡ଼ିବା ଏବଂ ଫୁଲିବା, ଗଳା ସଂକ୍ରମଣ ହେବା, ପାଟି ଭିତରେ ଧଳା ଦାଗ ଦେଖାଯିବା, ପୂରା ଶରୀରରେ ନାଲି ରଙ୍ଗର ଦାନା ବାହାରିବା।



**ରୋଗର ଜଟିଳତା:** ସମୟ ସୁଦ୍ଧା ଚିକିତ୍ସା ନହେଲେ ମିଳିମିଳା ଭୟଙ୍କର ରୂପ ନେଇପାରେ। ଏହାଦ୍ୱାରା ନିମୋନିଆ, ଡାଇରିଆ, ଦୃଷ୍ଟିଶକ୍ତି ହ୍ରାସ ପାଇବା, ମସ୍ତିଷ୍କ ସଂକ୍ରମଣ ଭଳି ଗମ୍ଭୀର ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହୋଇପାରେ। ତେଣୁ ଲକ୍ଷଣ ଦେଖାଦେବା ମାତ୍ରେ ବିଳମ୍ବ ନ କରି ଡାକ୍ତରଙ୍କ ସହିତ ଯୋଗାଯୋଗ କରନ୍ତୁ ଏବଂ ଆବଶ୍ୟକ ରକ୍ତ ପରୀକ୍ଷା କରାନ୍ତୁ।

**ପ୍ରତିକାର ଏବଂ ସତର୍କତା**

ଏହି ରୋଗରୁ ବର୍ତ୍ତିବାର ସବୁଠାରୁ ଶ୍ରେଷ୍ଠ ଓ ଫଳପ୍ରଦ ଉପାୟ ହେଉଛି ଟିକାକରଣ। ପିଲାମାନଙ୍କୁ ସଠିକ୍ ସମୟରେ ମିଳିମିଳା ଟିକା ନିଶ୍ଚିତ ଭାବରେ ଦିଅନ୍ତୁ। ଆକ୍ରାନ୍ତ ବ୍ୟକ୍ତିଙ୍କ ସଂସ୍ପର୍ଶରେ ଆସିବାରୁ ବିରତ ରୁହନ୍ତୁ। ରୋଗୀଙ୍କୁ ସୁସ୍ଥ ବ୍ୟକ୍ତି ବିଶେଷ କରି ଗର୍ଭବତୀ ମହିଳା ଓ ଛୋଟ ପିଲାଙ୍କଠାରୁ ଅଲଗା ରଖିବା ଉଚିତ। ରୋଗୀଙ୍କୁ ପର୍ଯ୍ୟାପ୍ତ ବିଶ୍ରାମ ନେବାକୁ ଦିଅନ୍ତୁ। ଶରୀରରେ ଜଳୀୟଅଂଶ ସଠିକ୍ ରଖିବା ପାଇଁ ପ୍ରଚୁର ପରିମାଣରେ ପାଣି, ପଇଡ଼ ଏବଂ ଫଳ ରସ ପିଇବାକୁ ଦିଅନ୍ତୁ। ତେଲ ଏବଂ ମସଲାଯୁକ୍ତ ଖାଦ୍ୟ ବଦଳରେ ସହଜରେ ହଜମ ହେଉଥିବା ହାଲୁକା ଓ ପୁଷ୍ଟିକର ଖାଦ୍ୟ ଖାଇବାକୁ ଦିଅନ୍ତୁ।

## ମେଟଫର୍ମିନର ପାର୍ଶ୍ୱ ପ୍ରତିକ୍ରିୟା

ଆଜିକାଲି ଘରେ ଘରେ ମଧୁମେହ ରୋଗୀ। ମଧୁମେହ ପାଇଁ ରୋଗୀମାନେ ବିଭିନ୍ନ ପ୍ରକାର ଟାବଲେଟ୍ ଏବଂ ଇନ୍‌ସୁଲିନ୍ ବ୍ୟବହାର କରିଥାନ୍ତି। ଔଷଧଗୁଡିକ ମୁଖ୍ୟତଃ ଆଗ୍ନେଶୟରୁ ଇନ୍‌ସୁଲିନ୍ କ୍ଷରଣ କରିବାରେ ସାହାଯ୍ୟ କରିଥାଏ। ତେବେ ରୋଗୀମାନଙ୍କ ବ୍ୟବହାର ପାଇଁ କିଛି ଔଷଧକୁ ଅନୁମତି ଦିଆଯାଇଛି। ସେମିତି ଏକ ଔଷଧ ହେଉଛି ମେଟ୍‌ଫର୍ମିନ। ମେଟଫର୍ମିନ ଟାଇପ୍ ୨ ମଧୁମେହ ଚିକିତ୍ସା ପାଇଁ ସବୁଠୁ ଅଧିକ ବ୍ୟବହାର କରାଯାଉଥିବା ଔଷଧ। ଏହା ଶରୀରରେ ରକ୍ତ ଶର୍କରାସ୍ତରକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରେ। ପ୍ରାକ୍ ମଧୁମେହ ହେବାରୁ ସୁରକ୍ଷା ଦେବା ସହ ଓଜନ ନିୟନ୍ତ୍ରଣ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଏ। ଏହାସହ ପିସିଓଏସ୍ ପୀଡ଼ିତ ମହିଳାଙ୍କଠାରେ ମାସିକ ଋତୁସ୍ରାବକୁ ନିୟମିତ କରିବା ଏବଂ ଇନ୍‌ସୁଲିନ୍ ପ୍ରତିରୋଧକୁ କମ୍ କରିବା ପାଇଁ ଏହା ଉପଯୋଗୀ। ମେଟଫର୍ମିନକୁ ଖାଇବା ସହିତ କିମ୍ବା ଖାଇବା ପରେ ନେବା ଉଚିତ। ତେବେ ମେଟ୍‌ଫର୍ମିନ ସେବନର କିଛି ପାର୍ଶ୍ୱ ପ୍ରତିକ୍ରିୟା ଦେଖାଯାଇଥାଏ। ଯେପରିକି ପାଚନ ସମ୍ବନ୍ଧୀୟ ସମସ୍ୟା, ବାନ୍ତି, ଝାଡ଼ା, ମାଂସପେଶୀ ଯନ୍ତ୍ରଣା, ନିଃଶ୍ୱାସ ନେବାରେ ସମସ୍ୟା, ଭିଟାମିନ୍ ବି-୧୨ର ଅଭାବ, ପେଟ ଯନ୍ତ୍ରଣା, ଭୋକ କମ୍ ଲାଗିବା, ଗ୍ୟାସ୍ ଆଦି ପାର୍ଶ୍ୱ ପ୍ରତିକ୍ରିୟା ଦେଖାଯାଇଥାଏ। ତେଣୁ ସର୍ବଦା ଡାକ୍ତରଙ୍କ ପରାମର୍ଶ ଅନୁସାରେ ଏହି ଔଷଧ ସେବନ କରିବା ଆବଶ୍ୟକ। ବୃକ୍କ କିମ୍ବା ଯକୃତ ଜନିତ ସମସ୍ୟା ରହିଥିଲେ, ଗର୍ଭବତୀ କିମ୍ବା ସ୍ତନ୍ୟପାନ କରୁଥିବା ମହିଳା ଡାକ୍ତରଙ୍କ ପରାମର୍ଶରେ ଏହି ଔଷଧ ସେବନ କରିବା ଉଚିତ। ପାର୍ଶ୍ୱ ପ୍ରତିକ୍ରିୟା ଅଧିକ ହେଲେ ତୁରନ୍ତ ଡାକ୍ତରଙ୍କୁ ପରାମର୍ଶ କରିବା ଆବଶ୍ୟକ।



## ଏଲ୍ଏସ୍ଜି ବନାମ ଆର୍ସିବି ମୁକାବିଲାରେ ବର୍ଷା ବାଧକ

# ମିଚେଲ ମାର୍ଶଙ୍କ ବିସ୍ଫୋରକ ବ୍ୟାଟିଂ

ରାୟପୁର,୭।୫(ଏଜେନ୍ସି):



ଆର୍ସିବି (ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ) ବନାମ ଏଲ୍ଏସ୍ଜି (ଲକ୍ଷ୍ନୌ ସୁପର ଜାଏଣ୍ଟସ) ମଧ୍ୟରେ ଏଠାରେ ଆଜି ଖେଳାଯିବାକୁ ଥିବା ଆଇପିଏଲ୍-୨୦୨୬ରୁ ୫୦ତମ ଲିଗ୍ ମ୍ୟାଚ୍ ବର୍ଷା ଯୋଗୁଁ ଖେଳ ବାଧାପ୍ରାପ୍ତ ହୋଇଛି। ଏହି ମ୍ୟାଚ୍‌ରେ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିବାକୁ ଆମନ୍ତ୍ରିତ ହୋଇଥିବା ଏଲ୍ଏସ୍ଜି ୯ ଓଭରରେ କୌଣସି ୱିକେଟ ନ ହରାଇ ୯୫ ରନ୍ କରିଥିଲାବେଳେ ଜୋରରେ ବର୍ଷା ହେବାରୁ ଖେଳକୁ ବନ୍ଦ ରଖାଯାଇଥିଲା। ଏହି ସମୟରେ ଦଳର ଓପନର ମିଚେଲ ମାର୍ଶ ୭୬ ଓ ମହାରାଷ୍ଟ୍ରର ଯୁବ ଖେଳାଳି ଅର୍ଶିନ କୁଲକର୍ଣ୍ଣି ୧୭ ରନ୍‌ରେ ବ୍ୟାଟିଂ କରୁଥିଲେ। ଚଳିତ ଟୁର୍ଣ୍ଣାମେଣ୍ଟରେ ଅଷ୍ଟ୍ରେଲିଆ ଦିନିକିଆ ଦଳର ଅଧିନାୟକ ମାର୍ଶଙ୍କର ଏହା ଦ୍ୱିତୀୟ ଅର୍ଦ୍ଧଶତକ। ମାତ୍ର ୨୦ ବଲ୍‌ରେ ୫୦ ରନ୍ ପୂରଣ କରିଥିବା ମାର୍ଶ ଖେଳ ବନ୍ଦ ରହିଲା ବେଳକୁ ୩୨ବଲ୍‌ର ସାମ୍ନା କରି ୭ଟି ଲେଖାଏଁ ଚୌକା ଓ ଛକା ସହ ୭୬ରନ୍‌ରେ ବ୍ୟାଟିଂ କରୁଥିଲେ। ଆଇପିଏଲ୍‌ରେ ମାତ୍ର ତୃତୀୟ ମ୍ୟାଚ୍ ଖେଳୁଥିବା ୨୧ବର୍ଷୀୟ କୁଲକର୍ଣ୍ଣି ୨୨ବଲ୍ ଖେଳି ୧୭ ରନ୍ କରିଥିଲେ। ଏମାନେ ପ୍ରଥମ ୱିକେଟରୁ ୯୫ ରନ୍ ସଂଗ୍ରହ କରିବା ଚଳିତବର୍ଷ ଏଲ୍ଏସ୍ଜି ଲାଗି ସର୍ବାଧିକ। ସେହିପରି ଏହି ଦଳ ମଧ୍ୟ ଚଳିତବର୍ଷ ଏଠାରେ ପାୱାର ପ୍ଲେ'ରେ ପ୍ରଥମଥର ୱିକେଟ ହରାଇ ନାହିଁ। ମୋଟାମୋଟି କହିବାକୁ ଗଲେ ଏଲ୍ଏସ୍ଜି ଏଠାରେ ଭଲ ବ୍ୟାଟିଂ ପ୍ରଦର୍ଶନ କରିଛି। ମିଚେଲ ମାର୍ଶଙ୍କ ବିସ୍ଫୋରକ ବ୍ୟାଟିଂ ଯୋଗୁ ଏହା ସମ୍ଭବ ହୋଇଛି। ଏହି ମ୍ୟାଚ୍‌ରେ ପ୍ରଥମେ ଇନିଂସ ଦ୍ୱିତୀୟ ଓଭରରେ ସାମାନ୍ୟ ବର୍ଷା ହୋଇଥିଲା। ଅଳ୍ପସମୟ ପରେ ଖେଳ ଆରମ୍ଭ ହୋଇଥିଲା। କିନ୍ତୁ ୯ମ ଓଭର ଶେଷରେ ବର୍ଷାର ପରିମାଣ ବୃଦ୍ଧି ପାଇଥିଲା। ରାତି ୮ଟା ୨୨ରେ ଦ୍ୱିତୀୟଥର ବର୍ଷା ହେବାରୁ ଖେଳକୁ ବନ୍ଦ ରଖାଯାଇଥିଲା।

ଏହି ମୁକାବିଲା ପୂର୍ବରୁ ଆର୍ସିବି ୯ଟି ମ୍ୟାଚ୍‌ରୁ ୬ଷ୍ଠ ବିଜୟ ସହ ୧୨ପଏଣ୍ଟ ପାଇ ଟେବୁଲର ତୃତୀୟ ସ୍ଥାନରେ ରହିଥିଲା। ଅନ୍ୟପକ୍ଷରେ ଏଲ୍ଏସ୍ଜି ସମାନ ସଂଖ୍ୟକ ମ୍ୟାଚ୍ ଖେଳି ୨ ବିଜୟ ଓ ୭ ପରାଜୟ ସହ ୪ପଏଣ୍ଟ ପାଇ ୧୦ଟି ଦଳ ମଧ୍ୟରେ ୧୦ମ ତଥା ଶେଷ ସ୍ଥାନରେ ରହିଛି।

## ଟେବୁଲ ଶୀର୍ଷରେ ହାଇଦରାବାଦ୍

ହାଇଦରାବାଦ୍: ଇଶାନ କିଶାନ (୩୨ବଲ୍‌ରେ ୫୫) ଓ ହେନ୍‌ରିକ୍ କ୍ଲାସେନ (୪୩ବଲ୍‌ରେ ୬୯)ଙ୍କ ବିସ୍ଫୋରକ ଅର୍ଦ୍ଧଶତକ ବଳରେ ପଞ୍ଜାବ କିଙ୍ଗସକୁ ୩୩ରନ୍‌ରେ ହରାଇ ସନ୍‌ରାଇଜର୍ସ ହାଇଦରାବାଦ୍ ଚଳିତ ଆଇପିଏଲ୍ ପଏଣ୍ଟ ଟେବୁଲର ଶୀର୍ଷସ୍ଥାନ ହାସଲ କରିଥିଲା। ବୁଧବାର ଖେଳାଯାଇଥିବା ୪୯ତମ ଲିଗ୍ ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ହାଇଦରାବାଦ୍ ୪ୱିକେଟ ହରାଇ ୨୩୫ରନ୍ କରିଥିଲା। ଜବାବରେ କୁପର କନୋଲିଙ୍କ ଅପରାଜିତ ୧୦୭ ରନ୍ ବଳରେ ପଞ୍ଜାବ ୭ ୱିକେଟରେ ୨୦୨ ରନ୍ କରିଥିଲା। ହାଇଦରାବାଦ୍ ଏକାଦଶ ମୁକାବିଲାରୁ ୭ମ ବିଜୟ ସହ ୧୪ ପଏଣ୍ଟ ସଂଗ୍ରହ କରି ଟେବୁଲର ପ୍ରଥମ ସ୍ଥାନକୁ ଉନ୍ନୀତ ହୋଇଥିଲା।

### ଆଇପିଏଲ୍ ପଏଣ୍ଟ ଟେବୁଲ୍

| ଦଳ | ମ୍ୟା. | ବି. | ପ. | ବା. | ପ. | ଏନ୍ଆର୍ଆର୍ |
|---|---|---|---|---|---|---|
| ହାଇଦରାବାଦ | ୧୧ | ୭ | ୪ | ୦ | ୧୪ | +୦.୭୩୭ |
| ପଞ୍ଜାବ | ୧୦ | ୬ | ୩ | ୧ | ୧୩ | +୦.୫୭୧ |
| ବେଙ୍ଗାଲୁରୁ* | ୯ | ୬ | ୩ | ୦ | ୧୨ | +୧.୪୨୦ |
| ରାଜସ୍ଥାନ | ୧୦ | ୬ | ୪ | ୦ | ୧୨ | +୦.୫୧୦ |
| ଗୁଜରାଟ | ୧୦ | ୬ | ୪ | ୦ | ୧୨ | -୦.୧୪୭ |
| ଚେନ୍ନଇ | ୧୦ | ୫ | ୫ | ୦ | ୧୦ | +୦.୧୫୧ |
| ଦିଲ୍ଲୀ | ୧୦ | ୪ | ୬ | ୦ | ୮ | -୦.୯୪୯ |
| କୋଲକାତା | ୯ | ୩ | ୫ | ୧ | ୭ | -୦.୫୩୯ |
| ମୁମ୍ବଇ | ୧୦ | ୩ | ୭ | ୦ | ୬ | -୦.୬୪୯ |
| ଲକ୍ଷ୍ନୌ* | ୯ | ୨ | ୭ | ୦ | ୪ | -୧.୦୭୬ |

ବି.ଦ୍ର.: ମ୍ୟା-ମ୍ୟାଚ୍, ବି- ବିଜୟ, ପ- ପରାଜୟ, ବା- ବାତିଲ, ପ- ପଏଣ୍ଟ

### ଆଜିର ଆଇପିଏଲ୍ ମ୍ୟାଚ୍

ଦିଲ୍ଲୀ ବନାମ କୋଲକାତା
ଭେନ୍ୟୁ - ଦିଲ୍ଲୀ
ଖେଳ ଆରମ୍ଭ : ରାତି ୭.୩୦
ପ୍ରସାରଣ : ଷ୍ଟାର ସ୍ପୋର୍ଟ୍ସ, ଜିଓହଟ୍‌ଷ୍ଟାର

## ଆଇପିଏଲ୍ ଖେଳୁଥିବା ଅଷ୍ଟ୍ରେଲୀୟ ପାକିସ୍ତାନ ସହ ଦିନିକିଆ ଖେଳିବେନି

ମେଲବୋର୍ଣ୍ଣ,୭।୫(ଏଜେନ୍ସି): ଚଳିତମାସ ଶେଷରେ ପାକିସ୍ତାନ ସହ ଅଷ୍ଟ୍ରେଲିଆ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ଖେଳିବ। ଭାରତରେ ଆଇପିଏଲ୍ ଖେଳୁଥିବା ଅଷ୍ଟ୍ରେଲୀୟ ଖେଳାଳିଙ୍କୁ ଏହି ଦିନିକିଆ ସିରିଜ୍‌ରେ ଖେଳିବାକୁ ଅନୁମତି ମିଳିବ ନାହିଁ ବୋଲି କ୍ରିକେଟ ଅଷ୍ଟ୍ରେଲିଆ ପକ୍ଷରୁ ଘୋଷଣା କରାଯାଇଛି। ଚଳିତବର୍ଷ ଆଇପିଏଲ୍‌ରେ ଅଷ୍ଟ୍ରେଲିଆ ପକ୍ଷରୁ ଦିନିକିଆ ଅଧିନାୟକ ପ୍ୟାଟ କମିନ୍ସ, କାମଚଳା ଅଧିନାୟକ ମିଚେଲ ମାର୍ଶ, ଟ୍ରାଭିସ ହେଡ୍, ଟିମ୍ ଡେଭିଡ୍, ଜୋଶ ହାଜ୍‌ଲେଉଡ୍, ମିଚେଲ ଷ୍ଟାର୍କ, କାମେରନ ଗ୍ରୀନ୍, ଜୋଶ ଇଂଲିଶ, ମାର୍କସ ଷ୍ଟୋଇନିସ୍, ମାଥ୍ୟୁ ସର୍ଟ, କୁପର କନ୍ନୋଲୀ, ଜାଭିୟର ବାର୍ଟଲେଟ୍ ଖେଳୁଛନ୍ତି। ଅଷ୍ଟ୍ରେଲିଆ-ପାକ୍ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ମେ ୩୦, ଜୁନ୍ ୨ ଓ ୪ରେ ପାକିସ୍ତାନରେ ଖେଳାଯିବ। ଏଥିଲାଗି ଅଷ୍ଟ୍ରେଲିଆ ଦଳ ମେ ୨୩ରେ ପାକିସ୍ତାନରେ ପହଞ୍ଚିବ। ଆଇପିଏଲ୍‌ର ଲିଗ୍ ପର୍ଯ୍ୟାୟ ମ୍ୟାଚ୍ ମେ ୨୪ରେ ଶେଷ ହେବ। ଅର୍ଥାତ୍ ଆଇପିଏଲ୍‌ରେ ଖେଳୁଥିବା ୧୦ଟି ଦଳ ମଧ୍ୟରୁ ୬ଟି ଦଳର ଖେଳ ଶେଷ ହୋଇଯିବ। ଏହା ପରେ କିଛି ଖେଳାଳି ଟୁର୍ଣ୍ଣାମେଣ୍ଟରୁ ଛାଡ଼ ପାଇବେ। ଲିଗ୍ ପର୍ଯ୍ୟାୟ ଶେଷ ହେବାପରେ ମେ ୨୬, ୨୭, ୨୯ରେ ପ୍ଲେ ଅଫ୍ ଓ ୩୧'ରେ ଫାଇନାଲ ମ୍ୟାଚ୍ ଖେଳାଯିବ। ଏହି ପର୍ଯ୍ୟାୟରେ କମିନ୍ସ, ହେଡ୍, ହାଜ୍‌ଲେଉଡ୍, ବାର୍ଟଲେଟ ଓ କନୋଲୀଙ୍କ ପରି ଖେଳାଳି ତିଷ୍ଠି ରହିବେ। କ୍ରିକେଟ ଅଷ୍ଟ୍ରେଲିଆ ପକ୍ଷରୁ ପାକିସ୍ତାନ ସିରିଜ୍ ଲାଗି ଖେଳାଳି ତାଲିକା ଘୋଷଣା କରିନାହିଁ।

## ୨୦୦ ମ୍ୟାଚ୍ ଖେଳିବାରେ ଭୁବନେଶ୍ୱର ପ୍ରଥମ ଦ୍ରୁତ ବୋଲର

ଲକ୍ଷ୍ନୌ, ୭।୫ (ଏଜେନ୍ସି): ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍ସିବି)ର ଦ୍ରୁତ ବୋଲର ଭୁବନେଶ୍ୱର କୁମାର ଆଇପିଏଲ୍‌ରେ ଏକ ବଡ଼ କୀର୍ତ୍ତିମାନ ସ୍ଥାପନ କରିଛନ୍ତି। ଆଇପିଏଲ୍ ଇତିହାସରେ ପ୍ରଥମ ଦ୍ରୁତ ବୋଲର ଭାବେ ସେ ୨୦୦ ମ୍ୟାଚ୍ ଖେଳିଛନ୍ତି। ଗୁରୁବାର ଲକ୍ଷ୍ନୌ ସୁପର୍ ଜାଏଣ୍ଟ୍ସ ବିପକ୍ଷ ମ୍ୟାଚ୍ ଖେଳି ଭୁବନେଶ୍ୱର ଏହି ମାଇଲଖୁଣ୍ଟ ହାସଲ କରିଥିଲେ। ଓଭରଅଲ୍ ୧୨ତମ ଖେଳାଳି ଭାବେ ଭୁବନେଶ୍ୱର ୨୦୦ ମ୍ୟାଚ୍ କ୍ଲବରେ ସାମିଲ ହୋଇଛନ୍ତି। ଆଇପିଏଲ୍‌ରେ ସର୍ବାଧିକ ମ୍ୟାଚ୍ ଖେଳିବା ତାଲିକାରେ ମହେନ୍ଦ୍ର ସିଂ ଧୋନି ଶୀର୍ଷରେ ରହିଛନ୍ତି। ସେ ୨୭୮ଟି ମ୍ୟାଚ୍ ଖେଳିଛନ୍ତି। ୨୭୭ ମ୍ୟାଚ୍ ସହ ରୋହିତ ଶର୍ମା ଓ ବିରାଟ କୋହଲି ଯୁଗ୍ମ ଭାବରେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଭୁବନେଶ୍ୱର ପୁଣେ ୱାରିୟର୍ସ ପାଇଁ ୨୬ ମ୍ୟାଚ୍ ଖେଳି ୨୪ଟି, ହାଇଦରାବାଦ ପାଇଁ ୧୨୯ ମ୍ୟାଚ୍ ଖେଳି ୧୪୬ଟି ଓ ଆର୍ସିବି ପାଇଁ ୪୪ ମ୍ୟାଚ୍ ଖେଳି ୪୫ଟି ୱିକେଟ୍ ଅକ୍ତିଆର କରିଛନ୍ତି।

## ମଦ୍ୟପାନ କରି ଗାଡ଼ି ଚାଳନା ଅଭିଯୋଗକୁ ସ୍ୱୀକାର କଲେ ୱାର୍ଣ୍ଣର

ସିଡ୍‌ନୀ, ୭।୫ (ଏଜେନ୍ସି): ମଦ୍ୟପାନ କରି ଗାଡ଼ି ଚଳାଇବା ଅଭିଯୋଗରେ ବିବାଦରେ ଫସିଥିବା ଅଷ୍ଟ୍ରେଲୀୟ



କ୍ରିକେଟର୍ ଡେଭିଡ୍ ୱାର୍ଣ୍ଣର ନିଜ ଦୋଷ ସ୍ୱୀକାର କରିଛନ୍ତି। ସିଡ୍‌ନୀ କୋର୍ଟରେ ଶୁଣାଣି ପରେ ୱାର୍ଣ୍ଣରଙ୍କ ଓକିଲ ଏହି ସୂଚନା ଗଣମାଧ୍ୟମକୁ ଦେଇଛନ୍ତି। ୱାର୍ଣ୍ଣରଙ୍କ ପକ୍ଷରୁ ତାଙ୍କ ଓକିଲ ବବି ହିଲ୍ କୋର୍ଟରେ ହାଜର ହୋଇଥିଲେ। ୱାର୍ଣ୍ଣର ଦୋଷ ସ୍ୱୀକାର କରିଥିବା ନେଇ ତାଙ୍କ ଓକିଲ ମାନ୍ୟବର କୋର୍ଟଙ୍କୁ ଜଣାଇଥିଲେ। ଏହି ମାମଲାର ପରବର୍ତ୍ତୀ ଶୁଣାଣି ଜୁନ ୨୪ ତାରିଖରେ ହେବ। ପ୍ରକାଶଯୋଗ୍ୟ, ଗତ ଏପ୍ରିଲ ମାସରେ ୱାର୍ଣ୍ଣର ଆଇନଗତ ଧାର୍ଯ୍ୟ ସୀମାଠାରୁ ଦୁଇଗୁଣା ଅଧିକ ମଦ୍ୟପାନ କରି ଗାଡ଼ି ଚଳାଇଥିବା ଅଭିଯୋଗ ହୋଇଥିଲା। ଏକ ଅନିୟମିତ ଚେକିଂ ସ୍ଥାନରେ ୱାର୍ଣ୍ଣରଙ୍କ ଗାଡ଼ିକୁ ପୋଲିସ ଅଟକାଇ ପରୀକ୍ଷା କରିଥିଲା। ଶ୍ୱାସକ୍ରିୟା ଟେଷ୍ଟରୁ ସେ ଅଧିକ ମଦ୍ୟପାନ କରିଥିବା ଜଣାପଡ଼ିବା ପରେ ତାଙ୍କୁ ଗିରଫ କରି ପୋଲିସ ଷ୍ଟେସନ ନିଆଯାଇଥିଲା। ପରବର୍ତ୍ତୀ ସମୟରେ ତାଙ୍କୁ ଛାଡ଼ି ଦିଆଯାଇଥିଲା। କିନ୍ତୁ ଏହି ମାମଲାର ବିଚାର ସିଡନୀର ଏକ କୋର୍ଟରେ ଚାଲିଥିଲା।

■ ଆର୍ଚରୀ ୱାର୍ଲ୍ଡ କପ୍ ଷ୍ଟେଜ୍-୨

## ମହିଳା ରିକର୍ଭ ଟିମ୍ ଫାଇନାଲରେ

ସାଙ୍ଘାଇ,୭।୫(ଏଜେନ୍ସି): ଦକ୍ଷିଣ କୋରିଆକୁ ହରାଇ ଭାରତର ରିକର୍ଭ ଟିମ୍ ଏଠାରେ ଚାଲିଥିବା ଆର୍ଚରୀ ୱାର୍ଲ୍ଡକପ୍ ଷ୍ଟେଜ୍-୨ର ଫାଇନାଲରେ



ପ୍ରବେଶ କରିଛି। ରବିବାର ଖେଳାଯିବାକୁ ଥିବା ଫାଇନାଲରେ ଦ୍ୱିତୀୟ ସିଡ ଚୀନ୍ ସହ ଭାରତର ମୁକାବିଲା ହେବ। ଫାଇନାଲରେ ପ୍ରବେଶ କରିବା ସହ ଭାରତ ଏହି ୱାର୍ଲ୍ଡକପ୍‌ରେ ପ୍ରଥମ ପଦକ ଜିତିବା ସ୍ପଷ୍ଟ କରିଛି। ଆଜି ଖେଳାଯାଇଥିବା ସେମିଫାଇନାଲରେ ୧୦ଥରର ଅଲିମ୍ପିକ୍ ଚାମ୍ପିଅନ ଦକ୍ଷିଣ କୋରିଆକୁ ୫-୧ ବ୍ୟବଧାନରେ ଭାରତ ପରାସ୍ତ କରିଥିଲା। କିନ୍ତୁ ପୁରୁଷ ଦଳ ପ୍ରଥମ ରାଉଣ୍ଡରେ ବାଂଲାଦେଶଠାରୁ ହାରି ବିଦା ହୋଇଥିଲା। ଭାରତୀୟ ଦଳକୁ ପ୍ରତିନିଧିତ୍ୱ କରିଥିଲେ ବରିଷ୍ଠ ଆର୍ଚର ଦୀପିକା କୁମାରୀ, ଅଙ୍କିତା ଭକତ ଓ ଟିନ୍‌ଏଜ୍‌ର କୁମ୍‌କୁମ୍ ମୋହୋଦ। ଚତୁର୍ଥ ସିଡ ଭାରତୀୟ ଦଳ ଟୁର୍ଣ୍ଣାମେଣ୍ଟ ସାରା ସ୍ଥିର ଖେଳ ପ୍ରଦର୍ଶନ କରି ଫାଇନାଲକୁ ଉନ୍ନୀତ ହୋଇଥିଲେ।

■ ଚାମ୍ପିଅନ୍ସ ଲିଗ୍ ଫୁଟବଲ

## ପିଏସ୍ଜି-ଆର୍ସେନାଲ ଫାଇନାଲ

ଲଣ୍ଡନ,୭।୫(ଏଜେନ୍ସି): ଫ୍ରାନ୍ସର ପିଏସ୍ଜି (ପ୍ୟାରିସ୍ ସେଣ୍ଟ ଜର୍ମେନ) ଓ ଇଂଲଣ୍ଡର ଆର୍ସେନାଲ ଫୁଟବଲ କ୍ଲବ୍ ମଧ୍ୟରେ ୟୁଇଏଫ୍ଏ ଚାମ୍ପିଅନ୍ସ ଲିଗ୍ ଫୁଟବଲ ଫାଇନାଲ ମୁକାବିଲା ମେ ୩୦ରେ ଖେଳାଯିବ। ବୁଧବାର ଖେଳାଯାଇଥିବା ଦ୍ୱିତୀୟ ସେମିଫାଇନାଲର ଦ୍ୱିତୀୟ ଲେଗ୍‌ରେ ଡିଫେଣ୍ଡିଂ ଚାମ୍ପିଅନ୍ ପିଏସ୍ଜି ଓ ଜର୍ମାନୀର ବେୟର୍ଣ୍ଣ ମ୍ୟୁନିକ୍ ୧-୧ ଗୋଲରେ ମ୍ୟାଚ୍ ଡ୍ର ରଖିଥିଲେ। ଏମାନଙ୍କ ମଧ୍ୟରେ ଖେଳାଯାଇଥିବା ପ୍ରଥମ ଲେଗ୍‌ରେ ପିଏସ୍ଜି ୫-୪ ଗୋଲରେ ବିଜୟୀ ହୋଇଥିଲା। ଫଳରେ ଉଭୟ ମୁକାବିଲାକୁ ମିଶାଇ ପିଏସ୍ଜି ହାରାହାରି ୬-୫ ଗୋଲରେ ବିଜୟୀ ହୋଇଥିଲା। ଅନ୍ୟ ଏକ ରୋମାଞ୍ଚକ ସେମିଫାଇନାଲ ମୁକାବିଲାରେ ଆର୍ସେନାଲ ଦ୍ୱିତୀୟ ଲେଗ୍‌ରେ ୧-୦ ଗୋଲରେ ବିଜୟୀ ହୋଇଥିଲା। ଫଳରେ ଆର୍ସେନାଲ ହାରାହାରି ୨-୧ ଗୋଲରେ ସ୍ପେନ୍‌ର ଆଟଲେଟିକୋ ମାଦ୍ରିଦ୍‌କୁ ପରାସ୍ତ କରି ଦୀର୍ଘ ୨୦ ବର୍ଷ ପରେ ଫାଇନାଲରେ ପ୍ରବେଶ ପହଞ୍ଚିଥିଲା।

## କ୍ରିକେଟର୍ ଅମନପ୍ରୀତଙ୍କ ଅକାଳ ବିୟୋଗ

ଚଣ୍ଡିଗଡ଼ ,୭।୫(ଏଜେନ୍ସି): ଭାରତୀୟ କ୍ରିକେଟ ଜଗତରୁ ଏକ ଦୁଃଖଦ ଖବର ସାମ୍ନାକୁ ଆସିଛି। ପୂର୍ବତନ ଭାରତୀୟ ୧୯ ବର୍ଷରୁ କମ୍ ଦଳର ଖେଳାଳି ତଥା ପଞ୍ଜାବର ଅମନପ୍ରୀତ ସିଂ ଗିଲ୍‌ଙ୍କର ୩୬ ବର୍ଷ ବୟସରେ ପରଲୋକ ଘଟିଛି। ବୁଧବାର ଚଣ୍ଡିଗଡ଼ଠାରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ତେବେ ତାଙ୍କର ମୃତ୍ୟୁର ପ୍ରକୃତ କାରଣ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ।



**କୋହଲି, ଜାଡେଜାଙ୍କ ସହ ୧୯ ବର୍ଷରୁ କମ୍ ଦଳରୁ ଖେଳିଥିଲେ**

ଅମନପ୍ରୀତ ୧୯ ବର୍ଷରୁ କମ୍ ଜାତୀୟ ଦଳରେ ବିରାଟ କୋହଲି, ରବୀନ୍ଦ୍ର ଜାଡେଜା ଓ ପୀୟୁଷ ଚାୱଲାଙ୍କ ସହ ଏକାଠି ଖେଳିଥିଲେ। ସେ ପଞ୍ଜାବ ପାଇଁ ୬ଟି ପ୍ରଥମ ଶ୍ରେଣୀ ମ୍ୟାଚ୍ ଖେଳି ୧୧ଟି ୱିକେଟ୍ ହାସଲ କରିଥିଲେ। ସେହିଭଳି ୨୦୦୭ରେ ୧୯ ବର୍ଷରୁ କମ୍ ଭାରତୀୟ ଦଳରୁ ୬ଟି ୟୁଥ ଦିନିକିଆ ଓ ୨ଟି ଟେଷ୍ଟ ମ୍ୟାଚ୍ ଖେଳି ମୋଟ୍ ୧୨ଟି ୱିକେଟ୍ ନେଇଥିଲେ। ଏହା ବ୍ୟତୀତ ଅମନପ୍ରୀତ୍ ଆଇପିଏଲ୍‌ର ପ୍ରଥମ ସିଜନ୍‌ରେ କିଙ୍ଗସ ଏକାଦଶ ପଞ୍ଜାବ ଦଳର ସଦସ୍ୟ ମଧ୍ୟ ଥିଲେ। କ୍ରିକେଟରୁ ଅବସର ପରେ ସେ ପଞ୍ଜାବର ବରିଷ୍ଠ ଚୟନ କମିଟିର ସଦସ୍ୟ ଭାବେ ଦାୟିତ୍ୱ ତୁଲାଉଥିଲେ। ତାଙ୍କର ମୃତ୍ୟୁରେ ଯୁବରାଜ ସିଂ ଗଭୀର ଶୋକ ପ୍ରକାଶ କରିଛନ୍ତି। ଯୁବରାଜ ତାଙ୍କୁ ଜଣେ ଶାନ୍ତ ଏବଂ ପରିଶ୍ରମୀ ଖେଳାଳି ଭାବେ ସ୍ମରଣ କରିଛନ୍ତି। ଅମନପ୍ରୀତଙ୍କ ଅକାଳ ବିୟୋଗ କ୍ରିକେଟ ପ୍ରେମୀଙ୍କୁ ସ୍ତବ୍ଧ କରିଦେଇଛି।

## କନ୍ୟା ସନ୍ତାନର ଜନକ ହେଲେ ସୂର୍ଯ୍ୟକୁମାର

ମୁମ୍ବଇ, ୭।୫ (ଏଜେନ୍ସି): ଭାରତୀୟ ଟି-୨୦ ଦଳର ଅଧିନାୟକ ସୂର୍ଯ୍ୟକୁମାର ଯାଦବଙ୍କୁ ନେଇ ଏକ ବଡ଼ ଖୁସି ଖବର ସାମ୍ନାକୁ ଆସିଛି। ସୂର୍ଯ୍ୟକୁମାର ପ୍ରଥମଥର ଲାଗି ପିତୃତ୍ୱ ଲାଭ କରିଛନ୍ତି। ତାଙ୍କ ପତ୍ନୀ ଦେବୀଶା ସେଟ୍ଟୀ ଗୁରୁବାର ଏକ କନ୍ୟା ସନ୍ତାନ ପ୍ରସବ କରିଛନ୍ତି। ଆଇପିଏଲ୍ ମଝିରେ ଏହି ଖୁସି ଖବରକୁ ନେଇ ମୁମ୍ବଇ ଇଣ୍ଡିଆନ୍ସ ବ୍ୟାଟର୍ ସୂର୍ଯ୍ୟକୁମାରଙ୍କ ନିକଟକୁ ଶୁଭେଚ୍ଛାର ସୁଅ ଛୁଟିଛି। ସୂର୍ଯ୍ୟକୁମାର ସାମାଜିକ ଗଣମାଧ୍ୟମରେ ନବଜାତ ସନ୍ତାନର ହାତ ଧରିଥିବାର ଏକ



ଫଟୋ ସେୟାର କରି ଏହି ଖବରକୁ ତାଙ୍କ ପ୍ରଶଂସକଙ୍କୁ ଜଣାଇଛନ୍ତି। ପାରିବାରିକ ପ୍ରତିବଦ୍ଧତାକୁ ଗୁରୁତ୍ୱ ଦେଇ ସୂର୍ଯ୍ୟକୁମାର ପତ୍ନୀ ଦେବୀଶାଙ୍କ ନିକଟରେ ରହିବା ଲାଗି ନିଷ୍ପତ୍ତି ନେଇ ମୁମ୍ବଇ ଦଳ ସହ ରାୟପୁର ଯାତ୍ରା କରି ନ ଥିଲେ। ଯେଉଁଠାରେ ମେ ୧୦ରେ ମୁମ୍ବଇ ଓ ଆର୍ସିବି ମଧ୍ୟରେ ଆଇପିଏଲ୍ ମ୍ୟାଚ୍ ଖେଳାଯିବାର କାର୍ଯ୍ୟସୂଚୀ ରହିଛି। ଉଲ୍ଲେଖଯୋଗ୍ୟ, ୨୦୧୬ ଜୁଲାଇ ୭ ତାରିଖରେ ସୂର୍ଯ୍ୟକୁମାର ଡ୍ୟାନ୍ସ ପ୍ରଶିକ୍ଷକ ଦେବୀଶାଙ୍କୁ ବିବାହ କରିଥିଲେ।

## ଫୁଟବଲର୍ ସୁଏଲେଙ୍କ ୩୦ ବର୍ଷରେ ଅବସର

ବର୍ଲିନ, ୭।୪ (ଏଜେନ୍ସି): ଜର୍ମାନୀ ଫୁଟ୍‌ବଲ ଦଳର ଯୁବ ଡିଫେଣ୍ଡର ନିକଲାସ ସୁଏଲେ ୩୦ ବର୍ଷ ବୟସରେ ଅବସର ଘୋଷଣା କରି ସମସ୍ତଙ୍କୁ ଚକିତ କରିଦେଇଛନ୍ତି।



ଚଳିତ ସିଜନ ଶେଷରେ ଫୁଟବଲକୁ ଅଲ୍‌ବିଦା କହିବେ ବୋଲି ସୁଏଲେ ଗୁରୁବାର କହିଛନ୍ତି। ସୁଏଲେ ବର୍ତ୍ତମାନ ଜର୍ମାନୀର ପ୍ରଫେସନାଲ କ୍ଲବ ବୋରୁସିଆ ଡର୍ଟମୁଣ୍ଡ ପକ୍ଷରୁ ଖେଳୁଛନ୍ତି। ଗତ ମାସରେ ବୁନ୍ଦେସଲିଗାରେ ହୋଫେନହେଇମ ବିପକ୍ଷ ମ୍ୟାଚ୍ ଖେଳିବା ଅବସରରେ ସୁଏଲେ'ଙ୍କ ଆଣ୍ଠୁରେ ଆଘାତ ଲାଗିଥିଲା। ଏହି ଆଘାତଜନିତ ସମସ୍ୟା ଲାଗି ସେ ଅବସର ନେବାକୁ ନିଷ୍ପତ୍ତି ନେଇଛନ୍ତି ବୋଲି ଏକ ପୋଡକାଷ୍ଟ କାର୍ଯ୍ୟକ୍ରମରେ କହିଛନ୍ତି। ସୁଏଲେ ଜର୍ମାନୀ ପାଇଁ ୪୯ଟି ମ୍ୟାଚ୍ ଖେଳିଛନ୍ତି। ୨୦୧୭ରେ ଫିଫା କନଫେଡେରେସନ କପ୍ ବିଜୟୀ ଜର୍ମାନୀ ଦଳର ସେ ପ୍ରମୁଖ ସଦସ୍ୟ ଥିଲେ। ପ୍ରାରମ୍ଭିକ ପର୍ଯ୍ୟାୟରେ ସେ ବେୟର୍ନ ମ୍ୟୁନିକ କ୍ଲବ ପାଇଁ ଖେଳିଥିଲେ। ମ୍ୟୁନିକ ପକ୍ଷରୁ ସେ ୫ଥର ବୁନ୍ଦେସଲିଗା ଟାଇଟଲ୍ ଜିତିବାର ସୌଭାଗ୍ୟ ଲାଭ କରିଥିଲେ।

## ସିନ୍ଦାରୋଭ୍‌ଙ୍କୁ ହରାଇଲେ ଗୁକେଶ

ୱାର୍ସା,୭।୫(ଏଜେନ୍ସି): କ୍ଲାସିକାଲ ଚେସ୍‌ର ଡିଫେଣ୍ଡିଂ ବିଶ୍ୱ ଚାମ୍ପିଅନ୍ ଭାରତର ଡି. ଗୁକେଶ ଓ ୨୦୨୬ର ଚ୍ୟାଲେଞ୍ଜର ଉଜ୍‌ବେକିସ୍ତାନର ଜାଖୋଭୀର ସିନ୍ଦାରୋଭ୍‌ଙ୍କ ମଧ୍ୟରେ ପୋଲାଣ୍ଡର ୱାର୍ସାଠାରେ ସୁପର ରାପିଡ୍ ଆଣ୍ଡ ବ୍ଲିଜ୍ ଚେସ୍ ଚାମ୍ପିଅନସିପ୍‌ରେ ଏକ ରୋମାଞ୍ଚକ ମୁକାବିଲା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଶ୍ୱ ଚାମ୍ପିଅନ ଭାରତର ଗୁକେଶ ମାତ୍ର ୫୨ଟି ଚାଲରେ ଉଜ୍‌ବେକିସ୍ତାନର ଗ୍ରାଣ୍ଡମାଷ୍ଟର ଜାଭୋଖୀର ସିନ୍ଦାରୋଭଙ୍କୁ ପରାସ୍ତ କରିବାରେ ସଫଳ ହୋଇଛନ୍ତି। ଉଭୟ ଖେଳାଳିଙ୍କ ମଧ୍ୟରେ କ୍ଲାସିକାଲ ଚେସ୍‌ର ବିଶ୍ୱ ଚାମ୍ପିଅନସିପ୍ ଟାଇଟଲ ଲାଗି ଚଳିତବର୍ଷ ମୁକାବିଲା ହେବ। ଏଠାରେ ଖେଳାଯାଇଥିବା ସୁପର ରାପିଡ୍ ଆଣ୍ଡ ବ୍ଲିଜ୍ ଚେସ୍‌ରେ ଗୁକେଶ କଳାଗୋଟି ନେଇ ଖେଳିଥିଲେ ଓ କ୍ରମାଗତ ଆକ୍ରମଣାତ୍ମକ ଖେଳି ଗୋଟି ପରେ ଗୋଟିଏ ପନ୍ ହରାଇଥିଲେ। କିନ୍ତୁ ଏଣ୍ଡ ଗେମ୍‌ବେଳକୁ ମ୍ୟାଚ୍ ଗୁକେଶଙ୍କ ନିୟନ୍ତ୍ରଣରେ ରହିଥିଲା ଓ ୫୨ତମ ଚାଲ୍ ପରେ ସେ ଏହି ମୁକାବିଲାରେ ବିଜୟୀ ହୋଇଥିଲେ।

■ ଅଷ୍ଟ୍ରେଲିଆ ବିପକ୍ଷ ଯୁବ ହକି ସିରିଜ

## ଭାରତୀୟ ଦଳରେ ଓଡ଼ିଶାରୁ ୯

ନୂଆଦିଲ୍ଲୀ, ୭।୪ (ଏଜେନ୍ସି): ଆଗାମୀ ଅଷ୍ଟ୍ରେଲିଆ ବିପକ୍ଷ ଯୁବ (୧୮ ବର୍ଷରୁ କମ୍) ହକି ସିରିଜ ଲାଗି ଗୁରୁବାର ଭାରତର ଉଭୟ ବାଳକ ଓ ବାଳିକା ଦଳ ଘୋଷଣା କରାଯାଇଛି। ଘୋଷିତ ଉଭୟ ଦଳରେ ଓଡ଼ିଶାର ମୋଟ୍ ୯ଜଣ ଖେଳାଳି ସ୍ଥାନ ପାଇଛନ୍ତି। ମହିଳା ଦଳରେ ସର୍ବାଧିକ ୬ଜଣ ଓଡ଼ିଆ

**ସ୍ୱିଟି ଅଧିନାୟିକା**

ଖେଳାଳି ରହିଛନ୍ତି। ସେମାନେ ହେଲେ ନିଲମ ଟପ୍ପୋ, ରୁବିନା ବାକ୍ସଲା, କିରନ ଏକ୍କା, ସ୍ୱିଟି କୁଜୁର, ପ୍ରିୟଙ୍କା ମିଞ୍ଜ ଓ ପ୍ରିନ୍ସେସ ପ୍ରିୟା ଏକ୍କା। ଫରୱାର୍ଡ ସ୍ୱିଟି କୁଜୁରଙ୍କୁ ଘୋଷିତ ୨୪ ଜଣିଆ ଭାରତୀୟ ଦଳର ଅଧିନାୟିକା ନିଯୁକ୍ତ କରାଯାଇଛି। ସେହିଭଳି ଯୁବ ଭାରତୀୟ ବାଳକ ଦଳରେ ଡିଫେଣ୍ଡର ଅର୍ମାନ ସୋରେଙ୍ଗ ଓ ଦୀପକ ପ୍ରକାଶ ଟପ୍ପୋଙ୍କ ସହ ଉଦୀୟମାନ ଗୋଲ୍‌କିପର ବିଶାଲ ବଡ଼ା ସ୍ଥାନ ପାଇଛନ୍ତି। କେତନ କୁଶୱାହଙ୍କୁ ବାଳକ ଦଳର ନେତୃତ୍ୱ ଭାର ପ୍ରଦାନ କରାଯାଇଛି। ଅଷ୍ଟ୍ରେଲିଆ ଯୁବ ବାଳକ ଓ ବାଳିକା ହକି ଦଳ ସହ ସିରିଜ ମେ ୧୫ରୁ ଭୋପାଳସ୍ଥିତ ସାଇ ସେଣ୍ଟରରେ ଆରମ୍ଭ ହେବ। ଚାରି ମ୍ୟାଚ୍‌ବିଶିଷ୍ଟ ଏହି ସିରିଜର ମ୍ୟାଚ୍‌ଗୁଡ଼ିକ



ଯଥାକ୍ରମେ ମେ ୧୫, ୧୭, ୧୮ ଓ ୨୦ ତାରିଖରେ ଖେଳାଯିବ। ଚଳିତ ମାସ ୨୯ ତାରିଖରୁ ଜାପାନରେ ଏସିଆ କପ୍ ହକି ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବାକୁ ଯାଉଛି। ତେଣୁ ଉଭୟ ଭାରତୀୟ ଯୁବ ବାଳକ ଓ ବାଳିକା ଦଳ ଲାଗି ଅଷ୍ଟ୍ରେଲିଆ ବିପକ୍ଷ ଏହି ସିରିଜ ବେଶ୍ ଗୁରୁତ୍ୱବହନ କରୁଛି।

### ରାଜ୍ୟ ଶିଶୁ ଚେସ୍ ପ୍ରତିଯୋଗିତା

## ଖୋର୍ଦ୍ଧାର ଏଲିନା, ରିୟାଂଶ ଚାମ୍ପିଅନ

ଭୁବନେଶ୍ୱର,୭।୫(ସମିସ):



ଖୋର୍ଦ୍ଧାର ୪ ବର୍ଷର ବାଳିକା ଏଲିନା ମିଶ୍ର ବାଳିକା ବିଭାଗରେ ଓ ରିୟାଂଶ ରାଜ ଓପନ କାଟାଗୋରୀରେ ରାଜ୍ୟ ଶିଶୁ ବା ୭ବର୍ଷରୁ କମ୍ ଚେସ୍ ପ୍ରତିଯୋଗିତାରେ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି। ଖୋର୍ଦ୍ଧା ଜିଲ୍ଲା ଚେସ୍ ସଂଘ ଆନୁକୂଲ୍ୟରେ ସ୍ଥାନୀୟ ପ୍ରୋ-ଚେସ୍-ଟା' କେନ୍ଦ୍ରରେ ଆଜି ଶେଷ ହୋଇଥିବା ଏହି ଟୁର୍ଣ୍ଣାମେଣ୍ଟରେ ଉଭୟ ବିଭାଗର ଚାମ୍ପିଅନ ଖେଳାଳି ୭ ପଏଣ୍ଟ ଲେଖାଏଁ ସଂଗ୍ରହ କରିଥିଲେ। ବାଳିକା ବିଭାଗରେ ଖୋର୍ଦ୍ଧାରି ସମସ୍ତ ଖେଳାଳି ପଦକ କବ୍‌ଜା କରିଥିଲେ। ଏଲିନାଙ୍କ ପଛକୁ ଆଦିଶ୍ରୀ ବୁଡେକ ପ୍ରଥମ ରନର୍ସଅପ୍, ଦେବାଂଶୀ ସାହୁ ଦ୍ୱିତୀୟ ରନର୍ସଅପ୍ ହୋଇଥିଲେ। ସେହିପରି ଓପନ ବା ବାଳକ ବିଭାଗରେ ରିୟାଂଶଙ୍କ ପଛକୁ ଅନୁଗୋଳର ପରମାର୍ଥ ସିଂ ପ୍ରଥମ ରନର୍ସଅପ୍ ଓ ମୟୁରଭଞ୍ଜର ବୀରଭଦ୍ର ବ୍ରାହ୍ମା ଦ୍ୱିତୀୟ ରନର୍ସ ଅପ୍ ହୋଇଥିଲେ। ଏହି ପ୍ରତିଯୋଗିରେ ପ୍ରଥମ ଦୁଇଟି ସ୍ଥାନ ଅଧିକାର କରିଥିବା ଖେଳାଳିମାନେ ମହାରାଷ୍ଟ୍ରରେ ଜୁନ୍ ୭ରୁ ୧୧ ଯାଏ ଖେଳାଯିବାକୁ ଥିବା ଜାତୀୟ ଶିଶୁ ଚେସ୍ ପ୍ରତିଯୋଗିତାରେ ଭାଗ ନେବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି।

ଖେଳ ଶେଷରେ ଆୟୋଜିତ ଉତ୍ସବରେ ଓଡ଼ିଶା ଅଲିମ୍ପିକ୍ ସଂଘ ସଭାପତି ସମୀର ମହାନ୍ତି ମୁଖ୍ୟ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭେଙ୍କଟେଶ୍ୱର ଇଂଲିଶ ମିଡିୟମ୍ ସ୍କୁଲ୍‌ର ଉପଦେଷ୍ଟା ଡଃ ଶଶାଙ୍କ ଶେଖର ପତି, ଅଲ୍‌ଓଡ଼ିଶା ଚେସ୍ ସଂଘ ସଭାପତି ସତ୍ୟରଞ୍ଜନ ପଟ୍ଟନାୟକ, ଯୁଗ୍ମ ସମ୍ପାଦକ ଭବେଶ କହାନ୍ତି, ଜିଏମ୍ ସ୍ୱୟମ୍ଭ ମିଶ୍ର, ଖୋର୍ଦ୍ଧା ଜିଲ୍ଲା ଚେସ ସଂଘ ସମ୍ପାଦକ ଶୁଭାଶିଷ ପଟ୍ଟନାୟକ, ସଦସ୍ୟ ସ୍ୱୟଂଶୁ ସତ୍ୟକାମ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS